# ଧରିତ୍ରୀ DHARITRI

49 ୪୯

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୯/୨୦୨୨ (୨୦ ପୃଷ୍ଠା) | Bhubaneswar, Friday, December 9/2022 | Page 20 | ₹ 7.00 | ★★★★★★

୪୯ଶ ଭାଗ ୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 16 | ମୂଲ୍ୟ ₹୭/-




## ଭାରତୀୟ ଦଳରେ ଈଶ୍ୱରନ୍

ଅଧିନାୟକ ରୋହିତ ଶର୍ମା ଆହତ ହୋଇଥିବାରୁ ତାଙ୍କ ସ୍ଥାନରେ ଭାରତୀୟ ଟେଷ୍ଟ ଦଳରେ ସାମିଲ ହୋଇଛନ୍ତି ଅଭିମନ୍ୟୁ ଈଶ୍ୱରନ୍।

୨୦ ୧୨

## ଲେଡି ସିଂଘମ୍ ଭୂମିକାରେ ଦୀପିକା

ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ଆଗାମୀ ସିନେମା 'ସିଂଘମ୍ ଏଗେନ୍' ଲେଡି ସିଂଘମ୍ ଭୂମିକାରେ ଦୀପିକା ପାଦୁକୋନ ନଜର ଆସିବେ।



**ଆଜିର ସମ୍ପାଦକୀୟ**

### ଫିଫା ବିଶ୍ୱକପ୍‌ରେ ବିରୋଧାଭାସ







# ପଦ୍ମପୁରରେ

## ବର୍ଷା ବିଜୟୀ

**ଭୁବନେଶ୍ୱର, ୮।୧୨ (ବ୍ୟୁରୋ)/ ବରଗଡ଼ ଅଫିସ/ପଦ୍ମପୁର(ଡି.ଏନ.ଏ.)**

ବିଜେଡି ପଦ୍ମପୁର ବିଧାନସଭା ଆସନକୁ ପୁଣି ନିଜ ଦଖଲକୁ ନେଇଛି। ପଦ୍ମପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ଗୁରୁବାର ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ୪୨,୬୭୯ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଭୋଟ ଗଣତିର ଚୂଡ଼ାନ୍ତ ରାଉଣ୍ଡ ପରେ ବର୍ଷାଙ୍କୁ ମୋଟ ୧ ଲକ୍ଷ ୨୦ ହଜାର ୮୦୭ ଖଣ୍ଡ ଭୋଟ ମିଳିଥିବା ବେଳେ ପୁରୋହିତଙ୍କୁ ୭୮ ହଜାର ୧୨୮ ଖଣ୍ଡ ଭୋଟ ମିଳିଛି। ଉପନିର୍ବାଚନରେ କଂଗ୍ରେସ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ମାତ୍ର ୩,୫୯୪ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ନୋଟାରେ ୨୦୮୭ ଖଣ୍ଡ ଭୋଟ ପଡ଼ିଥିବା ବେଳେ ଅନ୍ୟ ପ୍ରାର୍ଥୀମାନଙ୍କୁ ୪୭୮୭ ଖଣ୍ଡ ଭୋଟ ମିଳିଛି। ଭୋଟ ହାରକୁ ଦେଖିଲେ ବିଜେଡି ୫୮ ପ୍ରତିଶତ ଭୋଟ ପାଇଥିବା ବେଳେ ଭାଜପା ୩୭.୫ ପ୍ରତିଶତ ଓ କଂଗ୍ରେସକୁ ମିଳିଛି ୧.୭୩ ପ୍ରତିଶତ ଭୋଟ। ସେହିପରି ନୋଟାରେ ୧ ପ୍ରତିଶତ ଓ ଅନ୍ୟମାନଙ୍କୁ ୧.୭୭ ପ୍ରତିଶତ ☞ପୃଷ୍ଠା-୪


ବର୍ଷା ସିଂ ବରିହା



### ସବୁ ପ୍ରତିଶ୍ରୁତି ପାଳନ ହେବ

**ଭୁବନେଶ୍ୱର, ୮।୧୨ (ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନରେ ବଡ଼ ବିଜୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପଦ୍ମପୁରର ଭଉଣୀଭାଇମାନଙ୍କୁ ଜୁହାର କରି ଏହି ଅଭୂତପୂର୍ବ ବିଜୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ପଦ୍ମପୁରବାସୀଙ୍କ ବିଜୟ। ବିଜେଡିର ଲକ୍ଷ ଲକ୍ଷ କର୍ମୀଙ୍କୁ ଏଥିଲାଗି ଧନ୍ୟବାଦ। ☞ପୃଷ୍ଠା-୪

# ଗୁଜରାଟରେ ହିମାଚଳରେ

- ମୋଦିଙ୍କ ରାଜ୍ୟରେ ଭାଜପାକୁ ଅଭୂତପୂର୍ବ ସଫଳତା
- କଂଗ୍ରେସ ୧୭ରେ ସୀମିତ, ଝାଡ଼ୁ ପୋଛିନେଲା ୫ ଆସନ
- ପରମ୍ପରା ବଜାୟ ରଖିଲେ ହିମାଚଳ ଭୋଟର
- ବୀରଭଦ୍ରଙ୍କ ସ୍ତ୍ରୀ ପ୍ରତିଭା ସିଂ ହୋଇପାରନ୍ତି ମୁଖ୍ୟମନ୍ତ୍ରୀ

| ଗୁଜରାଟ-୧୮୨ | ହିମାଚଳ ପ୍ରଦେଶ-୬୮ |
|---|---|
| ଭାଜପା-୧୫୬ (+୫୭) | କଂଗ୍ରେସ-୪୦ (+୧୯) |
| କଂଗ୍ରେସ-୧୭ (-୬୧) | ଭାଜପା-୨୫ (-୧୯) |
| ଏଏପି-୫ (+୫) | ଅନ୍ୟାନ୍ୟ-୩ |
| ଅନ୍ୟାନ୍ୟ-୪ (-୧) | |

**ନୂଆଦିଲ୍ଲୀ/ଅହମଦାବାଦ/ଶିମ୍‌ଲା,୮।୧୨**

ଯାହା ଆକଳନ କରାଯାଉଥିଲା ତାହା ପ୍ରମାଣିତ ହୋଇଛି। ଗୁଜରାଟ ଓ ହିମାଚଳ ପ୍ରଦେଶର ବହୁପ୍ରତୀକ୍ଷିତ ବିଧାନସଭା ନିର୍ବାଚନ ଫଳ ଗୁରୁବାର ପ୍ରକାଶ ପାଇଛି। ଗୁଜରାଟରେ ଭାରତୀୟ ଜନତା ପାର୍ଟି (ଭାଜପା) ରେକର୍ଡ ବିଜୟ ହାସଲ କରିଥିବାବେଳେ ହିମାଚଳରେ ଗୈରିକ ଦଳ ହାତରୁ କ୍ଷମତା ଛଡ଼ାଇ ନେଇଛି ବିରୋଧୀ କଂଗ୍ରେସ। ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଆସନ୍ତା ୧୨ରେ ପୁନର୍ବାର ଶପଥ ନେବେ। ହିମାଚଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ସ୍ତ୍ରୀ ପ୍ରତିଭା ସିଂ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିପାରନ୍ତି। ତେବେ ସୁଖବିନ୍ଦର ସୁଖୁ ଓ ମୁକେଶ ଅଗ୍ନିହୋତ୍ରୀ ମଧ୍ୟ ରାଜ୍ୟର ସର୍ବୋଚ୍ଚ ପଦ ଦୌଡ଼ରେ ସାମିଲ ହୋଇଥିବାରୁ କଂଗ୍ରେସ ହାଇକମାଣ୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି। ୧୯୮୫ରେ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାଧବସିଂ ସୋଲାଙ୍କିଙ୍କ ନେତୃତ୍ୱରେ କଂଗ୍ରେସ ୧୪୯ ଆସନ ଦଖଲ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିଲା। ଏହାର ୧୦ ବର୍ଷ ପରେ ଅର୍ଥାତ୍ ୧୯୯୫ରେ ଭାଜପା କ୍ଷମତାସୀନ ହୋଇଥିଲା। ସେବେଠୁ ଗୁଜରାଟ ଗୈରିକ ଦଳର ଗଡ଼ ରହିଆସିଛି। ୨୦୦୨ରେ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ, ଯେତେବେଳେ ଭାଜପାକୁ ୧୨୭ ଆସନରେ ସଫଳତା ମିଳିଥିଲା। ଦୀର୍ଘ ୨୭ ବର୍ଷ ଧରି କ୍ଷମତାରେ ରହିଆସିଥିବା ଭାଜପା ୨ ପର୍ଯ୍ୟାୟରେ ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଅଭୂତପୂର୍ବ ସଫଳତା ଲାଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ରାଜ୍ୟର ଭୋଟର ଭାଜପାର ଏହି ଦୁଇ ବଡ଼ ନେତାଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରି ବିପୁଳ ଭୋଟ ଦେଇଛନ୍ତି। ଏପରି କି ନିକଟରେ ମୋର୍ବି ଝୁଲାପୋଲ ଭୁଶୁଡ଼ିବାରୁ ୧୪୧ ଜଣଙ୍କ ପ୍ରାଣହାନି ଘଟିବା ମୋଦି-ଶାହା ଯୋଡ଼ି ପାଇଁ କାଳ ସାଜିପାରେ ବୋଲି ଯାହା କୁହାଯାଉଥିଲା ସେପରି କିଛି ହେଲା ନାହିଁ। ୧୮୨ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୯୨। ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ତଥ୍ୟାନୁସାରେ ଗୁଜରାଟ ଭୋଟର ଭାଜପାକୁ ୧୫୬ ଆସନରେ ବିଜୟୀ କରାଇଛନ୍ତି, ଯାହାକି ପୂର୍ବ ନିର୍ବାଚନ ତୁଳନାରେ ୫୭ ଅଧିକ। ☞ପୃଷ୍ଠା-୪


ନରେନ୍ଦ୍ର ମୋଦି


ପ୍ରତିଭା ସିଂ







## ସଂକ୍ଷେପରେ

### ପଶ୍ଚିମ ଜାଭାରେ ଭୂକମ୍ପ

ଜାକର୍ତ୍ତା,୮।୧୨: ଇଣ୍ଡୋନେସିଆର ପଶ୍ଚିମ ଜାଭା ପ୍ରଦେଶରେ ଗୁରୁବାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୬.୧ ଥିବା ଜଣାପଡ଼ିଛି। ସୁକବୁମିଠାରୁ ୨୨ କିମି ଦୂରରେ ଏହାର କେନ୍ଦ୍ରସ୍ଥଳ ଥିବାବେଳେ ସୁନାମୀ ସତର୍କ ସୂଚନା ଦିଆଯାଇନାହିଁ। ଭୂକମ୍ପ କେନ୍ଦ୍ରସ୍ଥଳ ନିକଟରେ ଆତଙ୍କ ଖେଳିଯିବା ସହ ଲୋକେ ଭୟରେ ଘର ଛାଡ଼ି ପଳାଇଛନ୍ତି। ଭୂକମ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ। ଗତ ମାସରେ ପଶ୍ଚିମ ଜାଭାରେ ହୋଇଥିବା ଭୂମ୍ପରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା।

### ଏସ୍‌ପିରେ ମିଶିଲା ଶିବପାଲ୍‌ଙ୍କ ଦଳ

ଲକ୍ଷ୍ନୌ,୮।୧୨(ଆଇଏଏନ୍‌ଏସ୍): ଉତ୍ତରପ୍ରଦେଶର ବରିଷ୍ଠ ନେତା ଶିବପାଲ ସିଂ ଯାଦବ ତାଙ୍କ ଦଳ ପ୍ରଗତିଶୀଳ ସମାଜବାଦୀ ପାର୍ଟି ଲୋହିଆ (ପିଏସ୍‌ପିଏଲ୍)ର ସମାଜବାଦୀ ପାର୍ଟି (ଏସ୍‌ପି) ସହ ମିଶ୍ରଣ ହେଲା ବୋଲି ଗୁରୁବାର ଘୋଷଣା କରିଛନ୍ତି। ଏହା ଫଳରେ ଏସ୍‌ପି ଏବଂ ଯାଦବ ପରିବାରରେ ଏକତା ବୃଦ୍ଧି ପାଇଛି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ସୈଫାଇଠାରେ ତାଙ୍କ ଦାଦା ଶିବପାଲଙ୍କ କାର୍‌ରେ ଦଳୀୟ ପତାକା ଲଗାଇଛନ୍ତି। ପୁତୁରା ଅଖିଳେଶଙ୍କ ସହ ମତାନ୍ତର ପରେ ୨୦୧୮ରେ ଶିବପାଲ ପିଏସ୍‌ପିଏଲ୍ ଗଠନ କରିଥିଲେ। ସେମାନଙ୍କ ମଧ୍ୟରେ ଫାଟ ଯୋଗୁ ରାଜ୍ୟ ରାଜନୀତିରେ ସମାଜବାଦୀ ପାର୍ଟିର ଆଧଃପତନ ଘଟିବା ସହ କ୍ରମାଗତ ନିର୍ବାଚନ ହାରିଥିଲା। ଗତ ଅକ୍ଟୋବରରେ ଦଳ ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପରଲୋକ ପରେ ଦୁଇ ନେତାଙ୍କୁ ଏକାଠି କରିବାକୁ ପରିବାର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା, ଯାହା ସଫଳ ହୋଇଛି। ଏସ୍‌ପିରେ ପିଏସ୍‌ପିଏଲ୍ ନେତାମାନଙ୍କୁ ଉପଯୁକ୍ତ ଥଇଥାନ କରିବା ପାଇଁ ଉଭୟ ନେତା ରାଜି ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି।

### ସାକେତ୍ ଗୋଖଲେଙ୍କୁ ଜାମିନ

ନୂଆଦିଲ୍ଲୀ,୮।୧୨: ତୃଣମୂଳ କଂଗ୍ରେସ ମୁଖପାତ୍ର ସାକେତ୍ ଗୋଖଲେଙ୍କୁ ଗୁରୁବାର ଜାମିନ ମିଳିଛି। ଗୁଜରାଟର ମୋର୍ବି ବ୍ରିଜ୍ ଭୁଶୁଡ଼ିବା ଘଟଣାକୁ ନେଇ ସେ କରିଥିବା ବିବାଦୀୟ ଟୁଇଟ୍ ପାଇଁ ଦୁଇଦିନ ତଳେ ଗୁଜରାଟ ପୋଲିସ ତାଙ୍କୁ ରାଜସ୍ଥାନରୁ ଗିରଫ କରିଥିଲା। ଗିରଫଦାରିକୁ ନେଇ ଭାଜପା ଏବଂ ତୃଣମୂଳ କଂଗ୍ରେସ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ମୋର୍ବି ଝୁଲାପୋଲ ଭୁଶୁଡ଼ି ୧୩୦ ଜଣଙ୍କ ମୃତ୍ୟୁ ଘଟିଥିଲା। ସେଠାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତରେ ୩୦ କୋଟି ଟଙ୍କା ବ୍ୟୟ ହୋଇଥିବା ଏକ ଜାଲ୍ ଆର୍‌ଟିଆଇ ଉତ୍ତର ସହ ଗୋଖଲେ ଟୁଇଟ୍ କରିଥିଲେ। ଏହି ଉତ୍ତର ଆର୍‌ଟିଆଇ ବଳରେ ମିଳି ନ ଥିବା ଗତ ୧ ତାରିଖରେ ପ୍ରେସ୍ ସୂଚନା ବ୍ୟୁରୋ ଜଣାଇବା ପରେ ଗୁଜରାଟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

### ସୁଟ୍‌କେଶ୍‌ରେ ଯୁବତୀଙ୍କ ମୃତଦେହ

ନୂଆଦିଲ୍ଲୀ,୮।୧୨: ପଶ୍ଚିମ ଦିଲ୍ଲୀର ପଞ୍ଜାବୀ ବାଗ୍ ଅଞ୍ଚଳରେ ଡ୍ରେନ୍‌କୁ ଫିଙ୍ଗାଯାଇଥିବା ଏକ ସୁଟ୍‌କେଶରୁ ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ମହାତ୍ମା ଗାନ୍ଧୀ କ୍ୟାମ୍ପ୍ ନିକଟରେ ଥିବା ଡ୍ରେନ୍‌ରୁ ଉକ୍ତ ମୃତଦେହ ମିଳିବା ପରେ ବୁଧବାର ବିଳମ୍ବିତ ରାତିରେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଯୁବତୀଙ୍କ ବୟସ ୨୫ରୁ ୩୦ ବର୍ଷ ହେବ। ଶବ ବ୍ୟବଚ୍ଛେଦ ପାଇଁ ସଞ୍ଜୟ ଗାନ୍ଧୀ ମେମୋରିଆଲ ହସ୍ପିଟାଲକୁ ପଠାଯାଇଛି।

# ୬ ଲକ୍ଷ ଭାରତୀୟଙ୍କ ଡେଟା ଚୋରି

## ନୋର୍ଡ ଭର୍ଚୁଆଲ ପ୍ରାଇଭେଟ ନେଟୱର୍କ ରିପୋର୍ଟ

ଭିଲନିଅସ୍,୮।୧୨

ଅନେକ ଶିଳ୍ପପତି ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଡେଟା ଚୋରି ହେବା ଘଟଣା ଆଜିର ସମୟରେ ଖବରର ଶିରୋନାମା ପାଲଟିଛି। ବର୍ତ୍ତମାନ ସୁଦ୍ଧା ବିଶ୍ୱବ୍ୟାପୀ ୫ନିୟୁତ ଲୋକଙ୍କ ବ୍ୟକ୍ତିଗତ ଡେଟା ବେଆଇନ ଭାବେ ଚୋରି କରାଯାଇଥିବାବେଳେ ସେମାନଙ୍କ ଭିତରେ ୬ ଲକ୍ଷ ଭାରତୀୟ। ନୋର୍ଡ ଭର୍ଚୁଆଲ ପ୍ରାଇଭେଟ ନେଟୱର୍କ (ଭିପିଏନ୍) ପକ୍ଷରୁ ଡେଟା ଚୋରି ସମ୍ବଳିତ ରିପୋର୍ଟ ଅନୁସାରେ ପାଖାପାଖି ୬ ଲକ୍ଷ ଭାରତୀୟଙ୍କ ପର୍ସନାଲ ଡେଟା ବୋଟ୍ ମାର୍କେଟରେ ବିକ୍ରି କରାଯାଇଛି। ବୋଟ୍ ମାଲୱେର ଦ୍ୱାରା ଭାରତ ଅଧିକ ପ୍ରଭାବିତ ହୋଇଥିବା ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

ୟୁରୋପ ଲୁଥୁଆନିଆରେ ଅବସ୍ଥିତ ନୋର୍ଡ ଭିପିଏନ୍ ରିପୋର୍ଟ ମୁତାବକ ୟୁଜରଙ୍କ ଲଗ୍‌ଇନ୍‌ସ, ଡିଜିଟାଲ ଫିଙ୍ଗରପ୍ରିଣ୍ଟସ୍, ସ୍କ୍ରିନ୍‌ଶଟ୍ ଏବଂ ଅନ୍ୟାନ୍ୟ ସୂଚନା ସବୁକୁ ହ୍ୟାକରମାନେ ବୋଟ ମାଲୱେର ସାହାଯ୍ୟରେ ଚୋରି କରି ଏହାକୁ ବୋଟ ମାର୍କେଟରେ ବିକ୍ରି କରିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଡେଟାକୁ ୪୯୦ ଟଙ୍କାରେ (୫.୯୫ ଡଲାର) ବିକ୍ରି କରାଯାଇଛି। ୨୦୧୮ରେ ବୋଟ ମାର୍କେଟ୍ ବଜାର ପ୍ରବେଶ କରିଥିବାବେଳେ ନୋର୍ଡ ଭିପିଏନ୍ ୪ ବର୍ଷର ତଥ୍ୟକୁ ନେଇ ଏହି ରିପୋର୍ଟ ତିଆରି କରିଛି। ୮୧,୦୦୦ ଡିଜିଟାଲ ଫିଙ୍ଗରପ୍ରିଣ୍ଟ, ୫୩୮,୦୦୦ଅଟୋ ଫିଲ ଫର୍ମସ୍ ଏବଂ ଅନେକ ଡିଭାଇସ୍ ସ୍କ୍ରିନ୍‌ଶଟ୍ ବିକ୍ରି କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି।

ଡେଟା ଓ ୱେବ୍‌ସାଇଟ୍ ହ୍ୟାକ୍ ନେଇ ଏକାଧିକ ଘଟଣା ସାମ୍ନାକୁ ଆସିବା ପରେ ଚଳିତ ବର୍ଷ ଭାରତ ସରକାର ସାଇବର ସିକ୍ୟୁରିଟି ନିୟମକୁ କଡ଼ା କରିଛନ୍ତି। ଡେଟା ହ୍ୟାକ୍ ହେବାର ୬ ଘଣ୍ଟା ଭିତରେ ଟେକ୍ କମ୍ପାନୀ ଭାରତୀୟ କମ୍ପ୍ୟୁଟର ଇମର୍ଜେନ୍ସି ରେସ୍ପନ୍ସ ଟିମ୍ (ସିଇଆର୍‌ଟି )କୁ ଏ ନେଇ ଅବଗତ କରାଇଥାଏ, ଯାହାପରେ ହ୍ୟାକରଙ୍କୁ ଧରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଏ। ଭାରତରେ ସାଇବର ସିକ୍ୟୁରିଟି ଏକ ଚ୍ୟାଲେଞ୍ଜ ପାଲଟିଛି। ନିକଟରେ ଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲ ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ୨୪ ଘଣ୍ଟାରେ ଜଣେ ହ୍ୟାକ୍‌ର ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ୱେବ୍‌ସାଇଟ୍ ହ୍ୟାକ୍ କରିବା ପାଇଁ ଦୁର୍ବୃତ୍ତ ୬ ହଜାର ଥର ପ୍ରୟାସ କରିଥିବା ଖବର ସାମ୍ନାକୁ ଆସିଥିଲା।

ନୋର୍ଡ ଭିପିଏନ୍ ମୁଖ୍ୟତଃ ୩ ପ୍ରକାର ବୋଟ୍ ମାର୍କେଟ ଜେନେସିସ୍, ଦ ରୁଷିଆନ୍ ଏବଂ ୨ଇଜି ମାର୍କେଟରେ ବିକ୍ରି ହୋଇଥିବା ଅଧିକାଂଶ ଡେଟା ଗୁଗଲ, ମାଇକ୍ରୋସଫ୍ଟ ଏବଂ ଫେସ୍‌ବୁକ୍‌ରୁ ଚୋରି ହୋଇଥିବା ଜଣାପଡ଼ିଛି। ଅନ୍ୟ ଡାର୍କ ୱେବ୍ ମାର୍କେଟ୍ ତୁଳନାରେ ବୋଟ୍ ମାର୍କେଟରେ ଆବଶ୍ୟକତାଠାରୁ ଅଧିକ ଡେଟା ସହଜରେ ମିଳୁଥିବା ବୋର୍ଡ ଭିପିଏନ୍ ମୁଖ୍ୟ ଟେକ୍ନୋଲୋଜି ଅଫିସର ମାରିଜସ୍ ବ୍ରିନଡିସ୍ କହିଛନ୍ତି। ଯେପର୍ଯ୍ୟନ୍ତ ବ୍ୟକ୍ତି ବିଶେଷଙ୍କ ଫୋନରେ ବୋଟ ମାଲୱେର ରହିଥିବ ସେ ପର୍ଯ୍ୟନ୍ତ ଡେଟା ସବୁ ସହଜରେ ଚୋରି କରାଯାଉଥିବ।




## ପ୍ରମୁଖ ବିଜୟୀ

### ଗୁଜରାଟ


ଭୂପେନ୍ଦ୍ର ପଟେଲ (ଭାଜପା) ଘାଟଲୋଡିଆ


ହର୍ଷ ସାଙ୍ଘଭି (ଭାଜପା) ମଜୁରା


ଅଳ୍ପେଶ ଠାକୁର (ଭାଜପା) ଗାନ୍ଧୀନଗର ସାଉଥ୍


ହାର୍ଦ୍ଦିକ ପଟେଲ (ଭାଜପା) ବିରାମଗାମ୍

### ହିମାଚଳ ପ୍ରଦେଶ


ଜୟରାମ ଠାକୁର (ଭାଜପା) ସେରାଜ


ସୁଖବିନ୍ଦର ସିଂ ସୁଖୁ (କଂଗ୍ରେସ) ନଦାଉନ


ବିକ୍ରମାଦିତ୍ୟ ସିଂ (କଂଗ୍ରେସ) ଶିମଲା ରୁରାଲ


ମୁକେଶ ଅଗ୍ନିହୋତ୍ରୀ (କଂଗ୍ରେସ) ହରୋଲି

## ପରାଜିତ ପ୍ରାର୍ଥୀ

### ଗୁଜରାଟ


ଇସୁଦାନ ଗଢ଼ଭି (ଏଏପି) ଖମ୍ଭାଲିଆ


ଗୋପାଳ ଇଟାଲିଆ (ଏଏପି) କତରଗାମ୍


ରାଜେନ୍ଦ୍ର ସିଂ ପରମାର (କଂଗ୍ରେସ) ବୋରସାଦ


ପରାଶ ଧନାନି (କଂଗ୍ରେସ) ଆମରେଲି

### ହିମାଚଳ ପ୍ରଦେଶ


ସରଭୀନ ଚୌଧୁରୀ (ଭାଜପା) ଶାହପୁର


ରାଜନ ସୁଶାନ୍ତ (ଏଏପି) ଫତେପୁର


ରାମଲାଲ ମାର୍କଣ୍ଡ (ଭାଜପା) ଲହଉଲ


ଗୋବିନ୍ଦ ସିଂ ଠାକୁର (ଭାଜପା) ମନାଲି



ସାମୁଦ୍ରିକ ବାତ୍ୟା ମାଣ୍ଡୋସ୍ ସ୍ଥଳଭାଗ ଛୁଇଁବା ପୂର୍ବରୁ ଚେନ୍ନାଇ ବେଳାଭୂମିରୁ ଗୁରୁବାର ମାଛଧରା ଡଙ୍ଗାଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

# ବାତ୍ୟା ମାଣ୍ଡୋସ: ସ୍କୁଲ୍, କଲେଜ ବନ୍ଦ

ଚେନ୍ନାଇ, ୮।୧୨

ବାତ୍ୟା ମାଣ୍ଡୋସ କାରଣରୁ ତାମିଲନାଡୁର ୬ ଜିଲାର ସମସ୍ତ ସ୍କୁଲ ଓ କଲେଜକୁ ସରକାର ବନ୍ଦ ଘୋଷଣା କରିଛନ୍ତି। ବାତ୍ୟା ପ୍ରଭାବରେ ଚେନ୍ନାଇ, ଥିରୁଭାଲ୍ଲୁର, ଚେଙ୍ଗାଲପାଟୁ , କାଞ୍ଚିପୁରମ, ଭେଲୋର ଏବଂ ରାନିପେଟାଇରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଶୁକ୍ରବାର ମଧ୍ୟରାତ୍ରରେ ମାଣ୍ଡୋସ ପୁଡୁଚେରୀ ଓ ଶ୍ରୀହରିକୋଟା ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟା ଯୋଗୁ ଘଣ୍ଟା ପ୍ରତି ୮୫ କି.ମି. ବେଗରେ ପବନ ବୋହିବ। ତଳିଆ ଅଞ୍ଚଳବାସୀଙ୍କ ଥଇଥାନ, ରିଲିଫ ଓ ବିପର୍ଯ୍ୟୟର ମୁକାବିଲା ଲାଗି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।


ମୈନପୁରି ଲୋକ ସଭା ଉପ-ନିର୍ବାଚନରେ ସମାଜବାଦୀ ପାର୍ଟି ପ୍ରାର୍ଥୀ ଡିମ୍ପଲ ଯାଦବଙ୍କ ବିଜୟ ପରେ ସମର୍ଥକମାନେ ଉତ୍ସବ ମନାଉଛନ୍ତି।

# ବନ୍ୟପ୍ରାଣୀ ସୁରକ୍ଷା ବିଲ୍ ରାଜ୍ୟ ସଭାରେ ଗୃହୀତ

ନୂଆଦିଲ୍ଲୀ,୮।୧୨

ବନ୍ୟପ୍ରାଣୀ ସୁରକ୍ଷା ସଂଶୋଧନ ବିଲ୍, ୨୦୨୨ ଗୁରୁବାର ରାଜ୍ୟ ସଭାରେ ଗୃହୀତ ହୋଇଯାଇଛି। ବନ୍ୟପ୍ରାଣୀ(ସୁରକ୍ଷା) ଆଇନ, ୧୯୭୨ରେ ସଂଶୋଧନ କରାଯାଇ ଆଇନ ଅନୁଯାୟୀ ସୁରକ୍ଷିତ ବିଭିନ୍ନ ପ୍ରଜାତିଙ୍କ ସଂଖ୍ୟା ବଢ଼ାଯିବ। ଏହି ବିଲ୍ ମୌସୁମୀ ଅଧିବେଶନରେ ଲୋକ ସଭାରେ ଗୃହୀତ ହୋଇଥିଲା। ବିରଳ ପ୍ରଜାତିର ବନ୍ୟପ୍ରାଣୀମାନଙ୍କ ଅନ୍ତର୍ଜାତୀୟ ବାଣିଜ୍ୟ ବନ୍ଦ ଲାଗି ଉକ୍ତ ବିଲ୍ ଅଣାଯାଇଥିଲା। ବନ୍ୟପ୍ରାଣୀଙ୍କ ସୁରକ୍ଷା ଲାଗି ଏକ ନିରପେକ୍ଷ ଆଇନର ଆବଶ୍ୟକ ବୋଲି କନ୍‌ଭେନ୍‌ଶନ ଅନ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଅନ୍ ଏନ୍‌ଡେଞ୍ଜର୍ସ ସ୍ପେସିସ୍(ସିଆଇଟିଇଏସ୍) ଅନୁଭବ କରିବା ପରେ ଉକ୍ତ ବିଲ୍ ଅଣାଯାଇଥିଲା ବୋଲି ଆଲୋଚନାର ଉତ୍ତର ଦେଇ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଥିଲେ।

# ବଢ଼ିଚାଲିଛି ତାଲିବାନୀ ବର୍ବରତା



କାବୁଲ, ୮।୧୨:

ବ୍ୟଭିଚାର, ଚୋରି, ଡ୍ରଗ୍ସ ଚାଲାଣ ଓ ଅନ୍ୟ ଅପରାଧ ପାଇଁ ଆଫଗାନିସ୍ତାନର ଉତ୍ତରାଞ୍ଚଳସ୍ଥିତ ପରୱାନ ପ୍ରଦେଶରେ ୨୭ ଜଣ ବର୍ବରତାର ଶିକାର ହୋଇଛନ୍ତି। ତାଲିବାନ ଶାସିତ ଏହି ଦେଶର ସୁପ୍ରିମକୋର୍ଟ ସେମାନଙ୍କୁ ସର୍ବସାଧାରଣରେ କଠୋର ଦଣ୍ଡ ଦେବା ପାଇଁ ରାୟ ଦେଇଛନ୍ତି। ଦୋଷୀଙ୍କ ମଧ୍ୟରେ ୧୫ ପୁରୁଷ ଥିବାବେଳେ ୯ ମହିଳା ସାମିଲ ଅଛନ୍ତି। ସର୍ବସାଧାରଣଙ୍କ ସମ୍ମୁଖରେ ସେମାନଙ୍କୁ ମାଡ଼ ମରାଯିବା ଲାଗି କୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସରକାରୀ ଓକିଲ ଅବଦୁଲ ରହିମ ରଶିଦ କହିଛନ୍ତି ଯେ, ଅପରାଧ ପାଇଁ ଅଭିଯୁକ୍ତମାନେ ୩ଟି କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପ୍ରତ୍ୟେକଙ୍କୁ ୨୫ରୁ ୩୯ ଥର ଶକ୍ତ ପ୍ରହାର କରାଯାଇଥିବାବେଳେ ସେମାନଙ୍କୁ ଚାରକର ଜେଲରେ ୨ ବର୍ଷ ଲେଖାଏ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନ ତାଲିବାନୀ ଶାସକଙ୍କ ଅଧୀନକୁ ଚାଲିଆସିଥିଲା। ଦେଶର ମହିଳା ଓ ପୁରୁଷଙ୍କ ଲାଗି ସରକାର ଭିନ୍ନ ଭିନ୍ନ ଆଇନ ପ୍ରଣୟନ କରିଥିବାବେଳେ ମହିଳାଙ୍କ ବିରୋଧରେ ଏହି କଠୋରପନ୍ଥୀ ସରକାର ବହୁ କଟକଣା ଲଗାଇଛି।

# କଲେଜିୟମ ବ୍ୟବସ୍ଥା ଦେଶର ଆଇନ

## ସରକାରୀ ପଦାଧିକାରୀ ସମାଲୋଚନା କରିବା ଠିକ୍ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୧୨(ପି.ଟି.)

ବିଚାରପତି ନିଯୁକ୍ତି ଲାଗି ରହିଥିବା କଲେଜିୟମ ବ୍ୟବସ୍ଥା ଦେଶର ଆଇନ। ଏହା ବିରୋଧରେ ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଦେଶର ଆଇନକୁ ସମସ୍ତେ ମାନିବା ଲାଗି ବାଧ୍ୟ। ତେଣୁ କଲେଜିୟମ ବ୍ୟବସ୍ଥାକୁ ମାନିନେବାକୁ ହେବ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ସାମ୍ବିଧାନିକ ଅଦାଲତଗୁଡ଼ିକରେ ବିଚାରପତି ନିଯୁକ୍ତି ପାଇଁ କଲେଜିୟମ ସୁପାରିସ୍ କରିଥିବା ନାମକୁ ମଞ୍ଜୁରୀ ଦେବାରେ କେନ୍ଦ୍ର ସରକାର ବିଳମ୍ବ କରୁଥିବା ନେଇ ଏକ ପିଟିଶନର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ମତ ଦେଇଛନ୍ତି। ସରକାରୀ ପଦାଧିକାରୀମାନେ କଲେଜିୟମ ବ୍ୟବସ୍ଥା ବିରୋଧରେ ମନ୍ତବ୍ୟ ଦେବା ଠିକ୍ ନୁହେଁ ବୋଲି ଜଷ୍ଟିସ୍ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆର୍ଟର୍ନି



ଜେନେରାଲ ଆର୍. ଭେଙ୍କଟରମଣୀଙ୍କୁ କହିଛନ୍ତି।

କଲେଜିୟମ ବ୍ୟବସ୍ଥା ସୁପ୍ରିମକୋର୍ଟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ବଡ଼ ଫ୍ଲାଶପଏଣ୍ଟ ହୋଇଛି। ବିଚାରପତିମାନେ ଅନ୍ୟ ବିଚାରପତିଙ୍କ ନିଯୁକ୍ତି ସ୍ଥିର କରିବା ବ୍ୟବସ୍ଥାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଆସୁଛି। କଲେଜିୟମ ବ୍ୟବସ୍ଥା ସମ୍ବିଧାନ ଅନ୍ତର୍ଭୁକ୍ତ ନୁହେଁ ବୋଲି ଗତ ମାସ ୨୫ ତାରିଖରେ କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ। ସେହିପରି ଉପରାଷ୍ଟ୍ରପତି ଜଗଦୀଶ ଧନ୍‌କର ବୁଧବାର ରାଜ୍ୟ ସଭାରେ ତାଙ୍କର ପ୍ରଥମ ଉଦ୍‌ବୋଧନରେ ଜାତୀୟ ବିଚାରପତି ନିଯୁକ୍ତି ଆୟୋଗ (ଏନ୍‌ଜେଏସି)କୁ ୨୦୧୫ରେ ସୁପ୍ରିମକୋର୍ଟ ରଦ୍ଦ କରିବା ପ୍ରସଙ୍ଗ ଉଠାଇଥିଲେ। ଏହା ସଂସଦୀୟ ସାର୍ବଭୌମତ୍ୱ ସହ ଗୁରୁତର ସାଲିସ୍ ଏବଂ ଜନାଦେଶ ପ୍ରତି ଅବମାନନା ବୋଲି ଧନ୍‌କର କହିଥିଲେ। ସୂଚନାଯୋଗ୍ୟ, କଲେଜିୟମ ସୁପାରିସ କରିଥିବା ୧୯ ବିଚାରପତିଙ୍କ ନାମକୁ କେନ୍ଦ୍ର ସରକାର ଫେରାଇ ଦେଇଛନ୍ତି। ଏଭଳି ଛକାପଞ୍ଝାର କିପରି ସମାଧାନ ହେବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। କଲେଜିୟମ ବ୍ୟବସ୍ଥା ଥିବା ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ହେବ। ଯଦି ସରକାର ଆଉ ଏକ ଆଇନ ଆଣିବାକୁ ଚାହୁଁଛନ୍ତି, ସେଥିରେ କେହି ବାଧା ଦେବେନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।



# ସୁରଟରେ ଓଡ଼ିଆ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

ଭଞ୍ଜନଗର,୮।୧୨(ଡି.ଏନ.ଏ)

ଗୁଜରାଟର ସୁରଟରେ ଜଣେ ଓଡ଼ିଆ ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଛି। ଏହି ଘଟଣାକୁ ନେଇ ଗୁରୁବାର ସେଠାରେ ଉତ୍ତେଜନା ଦେଖାଦେବା ସହ ପ୍ରବାସୀ ଓଡ଼ିଆମାନେ ରାସ୍ତାରୋକୋ କରିଥିଲେ। ଗୁଜରାଟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ସୁରଟ ବେଡ଼ରୋଡ଼ରେ ବେଲଗୁଣ୍ଡା ଅଞ୍ଚଳର ଏକ ପରିବାର ଗତ କିଛିବର୍ଷ ହେଲା ରହିଛନ୍ତି। ବାପା କାମକୁ ଯିବା ପରେ ଘରେ ୮ ବର୍ଷିୟା ନାବାଳିକା ଓ ତାଙ୍କ ମା' ରହୁଥିଲେ। ବୁଧବାର ମା' ଘର କାମରେ ବ୍ୟସ୍ତ ଥିଲେ। ଅପରାହ୍ନରେ ବାପା ଡ୍ୟୁଟିରୁ ଫେରି ଘରେ ଝିଅକୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଝିଅ କୁଆଡ଼େ ଖେଳୁଥିବ ଭାବି ମା' ବାପା ବହୁତ ଖୋଜାଖୋଜି କରି ମଧ୍ୟ ପତ୍ତା ମିଳି ନ ଥିଲା। ସନ୍ଧ୍ୟାରେ ବାପା ଚୋକ୍ ଥାନାରେ ଏ ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରିଥିଲା। ପଡ଼ୋଶୀଙ୍କ ଘରେ ତାଲା ପଡ଼ିଥିବା ଯୋଗୁ ସନ୍ଦେହ ବଢ଼ିଥିଲା। ତାଲା ଭାଙ୍ଗି ଉକ୍ତ ଘରକୁ ଯିବାରେ ନାବାଳିକାଙ୍କ ମୃତଦେହ ପଡ଼ିଥିବା ଦେଖାଯାଇଥିଲା । ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଏହି ଘଟଣାକୁ ନେଇ ଗୁରୁବାର ସମ୍ପୃକ୍ତ ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ ଲୋକମାନେ ରାସ୍ତା ଅବରୋଧ କରିଥିଲେ । ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଛି। ଘଟଣା ପରେ ଫେରାର ହୋଇଥିବା ଅଭିଯୁକ୍ତଙ୍କୁ ସୁରଟ ପୋଲିସ ଗିରଫ କରିଛି ।

# ପ୍ରକାଶ ପାଇଲା ଓସିଏସ୍ ପ୍ରିଲିମ୍ ପରୀକ୍ଷାଫଳ

## ୨୦୨୩ ଫେବୃୟାରୀରେ ମେନ୍

କଟକ ଅଫିସ,୮।୧୨

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୧ ପ୍ରିଲିମ୍ ପରୀକ୍ଷାଫଳ ପ୍ରକାଶ ପାଇଛି । ଏନେଇ ଓପିଏସ୍‌ସି ପକ୍ଷରୁ ଗୁରୁବାର ଜାରି ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି । ଏହି ପରୀକ୍ଷାରେ ୫,୨୯୬ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେଥିମଧ୍ୟରେ ୧,୭୪୯ ଜଣ ମହିଳା ଅଛନ୍ତି। ତେବେ ୨୦୨୩ ଫେବୃୟାରୀରେ ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ରୋଲ୍ ନଂ. ୱେବ୍‌ସାଇଟ୍ www.opsc.gov.in ରେ ଉପଲବ୍ଧ ରହିଛି। ଓସିଏସ୍ ପରୀକ୍ଷା ପ୍ରିଲିମ୍, ମୁଖ୍ୟ ଓ ସାକ୍ଷାତ୍କାର ଭଳି ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥାଏ। ସମୁଦାୟ ୪୩୩ ପଦବୀ ପାଇଁ ୨୦୨୧ରେ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ ୫୮,୨୪୧ ପ୍ରାର୍ଥୀ ପ୍ରିଲିମ୍ ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୨୯,୨୯୫ ଜଣ ଗତ ଅକ୍ଟୋବର ୧୬ରେ ପରୀକ୍ଷା ଦେଇଥିଲେ।

# ଘନୀଭୂତ ହେଉଛି ବାତ୍ୟା ମାଣ୍ଡୋସ୍

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ସାମୁଦ୍ରିକ ଝଡ଼ ମାଣ୍ଡୋସ ଘନୀଭୂତ ହେଉଛି। ଏହା ଘଣ୍ଟା ପ୍ରତି ୧୨ କିମି ବେଗରେ ପଶ୍ଚିମ- ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି। ଶୁକ୍ରବାର ସକାଳ ସୁଦ୍ଧା ଏହା ଭୟଙ୍କର ବାତ୍ୟା ରୂପ ନେଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗ ଦେଇ ଗତି କରିବ । ୯ ତାରିଖ ମଧ୍ୟରାତ୍ରରେ ବାତ୍ୟା ତାମିଲନାଡୁର ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ସ୍ଥଳଭାଗ ଛୁଇଁବା ବେଳେ ଘଣ୍ଟା ପ୍ରତି ୭୫ରୁ ୯୫ କିମି ବେଗରେ ପବନ ବୋହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଏହାର ସିଧା ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ବାତ୍ୟାର ବାହ୍ୟ ବଳୟ ପ୍ରଭାବରେ ଆସନ୍ତା ୯ ଓ ୧୦ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ୯ ତାରିଖରେ ମାଲକାନଗିରି, କୋରାପୁଟ, ଗଜପତି, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ ଓ ଗଞ୍ଜାମ ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୦ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଜିଲାର କେତେକ ସ୍ଥାନରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧିପାଇଛି। ରାଜ୍ୟର ୬ଟି ସ୍ଥାନରେ ପାରଦ ୧୧ଡିଗ୍ରୀ ସେଲ୍‌ସିୟସ ତଳେ ରହିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ୧୫ ଡିଗ୍ରୀ ତଳେ ରହିଛି। ଗୁରୁବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ଫୁଲବାଣୀ ୯, ଦାରିଙ୍ଗବାଡ଼ି ୧୦, ଝାରସୁଗୁଡ଼ା ୧୦.୫, ସୁନ୍ଦରଗଡ଼ ୧୦.୫, ଭବାନୀପାଟଣା ୧୦.୬, କେନ୍ଦୁଝର ୧୧.୬, ନବରଙ୍ଗପୁର ୧୧, ବରଗଡ଼ ୧୩.୮, ବାରିପଦା ୧୩.୫, ବଲାଙ୍ଗୀର ୧୨.୮, ସୋନପୁର ୧୨.୨, ଦେବଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆଣିଲେ ପରିଚାଳନା କମିଟି

ପିପିଲି,୮।୧୨(ଡି.ଏନ୍.ଏ.)

ପିପିଲି ବ୍ଲକ ଅନ୍ତର୍ଗତ ମୌଜିବେଗ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ମନମୁଖି କାର୍ଯ୍ୟ ନେଇ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ୨୦୧୯ ପରଠାରୁ ଏପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ନିୟମିତ ଭାବେ ଏସ୍‌ଏମ୍‌ସି ବୈଠକ ନ ଡାକିବା, ବିଦ୍ୟାଳୟକୁ ଆସୁଥିବା ସରକାରୀ ଅନୁଦାନ ବିଷୟରେ କୌଣସି ସଭ୍ୟାସଭ୍ୟଙ୍କୁ ଠିକ୍ ହିସାବ ନ ଦେଉନାହାନ୍ତି। ବିଦ୍ୟାଳୟରେ ପ୍ରସ୍ତୁତ ହେଉଥିବା ମଧ୍ୟାହ୍ନଭୋଜନ ନିମ୍ନମାନର ହେଉଥିବାରୁ ଅଧିକାଂଶ ପିଲା ଖାଦ୍ୟ ନ ଖାଇ ଫେରୁଛନ୍ତି। ସ୍କୁଲ ପରିଚାଳନା କମିଟି ସଭ୍ୟା ସୁନିତା ସାହୁଙ୍କୁ ପଚାରିବାରେ, ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଦରକାର ବୋଲି କହିଛନ୍ତି। ଅନ୍ୟପଟେ ବିଇଓ ରବି ନାରାୟଣ ନନ୍ଦଙ୍କୁ ପଚାରିବାରେ ଅଭିଯୋଗ ମୁତାବକ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ପୁରୀଠାରେ ଗୁରୁବାର ଶ୍ରୀଉତ୍ସବ ପାଳନ ଅବସରରେ ଗୌରଗୋପାଳ ଆଶ୍ରମରେ ମହିଳାମାନେ ପୂଜାର୍ଚ୍ଚନା ପରେ ଲକ୍ଷ୍ମୀପୁରାଣ ପାଠ କରୁଛନ୍ତି।

# ଶ୍ରୀକ୍ଷେତ୍ରରେ ଶ୍ରୀଉତ୍ସବ

■ ଲକ୍ଷ୍ମୀପୁରାଣର ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର ପାଇଁ ପ୍ରୟାସ

ପୁରୀ ଅଫିସ, ୮।୧୨

ପବିତ୍ର ମାର୍ଗଶିର ମାସ ଶେଷ ଗୁରୁବାର ପୁରୀରେ ଶ୍ରୀଉତ୍ସବ ପାଳିତ ହୋଇଛି। ଲକ୍ଷ୍ମୀପୁରାଣର ବିଶ୍ୱବ୍ୟାପୀ ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପଶ୍ଚିମଦ୍ୱାରସ୍ଥିତ ଶ୍ରୀଗୌରଗୋପାଳ ଆଶ୍ରମଠାରେ ଏହି ଉତ୍ସବ ପାଳନ କରାଯାଇଛି। ମହିଳାମାନେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା ସାରି ଏକାଠି ଲକ୍ଷ୍ମୀପୁରାଣ ପାଠ କରିଥିଲେ। ସମାଜସେବୀ ଚିଦାତ୍ମିକା ଖଟୁଆ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ପୁରୀର ବୋହୂମାନେ ମହାଲକ୍ଷ୍ମୀଙ୍କ ପୂଜା, ଆରତି ଓ ବନ୍ଦାପନା କରିବା ପରେ ଲକ୍ଷ୍ମୀ ପୁରାଣ ପାଠ କରିଥିଲେ। ଏହି ଉତ୍ସବ ଗତ ପାଞ୍ଚବର୍ଷ ଧରି ରାଜ୍ୟର ବିଭିନ୍ନ ଜିଲାରେ ପାଳିତ ହୋଇଆସୁଛି। ନୃତ୍ୟଶିଳ୍ପୀ ରୋଜାଲିନ୍ ପଣ୍ଡା, ବର୍ଷାରାଣୀ, ଉଷାରାଣୀ, ସୁକାନ୍ତି ବେହେରା, ସୋନାଲି, ବେବିନା, ଶୁଭଲକ୍ଷ୍ମୀ ଦାସ, ପୁଷ୍ପାଞ୍ଜଳି ଦାସ, ରଶ୍ମିତା ଗୁରୁ, ମୋନାଲିସା ଶ୍ରୀଚନ୍ଦନ ପ୍ରମୁଖ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଶ୍ରୀଜଗନ୍ନାଥ ଐତିହ୍ୟ ଓ ସାଂସ୍କୃତିକ ପରିଷଦର ନିର୍ଦ୍ଦେଶକ ଗୁରୁ କୁମାର ଭୀମସେନ୍, ଶ୍ରୀଉତ୍ସବ କମିଟି ଉପଦେଷ୍ଟା ପିନାକୀ ମହାନ୍ତି, ଅରବିନ୍ଦ ଅଗ୍ରୱାଲ, ବିଶ୍ୱଶାନ୍ତି ତ୍ରିପାଠୀ ଏବଂ ରାଜକିଶୋର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ତବଲା ବାଦକ ଉମେଶ ଚନ୍ଦ୍ର କରଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀଙ୍କ ଶୋକ

■ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର,(ବ୍ୟୁରୋ)/ ପୁରୀ ଅଫିସ, ୮।୧୨



ବିଶିଷ୍ଟ ତବଲା ବାଦକ ପଣ୍ଡିତ ଉମେଶ ଚନ୍ଦ୍ର କରଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ହୃଦ୍‌ଘାତ ଯୋଗୁ ସେ ଅସୁସ୍ଥ ହୋଇପଡିବାରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବିୟୋଗରେ ଓଡ଼ିଶାର ଶାସ୍ତ୍ରୀୟ ତବଲା ବାଦନ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରି ସ୍ୱର୍ଗତ କରଙ୍କୁ ଜଣେ ମହାନ୍ କଳାକାର ଭାବେ ବର୍ଣ୍ଣନା କରିଛନ୍ତି। ତାଙ୍କ ବିୟୋଗ ରାଜ୍ୟର କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏଥିସହ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗତ କରଙ୍କ ଶେଷକୃତ୍ୟ ସମ୍ପନ୍ନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସ୍ୱର୍ଗତ କରଙ୍କ ମରଶରୀରକୁ ଡାକ୍ତରଖାନାରୁ ପ୍ରଥମେ ଭୁବନେଶ୍ୱରସ୍ଥିତ ବାସଭବନ ଓ ପରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟକୁ ନିଆଯାଇଥିଲା। ଉଭୟ ସ୍ଥାନରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ସେଠାରୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅନିଶ କୁମାର କର ମୁଖାଗ୍ନି ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ ଅବସରରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ସମେତ ସ୍ୱର୍ଗତ କରଙ୍କ ପରିବାରବର୍ଗ ଓ କଳା ଜଗତର ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

ପଣ୍ଡିତ ଉମେଶ ଚନ୍ଦ୍ର କର ପୁରୀ ଦୋଳମଣ୍ଡପ ସାହିର ଏକ ପ୍ରତିଷ୍ଠିତ କଳାକାର ପରିବାରରେ ୧୯୫୦ ଜାନୁୟାରୀ ୭ରେ ଜନ୍ମ ଗ୍ରହଣ କରିଥିଲେ। ପିତା ବାଦ୍ୟ ବିନୋଦ କ୍ଷେତ୍ରମୋହନ କର ଥିଲେ ଜଣେ ଖ୍ୟାତିସମ୍ପନ୍ନ ମର୍ଦ୍ଦଳ ଓ ତବଲା ବାଦକ। ମା' ପଦ୍ମାବତୀ କର ସିତାର ବାଦିକା ଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କର ହେଉଛନ୍ତି ତାଙ୍କ ସମ୍ପର୍କୀୟ ବଡ଼ଭାଇ। ତେଣୁ ପରିବାରର ସଙ୍ଗୀତମୟ ପରିବେଶ ତାଙ୍କୁ କଳାକାର ଭାବେ ଗଢ଼ି ତୋଳିଥିଲା। ବାପା, ମା', ଭାଇଙ୍କ ସମେତ ବହୁ ବିଶିଷ୍ଟ କଳାକାରଙ୍କ ସଂସ୍ପର୍ଶରେ ଆସିଥିବା ପଣ୍ଡିତ କର ପିଲାଟି ଦିନରୁ ତବଲା ପ୍ରତି ଆକର୍ଷିତ ହୋଇଥିଲେ। ଯେଉଁ ବୟସରେ ସାଙ୍ଗସାଥୀ ଓ ଅନ୍ୟ ପିଲାମାନେ ବାହାରେ ଖେଳକୁଦରେ ସମୟ ବିତାଉଥିଲେ, ସେତେବେଳେ ପଣ୍ଡିତ କର ଘରେ ତବଲା ସହ ଖେଳୁଥିଲେ। ପ୍ରଥମେ ସେ ନିଜର ପିତାଙ୍କଠାରୁ ଓ ପରେ କୋଲକାତା ଯାଇ ପ୍ରଖ୍ୟାତ ତବଲାବାଦକ ପଣ୍ଡିତ ଜ୍ଞାନପ୍ରକାଶ ଘୋଷଙ୍କଠାରୁ ଶିକ୍ଷାଲାଭ କରିଥିଲେ। ସେ ଦେଶବିଦେଶରେ ବହୁ ଶାସ୍ତ୍ରୀୟ ସଙ୍ଗୀତ ମଞ୍ଚରେ ତବଲା ବାଦନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସହ ଲୋକପ୍ରିୟତା ଅର୍ଜନ କରିଥିଲେ। ୧୯୭୦ରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ମର୍ଦ୍ଦଳ ବିଭାଗରେ ସହଯୋଗୀ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ୧୯୭୮ରେ ତବଲା ବିଭାଗର ମୁଖ୍ୟ ଓ ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇ ୨୦୧୦ରେ ଅବସର ନେଇଥିଲେ। ପଣ୍ଡିତ କର ଓଡ଼ିଶାର ପ୍ରଥମ ତବଲାବାଦକ ଭାବେ ଆକାଶବାଣୀ ଟପ୍ ଗ୍ରେଡ୍ କଳାକାର ମାନ୍ୟତା ଲାଭ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସହ ବହୁ ସରକାରୀ ବେସରକାରୀ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଥିଲେ। ପଣ୍ଡିତ କରଙ୍କ ଶେଷକୃତ୍ୟ ସମ୍ପନ୍ନ ଅବସରରେ ପ୍ରଫେସର ଡ. ସୁଶିଳ ପଟ୍ଟନାୟକ, ଅଭିନେତା ଚନ୍ଦନ ପଣ୍ଡା, ଗୀତିକାର ବଦ୍ରି ମିଶ୍ର, କଣ୍ଠଶିଳ୍ପୀ ନିମାକାନ୍ତ ରାଉତରାୟ, ଉମାବଲ୍ଲଭ ମହାପାତ୍ର, ସୀତାବଲ୍ଲଭ ମହାପାତ୍ର, ନଳିନୀକାନ୍ତ ନାୟକ, ବାଦ୍ୟଶିଳ୍ପୀ ସୁରେଶ ବେହେରା, ରାଜକୁମାର ରଥ, ବାସୁଦେବ ଛାଟୋଇ, ସୂର୍ଯ୍ୟଦୀପ୍ତ କର, ସୂର୍ଯ୍ୟସ୍ନାତ କର ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।






**ଆଜିର ମନ୍ତବ୍ୟ**

" ମୁସଲମାନ ସମ୍ପ୍ରଦାୟର ବହୁ ବିବାହ କରିଥିବା ପୁରୁଷଙ୍କୁ ଭାଜପା ବିରୋଧ କରେ। **-ହିମନ୍ତ ବିଶ୍ୱ ଶର୍ମା, ଆସାମ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସଂଜେ ଧାନ, ସକାଳେ ପାନ**
**ଦି' ପହରିଆ ଦାରୀ**
**ଅଢେଇ ପହରିଆ କପା କିଆରି**
**ପାଖ ନ ମାଡ଼ି ଆ ବାହାରି।**

ଜନ୍ତୁ ଯନ୍ତାରୁ ବାହାରିବା ଦୃଷ୍ଟିରୁ ସଞ୍ଜ ବେଳେ ଧାନ କ୍ଷେତ ଏବଂ ସକାଳ ବେଳା ପାନ ବରଜକୁ ଯିବାରେ ବାରଣ ରହିଥାଏ। ସେହିପରି ଦ୍ୱିପ୍ରହରରେ ଦାରୀ ଓ ଅଢେଇ ପହରରେ କପା କିଆରି ଯିବା ମଧ୍ୟ ଅନୁଚିତ ହୋଇଥାଏ। ନିଷିଦ୍ଧ ସମୟରେ ଏସବୁକୁ ଅମାନ୍ୟ କଲେ ହାନି ଘଟୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶାଶୁର କେଞ୍ଚେକୁ ବୋହୂର କେଞ୍ଚେ**
**ଏତେ କେଞ୍ଚେରେ କି ମଣିଷ ବଞ୍ଚେ ?**

ସାଧାରଣତଃ ଶାଶୁ-ବୋହୂଙ୍କ ମଧ୍ୟରେ ଅନବରତ ଖିଟମିଟ ଲାଗିରହିଲେ ଘରେ ବିଶୃଙ୍ଖଳା ଓ ନାନା ଅଶାନ୍ତି ଦେଖାଦିଏ। ଏପରି ସ୍ଥିତିରେ ପରିବାରରେ ରହୁଥିବା ବାକି ସଦସ୍ୟମାନେ ଅସୁବିଧାରେ ପଡ଼ିବା ସହ ବ୍ୟତିବ୍ୟସ୍ତ ହୋଇପଡିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଇରାନ: ସରକାର ବିରୋଧୀ ବିକ୍ଷୋଭରେ ପ୍ରଥମ ଫାଶୀ

**ଦୁବାଇ,୮।୧୨**

ଇରାନରେ ସରକାର ବିରୋଧୀ ବିକ୍ଷୋଭ ବେଳେ ପ୍ରଥମ ଥର ପାଇଁ ଜଣକୁ ଫାଶୀ ଦିଆଯାଇଛି। ତେହରାନରେ ଏକ ରାସ୍ତା ଅବରୋଧ କରିବା ସହ ଜଣେ ସୁରକ୍ଷା କର୍ମୀଙ୍କୁ ଆହତ କରିବା ଅଭିଯୋଗରେ ମୋହସେନ ଶେକରିଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ଗୁରୁବାର ତାଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଛି। ଇରାନରେ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ସରକାର ବିରୋଧୀ ବିକ୍ଷୋଭ ଜାରି ରହିଥିବାବେଳେ ଏହା ପ୍ରଥମ ମୃତ୍ୟୁଦଣ୍ଡ। ସେପ୍ଟେମ୍ବର ୧୬ରେ ୨୨ ବର୍ଷୀୟ କୁର୍ଦ୍ଦିଶ ମହିଳା ମହସା ଅମିନିଙ୍କ ହାଜତ ମୃତ୍ୟୁ ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଆନ୍ଦୋଳନକୁ ଚାପିଦେବା ଲାଗି ସରକାରଙ୍କ ଦମନ ଲୀଳାରେ ଅନେକଙ୍କ ଜୀବନ ଯାଇଛି। ଦେଶର ସୁରକ୍ଷା କର୍ମୀ ଏବଂ ଇସ୍‌ଲାମ ବିରୋଧରେ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଠୋର ରାୟ ଶୁଣାଇବା ପାଇଁ ରିଭଲ୍ୟୁଶନାରୀ ଗାର୍ଡ ନ୍ୟାୟପାଳିକାକୁ ପ୍ରୋତ୍ସାହିତ କରିଥିଲା। ଶେକରି ଦୋଷ ସ୍ୱୀକାର କରିଥିବାର ଏକ ଭିଡିଓ ସରକାରୀ ଗଣମାଧ୍ୟମରେ ପ୍ରକାଶ ପାଇଛି। ସେ ବାସିଜ ମିଲିସିଆର ଜଣେ ସଦସ୍ୟଙ୍କ ଉପରେ ଛୁରିରେ ଅକ୍ରମଣ କରିଥିଲେ। ଏଥିସହିତ ଜଣେ ବନ୍ଧୁଙ୍କ ସହ ମିଶି ନିଜ ମୋଟରସାଇକେଲ ରଖି ରାସ୍ତା ଅବରୋଧ କରିଥିଲେ ବୋଲି ମାନିଥିବା କୁହାଯାଉଛି। ତେବେ ତାଙ୍କୁ ନିର୍ଯାତନା ଦିଆଯାଇ ଦୋଷ ସ୍ୱୀକାର କରିବାକୁ ବାଧ୍ୟ କରାଯାଇଥିଲା ବୋଲି ମାନବାଧିକାର ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଇରାନ ସରକାର ଲୋକଙ୍କ ଉପରେ ଚଳାଇଥିବା ଘୃଣ୍ୟ ହିଂସା ପ୍ରତି ବିଶ୍ୱ ଆଖିବୁଜି ଦେଇପାରିବ ନାହିଁ ବୋଲି ବ୍ରିଟିଶ ବହିର୍ବ୍ୟାପାର ମନ୍ତ୍ରୀ ଜେମ୍ସ କ୍ଲେଭରଲି କହିଛନ୍ତି। ଫାଶୀ ଦଣ୍ଡକୁ ଜର୍ମାନୀ ନିନ୍ଦା କରିଛି।


ମୋହସେନ ଶେକର

# ପୋଷଣ ଅଭିଯାନକୁ ଫଳପ୍ରଦ କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

ରାଜ୍ୟରେ ପୋଷଣ ଅଭିଯାନକୁ ପୂର୍ଣ୍ଣ ଫଳପ୍ରଦ କରିବା ପାଇଁ ପ୍ରଶାସନିକ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏଥିପାଇଁ ଲକ୍ଷ୍ୟଭେଦୀ ଏବଂ ସଂଯୋଜିତ କାର୍ଯ୍ୟକ୍ରମ ସ୍ଥିର କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଶିଶୁ, ଗର୍ଭବତୀ ମହିଳା, ପ୍ରସୂତୀ ଏବଂ କିଶୋରୀମାନଙ୍କ ପୁଷ୍ଟି ସାଧନ ଓ ସ୍ୱାସ୍ଥ୍ୟ ଯତ୍ନ ନିମନ୍ତେ ଏକ ବ୍ୟାପକ କାର୍ଯ୍ୟ- ଖସଡା ପ୍ରସ୍ତୁତ କରାଯିବ। ଶିଶୁ ଗେଡାପଣ, ପୁଷ୍ଟିହୀନତା ଓ ରକ୍ତହୀନତା ରୋକିବା ସହ ମାତୃ ସ୍ତନ୍ୟପାନ, ଶୁଦ୍ଧ ପାନୀୟ ଜଳ, ପରିମଳ, କୃମିନାଶ, ଟୀକାକରଣ, ଭିଟାମିନ୍ ବଟିକା ଗ୍ରହଣକୁ ପ୍ରୋତ୍ସାହିତ କଲାଭଳି ଲକ୍ଷ୍ୟଭେଦୀ କାର୍ଯ୍ୟାନୁଷ୍ଠାନ ଖସଡା ପ୍ରସ୍ତୁତ କରିବାକ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପିଲାମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଓ ଶିଶୁ ଗେଡାପଣ ବାର୍ଷିକ ଦୁଇ ପ୍ରତିଶତ ହ୍ରାସ ସହ ୫ ବର୍ଷ ବୟସରୁ କମ୍ ଶିଶୁ, କିଶୋରୀ, ଓ ମହିଳାମାନଙ୍କ ମଧ୍ୟରେ ରକ୍ତହୀନତା ବାର୍ଷିକ ୩ ପ୍ରତିଶତ ହ୍ରାସ ନିମନ୍ତେ ବଠକରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟ,ଘର ପଛପଟ ବଗିଚା, କମ୍ୟୁନିଟ୍ କେନ୍ଦ୍ର ପରିପାର୍ଶ୍ୱରେ ପନିପରିବା ଚାଷ ଏବଂ ନର୍ସରୀ ନିମନ୍ତେ ସଚେତନତା ସୃଷ୍ଟି କରିବା ପାଇଁ ବିଭାଗୀୟ ସଚିବମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜି ପିଟିସିରେ ପାସିଂ ଆଉଟ ପରେଡ୍

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ପୋଲିସ ଟ୍ରେନିଂ କଲେଜ(ପିଟିସି)ରେ ୬୦ ତମ ଏସ୍‌ଆଇ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ ଶୁକ୍ରବାର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ରାଧା କିଶାନ ଶର୍ମା, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମିର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମିର ଆଇଜି (ଟ୍ରେନିଂ) ଏସ୍. ସାଇନି ପ୍ରମୁଖ ଯୋଗଦେବେ ବୋଲି ଅନୁଗୋଳ ପୋଲିସ ଟ୍ରେନିଂ କଲେଜର ଅଧ୍ୟକ୍ଷ ତଥା ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଜୟ ନାରାୟଣ ପଙ୍କଜ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ରାଜ୍ୟ ପୋଲିସ ପ୍ରଶିକ୍ଷଣର ଅନ୍ତୁଡ଼ିଶାଳ କୁହାଯାଉଥିବା ଅନୁଗୋଳ ପୋଲିସ ଟ୍ରେନିଂ କଲେଜ(ପିଟିସି)ରେ ଶେଷ ଥର ପାଇଁ ୨୦୦୫ରେ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ତେବେ ମଝିରେ କନଷ୍ଟେବଲରୁ ପଦନ୍ନୋତି ପାଇ ଏଏସ୍‌ଆଇ ହୋଇଥିବା ଅଧିକାରୀଙ୍କ ପାସିଂ ଆଉଟ୍ ପରେଡ୍ ଏଠାରେ କରାଯାଇଥିଲା। ତେବେ ଦୀର୍ଘ ୧୭ ବର୍ଷ ପରେ ଏହି ପୋଲିସ ପ୍ରଶିକ୍ଷଣ କେନ୍ଦ୍ର ଚଳଚଞ୍ଚଳ ହୋଇପଡ଼ିଛି। ସିଧାସଳଖ ପୋଲିସରେ ଭର୍ତ୍ତି ହୋଇଥିବା ୧୨୬ ଏସ୍‌ଆଇଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ସାରିଥିବାରୁ ସ୍ୱତନ୍ତ୍ର ଦୀକ୍ଷାନ୍ତ ସମାରୋହ ଏଠାରେ ଆୟୋଜନ କରାଯାଇଛି। ଏଥିପାଇଁ ପିଟିସି ଗ୍ରାଉଣ୍ଡ ଠାରୁ ଆରମ୍ଭ କରି କଲେଜ ପରିସରକୁ ଚକାଚକ୍ କରାଯାଇଛି। ପାଚେରିରେ ପୋଲିସ ବିଭାଗର


ଅନୁଗୋଳସ୍ଥିତ ପୋଲିସ ଟ୍ରେନିଂ କଲେଜ ଗ୍ରାଉଣ୍ଡ।

### ଯୋଗଦେବେ ପୋଲିସ ଡିଜି

ବିଭିନ୍ନ ବାର୍ତ୍ତା ଉଲ୍ଲେଖ ସହିତ ସାଜସଜ୍ଜା ଶେଷ ହୋଇଛି। ଏହି ପିଟିସିରୁ ପାସିଂ ଆଉଟ୍ ହେବାକୁ ଥିବା କ୍ୟାଡେଟ୍‌ମାନେ ନିଶ୍ଚିତ ଭାବେ ଦେଶ ମାତୃକା ପାଇଁ ଉନ୍ନତମାନର କାର୍ଯ୍ୟ କରିବେ ବୋଲି ଅନୁଗୋଳ ପୋଲିସ ଟ୍ରେନିଂ କଲେଜର କର୍ତ୍ତୃପକ୍ଷ ଆଶାବାଦୀ ରହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ନିଜ ପରିସରର ବିଚାର ଆଲୋଚନାରେ ଭାଗନେଇ ଠିକ୍ ପରାମର୍ଶ ପ୍ରଦାନ କରି ପ୍ରଶଂସାର ପାତ୍ର ହେବେ। ସରକାରୀ ସ୍ତରରେ ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦର ଅଭ୍ୟର୍ଥନା ମିଳିବ ।

**ବୃଷ** ପରିବାରରେ ପାରସ୍ପରିକ ଦୋଷଦର୍ଶିତା ହେତୁ ପରିସ୍ଥିତି ଗୋଳମାଳିଆ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ। କିନ୍ତୁ ନିଜର ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ, ଅବଶ୍ୟ କିଛିଟା ରିହାତି ପାଇବେ ।

**ମିଥୁନ** ଶାନ୍ତସରଳ ସ୍ୱଭାବ ହେତୁ ବନ୍ଧୁଙ୍କ କଥାକୁ ଠିକ୍ ଭାବେ ବୁଝି ପାରିବେ ନାହିଁ। ବନ୍ଧୁମାନଙ୍କ ପରିବର୍ତ୍ତିତ ମନୋଭାବ କାରଣରୁ ମନରେ ଶାନ୍ତି କିମ୍ବା ସନ୍ତୋଷ ଆସିବ ନାହିଁ । ବ୍ୟବସାୟରେ ଶାଖା ପ୍ରଶାଖା ବଢ଼ିବାର ପ୍ରଯତ୍ନ କରିବେ । ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି ।

**କର୍କଟ** ପାରିବାରିକ କ୍ଷେତ୍ର ବୁଝାମଣା ଭିତିରେ ଶୃଙ୍ଖଳିତ ରହିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଏବଂ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ମାତ୍ର ସମସ୍ୟା ଛାଡିବ ନାହିଁ । ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ସିଂହ** କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପାରିବାରିକ କ୍ଷେତ୍ରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି । ବନ୍ଧୁଙ୍କ ସାହାଯ୍ୟରେ ଆବଶ୍ୟକ ମନେକରୁଥିବା ଜିନିଷ ସମୂହକୁ କିଣି ପାରିବେ।

**କନ୍ୟା** ଆର୍ଥିକ ସମସ୍ୟା ସଙ୍କଟଜନକ ସ୍ଥିତିରେ ପହଞ୍ଚିବ, କିନ୍ତୁ କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ତୁଳା** କେତୁଙ୍କ କୁପ୍ରଭାବରୁ ମାନସିକ ଓ ଶାରୀରିକ ସୁସ୍ଥତା ରହିବ ନାହିଁ। ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀମାନଙ୍କ ଦ୍ୱନ୍ଦ୍ୱଯୁକ୍ତ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ । ପୁନଶ୍ଚ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ମଧ୍ୟ ଠିକ୍ ରହିବ ନାହିଁ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମିଥ୍ୟାପବାଦରେ ନିନ୍ଦିତ ହେବେ। କୌଣସି ବନ୍ଧୁଙ୍କ ପ୍ରତାରଣା ମନକୁ ବେଶି ବାଧିବ। ଅସୁବିଧା ସୁଧାରିବା ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ।

**ଧନୁ** ଆଜିର ଗ୍ରହଯୋଗ ସମସ୍ତ ପ୍ରକାର ଅଭିଳାଷ ପୂରଣ କରିବାରେ ସମର୍ଥ ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ । ଦୀର୍ଘଦିନର ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଶାନ୍ତିରେ ନିଃଶ୍ୱାସ ମାରିବେ। କେତେକ କ୍ଷେତ୍ରରେ ଭୁଲ୍ କାମ କରି ପଶ୍ଚାତାପ କରିବେ।

**ମକର** ସମସ୍ୟା ଲାଗି ରହିଥିବାରୁ ସମ୍ପୂର୍ଣ୍ଣ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ସମୟର ପ୍ରତିକୂଳତା କାରଣରୁ ପ୍ରିୟଜନମାନେ କ୍ରମଶଃ ଦୂରେଇଯିବେ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବ। ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ। ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ହାସଲ କରିବେ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସାମାନ୍ୟ ଥଣ୍ଡା ଲାଗିରହିବା ହେତୁ ସ୍ୱାସ୍ଥ୍ୟ ମଧ୍ୟ ବିଗିଡ଼ିଯିବ।

**ମୀନ** କଠିନ ପରିଶ୍ରମ କରି ସ୍ଥଗିତକାମକୁ ସମ୍ପୂର୍ଣ୍ଣ କରିବେ। ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ସେବାମନୋବୃତ୍ତି କାରଣରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

ଆଜି ଡିସେମ୍ବର ୯ ତାରିଖ, ପୌଷ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶୁକ୍ରବାର, ଦାଣ୍ଡପହଁରା ଓ ବାଟଓଷା, ବିଶ୍ୱ ରୋଗୀ ନିରାପତ୍ତା ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ରାଶିନକ୍ଷତ୍ର- ମୃଗଶିରା/ମିଥୁନ, ଦିବା ଘ.୦୨।୫୯ମି. ଗତେ ଆର୍ଦ୍ରା ନକ୍ଷତ୍ର, ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ନବବଧୂଯାତ୍ରା, ଗୃହାରମ୍ଭ, ଗୃହପ୍ରବେଶ, ନାମକରଣ ପାଇଁ ପ୍ରଶସ୍ତ ଦିନ। ସକାଳ ଘ.୦୬।୧୩ମି. ଗତେ ଘ.୦୬।୫୬ମି. ମଧ୍ୟେ, ଘ.୦୭।୪୦ମି. ଗତେ ଘ.୦୮।୫୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୭ ମି. ଗତେ ଘ.୧୧।୩୮ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ପଦ୍ମପୁରରେ...

ଭୋଟ ମିଳିଛି। ତେବେ ବିଜେଡି ଚଳିତ ଉପନିର୍ବାଚନରେ ପୂର୍ବ ରେକର୍ଡକୁ କାଟି ବହୁ ଆଗକୁ ଯାଇଛି। ୨୦୧୯ ବିଧାନସଭା ନିର୍ବାଚନରେ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହା ୮୩,୨୯୯ ଖଣ୍ଡ ଅର୍ଥାତ୍ ସମୁଦାୟ ଭୋଟରୁ ୪୧.୨୯ ପ୍ରତିଶତ ପାଇଥିବା ବେଳେ ବର୍ଷାଙ୍କୁ ଉପନିର୍ବାଚନରେ ୧୭ ପ୍ରତିଶତରୁ ଅଧିକ ଭୋଟ ମିଳିଛି। ଭାଜପାର ଭୋଟ ପ୍ରତିଶତ ପ୍ରାୟ ସ୍ଥିର ରହିଛି। ଗତ ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ପୁରୋହିତଙ୍କୁ ୭୭,୫୬୫ ଖଣ୍ଡ ଭୋଟ ମିଳିଥିଲା। ଅର୍ଥାତ୍ ସମୁଦାୟ ଭୋଟରୁ ଭାଜପାକୁ ୩୮.୪ ପ୍ରତିଶତ ମିଳିଥିବା ବେଳେ ଚଳିତ ନିର୍ବାଚନରେ ସାମାନ୍ୟ ହ୍ରାସ ହୋଇ ୩୭.୫୧ ପ୍ରତିଶତ ହୋଇଛି। ତେବେ କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ୩୨,୭୮୭ ଖଣ୍ଡ ଭୋଟ ପାଇଥିଲେ। ଏହା ସମୁଦାୟ ଭୋଟର ୧୬.୨୫ ପ୍ରତିଶତ ଥିଲା। ତେବେ ଚଳିତ ଉପନିର୍ବାଚନରେ ଦଳ ଏକପ୍ରକାର ଧରାଶାୟୀ ହୋଇଯାଇଛି। ଦଳୀୟ ପ୍ରାର୍ଥୀଙ୍କୁ ମାତ୍ର ୧.୭୩ ପ୍ରତିଶତ ଭୋଟ ମିଳିଛି। ଭାଜପା ଗତ ନିର୍ବାଚନରେ ପାଇଥିବା ଭୋଟକୁ ନିଜ ସପକ୍ଷରେ ରଖିବାରେ ସମର୍ଥ ହୋଇଥିବା ବେଳେ କଂଗ୍ରେସ ଭୋଟ ଅନ୍ୟ ଦଳକୁ ଚାଲିଯାଇଛି।

ଧାମନଗର ଉପନିର୍ବାଚନରେ ପରାଜୟ ପରେ ପଦ୍ମପୁର ବିଜେଡି ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥିଲା। ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଭାଜପା ବିଜେଡିକୁ ପଛରେ ପକାଇ ଏହି ଆସନକୁ ହାସଲ କରିବା ନେଇ ସମସ୍ତ ପ୍ରକାର ରଣକୌଶଳ ଲଗାଇଥିଲେ ମଧ୍ୟ ତାହା କାମ ଦେଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଯାଦୁ ନିକଟରେ ଭାଜପା ଟେକିପାରି ନାହିଁ। ବିଜେଡିକୁ ବଡ଼ ଭୋଟ ବ୍ୟବଧାନରେ ବିଜୟ ମିଳିଛି। ଏହି ବୃହତ୍ ବିଜୟକୁ ନେଇ ବିଜେଡି ଶିବିରରେ ଖୁସିର ଲହରି ଖେଳିଯାଇଛି। ଉପନିର୍ବାଚନ ବିଜୟ ପରେ ଚାରିଆଡୁ ବର୍ଷାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ବିଜେଡି ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟଠାରେ ବାଜା ବଜାଇ ବିଜୟ ଉତ୍ସବ ପାଳନ କରାଯାଇଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୟ ପାଇଁ ବର୍ଷାଙ୍କୁ ଟେଲିଫୋନ କରି ଶୁଭେଚ୍ଛା ଜଣାଇଛନ୍ତି ।

ବିଜେଡି ପ୍ରାର୍ଥୀ ବର୍ଷା କହିଛନ୍ତି, ତାଙ୍କର ଏହି ବିଜୟରେ ପଦ୍ମପୁରବାସୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶ୍ରେୟ ରହିଛି। ତାଙ୍କ ବାପାଙ୍କୁ ପଦ୍ମପୁରବାସୀ ଯେଉଁଭଳି ଭଲ ପାଉଥିଲେ, ଏଥର ଉପନିର୍ବାଚନରେ ମଧ୍ୟ ତାହା ପ୍ରତିଫଳିତ ହୋଇଛି। ସେ ପଦ୍ମପୁରବାସୀଙ୍କ ସହିତ ସବୁବେଳେ ସେମାନଙ୍କ ସୁଖଦୁଃଖର ସାଥୀ ଭାବେ ରହିବେ ଏବଂ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ସହିତ ବାପାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି । ଭାଜପା ବରଗଡ଼ ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, ବିଜେଡି ଟଙ୍କା ବାଣ୍ଟି ଭୋଟରଙ୍କୁ ପ୍ରଭାବିତ କରି ବିଜୟୀ ହୋଇଛି। କିନ୍ତୁ ଭାଜପା ନିଜ ଭୋଟ୍ ରଖିପାରିଛି। ଅନ୍ୟପଟେ କଂଗ୍ରେସ ଭୋଟ ବିଜେଡିକୁ ଯାଇଛି। ସେଥିପାଇଁ ବିଜେଡିର ବିଜୟ ହୋଇଥିବା ଷଡ଼ଙ୍ଗୀ କହିଛନ୍ତି। ଜିଲା କଂଗ୍ରେସ ସଭାପତି ନୀହାର ରଞ୍ଜନ ମହାନନ୍ଦ କହିଛନ୍ତି, ଜନାଦେଶକୁ ଆମେ ସମ୍ମାନ ଜଣାଉଛୁ। କିନ୍ତୁ ଏବେ ମତଦାନର ଟ୍ରେଣ୍ଡ୍ ବଦଳି ଯାଉଛି। ଭୋଟ ବେଳେ ଯେଉଁଭଳି ଟଙ୍କା ବଣ୍ଟାଯାଉଛି, ଲୋକେ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଏବଂ ବିକାଶ କଥାକୁ ଭୁଲିଯାଉଛନ୍ତି।

### " ପଦ୍ମପୁର ଫଳାଫଳକୁ ସ୍ୱୀକାର କରୁଛୁ

ପଦ୍ମପୁର ଉପନିର୍ବାଚନର ଫଳାଫଳକୁ ସ୍ୱୀକାର କରୁଛୁ। ଆମ ଦଳକୁ ଭୋଟ ଦେଇଥିବା ପ୍ରତ୍ୟେକ ମତଦାତାଙ୍କୁ ଆନ୍ତରିକ ଧନ୍ୟବାଦ। ଗଣତନ୍ତ୍ରରେ ଜନତାଙ୍କ ରାୟକୁ ସମ୍ମାନ ଜଣାଇ ଆଗାମୀ ଦିନରେ ଦଳକୁ ଆହୁରି ସୁଦୃଢ଼ କରିବା ସହ ଜନକଲ୍ୟାଣ ଓ ଲୋକକଲ୍ୟାଣ ମାଧ୍ୟମରେ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବୁ। ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା।



**– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**

### " ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପୂରଣ କରିବେ ବୋଲି ଲୋକେ ଭାବିଲେ

ପଦ୍ମପୁର ସବ୍‌ଡିଭିଜନରୁ ଜିଲା ହେବ। ଇନ୍‌ପୁଟ ସବ୍‌ସିଡି ଚାଷୀ ପାଇବେ। ମୁଖ୍ୟମନ୍ତ୍ରୀ ନବୀନ ବାବୁ ଏଭଳି ଯେଉଁ ଯେଉଁ କଥା ଲୋକଙ୍କୁ କହିଲେ, ତାହା ପୂରଣ କରିବେ ବୋଲି ଲୋକେ ଭାବିଲେ। ନବ ଦାସ ପୂର୍ବରୁ କଂଗ୍ରେସର ପୁରୁଖା ନେତା ଥିଲେ। ଏବେ ସେ ସ୍ୱାସ୍ଥ୍ୟମନ୍ତ୍ରୀ। କଂଗ୍ରେସ ନେତାମାନଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ଅଛି। ତେଣୁ ସେ କଂଗ୍ରେସର ଭୋଟ ବିଜେଡିକୁ ନେବାକୁ ସକ୍ଷମ ହେଲେ।



**–ପ୍ରଦୀପ ପୁରୋହିତ, ଭାଜପା ପ୍ରାର୍ଥୀ**

### ସବୁ ପ୍ରତିଶ୍ରୁତି ...

ଦଳର ସମସ୍ତେ ବ୍ୟବସ୍ଥିତ ଢଙ୍ଗରେ ଏବଂ ନିଷ୍ଠାର ସହ କାମ କରିଛନ୍ତି। ସରକାରଙ୍କ ଭଲ ଯୋଜନାଗୁଡିକୁ ଲୋକଙ୍କ ପାଖରେ ରଖିବା ସହ ବିରୋଧୀଙ୍କ ସବୁ ମିଛକୁ ଲୋକଙ୍କ ସମ୍ମୁଖରେ ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଅଳ୍ପ ବୟସରେ ବାପାଙ୍କୁ ହରାଇ ଦୁଃଖରେ ଥିବା ମହିଳାଙ୍କୁ ରାଜ୍ୟ ଭାଜପାର କିଛି ନେତୃମଣ୍ଡଳୀ ଯେପରି ଅସମ୍ମାନ କଲେ, ତାହା ତାଙ୍କୁ ବହୁତ ଦୁଃଖ ଦେଇଛି। ଏହା କେବଳ ତାଙ୍କ ପାଇଁ ଦୁଃଖ ନୁହେଁ ବରଂ ଓଡ଼ିଶାର ସବୁ ମହିଳାଙ୍କ ପାଇଁ କଷ୍ଟର କଥା। ରାଜନୀତିରେ ହାରିବା ଓ ଜିତିବା, ନିର୍ବାଚନ ଲଢ଼ିବା ଅଲଗା କଥା। ହେଲେ ଜଣେ ମହିଳାଙ୍କୁ ଏଭଳି ଅସମ୍ମାନ କରିବା ଅତ୍ୟନ୍ତ ନିନ୍ଦନୀୟ। ସେଥିଲାଗି ନିଜେ ଯାଇ ବର୍ଷା ସିଂଙ୍କ ପାଖରେ ଜଣେ ବାପା, ଭାଇ ଏବଂ ବନ୍ଧୁ ଭଳି ଠିଆ ହେବାକୁ ନିଷ୍ପତ୍ତି ନେଲି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ଭାଜପା ନେତୃମଣ୍ଡଳୀଙ୍କୁ ନମ୍ରତାର ସହ ଜଣାଇବାକୁ ଚାହେଁ ରାଜନୀତି କରିବା ବାହାନାରେ ଯଦି ମହିଳାଙ୍କୁ ଅସମ୍ମାନ କରାଯିବ, ତାକୁ କେବେ ଓଡ଼ିଶାବାସୀ ସମର୍ଥନ କରିବେ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କେନ୍ଦ୍ର ମନ୍ତ୍ରିମଣ୍ଡଳର କିଛି ମନ୍ତ୍ରୀ ରାଜ୍ୟ ଏବଂ ପଦ୍ମପୁରବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କଲେ। ସେ ଆବାସ ଯୋଜନା ହେଉ, ବା କେନ୍ଦୁପତ୍ରର ଜିଏସ୍‌ଟି ହେଉ କିମ୍ବା ଫସଲ ବୀମାର ବିଳମ୍ବ କଥା ହେଉ। ଏମ୍‌ଏସ୍‌ପି ପ୍ରସଙ୍ଗ ହେଉ ବା ରେଳ କନେକ୍ଟିଭିଟି କଥା ଏହା ସମ୍ପୂର୍ଣ୍ଣ ଦୁର୍ଭାଗ୍ୟଜନକ। କେନ୍ଦ୍ରରେ ରହିଛନ୍ତି ଆମେ ରାଜ୍ୟରେ ଅଛୁ। ମିଶିକି ଲୋକଙ୍କ ମଙ୍ଗଳ ପାଇଁ କାମ କରିବା ସହ ଓଡ଼ିଶାର ଉନ୍ନତି ପାଇଁ କାମ କରିବା ଆବଶ୍ୟକ। ଦଳ ତରଫରୁ ପଦ୍ମପୁରବାସୀଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ହେବ । ଖୁବଶୀଘ୍ର ସେ ପଦ୍ମପୁର ଯିବେ ବୋଲି ନବୀନ କହିଛନ୍ତି।

### ଗୁଜରାଟରେ...

ଅନ୍ୟପକ୍ଷେ ବିରୋଧୀ କଂଗ୍ରେସ ଯେପରି ପ୍ରଦର୍ଶନ କରିବ ବୋଲି ତମାମ ସର୍ବେକ୍ଷଣ ସଂସ୍ଥା ଏକ୍‌ଜିଟ୍ ପୋଲ୍ ଜରିଆରେ ଭବିଷ୍ୟବାଣୀ କରିଥିଲେ ତାହା ଭୁଲ୍ ପ୍ରମାଣିତ ହୋଇଛି। ସର୍ବପୁରାତନ ଦଳ ଏଠାରେ ମାତ୍ର ୧୭ ଆସନରେ ସୀମିତ ରହିଛି। ଏହା ହେଉଛି ରାଜ୍ୟରେ କଂଗ୍ରେସର ସବୁଠୁ ଖରାପ ପ୍ରଦର୍ଶନ। 'କଂଗ୍ରେସ ମୁକ୍ତ ଭାରତ'ର ସ୍ଲୋଗାନ ଦେଇ ବିଜୟ ରଥ ଗଡ଼ାଇ ଚାଲିଥିବା ମୋଦିଙ୍କୁ କିନ୍ତୁ ନିଜ ଘରେ ଏହି ସଫଳତା ପାଇଁ କମ୍ କସରତ କରିବାକୁ ପଡ଼ିନାହିଁ। ପ୍ରଧାନମନ୍ତ୍ରୀ ୩୧ଟି ରାଲିରେ ଧୂଆଁଧାର ପ୍ରଚାର କରିଥିଲେ। ସେହିପରି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଭାଜପା ଶାସିତ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀମାନେ ଗୁଜରାଟରେ ଡେରା ପକାଇ ପ୍ରଚାରକୁ ସରଗରମ କରିଥିଲେ। 'ଭାରତ ଯୋଡ଼ୋ ଯାତ୍ରା'ରେ ଥିବା କଂଗ୍ରେସର ବଡ଼ ନେତା ରାହୁଲ ଗାନ୍ଧୀ ଏହି ନିର୍ବାଚନରେ ଗୋଟିଏ ହେଲେ ସଭା କରି ନ ଥିଲେ। ଅନ୍ୟପକ୍ଷେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଗୁଜରାଟରେ ପ୍ରଥମ ଥର ପାଇଁ ଭାଗ୍ୟ ପରୀକ୍ଷା କରିଥିଲା। ଏଏପି ପ୍ରଥମ ଥରରେ ହିଁ ଗୁଜରାଟ ଦଖଲ କରିବ ବୋଲି କେଜ୍‌ରିୱାଲ ଦୃଢ଼ୋକ୍ତି ବାଢ଼ିଥିଲେ। କିନ୍ତୁ ତାଙ୍କ ଦଳକୁ ମାତ୍ର ୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ହାତକୁ ମଧ୍ୟ ୪ ଆସନ ଯାଇଛି। ଏଥିସହ ଭାଜପା ଆଗାମୀ ୫ ବର୍ଷ ପାଇଁ ଗୁଜରାଟରେ ପୁଣି ଥରେ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଘାଟଲୋଡ଼ିଆ ଆସନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ ଆମି ୟାଗ୍ନିକ୍‌ଙ୍କୁ ୧.୯୨ ଲକ୍ଷର ରେକର୍ଡ ବ୍ୟବଧାନରେ ପରାସ୍ତ କରିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣିଙ୍କୁ ହଟାଇ ତାଙ୍କ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିଲା। ଏଥିସହ ପ୍ରଥମ ଥର ବିଧାୟକ ନିର୍ବାଚିତ ହୋଇଥିବା ପଟେଲ ସମୁଦାୟର ଭୂପେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ସେହିପରି ନିର୍ବାଚନ ପୂର୍ବରୁ ହାର୍ଦ୍ଦିକ ପଟେଲଙ୍କୁ ମଧ୍ୟ କଂଗ୍ରେସଠାରୁ ଛଡ଼ାଇନେଇଥିଲା ଭାଜପା। ଫଳରେ ପଟିଦାର ଭୋଟରଙ୍କ ମଧ୍ୟରେ ଭାଜପା ପ୍ରତି ପୂର୍ବରୁ ରହିଥିବା ଆକ୍ରୋଶକୁ ପ୍ରଶମିତ ହେବା ସହ ସରକାର ବିରୋଧୀ ହାୱାରୁ ମଧ୍ୟ ଭାଜପା ନିସ୍ତାର ପାଇଥିଲା। ଭାଜପା ପରାଜିତ ହୋଇଥିବା ସବୁ ଆସନରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଏଏପି ୩୫ ଆସନରେ ୨ୟ ସ୍ଥାନ ଅଧିକାର କରିଛି।

କିନ୍ତୁ ଗତବର୍ଷ ହିମାଚଳ ପ୍ରଦେଶ ଉପନିର୍ବାଚନରେ ଭାଜପାର ପରାଜୟ ସତ୍ତ୍ୱେ ଗୁଜରାଟ ଭଳି ନେତୃତ୍ୱ ପରିବର୍ତ୍ତନର ପ୍ରୟୋଗ କରାଯାଇ ନ ଥିଲା। ଭାଜପା ନେତୃବୃନ୍ଦ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ଉପରେ ପୁନର୍ବାର ଭରସା କରି ତାଙ୍କ ନେତୃତ୍ୱରେ ବିଧାନସଭା ନିର୍ବାଚନୀ ବୈତରଣୀ ପାର ହେବାକୁ ନିଷ୍ପତ୍ତି ନେଇଥିଲେ। ହିଲ୍ ଷ୍ଟେଟ୍‌ରେ ମୁଖ୍ୟମନ୍ତ୍ରୀ ବଦଳାଇଥିଲେ ଯେ ଭିନ୍ନ ପରିଣାମ ଆସିଥାଆନ୍ତା ତା'ର ବି କିଛି ଗ୍ୟାରେଣ୍ଟି ନ ଥିଲା। କାରଣ ଏହି ରାଜ୍ୟର ଭୋଟର ପ୍ରତି ୫ ବର୍ଷରେ ସରକାର ବଦଳାଇଥାଆନ୍ତି। ୧୯୮୫ ପରଠୁ ହିମାଚଳରେ କ୍ଷମତାସୀନ ଦଳ ପୁନର୍ବାର ବିଜୟୀ ହୋଇନାହିଁ। ଏହି ପରମ୍ପରାକୁ ବଜାୟ ରଖି ମତଦାତା କଂଗ୍ରେସକୁ ଶାସନ ରଜ୍ଜୁ ଧରାଇଛନ୍ତି। କଂଗ୍ରେସ ୪୦ ଆସନରେ ସଫଳତା ପାଇଛି, ଯାହାକି ପୂର୍ବାପେକ୍ଷା ୧୯ ଅଧିକ। ଭାଜପା ପୂର୍ବ ତୁଳନାରେ ୧୯ ଆସନରେ ପରାସ୍ତ ହୋଇ ୨୫ରେ ସୀମିତ ରହିବା ହେଉଛି ରାଜ୍ୟରେ ଦଳର ଐତିହାସିକ ପରାଜୟ। ସ୍ୱାଧୀନ ପ୍ରାର୍ଥୀ ପୂର୍ବବତ୍ ୩ ଆସନରେ ବିଜୟୀ ହୋଇଛନ୍ତି। ଏହି ଫଳାଫଳ ଆସିବା ପରେ ଜୟରାମ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ଦିବଂଗତ ନେତା ବୀରଭଦ୍ର ସିଂଙ୍କ ସ୍ତ୍ରୀ ତଥା ପିସିସି ଅଧ୍ୟକ୍ଷା ପ୍ରତିଭା ସିଂ ହିମାଚଳରେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଗତବର୍ଷ ସ୍ୱାମୀଙ୍କ ପରଲୋକ ପରେ ତାଙ୍କ ମଣ୍ଡି ଆସନରେ ଉପନିର୍ବାଚନ ହୋଇଥିଲା। ପ୍ରତିଭାଙ୍କୁ ଲୋକ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ଭୋଟର ସୁଯୋଗ ଦେଇଥିଲେ। ପ୍ରତିଭା ବିଧାନସଭାର ସଦସ୍ୟ ନୁହନ୍ତି। ଶିମଲା ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ଯାଇଥିବା ତାଙ୍କ ପୁଅ ବିକ୍ରମାଦିତ୍ୟ ସିଂ ଏବେ ମା'ଙ୍କୁ ଗୁରୁଦାୟିତ୍ୱ ମିଳିବାକୁ ଥିବାରୁ ନିଜ ଆସନ ଛାଡ଼ିଦେବେ ବୋଲି କହିଛନ୍ତି। କାରଣ ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ହେଲେ ୬ ମାସ ମଧ୍ୟରେ ବିଧାୟିକା ହେବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ଦୌଡ଼ରେ ସାମିଲ ଥିବା ଅନ୍ୟ ଦୁଇ ଆଶାୟୀ ହେଲେ ବିରୋଧୀ ଦଳ ନେତା ସୁଖବିନ୍ଦର ସୁଖୁ ଓ ଟାଣୁଆ ନେତା ମୁକେଶ ଅଗ୍ନିହୋତ୍ରୀ। ନଭେମ୍ବର ୧୨ରେ ବିଧାନସଭାର ୬୮ ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୩୫ ହୋଇଥିବାରୁ ଭାଜପାର ସମ୍ଭାବ୍ୟ 'ଅପରେଶନ ଲୋଟସ୍'କୁ ନେଇ କଂଗ୍ରେସ ଅଧିକ ସତର୍କ ହୋଇଯାଇଛି। କାରଣ ରାଜସ୍ଥାନ ଓ ଛତିଶଗଡ଼ ପରେ ବହୁକଷ୍ଟରେ ହିମାଚଳ ପ୍ରଦେଶ ଏହାର ହାତକୁ ଆସିଛି। ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏଆଇସିସି ଅଧ୍ୟକ୍ଷ ହେବା ପରେ ଏହା ହେଉଛି କଂଗ୍ରେସର ପ୍ରଥମ ବିଜୟ। ଅବଶ୍ୟ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହିମାଚଳକୁ ଦଳୀୟ ପ୍ରଚାରରେ ଯାଇଥିଲେ।

# ନୀଳ ଅର୍ଥନୀତି ଦିଗରେ ସର୍ବୋଚ୍ଚ ସମୀକ୍ଷା ପ୍ରତିଷ୍ଠାନର ଭୂମିକା



ଗିରୀଶ ଚନ୍ଦ୍ର ମୁର୍ମୁ

ଜି-୨୦ ସମ୍ମିଳନୀ ବିଶ୍ୱର ମୁଖ୍ୟ ବିକାଶଶୀଳ ଅର୍ଥନୀତି ସହିତ ସଂଯୋଗ ସ୍ଥାପନ କରିବାର ଏକ ବହୁମୁଖୀ ଯୋଜନାବଦ୍ଧ ମଞ୍ଚ। ଜି-୨୦ ଭବିଷ୍ୟତ ବିଶ୍ୱର ଅର୍ଥନୀତିକ ପ୍ରଗତି ଏବଂ ସମୃଦ୍ଧି ନିମିତ୍ତ ଯୋଜନାବଦ୍ଧ ଭୂମିକାକୁ ନିଶ୍ଚିତ କରାଏ। ସାମୂହିକ ଭାବରେ ଜି-୨୦ ବିଶ୍ୱ ମୋଟ ଘରୋଇ ଉତ୍ପାଦନର ୮୦ ଶତାଂଶ, ଆନ୍ତର୍ଜାତିକ ବାଣିଜ୍ୟର ୭୫ ଶତାଂଶ ଏବଂ ବିଶ୍ୱ ଜନସଂଖ୍ୟାର ୬୭ ଶତାଂଶର ପ୍ରତିନିଧିତ୍ୱ କରେ।

ଜି-୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସର୍ବୋଚ୍ଚ ସମୀକ୍ଷା ପ୍ରତିଷ୍ଠାନ ସମୂହ ହେଉଛି 'ସାଇ-୨୦'। ଏହା ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକର ପ୍ରଗତି ସହିତ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରେ, ବର୍ତ୍ତମାନ ସମୟରେ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକର ସମାଧାନ ଦିଗରେ ନିର୍ଭରଯୋଗ୍ୟ ପଦ୍ଧତି ଦର୍ଶାଇଥାଏ ଏବଂ ନାଗରିମାନଙ୍କ ନିମନ୍ତେ ଉତ୍ତମ ମାନର ଜୀବନଧାରଣ ବ୍ୟବସ୍ଥା ଦେଇଥାଏ। ଏହି ପ୍ରତିଷ୍ଠାନ ଗଠନ ଫଳରେ ଜନକେନ୍ଦ୍ରିକ ନୀତିକୁ ଦାୟିତ୍ୱସମ୍ପନ୍ନ ତଥା ସ୍ୱଚ୍ଛତାର ସହିତ କାର୍ଯ୍ୟକାରୀ କରାଯିବା ନିମନ୍ତେ ଉତ୍ତମ ପରିବେଶ ସୃଷ୍ଟି ହୋଇପାରିବ।

ଉଚ୍ଚ ଅଭିଳାଷ ସହିତ ୨୦୨୨ ମସିହା ଡିସେମ୍ବର ପହିଲା ଦିନ ଜି-୨୦ର ସଭାପତିତ୍ୱ ଭାରତ କରିବା ସହିତ ସାଇ ଇଣ୍ଡିଆ ତଥା ଭାରତର ନିରନ୍ତର ଏବଂ ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ 'ସାଇ-୨୦'ର ଅଧ୍ୟକ୍ଷତା କରୁଛି। ଏହା ନିରବଚ୍ଛିନ୍ନ ଭାବେ ଏହି ଗ୍ରୁପ ବା ଦଳର ସ୍ୱାୟତ୍ତତା, ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ସହଯୋଗିତା ଦିଗରେ ନିଜକୁ ଉତ୍ସର୍ଗ କରିଦେଇଛି। ଭାରତର ନିର୍ଣ୍ଣାୟକ ସିଦ୍ଧାନ୍ତ ସହିତ ଜି-୨୦ରେ ଭାରତ ଏକ ବିଶ୍ୱ, ଏକ ପରିବାର ଏବଂ ଏକ ଭବିଷ୍ୟତ ଆଦର୍ଶ ନେଇ ଅଧ୍ୟକ୍ଷତା କରୁଛି। ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ 'ସାଇ-୨୦' ଦୁଇଟି ପ୍ରସ୍ତାବ ଜି-୨୦ ନିକଟରେ ଉପସ୍ଥାପନ କରୁଛି। ତାହା ହେଲା ନୀଳ ଅର୍ଥନୀତି ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱ ଦିଆଯିବା। ନୀଳ ଅର୍ଥନୀତିରେ ନିର୍ଦ୍ଦିଷ୍ଟ ନୀତିଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ ଏବଂ ଏଥିରେ ସାମୁଦ୍ରିକ ଏବଂ ମଧୁରଜଳ ପରିବେଶ ସମ୍ପର୍କିତ ବିଭିନ୍ନ ଦିଗରେ ସଂରକ୍ଷଣ ଉପରେ ପ୍ରାଥମିକତା ରହିବ। ଏଥିରେ ଏ ସବୁର ଦୀର୍ଘସ୍ଥାୟୀ ବ୍ୟବହାର, ଏଥିରୁ ଖାଦ୍ୟ ଏବଂ ଶକ୍ତି ଉତ୍ପାଦନ, ଜୀବନ ଜୀବିକାକୁ ସୁରକ୍ଷିତ ରଖାଯିବା ଏବଂ ଅର୍ଥନୀତି ଜୀବନଶୈଳୀଜନିତ ପରିବେଶ(ଲାଇଫ)କୁ ଆଗେଇ ନେବ। ଏହାକୁ ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ହୋଇଥିବା ସିଡିପିଓ-୨୬ (କପ୍-୨୬) ସମ୍ମିଳନୀରେ ଭାରତ ଉପସ୍ଥାପନ କରିଥିଲା। ଏଥିରେ ଯୋଜନା ବିହୀନ ଆବର୍ଜନା ସୃଷ୍ଟିକାରୀ ବ୍ୟବହାର ପରିବର୍ତ୍ତେ ଯୋଜନାବଦ୍ଧ ଏବଂ ଆବଶ୍ୟକ ମୁତାବକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲା। ସାମୁଦ୍ରିକ ଓ ମଧୁରଜଳ ପରିବେଶରେ ନୂଆ ଜୀବନରେ ବଞ୍ଚିବା ପାଇଁ ଏହା ଆବଶ୍ୟକ।

ଜାତିସଂଘର ୨୦୩୦ ଲକ୍ଷ୍ୟ ହାସଲ ଦିଗରେ ସାଇ ପ୍ରାଥମିକତା ଦେଉଛି। ନିର୍ଦ୍ଦିଷ୍ଟ ଭାବରେ ଜଳର ନିମ୍ନଭାଗରେ ଥିବା ଜୀବନ ଲକ୍ଷ୍ୟ ୧୪ ଭାବରେ ପରିଚିତ କ୍ଷେତ୍ର ଉପରେ ଗୁରୁତ୍ୱ ଦେଉଛି। ନୀଳ ଅର୍ଥନୀତିକୁ ପ୍ରଭାବିତ କରୁଥିବା କାର୍ଯ୍ୟକ୍ଷମ ଉପରେ ସାମୂହିକଭାବରେ ସମୀକ୍ଷା ଉପରେ ଗୁରୁତ୍ୱ ଦେଉଛି। ଏହା ଫଳରେ ରାଷ୍ଟ୍ରଗୁଡ଼ିକ ତଥା ବିଭିନ୍ନ ଗୋଷ୍ଠୀ ମଧ୍ୟରେ ପ୍ରଗତିମୂଳକ ସମ୍ପର୍କ ସ୍ଥାପନ ହୋଇପାରିବ। ଏ କ୍ଷେତ୍ରରେ ସବୁଠାରୁ ଉଲ୍ଲେଖନୀୟ କ୍ଷେତ୍ର ହେଉଛି ଆର୍ଥିକ ଭାବରେ ସମ୍ବେଦନଶୀଳ ମତ୍ସ୍ୟଜୀବୀ ବୃତ୍ତି। ସମାଜର ବୃହତ୍ତର ଅନ୍ତର୍ମୁଖୀ ସମୃଦ୍ଧି ଏବଂ ତତ୍‌କ୍ଷଣାତ୍ ଲୋକଙ୍କ ଜୀବନ ସହ ଏହା ସମ୍ପୃକ୍ତ।

ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଓ ପ୍ରାମାଣିକ ନିର୍ଦ୍ଦେଶାବଳୀ ପ୍ରଣୟନ ନିମନ୍ତେ ଉଦ୍ୟମ କରୁଛି। ଏହାଫଳରେ ଦୀର୍ଘସ୍ଥାୟୀ ଗୁଣ ଏବଂ ଆର୍ଥିକ ପ୍ରଗତି ଓ ମଙ୍ଗଳକାରୀ ନୀତି ପ୍ରଣୟନ କରାଯାଇପାରିବ। ଗବେଷଣା କରାଯିବା ଭଳି ଏକ ସଂସ୍ଥା, ସର୍ବୋତ୍ତମ କାର୍ଯ୍ୟ ଦେଖାଇବାରେ ସାମର୍ଥ୍ୟ କିମ୍ବା ସମୀକ୍ଷାର ନିର୍ଦ୍ଦେଶାବଳୀ ପ୍ରଣୟନ କରିପାରୁଥିବା କ୍ଷମତା ଏବଂ ସମ୍ପୃକ୍ତ ପକ୍ଷ ଓ ସାଇ ସହ ସମନ୍ୱୟ ରକ୍ଷା ହୋଇପାରିବ। ଏହାର ଦ୍ୱିତୀୟ ପ୍ରାଥମିକତା କ୍ଷେତ୍ର ଅର୍ଥାତ୍ ଦାୟିତ୍ୱସମ୍ପନ୍ନ ଭାବରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଲୋକଙ୍କର ଜୀବନକୁ ଏହା ପ୍ରଭାବିତ କରିଥାଏ। ନୀଳ ଅର୍ଥନୀତି ସହିତ ବୁଦ୍ଧିମତ୍ତାର ସମ୍ପର୍କ ଆତ୍ମନିର୍ଭରଶୀଳତା, ବହୁମୁଖୀ, ଦାୟିତ୍ୱସମ୍ପନ୍ନ ତଥା କ୍ରାନ୍ତୀୟ ପ୍ରସଙ୍ଗଗୁଡ଼ିକ ସହ ସମ୍ପର୍କିତ। ମାନବ ଏବଂ ଅଣମାନବୀୟ ପ୍ରସଙ୍ଗ, ଆଇନଗତ ଦିଗ, ନୈତିକ ତଥା ଦାର୍ଶନିକ ଦିଗ ସହ ମଧ୍ୟ ଏହା ସମ୍ପର୍କିତ। ଏସବୁ ବ୍ୟତୀତ ଗୋପନୀୟତାର ପ୍ରସଙ୍ଗ ଉଠିଲେ ଏହା ସ୍ୱୟଂ ବିବର୍ତ୍ତନଶୀଳ ହୋଇଥିବାରୁ ପକ୍ଷପାତ, ପାତର ଅନ୍ତର ଭଳି ସମସ୍ୟା ସୃଷ୍ଟି ହୋଇପାରେ। କାରଣ ଏହା ସାଧାରଣ ଲୋକଙ୍କ ଜୀବନ ସହ ସମ୍ପର୍କିତ ନୁହେଁ।

ସାଧାରଣ ନାଗରିକ ସଙ୍ଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ବିଭିନ୍ନ ସରକାର ଆଦିଙ୍କ ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଭାବରେ ଜନଚେତନା ସୃଷ୍ଟିର ଆବଶ୍ୟକତା ରହିଛି। ଏହାର ବିଶାଳ କ୍ଷେତ୍ରରେ ସ୍ୱୀକୃତି ରହିଛି। ୨୦୧୫ ମସିହା ଜୁନ୍ ମାସରେ ବାଣିଜ୍ୟ ଏବଂ ଡିଜିଟାଲ ଅର୍ଥନୀତି ସମ୍ପର୍କରେ ଜି-୨୦ ଆନ୍ତଃ ମନ୍ତ୍ରଣାଳୟ ବକ୍ତବ୍ୟରେ ସମସ୍ତ ସଦସ୍ୟ ରାଷ୍ଟ୍ର ମଧ୍ୟରେ ଡିଜିଟାଲ ସମାଜ ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୨୧ ମସିହା ନଭେମ୍ବର ମାସରେ ୟୁନେସ୍କୋର ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ଏକ ନୈତିକତା ରହିବା ଉପରେ ପ୍ରସ୍ତାବର ସମର୍ଥନ କରିଥିଲା।

କୃତ୍ରିମ ବୁଦ୍ଧିମତ୍ତା ଦିନକୁଦିନ ଜୀବନର ନୂଆ ନୂଆ କ୍ଷେତ୍ରକୁ ବ୍ୟାପୁଥିବାରୁ ସରକାର ଏବଂ ସାଇର ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକାରିତା ପରିସରରେ ଜଟିଳତା ଏବଂ ସମସ୍ୟା ମଧ୍ୟ ଦେଖାଦେଉଛି।

ଜଟିଳ ନୀତି ନିର୍ଦ୍ଧାରଣ ଏବଂ ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ 'ସାଇ' ଦାୟିତ୍ୱପୂର୍ଣ୍ଣ ଭାବରେ କୃତ୍ରିମ ବୁଦ୍ଧିମତ୍ତା ଦକ୍ଷତା ପ୍ରଦର୍ଶନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରଶ୍ନର ମଧ୍ୟ ସମାଧାନ କରୁଛି। କୃତ୍ରିମ ବୁଦ୍ଧିମତ୍ତାକୁ କାର୍ଯ୍ୟକାରୀ କରାଯାଉଥିବା କ୍ଷେତ୍ରରେ 'ସାଇ' ମୂଲ୍ୟବୋଧଭିତ୍ତିକ ଦାୟିତ୍ୱ ମଧ୍ୟ ନିର୍ବାହ କରୁଛି। ଏ କ୍ଷେତ୍ରରେ ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ ବିସ୍ତାରିତ ଭାବରେ ସହମତି ସୃଷ୍ଟି ଉପରେ ଗୁରୁତ୍ୱ ଦେବ। ମିଳିତଭାବେ ସମୀକ୍ଷା ବ୍ୟବସ୍ଥାର ଉନ୍ନତି ନିମନ୍ତେ ପ୍ରବନ୍ଧମାନ ପ୍ରକାଶ କରାଯିବ। ଏହା ଫଳରେ ଅଭିଜ୍ଞତା ଓ ଦକ୍ଷତାର ବିନିମୟ ମଧ୍ୟ ହୋଇପାରିବ। ଏ କ୍ଷେତ୍ରରେ ଉଦ୍ଦେଶ୍ୟମୂଳକ କିମ୍ବା ଆକସ୍ମିକ ଭାବରେ କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର ରୋକିବା ନିମନ୍ତେ ନୀତି ନିୟମ ପ୍ରଣୟନ ଜରୁରୀ। ଏହା ଫଳରେ ପୂର୍ଣ୍ଣ ଦକ୍ଷତାର ସହିତ ପରିବର୍ତ୍ତିତ ଜୀବନ ଶୈଳୀର ଲାଭ ମିଳିପାରିବ।

ଏ କ୍ଷେତ୍ରରେ ସର୍ବାଧିକ ପ୍ରାଥମିକତା ଥିବା କ୍ଷେତ୍ର ଉପରେ ଭାରତୀୟ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ 'ସାଇ ୨୦'ର ଅଧ୍ୟକ୍ଷତା ଦ୍ୱାରା ଜି୨୦ର ମିଳିତ ଅଂଶଗ୍ରହଣକୁ ଦକ୍ଷତାର ସହିତ ପରିଚାଳନାର ଲକ୍ଷ୍ୟ ରଖିଛି।

**ଲେଖକ ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ**

## ଦଳାଙ୍ଗ ଆର୍‌ଆଇ ନିଲମ୍ବିତ

ଭଦ୍ରକ ଅଫିସ, ୮।୧୨

ଲାଞ୍ଚ ନେବା ଭିଡିଓ ଭାଇରାଲ ଘଟଣାରେ ଭଦ୍ରକ ଜିଲା ଧାମନଗର ତହସିଲ ଅଧୀନ ଦଳାଙ୍ଗ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ତାପସ ରଞ୍ଜନ ଜେନାଙ୍କୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଗୁରୁବାର ନିଲମ୍ବନ କରିଛନ୍ତି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ରାଜସ୍ୱ ବିଭାଗକୁ ମଧ୍ୟ ସୁପାରିସ କରାଯାଇଛି। ନିଲମ୍ବନ ଅବଧିରେ ସେ ଭଦ୍ରକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ।

**ଲାଞ୍ଚ ନେବାର ଭିଡିଓ ଭାଇରାଲ ଘଟଣା**

କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସେ ସଦର ମହକୁମା ଛାଡ଼ିପାରିବେ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଧାମନଗର ତହସିଲ ଅଧୀନ ଦଳାଙ୍ଗ ରାଜସ୍ୱ ମଣ୍ଡଳ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ଝିଅର ଜାତିଗତ ପ୍ରମାଣପତ୍ର ଲାଗି ଆବେଦନ କରିଥିଲେ। ପ୍ରମାଣପତ୍ର ପାଇଁ ତାଙ୍କୁ ବାରମ୍ବାର ତହସିଲ ଓ ଆର୍‌ଆଇ ଅଫିସକୁ ଦୌଡ଼ିବାକୁ ପଡ଼ିଥିଲା। ଆର୍‌ଆଇ କାଗଜପତ୍ର ପଠାଇ ନ ଥିବା ତହସିଲ ଅଫିସରେ କହି ଫେରାଉଥିଲେ। ସେ ଆର୍‌ଆଇ ଅଫିସରେ ପହଞ୍ଚିବା ପରେ ଆର୍‌ଆଇ ଜେନା ଏଥିପାଇଁ ତାଙ୍କୁ ୫୦୦ ଟଙ୍କା ମାଗିଥିଲେ। ସେ ୨୦୦ ଟଙ୍କା ଦେବାକୁ କହିବାରୁ ଆର୍‌ଆଇ ଏଥିରେ ରାଜି ହୋଇ ନ ଥିଲେ। ଉକ୍ତ ବ୍ୟକ୍ତି ୫୦୦ ଟଙ୍କା ଦେବାରୁ ସେ ଜାତିଗତ ପ୍ରମାଣପତ୍ର ତହସିଲଦାରଙ୍କ ନିକଟକୁ ପଠାଇଥିଲେ। ଆର୍‌ଆଇ ଉକ୍ତ ବ୍ୟକ୍ତିଙ୍କ ସହ ମୂଲଚାଲ କରି ଲାଞ୍ଚ ନେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।

# ଚିଲିକାରୁ ୧୦୫ ହେକ୍ଟର ଚିଙ୍ଗୁଡ଼ି ଘେରି ଉଚ୍ଛେଦ

ବାଲୁଗାଁ,୮।୧୨(ଡି.ଏନ୍.ଏ.)

ଚିଲିକାକୁ ଘେରି ମୁକ୍ତ କରିବା ପାଇଁ ହାଇକୋର୍ଟ ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଚିଲିକା ତହସିଲଦାର ପ୍ରଦୀପ କୁମାର ସାହୁ ଓ ଜିଲା ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଶଶାଙ୍କ ଶେଖର ସାହୁଙ୍କ ମିଳିତ ନେତୃତ୍ୱରେ ଘେରି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ବାଲୁଗାଁ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ ସଦଳବଳ ଚିଲିକାର ବାଲୁଗାଁ ଜେଟିଠାରୁ କଳିଯୁଗେଶ୍ୱର ପାହାଡ଼ ପର୍ଯ୍ୟନ୍ତ ଥିବା ୧୦୫ ହେକ୍ଟର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିଥିଲେ। ୭ କୁଇଣ୍ଟାଲ ସରୁ ଆଲିମ ଜାଲ ଓ ବାଉଁଶ ବାଡି ଜବତ କରଯାଇଛି। ଜବତ ହୋଇଥିବା ଜାଲ ଓ ବାଉଁଶ ବାଡ଼ିକୁ ବାଲୁଗାଁ ରାଜସ୍ୱ ବିଭାଗ କାର୍ଯ୍ୟାଳୟ ନିକଟରେ ପୋଡ଼ି ଦିଆଯାଇଥିବା ଜଣାପଡ଼ିଛି। ଉଚ୍ଛେଦ କାର୍ଯ୍ୟକ୍ରମରେ ୨୫ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ତେବେ ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୨୭୬/୨୨) ରୁଜୁ କରିବା ସହ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଆଗକୁ ମଧ୍ୟ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ତହସିଲଦାର ସାହୁ କହିଛନ୍ତି।

## ବିଡିଓଙ୍କୁ ଫେରାଦ ହେଲେ ୧୭ ସରପଞ୍ଚ

### ବିଏସ୍‌ଏସ୍‌ଓଙ୍କ ବଦଳି ଦାବି ଜୋର ଧରିଲା

କୁଳିଅଣା,୮।୧୨(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍‌ରେ ଅବସ୍ଥାପିତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ(ବିଏସ୍‌ଏସ୍‌ଓ)ଙ୍କ ମନମୁଖି କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରି ୧୭ ପଞ୍ଚାୟତର ସରପଞ୍ଚ ବିଡିଓଙ୍କୁ ଫେରାଦ ହୋଇଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ଭୁଲ ତଥ୍ୟ ପ୍ରଦାନ ଯୋଗୁ ହିତାଧିକାରୀମାନେ ପ୍ରାୟ ୭ମାସରୁ ଉର୍ଦ୍ଧ୍ୱ ହେବ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ବ୍ୟାଙ୍କରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ହତାଶ ହୋଇ ପଡ଼ିଛନ୍ତି। ହିତାଧିକାରୀମାନେ ଏ ନେଇ ଅଭିଯୋଗ କଲେ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ତେଣୁ ୭ ଦିନ ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କୁ ବଦଳି କରା ନ ଗଲେ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

## କେନ୍ଦୁଝରରୁ ବାଦାମ ପାହାଡ଼ ହେବ ରେଳ ସଂଯୋଗ

କେନ୍ଦୁଝର,୮।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲାରୁ ମୟୂରଭଞ୍ଜ ଜିଲା ବାଦାମ ପାହାଡ଼କୁ ରେଳ ଲାଇନ ସଂଯୋଗ ହେବ। ଦୀର୍ଘ ୮୦ କିମି ନୂଆ ରେଳ ଲାଇନ କାମ ପାଇଁ ଫାଇନାଲ ଲୋକେଶନ ସର୍ଭେପାଇଁ ରେଳବାଇ ବିଭାଗ କୋଲକାତା ଦକ୍ଷିଣ ପଶ୍ଚିମତଟ ରେଳବାଇର ସାଧାରଣ ପ୍ରବନ୍ଧକଙ୍କୁ ଚିଠି କରିଛନ୍ତି। ସର୍ଭେ ପାଇଁ ୨୦୦ ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି। ଏହା ଛଡ଼ା ୬୨ କିମି ଦୀର୍ଘ ବାଙ୍ଗିରିପଶି- ଗୋରୁମହିଶାଣି ରେଳ ଲାଇନ୍ ସର୍ଭେ ବାବଦକୁ ୧୫୫ ଲକ୍ଷ ଅନୁମୋଦିତ ହୋଇଛି। ଏହା ଦ୍ୱାରା କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ମଧ୍ୟରେ ଯୋଗାଯୋଗ ସୁଦୃଢ଼ ହେବା ସହ ଉଭୟ ଜିଲାବାସୀଙ୍କ ଅର୍ଥନୈତିକ ବିକାଶ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି। ଅନ୍ୟାନ୍ୟ ରେଳ ପ୍ରକଳ୍ପ ସହିତ ଏହି ରେଳ ଲାଇନ ପ୍ରକଳ୍ପ ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଥିଲା।












> ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। **-ଶ୍ରୀଅରବିନ୍ଦ**



# ଫିଫା ବିଶ୍ୱକପ୍‌ରେ ବିରୋଧାଭାସ

ଇଆନ ବୁରୁମା

କାତାରରେ ଫିଫା ବିଶ୍ୱକପ୍ ଫୁଟବଲ ଜାରି ରହିଛି। 'ଫୁଟବଲ ବିଶ୍ୱକୁ ଏକାଠି କରେ' ଏଭଳି ହାସ୍ୟାସ୍ପଦ ସ୍ଲୋଗାନ ନେଇ ଫିଫା ଏହି ବିଶ୍ୱକପ୍‌ରେ ଅବତୀର୍ଣ୍ଣ ହୋଇଛି। ଆଧିକାରିକ ସ୍ତରରେ ପ୍ରଚାର ଲାଗି ଜାରି କରାଯାଇଥିବା ଭିଡିଓରେ ଆର୍ଜେଣ୍ଟିନାର ଲିଓନେଲ ମେସି ଏବଂ ବ୍ରାଜିଲର ନେମାର ଯଥାକ୍ରମେ ସ୍ପାନିଶ୍ ଓ ପର୍ତ୍ତୁଗୀଜ ଭାଷାରେ ଏହାକୁ କହିଛନ୍ତି। ସତରେ କ'ଣ ଫୁଟବଲ ବିଶ୍ୱକୁ ଏକଜୁଟ କରେ ? ଅବଶ୍ୟ ଏହା ହୁଏନାହିଁ। ଏପରି କି ଏହା ଦେଶରେ ଏକତା ମଧ୍ୟ ଆଣି ନ ଥାଏ। ବ୍ରାଜିଲକୁ ଦେଖିବା। ବ୍ରାଜିଲ ଟିମ୍ ଜର୍ସିର ହଳଦିଆ ଏବଂ ସବୁଜ ରଙ୍ଗ ଦେଶର ରାଷ୍ଟ୍ରପତି ପଦରୁ ହଟିଥିବା ଜେର ବାଲସୋନାରଙ୍କ ସମର୍ଥକମାନଙ୍କ ଦ୍ୱାରା(ନେମାରଙ୍କ ସମର୍ଥନରେ) ଗ୍ରହଣ ହୋଇଛି। ଏଥିରେ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡି ସିଲଭାଙ୍କ ସମର୍ଥକମାନେ ନାରାଜ ହୋଇଛନ୍ତି ଓ ସେମାନଙ୍କ ସମର୍ଥନରେ ରହିଛନ୍ତି ଟିମ୍ କୋଚ ଟିଟେ ଏବଂ ଷ୍ଟ୍ରାଇକର ରିଚାର୍ଲିସନ । ଅବଶ୍ୟ ଏକ କ୍ଷୁଦ୍ର ତୈଳ ସମୃଦ୍ଧ ଦେଶ କାତାରରେ ଚଳିତ ବର୍ଷର ଟୁର୍ନାମେଣ୍ଟ ଆୟୋଜନ କରାଯିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ରାଜନୈତିକ । କାରଣ ବାସ୍ତବରେ ଏହି ଦେଶର କୌଣସି ଫୁଟବଲ ଇତିହାସ ନାହିଁ କିମ୍ବା ଦେଶରେ ଫୁଟବଲ ପ୍ରତି ଦୃଢ ଆଗ୍ରହ ଥିବା ପ୍ରମାଣ ବି ନାହିଁ। ଉକ୍ତ ଦେଶର ଶାସକ ଅମିର ଏହି ବୈଶ୍ୱିକ ଖେଳ ପ୍ରତି ଅତିଶୟ ଆଗ୍ରହ ପ୍ରକାଶ କରିଥିଲେ ଏବଂ କାତାର ପାଖରେ ଫିଫା ବିଶ୍ୱକପକୁ କିଣି ନେବାରେ ପର୍ଯ୍ୟାପ୍ତ ଅର୍ଥ ଥିଲା। ଫିଫା ସଞ୍ଚାଳକ ଅଧିକାରୀମାନଙ୍କ ପକେଟକୁ ମୋଟା ଅଙ୍କର ଅର୍ଥ ଯାଇଥିବା କୁହାଯାଉଛି। ଏହାସହ କାତାରର ସରକାରୀ ପାଣ୍ଠିରେ ପରିଚାଳିତ ଅଲ୍ ଜଜିରା ଟିଭି ଚ୍ୟାନେଲକୁ ପ୍ରସାରଣ ଅଧିକାର ଦେବା ଲାଗି ପର୍ଯ୍ୟାପ୍ତ ଲାଭ ଦିଆଯାଇଥିଲା। ସ୍ପଷ୍ଟତଃ କାତାରର ଖରାପ ମାନବ ଅଧିକାର ରେକର୍ଡ, ପ୍ରବାସୀ ଶ୍ରମିକଙ୍କ ନିର୍ଯାତନା ଏବଂ ସମଲିଙ୍ଗୀକତା ପାଇଁ ଦଣ୍ଡନୀୟ ଆଇନକୁ ନେଇ ଫିଫା ଅଧିକ ଚିନ୍ତିତ ନ ଥିଲା। ନିର୍ଦ୍ଦିଷ୍ଟ ଭାବେ କୁହାଯାଇପାରେ ଯେ, ବିପଜ୍ଜନକ ତଥା କମ୍ କ୍ୱାଲିଟିର ପ୍ରତିଯୋଗିତା ସ୍ଥାନ ଅନ୍ତର୍ଜାତୀୟ ଖେଳ ଅଧିକାରୀମାନଙ୍କୁ ଏତେଟା ଚିନ୍ତିତ ମଧ୍ୟ କରିପାରି ନ ଥିଲା।

ବାସ୍ତବତା ହେଉଛି, ଏକ ଛୋଟ ତଥା ପ୍ରଥମ ଆରବ ଦେଶ ଭାବେ କାତାର ବିଶ୍ୱକପ୍ ଟୁର୍ନାମେଣ୍ଟ ଆୟୋଜନ କରିବାରେ ଏଭଳି ଦବ୍‌ଦବା ଏବକାର ସମୟରେ କ୍ଷମତା କେତେଦୂର ହସ୍ତାନ୍ତର କରାଯାଇପାରେ ତାହା ଦେଖାଇଦେଇଛି। ଏହାସହ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଭଳି ଫିଫା ମଧ୍ୟ ସବୁବେଳେ ଅର୍ଥ ଆଡ଼କୁ ଢଳିଛି । ଖେଳାଳି ହୁଅନ୍ତୁ କିମ୍ବା ୟୁରୋପୀୟ ପ୍ରତିଷ୍ଠିତ ଉଚ୍ଚପଦାଧିକାରୀ ବ୍ୟକ୍ତିମାନେ, କେହିବି 'ୱାନ ଲଭ୍' ଲେଖାଥିବା ବ୍ୟାଣ୍ଡ୍ ହାତରେ ବାନ୍ଧିବ ଉଚିତ୍ ନୁହେଁ ବୋଲି ଫିଫା ସ୍ପଷ୍ଟ କରିଛି। ଭଲପାଇବାକୁ ନେଇ ଲୋକମାନଙ୍କ ଅଧିକାରକୁ ସମର୍ଥନ କରୁଥିବା ଏଭଳି ବାର୍ତ୍ତାକୁ ସେମାନେ କିଭଳି ଏକ ରାଜନୈତିକ ମନ୍ତବ୍ୟ ଭାବେ ଦେଖିବାକୁ ଚାହିଁଲେ। ଫିଫା ଖେଳ ଓ ରାଜନୀତିକୁ ଏକାଠି କରିବାକୁ କେବେ ବି ଅନୁମତି ଦେଇପାରେନା । କିନ୍ତୁ ଏହା ହୋଇପାରେ ଓ ହୋଇଛି ମଧ୍ୟ ; ଯାହା ଏବକାର ଫିଫା ବିଶ୍ୱକପ୍‌ରେ ଦେଖାଯାଇଛି। ଏଥିରେ ଇରାନୀୟ, ସାଉଦି କିମ୍ବା କାତାରର ପ୍ରଶଂସକମାନେ ପାଲେଷ୍ଟାଇନ୍ ସହ ସେମାନଙ୍କ ଏକତା ପରିପ୍ରକାଶ କରିବା ଗ୍ରହଣୀୟ ହେଇଛି। ଏହା ସେମାନେ ଫୁଟ୍‌ବଲ ଷ୍ଟାଡିୟମରେ ପାଲେଷ୍ଟାଇନ ପତାକା ହଲାଇ ପ୍ରମାଣିତ କରିଛନ୍ତି। କିନ୍ତୁ ନେଦରଲାଣ୍ଡ କ୍ରୀଡାମନ୍ତ୍ରୀ କୋନୀ ହେଲ୍‌ଡର କେବଳ ଏକ କ୍ଷୁଦ୍ର 'ୱାନ୍ ଲଭ୍' ବ୍ୟାଣ୍ଡ୍ ପିନ୍ଧିବା ବ୍ୟତୀତ ଅଧିକ କିଛି କରିପାରି ନ ଥିଲେ। ଅପରପକ୍ଷରେ ତାଙ୍କ କଡ଼ରେ ବସିଥିବା କାତାରର ଅଧିକାରୀ ଦେଖିବା ଭଳି ଏକ ପାଲେଷ୍ଟାଇନ ବ୍ୟାଣ୍ଡ୍ ହାତରେ ବାନ୍ଧିଥିଲେ।



କେବଳ ଜର୍ମାନୀ ଟିମ୍ ଯୌନ ସ୍ୱାଧୀନତା ପାଇଁ ସମର୍ଥନ ପ୍ରକାଶ କରିବା ଉପରେ ଲଗାଯାଇଥିବା କଟକଣା ବିରୋଧରେ ଖୋଲାଖୋଲି ପ୍ରତିବାଦ କରି ପାଟିକୁ ହାତରେ ବନ୍ଦ କରିଥିବା ଏକ ଗ୍ରୁପ୍ ଫଟୋରେ ଦେଖାଯାଇଛି। ସେମାନଙ୍କୁ ଏହା ବନ୍ଦ କରିବା ପାଇଁ ଫିଫା ତରଫରୁ କୁହାଯାଇଥିଲା, ନଚେତ ଏଥିପାଇଁ ଗମ୍ଭୀର ପରିଣାମ ଭୋଗିବାକୁ ଦେବ ବୋଲି ସୂଚାଇ ଦିଆଯାଇଥିଲା। କାତାରରେ ମାନବ ଅଧିକାର ଉଲ୍ଲଂଘନର ଯେକୌଣସି ସମାଲୋଚନା ଜାତିବାଦର ଅଭିଯୋଗକୁ ଶୀଘ୍ର ସାମ୍ନା କରିବାକୁ ପଡ଼ିଲା। ଏହାକୁ ଫିଫାର ସୁଇଜରଲାଣ୍ଡ ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ ସମର୍ଥନ କରିଥିଲେ, ଯିଏ କି ତାଙ୍କ ସାଥୀ ୟୁରୋପୀୟମାନଙ୍କୁ ୩,୦୦୦ ବର୍ଷର ପାଶ୍ଚାତ୍ୟ ସାମ୍ରାଜ୍ୟବାଦକୁ ସ୍ମରଣ କରାଇଦେଇଥିଲେ। 'ଓମେନ୍' ଆଣ୍ଡ 'ଫ୍ରିଡମ୍' ଲେଖାଥିବା ଟି-ଶାର୍ଟକୁ ମଧ୍ୟ ବନ୍ଦ କରାଯାଇଥିଲା। ସେମାନେ ଇରାନୀୟ ଧର୍ମତନ୍ତ୍ରକୁ କ୍ରୋଧିତ ନକରିବା ଲାଗି ଏଭଳି କରିଥିଲେ।

ଏଠାରେ ଜାତୀୟ ଏକତା ଅଭାବ ବିଷୟ ଥିଲା ଉଲ୍ଲେଖନୀୟ। କେତେଜଣ ଇରାନୀୟ ମହିଳା ବିନା ହିଜାବରେ ଷ୍ଟାଡିୟମ୍‌ରେ ଠିଆ ହୋଇ ଇରାନ ଟିମ୍‌ର ଖେଳ ଦେଖୁଥିବା ଥିଲା ସବୁଠୁ କୌତୂହଳ ବିଷୟ। ତେହେରାନ ଏବଂ ଇରାନର ଅନ୍ୟ ସହରଗୁଡ଼ିକରେ ଆନ୍ଦୋଳନକାରୀମାନେ ଫୁଟ୍‌ବଲ ବିଜୟରୁ ଆନନ୍ଦ ଉଠାଇବା ଲାଗି ପ୍ରଶାସନର ପଦକ୍ଷେପକୁ ବିରୋଧ କରିବା ସହ ଆମେରିକା ଓ ଅନ୍ୟ ଦେଶଗୁଡ଼ିକଠାରୁ ସେମାନଙ୍କ ଟିମ୍ ପରାଜୟକୁ ନେଇ ସେମାନେ ଖୁସି ପ୍ରକଟ କରିବା ଥିଲା ଉଲ୍ଲେଖନୀୟ ଘଟଣା। ତା'ଠୁ ଉଲ୍ଲେଖନୀୟ ଥିଲା, ଟୁର୍ନାମେଣ୍ଟରେ ପ୍ରଥମେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଇରାନର ଖେଳାଳିମାନେ ସେମାନଙ୍କ ଜାତୀୟ ସଙ୍ଗୀତ ବୋଲିବାକୁ ମନା କରିଦେଇଥିଲେ। ଦେଶରେ ହେଉଥିବା ବିକ୍ଷୋଭ ପ୍ରଦର୍ଶନକୁ ସମର୍ଥନ କରି ଏଭଳି କାର୍ଯ୍ୟ ପୁନରାବୃତ୍ତି ନ କରିବା ପାଇଁ ଇରାନର ରିଭଲ୍ୟୁଶନାରି ଗାର୍ଡ କ୍ରସ୍ପ ଖେଳାଳିମାନଙ୍କୁ ଚେତାବନୀ ଦେଇଥିଲା। ତା'ପରେ ସମ୍ବେଦନା ପାଇଁ ସ୍ୱର ଉଠାଇଥିବା ଯୁବ ଜର୍ମାନୀ ଟିମ୍‌ର ଲଜ୍ଜାଜନକ ପରାଜୟ ଘଟିଥିଲା। ଅଧିକାଂଶ ଦେଶର ଟିମ୍ ଭଳି ଜର୍ମାନୀରେ ବହୁ ବର୍ଗ ବା ଜାତିର ଖେଳାଳି ଅଛନ୍ତି। ସ୍ପେନ ଜାପାନଠାରୁ ହାରିବା ପରେ ଜର୍ମାନୀ ଆଉ ନକ୍‌ଆଉଟ ସ୍ତରକୁ ଯାଇପାରିଲା ନାହିଁ। ଜର୍ମାନୀର ପାରମ୍ପରିକ ଲଢୁଆ ମନୋଭାବର ଅଭାବ ଯୋଗୁ ଏହା ଘଟିଲା ବୋଲି ଜର୍ମାନୀର ରୂଢ଼ିବାଦୀ ପଣ୍ଡିତଗଣ ଟିମ୍ ଉପରେ ଦୋଷ ଲଦିଲେ। ଚରମ ବାମପନ୍ଥୀ ଅଲଟରନେଟିଭେ ଫୁର ଡ୍ୟୁଚଲାଣ୍ଡ୍ ପାର୍ଟିର ସଦସ୍ୟମାନେ କହିଲେ ଯେ, ଟିମ୍ 'ୱାନ ଲଭ୍' ବ୍ୟାଣ୍ଡ୍ ହାତରେ ବାନ୍ଧିବା ପାଇଁ ଇଚ୍ଛା ପ୍ରକାଶ କରବା ଯାଗୁ ସେମାନଙ୍କ ଲଢୁଆ ମନୋଭାବ କମିଗଲା। ଏପରି କି ସବୁ ଜାତି ଓ ବର୍ଗର ଖେଳାଳିଙ୍କୁ ନେଇ ଗଠିତ ଜର୍ମାନୀ ଟିମର ଖେଳାଳିମାନେ ପକ୍କା ଜର୍ମାନ ହୋଇ ନ ଥିବାରୁ ଚରମ ବାମପନ୍ଥୀ ପରିସରରେ ଏହାକୁ ସମାଲୋଚନା କରାଯାଇଥିଲା।

ଜାତୀୟ ଟିମ୍‌ଗୁଡ଼ିକ ରାଷ୍ଟ୍ରବାଦୀ ଭେଦଭାବକୁ ଫିଫା ଭଳି ଏକ ପ୍ରକାର ପ୍ରଦର୍ଶନରେ ଉଜାଗର କରିବାରେ ଆଗ୍ରହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଦେଶର ଶାସକମାନେ ସେମାନଙ୍କ ପାର୍ଟି ଫ୍ଲାଗର ରଙ୍ଗକୁ ଦେଶର ଫୁଟବଲର ଜର୍ସିରେ ଆଚ୍ଛାଦିତ କରିବାକୁ ଚାହିଁଛନ୍ତି। ବାସ୍ତବରେ ଖେଳାଳିମାନେ ସାରା ୟୁରୋପରେ କ୍ଲବ ଟିମ୍‌ରେ ପରସ୍ପର ମଧ୍ୟରେ ଖୁବ୍ ସହଯୋଗୀ ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ସେମାନେ ବହୁ ଭାଷାରେ କଥା ହୁଅନ୍ତି ଓ ଖେଳ ବାହାରେ ସେମାନଙ୍କ ମଧ୍ୟରେ ନିବିଡ଼ ବନ୍ଧୁତ୍ୱ ବି ରହିଛି। କିନ୍ତୁ ଏହି ପ୍ରକାର ଚରମ ରାଷ୍ଟ୍ରବାଦ ସେମାନଙ୍କୁ ଅନୁପଯୁକ୍ତ ଖେଳାଳି କରିଦେଉଛି। ସେମାନେ ଅତ୍ୟନ୍ତ ଧନୀ ଓ ପ୍ରତିଷ୍ଠିତ ମଧ୍ୟ ; ଯେଉଁଥିପାଇଁ ଚରମ ବାମପନ୍ଥୀ ନେତାମାନେ ସେମାନଙ୍କୁ ଘୃଣା କରନ୍ତି। ଫୁଟ୍‌ବଲ ଷ୍ଟାର୍ ଖେଳାଳିମାନେ ଖୁବ୍ ସଚେତନ ଓ ସଂଗଠିତ, ବିଶ୍ୱକପ୍ କାହାକୁ ଆଉ ସଂଗଠିତ କରିବା ଆବଶ୍ୟକ ନାହିଁ। ତଥାପି ଫିଫା କାହିଁକି ତା ସ୍ଲୋଗାନ' ମନି ମେକ୍ସ ଦି ୱାର୍ଲ୍ଡ ଗୋ ରାଉଣ୍ଡ' (ଏ ଦୁନିଆ ଟଙ୍କାରେ ହିଁ ଚାଲେ)କୁ ଚୟନ କଲା ତାହା ଯେ କେହି ବୁଝିପାରିବେ।

**ପ୍ରତିଷ୍ଠିତ ଲେଖକ**

# ଜଳବାୟୁ ପରିବର୍ତ୍ତନ ଓ ପରିବହନ



ଅଭୟ କୁମାର ଦାସ

ପରିବହନ କ୍ଷେତ୍ରରେ ଆସିବ ବଡ଼ ସଂସ୍କାର। ଅଧିକ ଧୂଆଁ ଓ ପ୍ରଦୂଷଣ ନିର୍ଗତ କରୁଥିବା ପୁରୁଣା ଯାନବାହନ ରାସ୍ତାରୁ ହଟିବ। ପେଟ୍ରୋଲ, ଡିଜେଲ ଯେମିତି କମ୍ ବ୍ୟବହାର ଦ୍ୱାରା ଗାଡ଼ିଚାଳନା କରାଯିବ, ସେଥିପାଇଁ ଡ୍ରାଇଭରଙ୍କୁ ଦିଆଯିବ ତାଲିମ। ଅତ୍ୟଧିକ ପ୍ରଦୂଷଣ ଛାଡୁଥିବା ଗାଡ଼ିମୋଟର ଧରପଗଡ଼ ବ୍ୟାପକ ହେବ। ଖାଲି ସେତିକି ନୁହେଁ, ସମୟ ସହ ତାଳ ଦେଇ ପ୍ରଦୂଷଣ ରୋକିବାକୁ ଅଧିକ ସଂଖ୍ୟାରେ ଇଲେକ୍ଟ୍ରିକ ଓ ସିଏନ୍‌ଜି ବ୍ୟବହାରକାରୀ ଗାଡ଼ିମୋଟର ଗଡ଼ିବ। ଏ ନେଇ ଓଡ଼ିଶା ସରକାର ମେଗା ଯୋଜନା ପ୍ରସ୍ତୁତ କରିଛନ୍ତି। ୧୦ ବର୍ଷିଆ ଯୋଜନା ହୋଇଛି। ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବା ଲାଗି ପରିବହନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବା ଲାଗି ୨୪୫ କୋଟି ଟଙ୍କା ବ୍ୟୟ କରିବାକୁ ଯୋଜନା କରାଯାଇଛି।

ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ମହାବିପଦ ଡାକି ଆଣିଲାଣି। ଯେଉଁଭଳି ହାରରେ ପ୍ରଦୂଷଣ ବ୍ୟାପୁଛି, ଆଗକୁ ସ୍ଥିତି ଭୟାନକ ହେବ। ସହଯେ ଋତୁଚକ୍ର ମଧ୍ୟ ବଦଳିଗଲାଣି। ଉଦ୍ଭିଦଜଗତ ଓ ପ୍ରାଣୀ ପ୍ରଜାତି ମଧ୍ୟ ଏଥିରେ ଶିକାର ହୋଇ ଅନେକ ପ୍ରକୃତି କୋଳରୁ ହଜିବାକୁ ବସିଲେଣି। ଅନେକ ହୁଏତ ଜାଣି ନ ଥିବେ ପ୍ରଦୂଷଣ ବୃଦ୍ଧିରେ ସବୁଠୁ ବଡ଼ ଭୂମିକା ନେଇଛି ପରିବହନ କ୍ଷେତ୍ର। ହୁ ହୁ ହୋଇ ଯାନବାହନ ସଂଖ୍ୟା ବଢ଼ି ଚାଲିଥିବାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ବିଷାକ୍ତ ଗ୍ୟାସ ସ୍ତର ବଢ଼ି ଚାଲିଛି। ଯେଉଁ ହାରରେ ପ୍ରଦୂଷଣ ବଢ଼ୁଛି, ୨୦୩୫ ବେଳକୁ ସାରା ବିଶ୍ୱରେ ଯେତେ ପରିମାଣର ପ୍ରଦୂଷଣ ଥିବ, ତାହାର ୪୬ ଭାଗ କେବଳ ଯାନବାହନରୁ ନିର୍ଗତ ହେଉଥିବ। ଜଳବାୟୁ ପରିବର୍ତ୍ତନ ଆକ୍ସନପ୍ଲାନ ରିପୋର୍ଟ ମୁତାବକ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୭୪.୩୨ ଲକ୍ଷ ଯାନବାହନ ପଞ୍ଜୀକୃତ ହୋଇଥିଲା। ସେଥିରୁ ପ୍ରାୟ ୭୧ ଲକ୍ଷ ଗାଡ଼ିମୋଟର ଚଳାଚଳ କରୁଥିଲା। ୨୦୧୭-୨୦୧୮ରେ ୮.୬୬ ଲକ୍ଷ ନୂଆ ଯାନବାହନ ପଞ୍ଜୀକୃତ ହୋଇଥିଲା, ଯାହାକି ତା' ପୂର୍ବବର୍ଷ ତୁଳନାରେ ୧୯.୬୦% ଅଧିକ। ୨୦୨୦ ଓ ୨୦୨୧ରେ କରୋନା ମହାମାରୀ ଯୋଗୁ ଯାନବାହନ କିଣା କମିଯାଇଥିଲା। ମାତ୍ର ଚଳିତବର୍ଷରୁ ପୁଣି ଯାନବାହନ ବିକ୍ରିରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ରାଜ୍ୟ ସରକାରଙ୍କ ରିପୋର୍ଟ କହୁଛି, ରାଜ୍ୟରେ ଯେତିକି ଗାଡ଼ିମୋଟର ଚାଲୁଛି, ତା'ର ୮୧% କେବଳ ଦୁଇଚକିଆ ଯାନ। କାର ଆଦି ହାଲୁକା ମୋଟର ଯାନ ସଂଖ୍ୟା ପ୍ରାୟ ୭%। ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ସ୍ଥିତି ଅତି ଦୁର୍ବଳ। ବସ୍‌ର ଉପସ୍ଥିତି ମାତ୍ର ୪.୯%। ଏଥିରୁ ସ୍ପଷ୍ଟ ବ୍ୟକ୍ତିଗତ ଯାନବାହନ ଚଳାଚଳ ରାଜ୍ୟରେ କେତେ ଅଧିକ। ଯାତ୍ରୀ ପରିବହନ ବ୍ୟବସ୍ଥାରେ ବସ୍ ସଂଖ୍ୟା ଆବଶ୍ୟକତାଠାରୁ ଅତି ନଗଣ୍ୟ, ଯେଉଁଥିପାଇଁ ଲୋକେ ବସ୍ ଉପରେ ନିର୍ଭର ନ କରି ସବୁବେଳେ ନିଜ ବାଇକ୍, ସ୍କୁଟର କିମ୍ବା କାର ଚଳାଉଛନ୍ତି। ଯେତେ ଅଧିକ ଗାଡ଼ି ଗଡ଼ିବ, ସେତେ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବ, ସେତେ ଅଧିକ ପ୍ରଦୂଷଣ ବଢ଼ିବ। ଏହାକୁ ନଜରରେ ରଖି ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ଆକ୍ସନପ୍ଲାନରେ ପରିବହନ କ୍ଷେତ୍ରକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ପୁରୁଣା ଯାନବାହନକୁ ପର୍ଯ୍ୟାୟକ୍ରମେ ହଟାଇବା ପାଇଁ ସ୍ୱତନ୍ତ୍ର ସ୍କ୍ରାପ୍ ନୀତି କାର୍ଯ୍ୟକାରୀ କରାଯିବ। ୧୦ ବର୍ଷରେ ପ୍ରାୟ ୩୫ ଲକ୍ଷ ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଯିବ। ଏ ନେଇ ୬୦ କୋଟି ଟଙ୍କା ୧୦ ବର୍ଷରେ ବ୍ୟୟ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ ଇନ୍ଧନ ବ୍ୟୟ ପାଇଁ ଡ୍ରାଇଭରମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଏଥିପାଇଁ ୧୦ ବର୍ଷରେ ୩ ଲକ୍ଷ ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦିଆଯିବ।

ପ୍ରଦୂଷଣ ଛାଡୁଥିବା ଗାଡ଼ିମୋଟରକୁ ଧରିବା ପାଇଁ କଠୋର ଧରପଗଡ଼ ହେବ। ଅଧିକ ଧରପଗଡ଼ ପାଇଁ ରାଜ୍ୟବ୍ୟାପୀ ସ୍କ୍ୱାଡ୍ କାର୍ଯ୍ୟ କରିବ। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଅତି କଠୋର ଭାବେ କାର୍ଯ୍ୟକାରୀ କରାଯିବ। ଏ ଦିଗରେ ୧୦ ବର୍ଷରେ ୧୦୦ କୋଟି ବ୍ୟୟ ହେବ। ଅଧିକ ସଂଖ୍ୟାରେ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ଖୋଲିବ। ଇ-ରିକ୍ସା, ଇଲେକ୍ଟ୍ରିକ ଯାନ ଓ ସିଏନ୍‌ଜିଚାଳିତ ଗାଡ଼ିମୋଟର ଚଳାଚଳକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବେ। ଅବଶ୍ୟ ଇ-ଯାନ ନୀତିକୁ କାର୍ଯ୍ୟକାରୀ କରିବାରେ ସରକାର ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଇ-ଯାନ ପାଇଁ ସରକାର ସବ୍‌ସିଡି ମଧ୍ୟ ଦେଉଛନ୍ତି। ଟିକସ ହ୍ରାସ ପାଇଁ ପଦକ୍ଷେପ ନିଆଯାଉଛି। ଏଭଳି ଭାବେ ୧୦ ବର୍ଷରେ ଏ କ୍ଷେତ୍ରରେ ୪୦ କୋଟି ଟଙ୍କା ବିନିଯୋଗ ପାଇଁ ସରକାର ଯୋଜନା କରିଛନ୍ତି। ସମୟ ଆସିଯାଇଛି ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟାପକ କରିବାକୁ ହେବ। ପ୍ରତି ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ପ୍ରମୁଖ କାରଖାନାକୁ ବସ୍ ସେବା ଯୋଡ଼ିବାକୁ ହେବ। ଅଧିକରୁ ଅଧିକ ଇ-ଯାନକୁ ପ୍ରୋତ୍ସାହନ ଦିଆଯିବା ଜରୁରୀ।

**ଗୋତରା, ମାହାଙ୍ଗା, କଟକ**
**ମୋ: ୯୪୩୭୧୪୨୭୧୭**

## ଏଇ ଭାରତରେ

ଜଣେ ଦିନ ମଜୁରିଆଙ୍କ ପରିବେଶ ସଂରକ୍ଷଣଭିତ୍ତିକ କାର୍ଯ୍ୟ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। କେରଳର ଏହି ବ୍ୟକ୍ତି ଜଣକ ହେଉଛନ୍ତି ସି. ସି. କାନ୍ନନ। ସେ ରହୁଛନ୍ତି ଏର୍ନାକୁଲମର ଇଷ୍ଟ ମାରାଡି ଅଞ୍ଚଳରେ। କାନ୍ନନ ଦୀର୍ଘ ୨୫ ବର୍ଷ ହେଲା ସ୍କୁଲ, ରାସ୍ତାକଡ଼ ଏବଂ ପଡ଼ିଆ ରହିଥିବା ଜମିରେ ବୃକ୍ଷରୋପଣ କରିଆସିଛନ୍ତି। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ସେ ବିଭିନ୍ନ ଫୁଲ ଓ ଫଳଗଛ ମଧ୍ୟ ଲଗାଉଛନ୍ତି। ଏଥିପାଇଁ ତାଙ୍କୁ ସବୁଜ ଯୋଦ୍ଧା ଭାବେ ପୁରସ୍କୃତ କରାଯାଇଛି। ସେ ପ୍ରଥମେ ୫୦ଟି ଗଛ ରାସ୍ତାକଡ଼ରେ ଲଗାଇ ତାଙ୍କ ବୃକ୍ଷରୋପଣ ଅଭିଯାନ ଆରମ୍ଭ କରିଥିଲେ ଓ ସେବେଠାରୁ ସେ ଗଛ ଲଗାଇବା ଜାରି ରଖିଛନ୍ତି। ପ୍ରତିଦିନ ବଡ଼ି ଭୋରୁ ସେ ଏହି କାର୍ଯ୍ୟରେ ବାହାରିପଡ଼ନ୍ତି। ମାଠିଆରେ ପାଣି ଭରନ୍ତି । ପ୍ରଥମେ ପୂର୍ବରୁ ଲଗାଇଥିବା ଗଛରେ ପାଣି ଦିଅନ୍ତି ଓ ପରେ ଅନ୍ୟ ଗଛ ରୋପଣ କରିବା ପରେ ତାଙ୍କ କାମକୁ ବାହାରି ଯାଆନ୍ତି। ଦିନ ମଜୁରିଆ ଭାବେ ଯାହା ରୋଜଗାର କରୁଛନ୍ତି ତାହାର ଏକ ସିଂହଭାଗ ସେ ଏଥିରେ ବ୍ୟୟ କରୁଛନ୍ତି। ଏବେ ତାଙ୍କୁ ଅନ୍ୟ ଜିଲାର ସ୍କୁଲଗୁଡ଼ିକରେ ଗଛ ଲଗାଇବା ଲାଗି ଡାକରା ଆସୁଛି ଓ ସେ ସେଠାରେ ଗଛ ଲଗାଇ ଖୁସି ଅନୁଭବ କରୁଛନ୍ତି ବୋଲି କହନ୍ତି କାନ୍ନନ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୯୭

- ରୁଷିଆ ପରିବହନ ସାମରିକ ବିମାନ ସାଇବେରିଆର ଇରଖଟସ୍କ ନଗରୀରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୮୦ ମୃତ।
- ଦକ୍ଷିଣ ଆଫ୍ରିକାର ପୂର୍ବାଞ୍ଚଳ କେପ୍ ପ୍ରଦେଶରେ ଗୋଟିଏ ବସ୍ ଓ ଡେଲିଭରି ଭ୍ୟାନ୍ ମଧ୍ୟରେ ଧକ୍କା ଲାଗିବା ଫଳରେ ୧୬ ଜଣଙ୍କ ମୃତ୍ୟୁ।
- ଇଣ୍ଡୋନେସିଆର ସେଣ୍ଟ୍ରାଲ ବ୍ୟାଙ୍କ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୪ ଜଣଙ୍କ ପ୍ରାଣହାନୀ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 2 | 7 | | |
| | 4 | | 6 | 3 | | 8 | | |
| 8 | | | | | | | 3 | 4 |
| | | | | 7 | 6 | | | |
| | 1 | 3 | | 2 | | | | |
| | 5 | | | | | 1 | | |
| | | | | | 1 | | 9 | 5 |
| | | 6 | | | | | | |
| | 2 | | 3 | | 4 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 5 | 1 | 3 | 2 | 8 | 4 | 6 |
| 2 | 6 | 4 | 9 | 8 | 5 | 7 | 3 | 1 |
| 1 | 8 | 3 | 7 | 6 | 4 | 9 | 5 | 2 |
| 5 | 7 | 2 | 3 | 1 | 6 | 4 | 8 | 9 |
| 8 | 1 | 6 | 4 | 7 | 9 | 5 | 2 | 3 |
| 4 | 3 | 9 | 2 | 5 | 8 | 6 | 1 | 7 |
| 3 | 4 | 7 | 5 | 9 | 1 | 2 | 6 | 8 |
| 9 | 2 | 8 | 6 | 4 | 3 | 1 | 7 | 5 |
| 6 | 5 | 1 | 8 | 2 | 7 | 3 | 9 | 4 |

ଗତକାଲିର ଉତ୍ତର

# ମହାସମାଧି ଦିବସର ପ୍ରତିଶ୍ରୁତି



ବିମଳ ପ୍ରସନ୍ନ ଦାସ

ଡିସେମ୍ବର ୯, ୧୯୫୦ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ମହାସମାଧି ଦିବସ। ଯଦିଓ ଡିସେମ୍ବର ୫ ରେ ଦେହତ୍ୟାଗ କଲେ, ସେ ମହାନ୍ ଆତ୍ମାଙ୍କର ମହାସମାଧି ୯ ତାରିଖରେ ଅର୍ଥାତ୍ ଦେହାବସାନର ୫ମ ଦିବସରେ ଅନୁଷ୍ଠିତ ହେଲା। ସେଦିନ ଦିବ୍ୟ ଜନନୀ ଶ୍ରୀମା ଯେଉଁ ଅନୁପମ ବାର୍ତ୍ତା ଦେଇଥିଲେ ତାହା ସମଗ୍ର ମାନବ ଜାତି ପାଇଁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ତା' ହେଉଛି ''ତୁମେ ଯେ କି ଭଗବାନଙ୍କ ଭୌତିକ ଆଚରଣ ଥିଲ, ତୁମ ଚରଣରେ ଆମେମାନେ ଅପାର କୃତଜ୍ଞତା ନିବେଦନ କରୁଛୁ। ତୁମେ ଯେ କି ଆମମାନଙ୍କ ପାଇଁ ଏତେ କିଛି କରିଛ, ଏତେ କଷ୍ଟ ସହିଛ, ଏତେ ଆଶା କରିଛ, ଏତେ ସହ୍ୟ କରିଛ, ତୁମେ ଯେ କି ଆମମାନଙ୍କ ନିମିତ୍ତ ସବୁକିଛି ସଂକଳ୍ପ କରିଛ, ପ୍ରସ୍ତୁତ କରିଛ, ତୁମ ସମ୍ମୁଖରେ ଆମେମାନେ ଏହି ପ୍ରାର୍ଥନା କରୁଛୁ ଯେ ଏକ ମୁହୂର୍ତ୍ତ ନିମିତ୍ତ ଯେପରି ଆମେମାନେ କେବେ ଭୁଲି ନ ଯାଉ ଯେ ତୁମ ପାଖରେ ଆମ୍ଭେମାନେ ସବୁକିଛି ନିମିତ୍ତ କେତେ ଋଣୀ।''

ମରଣ ମୁଖ୍ୟ ମଣିଷକୁ ଅମରତ୍ୱର ସନ୍ଦେଶ ଦେବାପାଇଁ ଶ୍ରୀଅରବିନ୍ଦ ଅଭିପ୍ରେତ। ଧୂଳିମାଟିର ଧରିତ୍ରୀରେ ଅନାସ୍ୱାଦିତ ଅମୃତର ଜାହ୍ନବୀ ଧାରା ସେ ସାରିତ କରିଯାଇଛନ୍ତି। ଶ୍ରୀମା'ଙ୍କ ଶାଶ୍ୱତ ବାର୍ତ୍ତାର ପ୍ରଚାର, ପ୍ରସାର ଓ ପ୍ରତ୍ୟୟ ଉଦ୍ଦେଶ୍ୟରେ ଗାଁ ଗହଳିରୁ ସହର ପର୍ଯ୍ୟନ୍ତ- ଏପରି କି ଆଦିବାସୀ ଅଞ୍ଚଳରେ ପାଠଚକ୍ର ପ୍ରତିଷ୍ଠା ହୋଇଅଛି। ସମୁଦାୟ ୧୬,୩୮୧ ଶ୍ରୀଅରବିନ୍ଦ ପାଠଚକ୍ର ଏ ଦିଗରେ କାର୍ଯ୍ୟକରୁଛି। ସେଥିରେ ରହିଛି ଶ୍ରୀଅରବିନ୍ଦ ସ୍ୱତନ୍ତ୍ର ମହିଳା ପାଠଚକ୍ର ୨୧୯୬ ଓ ଶ୍ରୀଅରବିନ୍ଦ ଛାତ୍ର ସମାଜ ୧୦୧୩, ୬୧୪ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର। ୭୩ଟି ସ୍ଥାନରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପିତ ହୋଇଛି। ବିଶେଷତଃ ପାଠଚକ୍ରଗୁଡ଼ିକ ଯଥାର୍ଥରେ ପୂର୍ଣ୍ଣଯୋଗ ସାଧନାର ବଳିଷ୍ଠ ମାଧ୍ୟମ ଓ ସୁଦୃଢ ଭିତ୍ତିଭୂମି। ଅତିମାନସ ଜୀବନର ଜନ୍ମବେଦୀ ଓ ଅନ୍ତୁଡ଼ିଶାଳ।

ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଟ୍ରଷ୍ଟ ଆନୁକୂଲ୍ୟରେ ମାତୃବିହାର ଖଣ୍ଡଗିରି ପରିସରରେ ଏହି ମହାସମାଧି ଦିବସ ଡିସେମ୍ବର ୯ ତାରିଖଠାରୁ ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନ ରାଜ୍ୟସ୍ତରୀୟ ପାଠଚକ୍ର ସମ୍ମିଳନୀ ୧୯୯୪ମସିହାରୁ ବାବାଜୀ ମହାରାଜ ଶ୍ରୀରାମକୃଷ୍ଣ ଦାସଙ୍କ ପ୍ରେରଣାରେ ଅନୁଷ୍ଠିତ ହୋଇଆସୁଛି। ଅନୁରୂପ ଭାବରେ କଟକ ମାତୃଭବନରେ ଏପ୍ରିଲ ମାସ ୪ ରୁ ୭ ପର୍ଯ୍ୟନ୍ତ ଶତ ୪୯ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି ଏବଂ ନିଖିଳ ଉତ୍କଳ ମହିଳା ପାଠଚକ୍ର ସମ୍ମିଳନୀ ପ୍ରତିବର୍ଷ ବିଭିନ୍ନ ଜିଲା ମହକୁମାରେ ଗତ ୩୭ ବର୍ଷଧରି ଜାନୁୟାରୀ ୨୪ ତାରିଖରୁ ୨୭ ତାରିଖ ଯାଏ ତିନିଦିନ ସଙ୍ଗଠିତ ହେଉଛି।

୧୯୧୦ ଏପ୍ରିଲ ୪ ରେ ଏକଦା ଋଷି ଅଗସ୍ତ୍ୟଙ୍କ ତପୋକ୍ଷେତ୍ର ପଣ୍ଡିଚେରୀରେ କାରାମୁକ୍ତି ପରେ ଶ୍ରୀଅରବିନ୍ଦ ପଦାର୍ପଣ କଲେ। ଆରମ୍ଭ ହେଲା ମାନବ ଜାତିର ଇତିହାସରେ ଏକ କ୍ରାନ୍ତିକାରୀ ଆଧାତ୍ମିକ ଯୋଗ ସାଧନାର ନୂତନ ଅଧ୍ୟାୟ। ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ସମଗ୍ର ଜୀବନ ହିଁ ଯୋଗ ଓ ସମଗ୍ର ଜୀବନ ମଧ୍ୟ ଶିକ୍ଷା। ଯୋଗ ଓ ଶିକ୍ଷା ତାଙ୍କ ଦିବ୍ୟ ଦୃଷ୍ଟିରେ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ଯୋଗ ହିଁ ଭାରତୀୟ



ଜୀବନ ଚର୍ଯ୍ୟା, ଜୀବନ ବୋଧ, ଜୀବନଚେତନା, ଜୀବନଧାରାର ଭିତ୍ତିଭୂମି ଏବଂ ପ୍ରାଣକେନ୍ଦ୍ର। ଯୋଗର ସାଧାରଣ ଅର୍ଥ ମିଳନ। ଶରୀର ସହିତ ମନର, ମନ ସହିତ ପ୍ରାଣର ଏବଂ ଶରୀର, ପ୍ରାଣ, ମନ ସହିତ ଆତ୍ମାର ଏବଂ ସର୍ବୋପରି ଆତ୍ମା ସହିତ ପରମାତ୍ମାଙ୍କ ମିଳନ ହିଁ ଯୋଗର ଆଭିମୁଖ୍ୟ। ଏହି ଲକ୍ଷ୍ୟ ନେଇ ଯୋଗ ଭାରତୀୟ ଜୀବନ ଧାରାକୁ ଆଲୋକିତ ଓ ଅନୁପ୍ରେରିତ କରି ଆସିଛି। ଜୀବନର ରଣାଙ୍ଗନରେ ଯୋଗ ହିଁ ଅଜେୟ ଆୟୁଧ ଭାବରେ ସ୍ୱୀକୃତ ହୋଇଛି। ଏହାର ଅମ୍ଳାନ ଆଲୋଚ୍ୟ ବିଶ୍ୱର ମହାକାବ୍ୟ ମହାଭାରତ। ଜୀବନର ଅର୍ଥ ଓ ଆବେଦନ ବୁଝିବା ପାଇଁ ତୃତୀୟ ପାଣ୍ଡବ ମହାବୀର ଅର୍ଜୁନଙ୍କୁ ମହାସମର କୁରୁକ୍ଷେତ୍ରରେ ଯୋଗାରୂଢ଼ ହେବାକୁ ହୋଇଛି। ସ୍ୱୟଂ ପରଂବ୍ରହ୍ମ ଶ୍ରୀକୃଷ୍ଣ ମଧ୍ୟ ଯୋଗାରୂଢ ହୋଇଛନ୍ତି। ଭୟଙ୍କର ରଣାଙ୍ଗନରେ ଯୋଗର ଅବବୋଧର ଅବତାରଣା ଅନିବାର୍ଯ୍ୟ ହୋଇଛି। ସାଧାରଣ ଜୀବନଧାରା ଏହି ଯୋଗର ଭିତ୍ତିଭୂମି ଉପରେ ଅବଧାରିତ ହୋଇଛି। ସେହି ଯୋଗଶକ୍ତି ବଳରେ ବିଶ୍ୱର ଶ୍ରେଷ୍ଠ ଧନୁର୍ଦ୍ଧର ଅର୍ଜୁନ ନିଜର ସସୀମତାକୁ ଦେଖିବା ସଙ୍ଗେ ସଙ୍ଗେ ସୃଷ୍ଟି ତଥା ସ୍ରଷ୍ଟାଙ୍କର ଅସୀମତାକୁ ସ୍ପର୍ଶ କରିବା ପାଇଁ ସମର୍ଥ ହୋଇଛନ୍ତି।

ଏହି ପରିପ୍ରେକ୍ଷୀରେ, ଧୂଳିକଣାରେ ଯଦି ପୃଥିବୀକୁ ପ୍ରତ୍ୟକ୍ଷ କରିହୁଅନ୍ତା, ବଣଫୁଲଟି ଭିତରେ ସ୍ୱର୍ଗର ସୁଷମାକୁ ଦେଖି ହୁଅନ୍ତା, ଅସୀମକୁ ହାତମୁଠାରେ ଧରି ହୁଅନ୍ତା ଏବଂ ଗୋଟିଏ ମୁହୂର୍ତ୍ତ ମାଧ୍ୟମରେ ଶାଶ୍ୱତଙ୍କୁ ଉପଲବ୍ଧି କରି ହୁଅନ୍ତା, ତାହାହେଲେ ମହାଯୋଗୀ ଶ୍ରୀଅରବିନ୍ଦଙ୍କୁ ଭାଷାରେ ବର୍ଣ୍ଣନା କରି ହୁଅନ୍ତା। ବିଶ୍ୱଭଳି ସେ ବିଶାଳ। ସୀମାହୀନ ତାଙ୍କର ଦୃଷ୍ଟି ଓ ଦର୍ଶନ, ଏକ ଯୁଗାନ୍ତକାରୀ ଚେତନା - ଏକ କ୍ରାନ୍ତିର ଦିଗନ୍ତ। ସ୍ଥାନ, କାଳ, ପାତ୍ରର ସେ ଅଧୀନ ନୁହନ୍ତି। ଏକାଧାରରେ ସେ ବିଶ୍ୱଗତ ଓ ବିଶ୍ୱାତୀତ। ଯୁଗ ଯୁଗ ଧରି ବିଶ୍ୱାସ ଓ ବାସ୍ତବତା, ଈଶ୍ୱର ଓ ସଂସାର ଭିତରେ ଯେଉଁ ଦ୍ୱନ୍ଦ୍ୱ ଓ ସଂଘାତ ରହିଛି ସେ ତା'ର ଜଣେ ସାର୍ଥକ ସଂଯୋଜକ। ଉଭୟର ଅଭୂତପୂର୍ବ ସମନ୍ୱୟରେ ରହିଛି ତାଙ୍କ କାଳଜୟୀ କୃତି 'ଦିବ୍ୟ ଜୀବନ' ଗ୍ରନ୍ଥ ଏବଂ ପ୍ରେମ ଓ ମୃତ୍ୟୁର ମହାକାବ୍ୟ 'ସାବିତ୍ରୀ'। ସେହିପରି ତାଙ୍କ ରଚନା ମଧ୍ୟରେ 'ଯୋଗ ସମନ୍ୱୟ' (ସିନ୍‌ଥେସିସ ଅଫ ଯୋଗ), ମାନବ ଯୁଗଚକ୍ର (ହ୍ୟୁମାନ ସାଇକ୍ଲ), ଭାରତୀୟ ସଂସ୍କୃତିର ମୂଳାଧାର, (ଫାଉଣ୍ଡେସନ ଅଫ ଇଣ୍ଡିଆନ କଲ୍ଚର), ବେଦ, ଉପନିଷଦ, ଗୀତା ନିବନ୍ଧମାଳା (ଏସେଜ ଅନ ଗୀତା) ସ୍ୱତନ୍ତ୍ର ଆସନ ଦାବି କରେ। ସେ ବାସ୍ତବତଃ ଏକ ବ୍ୟାଖ୍ୟାତୀତ ବିସ୍ମୟ। ବିଶ୍ୱକବିଙ୍କ ଭାଷାରେ ''ଭାରତ ଆତ୍ମାର ବାଣୀ ମୂର୍ତ୍ତି ତୁମେ''।

ଶ୍ରୀଅରବିନ୍ଦ ବ୍ରହ୍ମ, ଜୀବନ ଓ ଜଗତ ସବୁକୁ ସତ୍ୟର ସ୍ୱରୂପ ଭାବରେ ପ୍ରତିଷ୍ଠିତ କରିଛନ୍ତି। କାରଣ ଜୀବନ ଓ ଜଗତର ସୃଷ୍ଟି ଆନନ୍ଦରୁ ଏବଂ ଆନନ୍ଦମୟତା ଭିତରେ ହିଁ ତା'ର ବିବର୍ତ୍ତନଶୀଳ ବିକାଶ। ତାଙ୍କ ଦିବ୍ୟ ଦୃଷ୍ଟିରେ ମଣିଷ ଏକ ଅବଗୁଣ୍ଠିତ ଦେବତା। ତେଣୁ ରୂପାନ୍ତରିତ ମଣିଷ ଜାତିର ଅଭ୍ୟୁଦୟ ବିବର୍ତ୍ତନର ଅନ୍ତିମ ଲକ୍ଷ୍ୟ। ଏ ପୃଥିବୀ ଦିନେ ଦେବମାନବ ଦ୍ୱାରା ଅଧୁଷିତ ହେବ। ଏହା ତାଙ୍କର ନିଶ୍ଚିତ ପ୍ରତିଶ୍ରୁତି। ଏତିକି ଆଜିର ବସ୍ତୁବାଦୀ ଜଗତ ଓ ଭୋଗବାଦୀ ମଣିଷଙ୍କୁ ଅମୃତାୟିତ କରୁ। ଏହା ହିଁ ପବିତ୍ର ମହାସମାଧି ଦିବସରେ ପ୍ରାର୍ଥନା।

**ମୋ :୯୪୩୮୧୮୬୨୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ଧାନଚାଷୀଙ୍କ ସମସ୍ୟା

ମହାଶୟ,

ରାଜ୍ୟରେ କେଉଁଠି ଧାନକଟା ଆରମ୍ଭ ହୋଇଗଲାଣି ତ ପୁଣି କେଉଁଠି ଧାନ ବାହାରିସାରିଲାଣି ତ ଆଉ ପଛରେ ଚାଷବାଲାଙ୍କର ଧାନ ବାହାରିବ ବାହାରିବ ହେଲାଣି। ଲୋକେ ଏବେ ବିଲ ମୁହାଁ। ସାପ୍ତାହିକ ହାଟଗୁଡ଼ିକରେ ଲୋକ କମିଯିବା ସଙ୍ଗେ ସଙ୍ଗେ କିଣାବିକା କମିଗଲାଣି। ଉଚ୍ଚା ଦରରେ ସରକାର ଚାଷୀଠାରୁ ଧାନ କିଣିବା ପରେ ପରେ ଡେରିରେ ଜାଣୁଥିବା ଚାଷୀଙ୍କ ପଞ୍ଜୀକରଣ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇଚାଲିଛି। ଆନ୍ଧ୍ର ଓ ବେଙ୍ଗଲ ଧାନ ବେପାରୀଙ୍କ ଠକାମିରୁ ମୁକ୍ତି ମିଳିଛି। ଦିନେ ଧାନଚାଷକୁ ନାକଟେକୁଥିବା ଚାଷୀ ମୋଟରସାଇକେଲ, ମୋବାଇଲ ଫୋନ୍ ଓ ଏଟିଏମ୍ ବ୍ୟବହାର କଲେଣି। ବୀମା କମ୍ପାନୀର ଏଜେଣ୍ଟ ନୂଆ ପଲିସି ଓ ପ୍ରିମିୟମ ରାଶି ଭରିବା ପାଇଁ ଚାଷୀଙ୍କୁ ଖୋଜି ଖୋଜି ବିଲ୍ ଧରିଯାଉଛନ୍ତି। ସରକାରଙ୍କ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ମଣ୍ଡିରେ ଅଦିନ ମେଘରେ ଧାନ ଭିଜିବା ଓ ବର୍ଷା କାକର ଖରା ସହି ରାତି ରାତି ଧାନକୁ ଜଗିବାକୁ ପଡ଼ିଥାଏ। କଟ୍‌ନି ଝଟ୍‌ନି ଚାଷୀର ହୃଦୟ ଦୋହଲାଇ ଦେଇଥାଏ। ହାତୀ ଉପଦ୍ରବ ମଧ୍ୟ କିଛି କମ୍ ନୁହେଁ। କାଳିଆ ସାହାଯ୍ୟ ଅନୁଦାନ ରାଶି ଆଉ ଏକ ହଜାର ଟଙ୍କାକୁ ବୃଦ୍ଧି କରାଗଲେ ଭଲ ହୁଅନ୍ତା।

**-ମନୋରଞ୍ଜନ ପାତ୍ର, ସୁନାହାଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ ପାରେ ତୁମ ସାଥିରେ ଉଡି
ବେଦନା ତଳେ ଯାଇଛି ବୁଡ଼ି
ପବନ ତାକୁ ଠକିଲା ଆଜି
ସ୍ୱପନ ଏବେ ଦେଲା ଘଉଡି।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କାଦୁଅରେ ଫସିଲେ ୨ ହାତୀ

**ବାରିପଦା ଅଫିସ/ କୁଳିଅଣା,୮।୧୨(ଡି.ଏନ.ଏ.)**


ଡଗ୍‌ୱେଲ ଭିତରେ ଫସି ରହିଥିବା ୨ ହାତୀ।

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ କାଠରୁମା ଦେହୁରୀସାହିର ଏକ ପରିତ୍ୟକ୍ତ ଡଗ୍‌ୱେଲ ଭିତରେ ଖସି ପଡ଼ିଥିବା ୨ହାତୀ ଉଦ୍ଧାର ପାଇଛନ୍ତି। ଗ୍ରାମବାସୀ, ବନବିଭାଗ ଓ ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ୮ ଘଣ୍ଟା ପରେ ହାତୀ ଦୁଇଟି ସୁରକ୍ଷିତ ଭାବେ ଉଦ୍ଧାର ପାଇ ହାତୀପଲରେ ମିଶିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୨ଟାରେ ୩୫ଟିକିଆ ହାତୀପଲ ଧାନ ଖାଇବାକୁ ବିଲରେ ପଶିଥିଲେ। ଏହି ହାତୀପଲ ମଧ୍ୟରୁ ୬ଟି ହାତୀ ଶିମିଳିପାଳ ସନ୍ନିକଟ ବାରିପଦା ରେଞ୍ଜ ଅଧୀନ ହଳଦୀବଣି ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ କାଠରୁମା ଗ୍ରାମର ସାଧୁ ମୁର୍ମୁଙ୍କ ବିଲରେ ଥିବା ଏକ ପରିତ୍ୟକ୍ତ ଡଗ୍‌ୱେଲ ମଧ୍ୟରେ ଖସିପଡ଼ିଥିଲେ। ୪ଟି ହାତୀ କୌଶଳକ୍ରମେ ଉଠିଯାଇଥିଲେ। ମାତ୍ର ଗୋଟିଏ ଦନ୍ତା ଓ ଅନ୍ୟ ଏକ ହାତୀ ଶାବକ ଉଠି ପାରି ନ ଥିଲେ। ଦୀର୍ଘସମୟ ପର୍ଯ୍ୟନ୍ତ କାଦୁଅରେ ଫସି ରହିଥିଲେ। ଗୁରୁବାର ସକାଳେ ଚାନ୍ଦୁଆ ଅଗ୍ନିଶମ ବିଭାଗ ଓ ବାରିପଦା ରେଞ୍ଜର ଲକ୍ଷ୍ମୀଧର ବେହେରା ସଦଳବଳ ପହଞ୍ଚି ହାତୀ ଦୁଇଟିକୁ ଉଦ୍ଧାର କରିବା ପାଇଁ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଥିଲେ। ଡଗ୍‌ୱେଲ ହିଡ଼ ଧାରରେ କାଠ ଓ ତାଳପତ୍ର ପକାଇବା ପରେ ହାତୀ ଦୁଇଟି ଉପରକୁ ଉଠି ପାରିଥିଲେ।

ଉଲ୍ଲେଖଯୋଗ୍ୟ, କିଛି ଦିନ ହେଲା ହାତୀପଲ ଅଞ୍ଚଳରେ ପାଚିଲା ଧାନ ଓ ପରିବା କ୍ଷେତରେ ପଶି ବ୍ୟାପକ କ୍ଷତି କରୁଛନ୍ତି। ବିଭାଗୀୟ କର୍ମଚାରୀ ଅଭାବରୁ ହାତୀ ସୁରକ୍ଷାରେ ଅସୁବିଧା ହେଉଥିବା ବେଳେ ଲୋକେ ହାତୀ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି। ନିକଟରେ ହାତୀ ସୁରକ୍ଷା ନେଇ ୩ ରାଜ୍ୟର ଅଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ହୋଇଛି। ତୃଣମୂଳସ୍ତରରୁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ନେଇ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସଂକ୍ରାନ୍ତରେ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଗତ ୧୦ବର୍ଷ ମଧ୍ୟରେ ୮ରୁ ଊର୍ଦ୍ଧ୍ୱ ହାତୀ ପରିତ୍ୟକ୍ତ କୂଅରେ ପଡ଼ି ପ୍ରାଣ ହରାଇଛନ୍ତି। ତତ୍କାଳୀନ ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକଙ୍କୁ ପରିତ୍ୟକ୍ତ ଡଗ୍‌ୱେଲ ତଥା କୂଅଗୁଡ଼ିକ ପୋତିବା ସହିତ ଖାଲଖମା ସମତଳ କରିବା ଆବଶ୍ୟକତା ରହିଛି ବୋଲି ସେ ଦର୍ଶାଇଥିଲେ। ମାତ୍ର ହାତୀ ସୁରକ୍ଷା ପ୍ରତି ସରକାର ଅଣଦେଖା କରୁଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେବେ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଜଳାଶୟଗୁଡ଼ିକର ଚତୁଃପାର୍ଶ୍ୱରେ ବ୍ୟାରିକେଡ କରାଗଲେ ହାତୀ ସୁରକ୍ଷିତ ରହିପାରିବେ ବୋଲି ସେ କହିଛନ୍ତି।

### ବିପଦ ସାଜିଛି ପରିତ୍ୟକ୍ତ ଡଗ୍‌ୱେଲ

# ଋଷିକୁଲ୍ୟାରେ ବୁଡ଼ିଗଲେ ମହିଳା

**ପୁରୁଷୋତ୍ତମପୁର,୮।୧୨(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଷୋଳଘର ଗ୍ରାମରେ ଗୁରୁବାର ଋଷିକୁଲ୍ୟା ନଦୀରେ ବୁଡି ଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭାଷୀ ଦାସ (୪୮)। ଘଟଣାରୁ ଜାଣିବାକୁ ମିଳିଛି ଭାଷୀ ସକାଳେ ଗାଧୋଇବାକୁ ଋଷିକୁଲ୍ୟା ନଦୀକୁ ଯାଇଥିବା ବେଳେ ଗୋଡ ଖସିଯିବା ହେତୁ ପାଣିରେ ବୁଡିଯାଇଥିଲେ। ଏହା ଦେଖି ପାଖରେ ଥିବା ଲୋକେ ଆସି ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ପୁରୁଷୋତ୍ତରପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ କର୍ମଚାରୀମାନେ ନଦୀରୁ ମହିଳାଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା (ନଂ. ୨୭/୨୨)ରୁଜୁ କରି ତଦନ୍ତ ଚଳାଇଛି।

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ହତ୍ୟା

**ଠାକୁରମୁଣ୍ଡା,୮।୧୨(ଡି.ଏନ.ଏ.)**

- ୨୭ ଦିନ ପରେ ପଥର ଖୋଲରୁ ମିଳିଲା ମୃତଦେହ
- ୪ ଅଭିଯୁକ୍ତ ଗିରଫ

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ସଲେଇବେଡ଼ା ଗ୍ରାମରୁ ନିଖୋଜ ଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ୨୭ ଦିନ ପରେ ଗୁରବାର ଗ୍ରାମ ନିକଟସ୍ଥ ପାହାଡ଼ର ପଥର ଖୋଲରୁ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ସଲେଇବେଡ଼ା ଗ୍ରାମର ବାନ୍ଧୁ ବାଲମୁଚୁ, ଶ୍ୟାମ ସିଂ ସୟ, ଘନ ବାଲମୁଚୁ ଓ ଦୀନବନ୍ଧୁ ବାଲମୁଚୁ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ଲାଛୁ ବିରୁଆଙ୍କ ସ୍ତ୍ରୀ କାଇରି (୫୦) ଗତ ନଭେମ୍ବର ୧୧ ତାରିଖରେ ଗ୍ରାମଠାରୁ ପ୍ରାୟ ୩ କି.ମି. ଦୂର ହାତୀଗୋଡ଼ା ସାପ୍ତାହିକ ହାଟକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ବାଟରେ ଗାଁ ପାଖ ଛକ ନିକଟରେ ଜଗି ରହିଥିବା ଅଭିଯୁକ୍ତମାନେ ତାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲେ। ପରେ ମୃତଦେହକୁ ମଶାରି ଗୁଡ଼ାଇ ଭାର କରି ନିକଟରେ ଥିବା ଟିରିଂବୁରୁ ପାହାଡ଼ର ପ୍ରାୟ ୨୦୦ ମିଟର ଉଚ୍ଚରେ ଥିବା ପଥର ଖୋଲ ଭିତରେ ଫିଙ୍ଗିଦେଇ ଆସିଥିଲେ। କାଇରି ନିଖୋଜ ହେବାର ୮ ଦିନ ପରେ ତାଙ୍କ ପୁଅ ଜଗା ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୪୧/୨୨)ରୁଜୁ କରିଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ, ଠାକୁରମୁଣ୍ଡା ଥାନା ଆଇଆଇସି ରାଞ୍ଜୁ ହସିନା କୁଲୁ, ଏସ୍‌ଆଇ କ୍ରିସାନ୍ତ କ୍ରିସୁଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଆଇଆଇସି କୁଲୁ ସୂଚନା ଦେଇଛନ୍ତି।

# ଟିଟିଲାଗଡ଼ ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୮।୧୨ (ଡି.ଏନ୍.ଏ.)**

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା


ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଖରେ ଥିବା ରେଞ୍ଜର ଶିବପ୍ରସାଦ ନାଏକଙ୍କ ଘର।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବଲାଙ୍ଗୀର ବନଖଣ୍ଡ ଅଧୀନ ଟିଟିଲାଗଡ ରେଞ୍ଜର ଶିବ ପ୍ରସାଦ ନାଏକଙ୍କ ଘର ସମେତ ୪ଟି ସ୍ଥାନରେ ଗୁରୁବାର ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଥିଲେ। ବଲାଙ୍ଗୀର କଲେଜ ଛକ ନିକଟ ତାଙ୍କ ଦ୍ୱିମହଲା ବିଶିଷ୍ଟ ଘର ସମେତ ଟିଟିଲାଗଡ ରେଞ୍ଜ ଅଫିସ, ଲୋଇସିଂହା ଥାନା ପାନେସରା ଗ୍ରାମର ପୈତୃକ ଘର ଏବଂ ଦେଓଗାଁ ଠାରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ବିଭାଗର ୨ ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟର, ଜଣେ ସବ୍‌ଇନ୍ସପେକ୍ଟର, ୩ ଏଏସ୍‌ଆଇ ଏବଂ ଅନ୍ୟ ଷ୍ଟାଫ ଚଢ଼ାଉରେ ସାମିଲ ଥିଲେ। ଭିଜିଲାନ୍ସ ଟିମ୍ ଚଢ଼ାଉରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିକଟରେ ୮୧. ୮୧ ଲକ୍ଷ ଟଙ୍କାର ଏକ ଦ୍ୱିମହଲା ବିଶିଷ୍ଟ ଘର, ୧୮.୯୫ ହଜାର ଟଙ୍କାର ବଲାଙ୍ଗୀର ସହରର ପ୍ରମୁଖ ସ୍ଥଳରେ ଦୁଇଟି ପ୍ଲଟ୍, ୪୬.୬୮ ଲକ୍ଷ ଟଙ୍କାର ବ୍ୟାଙ୍କ ଏବଂ ବୀମା ପ୍ରିମିୟମ୍ ଡିପୋଜିଟ୍, ୧୫.୭୭ ଲକ୍ଷ ଟଙ୍କାର ସୁନାଗହଣା ଏବଂ ଏକ ଦୁଇଚକିଆ ଗାଡି ରହିଥିବା ଆକଳନ କରିଛି। ପ୍ଲଟ ରେଜିଷ୍ଟ୍ରେଶନ୍ ସମୟରେ ଜମିର ମୂଲ୍ୟାଙ୍କନ କମ୍ କରାଯାଇଥିବା ଭିଜିଲାନ୍ସ ଅଧିକାରୀମାନେ ସନ୍ଦେହ କରିଛନ୍ତି। ଏ ଦିଗରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲି ଉଠାଣ ପାଇଁ ନଦୀପଠାରୁ ଗଛ କାଟିଦେଲେ



**ପାଣିକୋଇଲି,୮।୧୨(ଡି.ଏନ.ଏ.)**

### ଥାନାରେ ଅଭିଯୋଗ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି

ନଦୀରୁ ବାଲି ଉଠାଇବା ପାଇଁ ରାତାରାତି ମେଶିନ ସାହାଯ୍ୟରେ ଶତାଧିକ ଗଛ କାଟି, ପିଣ୍ଡି ଭାଙ୍ଗି ରାସ୍ତା ନିର୍ମାଣ କରାଯାଇଛି। ଏନେଇ ଯାଜପୁର ଜିଲା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ଲିଙ୍ଗେଶ୍ୱର ଉନ୍ନୟନ କମିଟି ସମ୍ପାଦକ ପ୍ରଦୀପ କୁମାର ଧଳ ଥାନାରେ ଲିଖିତ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ କାର୍ଯ୍ୟାନୁଷ୍ଠାନ ନ ହେଲେ ଏଥିପାଇଁ ବଢୁଥିବା ଜନ ଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ସୂଚନା ମିଳିଛି।

୩ ବର୍ଷ ତଳେ ସରକାରୀ ଅନୁମତି ନେଇ ଲିଙ୍ଗେଶ୍ୱର ଶିଶୁ ମନ୍ଦିର ସମ୍ପାଦକ ବରପଦା ମୌଜାର ୯୯୬, ୧୦୧୧, ୧୦୧୫ନମ୍ବର ପ୍ଲଟ ଓ ଏହାର ପାଶ୍ୱବର୍ତ୍ତୀ ଜମିରେ ଚାରାରୋପଣ କରିଥିଲେ। ବୃକ୍ଷର ଯତ୍ନ ନେବା ପାଇଁ ତାର ଚାରି କଡରେ ଇଟାର ପିଣ୍ଡି କରାଯାଇଥିଲା। ତାର ବାଡ଼ ମଧ୍ୟ ଦିଆଯାଇଥିଲା। ଏବେ ଗଛଗୁଡିକ ଫଳନ୍ତି ଅବସ୍ଥାକୁ ଆସି ଯାଇଥିଲା। ମାତ୍ର ଧନତ୍ରୀ ବାଲି ଘାଟରୁ ବାଲି ଉଠାଇବା ପାଇଁ ଗଛଗୁଡ଼ିକୁ କଟାଯାଇ ରାସ୍ତା ନିର୍ମାଣ କରାଯାଇଛି। ସରସଦା ଗ୍ରାମର ଜଣେ ଯୁବକ, ବରପଦା ଗ୍ରାମର ଜଣେ ଓ ରଣପାଳ ଗ୍ରାମର ଜଣେ ଯୁବକ କତେଜେଣ ଅନ୍ୟବ୍ୟକ୍ତିଙ୍କୁ ଧରି ଏଭଳି କାଣ୍ଡ ଭିଆଇଛନ୍ତି। ପୂର୍ବରୁ ମଧ ରାତିଅଧିଆ ଏଭଳି କାରନାମାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା।

# ୨ ଟ୍ରକ୍‌କୁ ପଛରୁ ଧକ୍କାଦେଲା ବସ୍, ୧୫ ଯାତ୍ରୀ ଆହତ


ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।

**ଧର୍ମଶାଳା,୮।୧୨(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ରଥିଆ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ୨ ଟ୍ରକ୍‌କୁ ପଛରୁ ଧକ୍କା ଦେଇଛି। ଏଥିରେ ବସ୍ ଚାଳକଙ୍କ ସମେତ ୧୫ ଜଣ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ବୁଧବାର ରାତି ପ୍ରାୟ ୩ଟାରେ ଏହି ଘଟଣା ଘଟିଛି। ସୂଚନା ମୁତାବକ, ରାଞ୍ଚିରୁ ଓଡି-୧୧-ଇ-୯୨୯୧ ନଂ. ବିଶିଷ୍ଟ ଏକ ଘରୋଇ ବସ୍ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ରଥିଆ ନିକଟରେ ବସ୍ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଓଡି-୦୯-ପି-୦୧୫୯ ଏବଂ ଓଡି-୦୧-ଏଫ୍-୯୦୪୦ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତ ଆହତଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିବାବେଳେ ଗୁରୁତର ୩ଜଣଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।


**ODISHA TOURISM DEVELOPMENT CORPORATION LIMITED**
(A Govt. of Odisha Undertaking)
Panthanivas (Old Block), Lewis Road, Bhubaneswar - 751014

**AUCTION SALE NOTICE**

No. CAD-4039: Offers are invited in sealed cover from interested parties for auction of old furniture, electrical equipments etc on as is where is basis. The auction items can be inspected in any working days (Working hour) at Panthanivas, Rourkela. List of items for auction process can be received from the Office of Manager, Panthanivas, Rourkela. The offer must be accompanied by a DD of Rs.15000/- drawn in favour of Managing Director, OTDC. Last date for receipt of the offer is **15.12.2022 upto 2.00 P.M.** in the office of Manager Panthanivas, Rourkela.

Sd./- Manager, Pns., Rourkela
Mob.: 7978523983
OIPR-37002/11/0016/2223

GOVERNMENT OF ODISHA No. C-1831
**OFFICE OF THE SUPERINTENDING ENGINEER P.H. DIVISION, SAMBALPUR**
Phone No.: (0663) 2412135, Email ID: eephdsbp@gmail.com

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
Bid Identification No. SEPHSBP-15/2022-23 Dt.03.12.2022

| | | |
|---|---|---|
| 01. Name of the Work | : | 02 Nos. Work |
| 02. Type of Bid | : | Single Bid System |
| 03. Estimated Cost | : | Rs.13.57 lakhs to Rs.33.61 lakhs |
| 04. Period of Completion | : | 3 (Three) to 6 (Six) Calendar Months |
| 05. Date & time of availability of bid document in the portal | : | From 11.00 A.M. of Dt.09.12.2022 to 5.00 P.M. of 19.12.2022 |
| 06. Last date/time of receipt of bids in the portal | : | 5.00 P.M. of 19.12.2022 |
| 07. Date & time of opening of Technical Bids | : | At 11.30 A.M. of 20.12.2022 |
| 08. Name and address of the Officer Inviting Bid | : | Executive Engineer, O/o. Superintending Engineer, P.H. Division, Sambalpur, Brooks' Hill, Near Stadium, At/P.O.: Motijharan, Dist.- Sambalpur - 768 001 |

Further details can be seen from the website **http://tenders.ori.nic.in or www.tendersorissa.gov.in**.

Sd./- Executive Engineer
P.H. Division, Sambalpur
OIPR-13026/11/0015/2223

GOVERNMENT OF ODISHA No.B-953
**OFFICE OF THE CHIEF CONSTRUCTION ENGINEER, PHULBANI (R&B) CIRCLE, PHULBANI**
Phone: 06842-254004, Email: sernbphulbani@gmail.com

**INVITATION FOR BIDS (IFB)**
Bid Identification No. CCE_R and B_PLB_09 of 2022-23
No. 1961 Dated: 06.12.2022

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road & Bridge works as detailed in the table below from eligible contractors. | | |
| 2 | Nature of work | : | Road & Bridge Works |
| 3 | No. of Tenders | : | Three Nos. |
| 4 | Tender Cost | : | Rs.10,000/- (through Online) only |
| 5 | Class of Contractor | : | B Class, A Class & Special Class |
| 6 | Date & Time of sale & receipt of Bids | : | 10.00 A.M. of 19.12.2022 to 5.00 P.M. of 03.01.2023 |
| 7 | Date of Opening of Bid | : | 11.00 A.M. of 04.01.2023 |
| 8 | The bidders shall have to participate in online bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Chief Construction Engineer
Phulbani (R&B) Circle, Phulbani
OIPR-34129/11/0014/2223

GOVERNMENT OF ODISHA No. B-945
**OFFICE OF THE SUPERINTENDING ENGINEER PARALAKHEMUNDI(R&B)DIVISION,PARALAKHEMUNDI**
Tel. Ph. No. 06815-222542, Email ID: eerbparala@yahoo.com

**e-Procurement Notice**
Bid Identification No. S.E., PKD, R&B Divn. - 14/2022-23
No. 3309 **INVITATION FOR BIDS** Dt.03.12.2022

| | | | |
|---|---|---|---|
| 1 | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in Double/ Single Cover system to be received in on ONLINE MODE only for the construction of works as detailed in the table below: | | |
| 2 | Nature of Works | : | Building Works |
| 3 | No. of Works | : | 2 (Two) Nos. of Works |
| 4 | Estimated Cost (Approximately) | : | Sl. No. 01) Rs.99.48 lakhs<br>Sl. No. 02) Rs.37.82 lakhs |
| 5 | Bid Cost | : | Sl. No. 01) Rs.10000/-<br>Sl. No. 02) Rs.6000/- |
| 6 | Class of Contractor | : | Sl. No. 01) "B" Class<br>Sl. No. 02) "B" Class/"C" Class |
| 7 | Availability of Bid Documents in the Website | : | 10.00 hrs. of Dt.09.12.2022 to 17.00 hrs. of Dt.23.12.2022 |
| 8 | Date of Opening of the Bid | : | 12.00 hrs. of Dt.26.12.2022 |
| 9 | The bidders have to participate in ONLINE bidding only. Further details can be seen from the website **http://tendersorissa.gov.in**. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd./- Superintending Engineer
Paralakhemundi (R&B) Division
OIPR-34065/11/0017/2223

"ଅକ୍ଷର"
**୪ର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**
*** ତା ୯ ରୁ ୧୮ ଡିସେମ୍ବର, ୨୦୨୨ ରିଖ ***
** ଅପରାହ୍ନ ୨ଟା ରୁ ରାତ୍ର ୯ଟା **
ଶୁଭ ଉଦ୍‌ଘାଟନ
୯ ଡିସେମ୍ବର, ୨୦୨୨ ସନ୍ଧ୍ୟା ୬ ଘଟିକା
ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ
ଆୟୋଜକ:
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସହ ଆୟୋଜକ:
ରାଜଧାନୀ ପୁସ୍ତକ ମେଳା
ଏକାମ୍ର ପୁସ୍ତକ ମହୋତ୍ସବ କମିଟି
ଓଡ଼ିଶା ପ୍ରକାଶକ ଓ ପୁସ୍ତକ ବିକ୍ରେତା ସଂଘ
No.DSPL-360
OIPR-03023/13/0004/2223

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES — Mining Happiness

**NOTICE INVITING REQUEST FOR PROPOSAL (RFP)**
RfP: 40/OMC/CIVIL/2022 No. CAD-4037 Dated: 08.12.2022

1. Request for Porposal (RfP) for the following work is invited online through the e-procurement portal of Govt. of odisha.

| # | Name of Project | EMD in Rupees | Bid Processing Fee in Rupees | Period of Services |
|---|---|---|---|---|
| 1 | Design, Manufacturing and Installation of PED (Pre-engineered Building) Core Box shed including Civil foundation on Turnkey basis at Kurmitar Iron Ore Mines in the district of Sundargarh | Bid Security declaration to be submitted in lieu of EMD | 10,000/- + 18% GST | 06 (Six) Months |

2. The bidders must participate in Online bidding at the site: **https://www.tendersodisha.gov.in**.
3. Bid documents will be available in the above website from 12.12.2022 to 26.12.2022 upto 5.00 P.M.
4. Last date and time for Online submission of bid in web portal is 26.12.2022 till 5.00 P.M.
5. The tender will be opened on 27.12.2022 at 11.00 A.M.
6. The bidder must possess compatible Digital Signature Certificate (DSC) of Class-II or Class-III.

All Other details can be seen from RfP document at **https://www.tendersodisha.gov.in**.
The Odisha Mining Corporation Limited reserves the right to reject any or all RfPs received without assigning any reason thereof.

OIPR-30005/11/0177/2223 CGM (Civil)

**ODISHA RURAL DEVELOPMENT & MARKETING SOCIETY** ORMAS BHUBANESWAR
*creating competence and values in rural Odisha*
Panchayati Raj and DW Department, Government of Odisha
SIRD & PR Campus, Unit - VIII, Bhubaneswar, Odisha - 751012
Tel # 0674-2565870/71, E-mail: ormashq@gmail.com, URL: www.ormas.org
Letter No.3605/MKT-326/2022-23 Date: 08.12.2022
(SISIR SARAS - 2022-23)

**TENDER CALL NOTICE**

No. CAD-4036: Sealed tenders are invited from the experienced Firm/Agencies having successful track record on Tentage & Allied Works, Event Management Services and Photography & Videography work for organization of the National Level Event **"SISIR SARAS - 2023"** (From 13th to 29th Januayr' 2023) at Biju Patnaik Play Ground, Baramunda, Bhubaneswar. The tender paper can be downloaded from **www.ormas.org**. The schedule for detail activities is given below:

| Activity | Last date for Submission of Tender Paper | Mode for Submission | Address for Submission of Bid | Date & Time for Opening of Technical Bid and Presentation | Date & time for opening of Financial Bid |
|---|---|---|---|---|---|
| Tentage & Allied Works | 28.12.2022 at 12 Noon | Speed Post/ Registered Post/Courier to the address as specified/Drop in the tender box | The Chief Executive Officer, ORMAS, SIRD & PR Campus, Unit - 8, Bhubaneswar, Odisha, PIN - 751012 | 28.12.2022 at 12.30 P.M. | 28.12.2022 at 4.00 P.M. |
| Event Management Services | 29.12.2022 at 12 Noon | | | 29.12.2022 at 12.30 P.M. | 29.12.2022 at 4.00 P.M. |
| Photography & Videography Agency | 30.12.2022 at 12 Noon | | | 30.12.2022 at 12.30 P.M. | 30.12.2022 at 4.00 P.M. |

The undersigned reserves the right to accept or reject any or all the tenders without assigning any reason thereof.

Sd./- Chief Executive Officer
OIPR-19004/11/0009/2223

## ସଂକ୍ଷେପରେ

### ଗ୍ୟାସ୍ ସିଲିଣ୍ଡର ଫାଟି ୨ ବଖରା ଜଳିଗଲା

ବେଗୁନିଆ,୮।୧୨(ଡି.ଏନ୍.ଏ.): ବଗୁନିଆ ସଦର ମହକୁମାସ୍ଥିତ ମଙ୍ଗଳାସାହିରେ ଗ୍ୟାସ୍ ସିଲିଣ୍ଡର ଫାଟି ନକୁଳ ବେହେରାଙ୍କ ଦୁଇ ବଖରା ଜଳିଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ିଯାଇଛି। ସୂଚନା ମୁତାବକ, ଗୁରୁବାର ସକାଳ ୮ଟା ୩୦ରେ ନକୁଳଙ୍କ ଘରେ ରୋଷେଇ ହେଉଥିଲା। ହଠାତ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହେବା ସହ ନିଆଁ ଲାଗିଯାଇଥିଲା। ଏହା ପରେ ସିଲିଣ୍ଡରଟି ଫାଟିଯିବାରୁ ଦୁଇ ବଖରା ଜଳିଯାଇଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରଶାସନ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ନିବେଦନ କରିଛନ୍ତି।

### ମାଙ୍କଡ଼ା ପଥର ବୋଝେଇ ୭ ଗାଡ଼ି ଜବତ

ବେଗୁନିଆ,୮।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ବଢ଼ିଚାଲିଛି। ବେଗୁନିଆ ତହସିଲ ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ମାଙ୍କଡ଼ା ପଥର ଖଣିରେ ବୁଧବାର ରାତିରେ ଜିଲା ଓ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ଆଗୁଆ ସୂଚନା ପାଇ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଫଳରେ ପ୍ରଶାସନ ମାଙ୍କଡା ପଥର ବୋଝେଇ ୭ଟି ଟ୍ରକକୁ ଜବତ କରିଥିଲା। ଏହି ଚଢ଼ାଉରେ ଖୋର୍ଦ୍ଧା ଉପଜିଲାପାଳ ପ୍ରଦୀପ୍ତ ରଞ୍ଜନ ସେଠୀ, ସ୍ଥାନୀୟ ତହସିଲଦାର ପୃଥ୍ୱିରାଜ ମଣ୍ଡଳ, ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ଏବଂ ପୋଲିସ ଫୋର୍ସ ସାମିଲ ଥିଲେ। ଏ ସମ୍ପର୍କରେ ତହସିଲଦାର ମଣ୍ଡଳ କୁହନ୍ତି, ଜବତ ଗାଡ଼ି ଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଉଛି। ଥାନାରେ ମାମଲା ରୁଜୁ କରାଯାଇ ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

### ବିଜେଡିର ବିଜୟ ଉତ୍ସବ

ଜଟଣୀ,୮।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀଙ୍କ ତତ୍ତ୍ୱାବଧାନରେ ପଦ୍ମପୁର ଉପନିର୍ବାଚନର ବିଜୟ ଉତ୍ସବ ମୋ ଜଟଣୀ ପାର୍କଠାରେ ପାଳିତ ହୋଇଯାଇଛି। ଜଟଣୀ ନଗର ବିଜେଡି ପକ୍ଷରୁ ଢୋଲ ବଜାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇ ଏହି ଉତ୍ସବ ପାଳନ କରାଯାଇଥିଲା। ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଖୋର୍ଦ୍ଧା ଜିଲା ବିଜେଡି ସଭାପତିଙ୍କୁ ସଫଳତା ପାଇଁ କୃତଜ୍ଞତା ଜଣାଇଥିଲେ। ଖୋର୍ଦ୍ଧା ଜିଲା ଉପସଭାପତି ସୁଦର୍ଶନ ସୁନ୍ଦରାୟ, ବିଜୟ ଛୋଟରାୟ, କୋଷାଧ୍ୟକ୍ଷ ରାଜେନ୍ଦ୍ର ସ୍ୱାଇଁ, ବିଜେଡି ରାଜ୍ୟ ସମ୍ପାଦିକା ନମିତା ପାଲ, ପୌରାଧ୍ୟକ୍ଷ ଅନନ୍ତ ବେହେରା, ସଂଗଠକ ଶିବପ୍ରସାଦ ମହାପାତ୍ର, ବୀର ସେଠୀ, ଆଶୁତୋଷ ପ୍ରତାପସିଂ, ରାମ ମହାରଣା, ହେମନ୍ତ ମହାପାତ୍ର, ପ୍ରସନ ସୁବୁଦ୍ଧି, ପବିତ୍ର ବିଶ୍ୱାଳ ବିଶ୍ୱାଳଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ସ୍କୁଟି-ଲୁନା ମୁହାଁମୁହିଁ ଧକ୍କା: ୪ ଆହତ

ବେଗୁନିଆ,୮।୧୨(ଡି.ଏନ୍.ଏ.):ବେଗୁନିଆ ଥାନା ଅଧୀନ ବାଘମାରୀ-କଣ୍ଟିଲୋ ୪୮ନଂ. ରାଜପଥର ବଡ଼ବେରଣୀ ଛକ ନିକଟରେ ଗୁରୁବାର ସ୍କୁଟି-ଲୁନା ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନା ମୁତାବକ, ନୟାଗଡ଼ ଜିଲା ଡୋଲମରା ଅଞ୍ଚଳର ନାରାୟଣ ପାଣିଗ୍ରାହୀ ଏବଂ ତାଙ୍କ ମା' ମଞ୍ଜୁବାଳା ସ୍କୁଟିରେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଏହି ସମୟରେ ଭାପୁର ପଥରଚକଡା ଅଞ୍ଚଳର ଦୁଇ ଜଣ ଏକ ଲୁନାରେ ବାଘମାରୀ ଅଭିମୁଖେ ଯାଉଥିଲେ। ବଡ଼ବେରଣୀ ଛକରେ ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା।

### କ୍ରୀଡ଼ା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

କୃଷ୍ଣପ୍ରସାଦ,୮।୧୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଡିସେମ୍ବର ୧୬ ରେ ବିଦ୍ୟାଳୟସ୍ତରରେ ଖୋ ଖୋ, କବାଡି, ଫୁଟବଲ ଆଦି ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ବ୍ଲକ ଅଧୀନ ସମସ୍ତ କ୍ରୀଡ଼ା ଶିକ୍ଷକ ଯୋଗଦେଇଥିଲେ। ବୈଠକରେ ପଦ୍ମ ଚରଣ ଜେନା, ଦୁର୍ଯ୍ୟୋଧନ ନାୟକ, ପ୍ରମୋଦ ସାହୁ, ଦାମୋଦର ତରେଇ,ଅଶୋକ ସାମଲ, ପ୍ରକାଶ ସିଂହ, ଅଶୋକ ପ୍ରଧାନ, ଅଶୋକ ଜେନା ଉପସ୍ଥିତ ଥିଲେ।

# 'ପାଇକ ସଂସ୍କୃତିର ବିକାଶ ଜରୁରୀ'

## ବରୁଣେଇରେ ପାଇକମେଳି

■ପାଇକ ସ୍ମାରକୀ ଶିଳାନ୍ୟାସର ୩ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

■ସ୍ମାରକୀ ନିର୍ମାଣ, ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବି

**ଖୋର୍ଦ୍ଧା ଅଫିସ, ୮।୧୨:**

ଇଂରେଜ କବଳରୁ ଓଡ଼ିଆ ଜାତିକୁ ମୁକ୍ତ କରିବା ଲାଗି ପାଇକ ବିଦ୍ରୋହକୁ ଖୋର୍ଦ୍ଧା ମାଟିର ପାଇକମାନେ ବୀରତ୍ୱର ସହ ଲଢେଇ କରିଥିଲେ। ମାତୃଭୂମିର ସୁରକ୍ଷା ଲାଗି ସେମାନେ ବଳିଦାନ ଦେଇଥିଲେ। ସ୍ୱାଧିନତା ସଂଗ୍ରାମ ଇତିହାସରେ ପାଇକଙ୍କ ବୀରତ୍ୱ କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ୧୮୦୪ରେ ଜୟୀ ରାଜଗୁରୁ ଏବଂ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ପାଇକମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ଓ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦାବିରେ ଆନ୍ଦୋଳନ ଜୋର ଧରିଛି। ବରୁଣେଇ ପାହାଡ଼ ପାଦଦେଶରେ ଗୁରୁବାର ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସର ୩ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। କଳିଙ୍ଗ ପାଇକ ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ସମାବେଶରେ ବିଭିନ୍ନ ପାଇକ ସଙ୍ଗଠନର ସଦସ୍ୟ, ବୁଦ୍ଧିଜୀବୀ, ଐତିହାସିକ, ଗବେଷକ, ଶିକ୍ଷାବିତ୍ ଏବଂ ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇ ପାଇକ ବିଦ୍ରୋହ ହିଁ ସ୍ୱାଧିନତା ଆନ୍ଦୋଳନର ପ୍ରଥମ ସଂଗ୍ରାମ ବୋଲି ଯୁକ୍ତି ବାଢିଥିଲେ।

ପୂର୍ବାହ୍ନରେ କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ, ପାଇକ ଦଳବେହେରା ପ୍ରମୁଖ ମା' ବରୁଣେଇ ଏବଂ କରୁଣେଇଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପୂଜା କରିଥିଲେ। ମା' ବରୁଣେଇ ଓ କରୁଣେଇଙ୍କ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରାରେ ଶିଳାନ୍ୟାସସ୍ଥଳକୁ ବାହାରିଥିଲେ। ପାଇକ ସଙ୍ଗଠନ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଇକ ଆଖଡ଼ାଗୁଡ଼ିକ ବୀରବାଦ୍ୟ ସହ ସମର କଳା ପ୍ରଦର୍ଶନ କରିଥିଲେ। ପାଇକଙ୍କ ସେହି ବୀରତ୍ୱର ଗାଥାକୁ ସେମାନେ ମନେ ପକାଇଥିଲେ। ବୀରବାଦ୍ୟ ଓ ସମର କଳାରେ ବରୁଣେଇ ପାହାଡ଼ ପାଦଦେଶ କମ୍ପିଉଠିଥିଲା। କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ତଥା ଶିକ୍ଷାବିତ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ 'ପାଇକ ଶୌର୍ଯ୍ୟଗାଥାର ରୋମନ୍ଥନ, ଉତ୍କଳୀୟ ବୀରତ୍ୱର ନିଦର୍ଶନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ଭାଷଣ ଦେଇ ଅନୁଷ୍ଠାନର ଉପଦେଷ୍ଟା ତଥା ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ କହିଥିଲେ, ପାଇକ ପରମ୍ପରା ହେଉଛି ଉତ୍କଳୀୟ ସଂସ୍କୃତିର ପ୍ରତୀକ। ପାଇକମାନେ କୃଷିକାର୍ଯ୍ୟ କରିବା ସହ ମାତୃଭୂମିର ସୁରକ୍ଷା ପାଇଁ ଉର୍ସଗୀକୃତ କରୁଥିଲେ। ସେମାନେ ହେଉଛନ୍ତି ଏ ଜାତିର ଗର୍ବ ଓ ଗୌରବ। ଏଭଳି ଅନନ୍ୟ ସଂସ୍କୃତି, ପରମ୍ପରା ଉଜ୍ଜୀବିତ ରଖିବା ସମସ୍ତଙ୍କ ଉତ୍ତର ଦାୟିତ୍ୱ। ପାଇକ ଆଖଡ଼ା ପ୍ରଦର୍ଶନ ଦ୍ୱାରା ପାଇକ ବୀରଙ୍କ ବୀରତ୍ୱର ଗାଥାକୁ ମନେ ପକାଇଥିଲେ। ଏହାକୁ ବଞ୍ଚାଇବା ରଖିବା ଲାଗି ଆର୍ଥୀକ ପ୍ରୋତ୍ସାହନ ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ସଞ୍ଚାଳକ ଇଂ.ଶିଶିର ନାୟକ କହିଥିଲେ, ବରୁଣେଇ ପାଦଦେଶରେ ସ୍ମାରକୀ ନିର୍ମାଣ ହେଲେ ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବ ବୃଦ୍ଧି ପାଇବ। ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଥିଲେ, ୨୦୧୭ରେ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଉତ୍ସବକୁ ଉଦ୍‌ଘାଟନ କରି ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓଡ଼ିଆ ପାଇକ ବୀରଙ୍କ ବୀରତ୍ୱକୁ ପ୍ରଂଶସା କରିଥିଲେ। ମାତ୍ର ଏବେ କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ସେହିପରି ପାର୍ଲାମେଣ୍ଟରେ ଏହାକୁ ଅଗ୍ରାହ୍ୟ କରିବା ଓଡ଼ିଆଙ୍କ ସ୍ୱାଭିମାନ ପ୍ରତି କୁଠାରଘାତ ସଦୃଶ ବୋଲି ସେ କହିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ସମରେନ୍ଦ୍ର ବଳିୟାରସିଂ ପିଲାଙ୍କୁ ପାଇକ ଆଖଡ଼ା ପ୍ରତି ଆଗ୍ରହ ସୃଷ୍ଟି ଲାଗି ଖୋର୍ଦ୍ଧାରେ ପାଇକ ଏକାଡେମୀ ଗଠନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ତାପଙ୍ଗ ଦଳବେହେରା ସ୍ମୃତି ସଂସଦ ଉପାଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ ପାଇକ ବିଦ୍ରୋହର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ବହୁ ଗବେଷକ, ଶିକ୍ଷାବିତ ପାଇକ ବିଦ୍ରୋହ ସମ୍ପର୍କରେ ନିଜ ମତ ରଖିଥିଲେ। ପାଇକ ବିଦ୍ରୋହକୁ ନେଇ କୌଣସି ରାଜନୀତିକରଣ କରା ନ ଯାଉ। ରାଜ୍ୟ ଏବଂ କେନ୍ଦ୍ର ସରକାର ଐତିହାସିକ ଓ ଗବେଷକମାନଙ୍କ ସହିତ ଆଲୋଚନା କରି ପୁନର୍ବାର ଏହା ଉପରେ ବିଚାର କରିବାକୁ ମତ ପ୍ରକାଶ ପାଇଥିଲା। ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ଶିକ୍ଷାବିତ ଋଷି ଗୁମାନସିଂ, ମଦନ ମୋହନ ମହାପାତ୍ର, ଗବେଷକ ରବୀନ୍ଦ୍ର କୁମାର ପରିଡା, ସଂଗ୍ରାମ ଜଗଦ୍ଦେବ, ଆଇନଜୀବୀ ଶିଶିର ପରିଡ଼ା, ବିକ୍ରମ ଚମ୍ପତିରାୟ, ଡ. ବୃନ୍ଦାବନ ପଣ୍ଡା, ରଶ୍ମିତା ନାୟକ, ପ୍ରଫୁଲ୍ଲ ସାମନ୍ତରାୟ, ରମଜାନ ଖାଁ ଏବଂ ପ୍ରସନ୍ନ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର କାର୍ଯ୍ୟକାରୀ ସଭାପତି ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟ, ମନୋରଞ୍ଜନ ପଶ୍ଚିମକବାଟ ଓ ଗୁରୁ ପ୍ରଭାକର ପାଲଟାସିଂହଙ୍କ ନେତୃତ୍ୱରେ ପାଇକଦଳ, ଭାସ୍କର ସୁନ୍ଦରାୟଙ୍କ ନେତୃତ୍ୱରେ ଗଡ଼ମାଣତୀର ଓ କୋତଲାଙ୍ଗ ପାଇକ ଦଳ, ନିରଞ୍ଜନ ରଣସିଂହଙ୍କ ନେତୃତ୍ୱରେ ବରପଦା ପାଇକଦଳ ଓ ସ୍ୱପ୍ନେଶ୍ୱର ଛୋଟରାୟଙ୍କ ନେତୃତ୍ୱରେ ଆଡ଼ଖଣ୍ଡିଆ ପାଇକ ଦଳ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ। ମାଟିଆପଡ଼ା ଦଳବେହେରା ଦୁର୍ଗାପ୍ରସାଦ ହରିଚନ୍ଦନ ଏବଂ ବାଲିହୁଙ୍କା ଦଳବେହେରା ଅଜୟ ମାନଧାତାଙ୍କ ନେତୃତ୍ୱରେ ପଞ୍ଚପାଇକ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଳିଙ୍ଗ ପାଇକ ସଙ୍ଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବରୁଣେଇଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପୂଜା ପରେ କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରୁଛନ୍ତି। ପାଇକ ଆଖଡ଼ା ପକ୍ଷରୁ ବୀରବାଦ୍ୟ ସହ ସମରକଳା ପ୍ରଦର୍ଶନ କରାଯାଉଛି।



ରାଜସୁନାଖଳାସ୍ଥିତ ଡିଆଇଇଟି ପଡିଆରେ ରାଜସୁନାଖଳା ମହୋତ୍ସବ 'କାଉଁରୀ'ରେ କଳାକାରଙ୍କ ଦ୍ୱାରା ଢେମ୍‌ସା ନୃତ୍ୟ ପରିବେଷଣ କରାଯାଉଛି।

## ଟ୍ରେଲରକୁ ଧକ୍କାଦେଲା କୋଇଲା ବୋଝେଇ ଟ୍ରକ୍

**ଗମ୍ଭାରୀମୁଣ୍ଡା,୮।୧୨(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ନାଚୁଣୀ ଫାଣ୍ଡି ୧୬ ନମ୍ବର ଜାତୀୟ ରାଜପଥ ହରିକୁଣ୍ଡବରଡ଼ି ଛକ ନିକଟରେ ଗୁରୁବାର ଏକ କ୍ରେନ ବୋଝେଇ ଟ୍ରେଲର ପଛକୁ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଟ୍ରେଲରରୁ କ୍ରେନ ବାହାରି କୋଇଲା ବୋଝେଇ ଟ୍ରକର ଆଗ ପାର୍ଶ୍ୱରେ ପଶି ଯାଇଛି। ବ୍ରହ୍ମପୁରରୁ ଅନୁଗୋଳ ଅଭିମୁଖେ ଉଭୟ ଗାଡ଼ି ଯାଉଥିଲେ। ଖବରପାଇ ନାଚୁଣୀ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ମହାଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟିତ

**ବୋଲଗଡ଼,୮।୧୨(ଡି.ଏନ୍.ଏ.):**

ବୋଲଗଡ଼ ବ୍ଲକ ସାନକୁମାରୀ ଗ୍ରାମ ମା'ମଙ୍ଗଳା ପୀଠଠାରେ ଅନ୍ନପୂର୍ଣ୍ଣା ଲକ୍ଷ୍ମୀ ଠାକୁରାଣୀଙ୍କ ଦଶମ ବାର୍ଷିକ ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ସାନକୁମାରୀ ଲକ୍ଷ୍ମୀପୂଜା କମିଟି ଏବଂ ଗ୍ରାମବାସୀଙ୍କ ମିଳିତ ଅନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବ ୪ଦିନ ଧରି ଚାଲିବ। ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିବସ ପ୍ରାତଃରୁ ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତୀ ନିକଟରେ ପୂଜାର୍ଚ୍ଚନା ପରେ ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ମହୋତ୍ସବ ପଡିଆରେ ମା'ଙ୍କ ଦର୍ଶନ ସହ ପିଲାମାନଙ୍କ ମନୋରଞ୍ଜନ ପାଇଁ ଦୋଳି ରହିଥିଲା। ରାତିରେ ପୌରାଣିକ ନାଟକ 'ଶଚି ପାର୍ବତୀ କଳି' ଅନୁଷ୍ଠିତ ହୋଇଥିଲା।

## ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୮।୧୨(ଡି.ଏନ୍.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଝାରକଟା ଠାରେ ଦୁର୍ଗା ଦେବୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ଜିଲାପରିଷଦ ଲକ୍ଷ୍ମୀଧର ସାହୁ, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡୁ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ତିତିପର ରାମଚଣ୍ଡୀ ଭଲିବଲ ଟିମ ଓ ବ୍ରହ୍ମପୁର ଭଲିବଲ ଟିମ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଟିମ୍ ୨-୦ରେ ବିଜୟୀ ହୋଇଥିଲା। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ସାମଲ, ରଜତ ମଲ୍ଲିକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୨ଟି ଟିମ୍ ଭାଗ ନେଇଥିବା ବେଳେ ଶୁକ୍ରବାର ଉଦ୍‌ଯାପିତ ହେବ ବୋଲି ଆୟୋଜକ ଦଳର ବରିଷ୍ଠ କର୍ମକର୍ତ୍ତା ପୁରୀ ଜିଲା ଛାତ୍ର ବିଜେଡି ଉପସଭାପତି ଶାନ୍ତନୁ କୁମାର ମାଝୀ କହିଛନ୍ତି।

## ରାଜସୁନାଖଳା ମହୋତ୍ସବ କାଉଁରୀ ଉଦ୍‌ଘାଟିତ

# ଢେମ୍‌ସା ନୃତ୍ୟରେ ଦର୍ଶକ ବିଭୋର

**ବୋଲଗଡ଼,୮।୧୨(ଡି.ଏନ୍.ଏ.):**

ରାଜସୁନାଖଳାସ୍ଥିତ ଡିଆଇଇଟି ପଡିଆରେ ଚତୁର୍ଥ ରାଜସୁନାଖଳା ମହୋତ୍ସବ କାଉଁରୀ-୨୦୨୨ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରା ସହ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟ ନେଇ ଆୟୋଜକ କମିଟି ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ମୁକ୍ତାକାଶ ରଙ୍ଗମଞ୍ଚରେ ପାରମ୍ପାରିକ ବିବିଧ ନୃତ୍ୟ, ସମରକଳା, ଓଡ଼ିଶୀ, ସମ୍ବଲପୁରୀ ଓ ଢେମସା ଲୋକନୃତ୍ୟ ଦର୍ଶକଙ୍କ ମନକୁ ବିଭୋର କରିଥିଲା। ମଧ୍ୟାହ୍ନରେ ମା'କାଉଁରୀଙ୍କ ମନ୍ଦିର ପ୍ରାଙ୍ଗଣରୁ ମା'ଙ୍କ ଜ୍ୟୋତି ଓ ପ୍ରତିମାକୁ ନେଇ ଏକ ଶୋଭାଯାତ୍ରା ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ପ୍ରଥମ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କଳାକାର ଦଳଗତଭାବେ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ମହୋତ୍ସବ କମିଟି ସଭାପତି ଆର୍ତ୍ତତ୍ରାଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ସମ୍ମାନିତ ବକ୍ତାଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ରନପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ ଓ ଗିରିଜାକାନ୍ତ ମହାପାତ୍ର, ସାମାଜିକ କର୍ମୀ ମଧୁସୂଦନ ମହାପାତ୍ର, ରାଜସୁନାଖଳା ପ୍ରେସ କ୍ଲବ ସଭାପତି ମନୋରଞ୍ଜନ ମିଶ୍ର ଓ ସମ୍ପାଦକ କିଶୋର ରାଉତରାୟ, ଖବରଦାତା ରଜତ ପଟ୍ଟନାୟକ, ସରପଞ୍ଚ ବୃନ୍ଦାବନ ମହାନ୍ତି ଓ ପ୍ରଭାତ ପ୍ରଧାନ, ସାଇ ଟ୍ରଷ୍ଟ ଓଡିଶାର ସିଏମଡି ଦୀପକ କୁମାର ବରାଡ଼, ଅଭିନେତ୍ରୀ ପ୍ରିୟା ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବହୁ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋରାପୁଟର ଢେମସା ଲୋକନୃତ୍ୟ, କୁହୁଡିର ପାଇକ ଆଖଡ଼ା ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବ କମିଟିର ସମ୍ପାଦକ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ବିବରଣୀ ପାଠ କରିଥିଲେ। ବେଳେ ଉପସ୍ଥାପକ ଜୟେନ୍ଦ୍ର ବେହେରା ଓ ଉପସ୍ଥାପିକା ଭାବେ ବର୍ଣ୍ଣାଳୀ ଯୋଗଦେଇଥିଲେ। ପ୍ରଦୀପ ରଣା ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ।




ରାଜସୁନାଖଳା ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ମହିଳା ହିଂସାକୁ ରୋକିବ ସଚେତନତା

**ଖୋର୍ଦ୍ଧା ଅଫିସ,୮।୧୨:**

ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଓ ବିଶ୍ୱଜୀବନ ସେବା ସଂଘ ସଂଯୋଜନାରେ ଗୁରୁବାର ମହିଳା ଓ ଶିଶୁ କନ୍ୟା ହିଂସା ମୂଳୋତ୍ପାଟନ ଜନିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ଶିଶୁ ସୁରକ୍ଷା ବିଭାଗ ଶିଖାରାଣୀ ପୋଦାର, ସିଡିପିଓ ମଞ୍ଜୁମଣି ନାୟକ ଏବଂ ଆକ୍ସନ ଏଡ୍ ସଂଯୋଜିକା ସ୍ୱାତୀ ତନୟା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳା ହିଂସାଜନିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ମହିଳା ହିଂସାକୁ ରୋକିବା ଲାଗି ୨୦୦୫ ମସିହାରୁ ମହିଳା ହିଂସା ବିରୋଧୀ ଆଇନ କାର୍ଯ୍ୟକାରୀ ହୋଇଛି। ଏନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଖୋକନ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲେଜର ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ରମାନେ।

# ର୍‍ୟାକେଟ ସକ୍ରିୟ: ବଢୁଛି ଗୋମାଂସ ଚାଲାଣ

**ଖୋର୍ଦ୍ଧା ଅଫିସ,୮।୧୨:**

ସଙ୍କଟରେ ଗୋବଂଶ। ଗୋଚାଲାଣ ପରେ ଏବେ ଗୋମାଂସ ଚାଲାଣ ବଢିବାରେ ଲାଗିଛି। କୋଲକାତାରୁ ଗୋମାଂସ ଖୋର୍ଦ୍ଧା ଜାତୀୟ ରାଜପଥ ଦେଇ ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ, ହାଇଦ୍ରାବାଦ, ଚେନ୍ନାଇ ଏବଂ ଉତ୍ତରପ୍ରଦେଶକୁ ପଠାଯାଉଛି। ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରୁ ଗୋରୁଙ୍କୁ ସଂଗ୍ରହ କରି କଣ୍ଟେନରରେ ଚାଲାଣ କରାଯାଉଛି। ଭୁବନେଶ୍ୱର- ଚେନ୍ନାଇ ୧୬ନମ୍ବର ଏବଂ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଏମାନଙ୍କ ଚରାଭୂଇଁ ପାଲଟିଛି। ଖୋର୍ଦ୍ଧା ପୋଲିସ ସୂଚନା ଅନୁଯାୟୀ, ଗତ କିଛି ମାସ ମଧ୍ୟରେ ୬ଶହରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଚାଲାଣ ବେଳେ ଜବତ କରାଯିବା ସହ ୫୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବର୍ଷକ ମଧ୍ୟରେ ଏପର୍ଯ୍ୟନ୍ତ ୧୧୮ ଟନ ଗୋମାଂସ ଜବତ କରାଯାଇଥିବାବେଳେ ୧୩ ଜଣଙ୍କୁ ଗିରଫ କରାଯାଇଛି।

ଗୋଚାଲାଣ ଧରପଗଡ଼ ପରେ ମାଫିଆମାନେ ଗୋମାଂସ ଚାଲାଣ କରୁଛନ୍ତି। ଖୋର୍ଦ୍ଧାରେ ଏକ ର୍‍ୟାକେଟ ସକ୍ରିୟ ରହିଛନ୍ତି। ଏମାନେ ବାହାର ରାଜ୍ୟର ଗୋମାଂସ ବେପାରୀଙ୍କୁ ସହଯୋଗ କରିଥାନ୍ତି। ଗୋମାଂସ ଓ ଗୋଚାଲାଣରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଗୋପ୍ରେମୀ ଦାବି କରିଛନ୍ତି। ବିଶେଷତଃ ଖୋର୍ଦ୍ଧା ଉପକଣ୍ଠ ତରତୁଆ ଏବଂ ଜଟଣୀ ବେଣାପଞ୍ଜୁରୀ ଅଞ୍ଚଳରେ ଗୋଚାଲାଣକାରୀ ସକ୍ରିୟ ରହିଛନ୍ତି। ଏଠାରୁ ଅନେକ ସମୟରେ ଗୋଚାଲାଣକାରୀଙ୍କୁ ପୋଲିସ ଗିରଫ କରିଥିବା ନଜିର ରହିଛି। ପୂର୍ବରୁ ତରତୁଆ, ଶରଧାପୁର ଗ୍ରାମ ନିକଟ ଜଙ୍ଗଲରେ ଶତାଧିକ ଗୋରୁଙ୍କୁ ଚାଲାଣ, ଗୋମାଂସ ପାଇଁ ଏକାଠି କରାଯାଇଥିବା ଜଣାପଡିବା ପରେ ଖୋର୍ଦ୍ଧା ଟାଉନ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜିଲାର ଜଟଣୀ, ଚିଲିକା, ବାଣପୁର, ଟାଙ୍ଗୀ, ବୋଲଗଡ଼, ବେଗୁନିଆ ଓ ଖୋର୍ଦ୍ଧା ଅଞ୍ଚଳରୁ ମାଫିଆମାନେ ଗୋରୁଙ୍କୁ ଧରି ଅତି ଦୟନୀୟ ଭାବେ ବାଂଲାଦେଶକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଥର୍ମୋକୁଲର ପେଟିରେ ବରଫ ଦେଇ ଗୋମାଂସ ଚାଲାଣ କରାଯାଉଛି। ଏଥିଲାଗି ଏକ ର୍‍ୟାକେଟ କାମ କରୁଛି।

ଗତ ୫ତାରିଖରେ କୋଲକାତାରୁ ଚେନ୍ନାଇ ଅଭିମୁଖେ ୩ଟି କଣ୍ଟେନରରେ ଗୋମାଂସ ଚାଲାଣ ହେଉଥିବା ବେଳେ ଖୋର୍ଦ୍ଧା ଗୋସୁରକ୍ଷା ସମିତିର କର୍ମକର୍ତ୍ତମାନେ ପିଛା କରି ଗଡଖୋର୍ଦ୍ଧା ଛକରେ ଧରିଥିଲେ। ୨ଟି କଣ୍ଟେନର ଖସି ଯାଇଥିବା ବେଳେ ୩ଟି କଣ୍ଟେନରକୁ ଧରି ପୋଲିସ ଜିମା ଦେଇଥିଲେ। କଣ୍ଟେନର ଆଗରେ ମିଲ୍କ ପ୍ରଡକ୍ଟ ଲେଖା ହୋଇଥିବାବେଳେ ପେଟି ଭିତରେ ବରଫ ଓ କୁଣ୍ଡା ଦିଆଯାଇ ଗୋମାଂସ ଚାଲାଣ ହେଉଥିଲା। ଏଥିରେ ଶହେ ଟନରୁ ଊର୍ଦ୍ଧ୍ୱ ଗୋମାଂସ ରହିଥିଲା। ସେହିପରି ସେପ୍ଟେମ୍ବର ୨୪ରେ ଅନୁଗୋଳରୁ ହାଇଦ୍ରାବାଦକୁ ଚାଲାଣ ହେଉଥିବା ୪ ଟନ ଗୋମାଂସ ବୋଝେଇ ଆଇଚରକୁ ବେଗୁନିଆ ପୋଲିସ ଜବତ କରିଥିଲା। ଏହି ଗୋମାଂସକୁ ନିକଟ ଜଙ୍ଗଲରେ ପୋତିଦିଆଯାଇଥିଲା। ସେପ୍ଟେମ୍ବର ୧୪ରେ ଜଟଣୀ ବ୍ଲକ ବେଣାପଞ୍ଜୁରୀ ଅଞ୍ଚଳରୁ ଏକ ଟ୍ରକରେ ଗୋମାଂସ ଚାଲାଣ ହେଉଥିଲା। ସ୍ଥାନୀୟ ଗ୍ରାମବାସୀ ଓ ଜଟଣୀ ପୋଲିସ ଏହାକୁ ଜବତ କରି ପୋତି ଦେଇଥିଲେ। ଏହି ଗୋମାଂସ ଜଟଣୀରୁ ମହାରାଷ୍ଟ୍ରକୁ ଚାଲାଣ ହେଉଥିଲା। ଖୋର୍ଦ୍ଧା ଟାଉନ ପୋଲିସ ସେପ୍ଟେମ୍ବର ୧୬ରେ ତରତୁଆ କବରସ୍ଥାନ ନିକଟରୁ ୭ କୁଇଣ୍ଟାଲ ଗୋମାଂସ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଥିଲା।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୯ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ମିଳନ ବେଳେ ଅଣ୍ଡିରା ବାରାଶିଙ୍ଗା ମୃତ

ବାରଙ୍ଗ,୮।୧୨(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବୁଧବାର ୩୮ ନଂ. ଏନ୍‌କ୍ଲୋଜରରେ ରହୁଥିବା ଏକ ୮ବର୍ଷର ଅଣ୍ଡିରା ବାରାଶିଙ୍ଗାର ମୃତ୍ୟୁ ଘଟିଛି। ମୃତ ବାରାଶିଙ୍ଗା ମିଳନ ପାଇଁ ଉଦ୍ୟମ କରିଥିଲା। ଏହି ସମୟରେ ଅନ୍ୟ ଏକ ଅଣ୍ଡିରା ବାରାଶିଙ୍ଗା ସହ ତା'ର ଗଣ୍ଡଗୋଳ ହୋଇଥିଲା। ଫଳରେ ସମ୍ପୃକ୍ତ ବାରାଶିଙ୍ଗା ଦେହରେ ଅନ୍ୟ ବାରାଶିଙ୍ଗାର ଶିଙ୍ଗ ପଶିଯିବାରୁ ସେ କ୍ଷତାକ୍ତ ଅବସ୍ଥାରେ ପଡ଼ିରହିଥିଲା। ଖାଇବାକୁ ଦେବା ସମୟରେ ତଳେ ପଡ଼ି ରହିଥିବା ବାରାଶିଙ୍ଗାଟି ନ ଆସିବାରୁ କର୍ମଚାରୀ ସନ୍ଦେହ କରିଥିଲେ। ପରେ ଦେଖିବାବେଳକୁ ସେ ମରି ଯାଇଥିବା ଜାଣିବାକୁ ପାଇଥିଲେ। ବାରାଶିଙ୍ଗାର ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ଏବେ ହ୍ରାସ ପାଇ ୧୩ରେ ପହଞ୍ଚିଛି। ତେବେ ପ୍ରାଣୀ ବିଭାଗ ଦାୟିତ୍ୱ ଖସାଇ ଦେଇ ଠିକାଦାରି କାମକୁ ଗୁରୁତ୍ୱ ଦେଉଥିବାରୁ ତଦାରଖ ଅଭାବ ଯୋଗୁ ବାରାଶିଙ୍ଗାଟିର ଜୀବନ ଯାଇଥିବା ଜଣାପଡ଼ିଛି।

### ମଣିପୁର ହରିଣ ଶାବକ ଜନ୍ମ

ବାରଙ୍ଗ,୮।୧୨(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବୁଧବାର ବିଳମ୍ବିତ ରାତିରେ ୩୭ନଂ. ଏନ୍‌କ୍ଲୋଜରରେ ରହୁଥିବା ମଣିପୁର ହରିଣ ଗୋଟିଏ ଶାବକକୁ ଜନ୍ମ ଦେଇଛି। ଶାବକ ଜନ୍ମ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୮ରେ ପହଞ୍ଚିଛି। ମା' ଓ ଛୁଆ ଉଭୟ ସୁସ୍ଥ ଥିବାବେଳେ ଜନ୍ମିତ ଶାବକର ଏପର୍ଯ୍ୟନ୍ତ ଲିଙ୍ଗ ନିରୂପଣ ହୋଇନାହିଁ।

### ଏଟିଏମ୍ କାର୍ଡ ବଦଳାଇ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୮।୧୨(ବ୍ୟୁରୋ): ଜଣେ ବ୍ୟକ୍ତିଙ୍କୁ ସହାୟତା ବାହାନାରେ ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଉଠାଇ ଫେରାର ଥିବା ଯୁବକଙ୍କୁ ଏୟାରପୋର୍ଟ ଥାନା ପୋଲିସ ୧୦ ମାସ ପରେ ଗିରଫ କରିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଞ୍ଚଳର କୈଳାସ ଚନ୍ଦ୍ର ସ୍ୱାଇଁ। ତାଙ୍କଠାରୁ ୨ଟି ସୁନା ମୁଦି ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୫୨/୨୦୨୨) ରୁଜୁ କରି ଗୁରୁବାର ଅଭିଯୁକ୍ତ କୈଳାସଙ୍କୁ ଗୁରୁବାର




କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ଫେବୃୟାରୀରେ ଗୁଣନିଧି ବେହେରା ପୋଖରିପୁଟ ଏସ୍‌ବିଆଇ ଏଟିଏମ୍‌କୁ ୨୦ ହଜାର ଟଙ୍କା ଜମା କରିବାକୁ ଯାଇଥିଲେ। ହେଲେ ଟଙ୍କା ଜମା କରିବା ଜଣା ନ ଥିବାରୁ ଅଭିଯୁକ୍ତ କୈଳାସର ସାହାଯ୍ୟ ଲୋଡିଥିଲେ। କିନ୍ତୁ ଏହାର ସୁଯୋଗ ନେଇ ଅଭିଯୁକ୍ତ କୈଳାସ ଗୁଣନିଧିଙ୍କୁ ଏଟିଏମ୍‌ର ପିନ୍ ମାଗିଥିଲେ। ଏହାପରେ ଏକ ଷ୍ଟେଟ୍‌ମେଣ୍ଟ ବାହାର କରିବା ପରେ ଏଟିଏମ୍‌ରେ ଟଙ୍କା ଜମା ହୋଇପାରିବ ନାହିଁ କହି ଏଟିଏମ୍ କାର୍ଡକୁ ବଦଳାଇ ନେଇଯାଇଥିଲେ। କିଛି ସମୟ ପରେ ଅଭିଯୁକ୍ତ ସୁନ୍ଦରପଦା ଅଞ୍ଚଳରେ ଥିବା ଏକ ଏଟିଏମ୍‌ରୁ ୧୯ ହଜାର ଓ ବରମୁଣ୍ଡାସ୍ଥିତ ଏକ ଏଟିଏମରୁ ୧ ହଜାର ଟଙ୍କା ଉଠାଇ ଖୋର୍ଦ୍ଧା ରୀତା ଗହଣା ଦୋକାନରୁ ୨୫ ହଜାର ଟଙ୍କାର ୨ଟି ସୁନା ମୁଦି କିଣି ଘରକୁ ଚାଲି ଯାଇଥିଲେ। ତେବେ ଗୁଣନିଧିଙ୍କ ଫୋନ୍‌କୁ କିଛି ସମୟ ପରେ ଟଙ୍କା ଉଠାଣ ମେସେଜ ଆସିବାରୁ ସେ ଏଟିଏମ୍‌କୁ ଯାଇ ଟଙ୍କା ଯାଞ୍ଚ କଲାବେଳେ ତାଙ୍କର ଏଟିଏମ୍ ବଦଳା ଯାଇଥିବା ଜାଣିବାକୁ ପାଇଥିଲେ।

# ଖୋଲିଲା ରାଜମହଲ ବହୁତଳ କାର୍ ପାର୍କିଂ

## କାର୍ ପାଇଁ ଘଣ୍ଟାକୁ ୪୦, ବାଇକ୍ ପାଇଁ ୨୦ ଟଙ୍କା

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ରାଜମହଲ ନିକଟ ୟୁନିଟ-୨ସ୍ଥିତ ନୂତନ ବହୁତଳ କାର୍ ପାର୍କିଂକୁ ପରୀକ୍ଷାମୂଳକ ଭାବେ ଖୋଲାଯାଇଛି। ଗୁରୁବାର ସନ୍ଧ୍ୟାରେ ଏଠାରେ ଗାଡ଼ି ରଖିବାକୁ ସାଧାରଣ ଲୋକଙ୍କୁ ସୁଯୋଗ ମିଳିଛି। ନଭେମ୍ବର ୨୬ରେ ଶହୀଦନଗର ବହୁତଳ ପାର୍କିଂ କାର୍ଯ୍ୟକ୍ଷମ ହୋଇଥିବାବେଳେ ସହରର ଦ୍ୱିତୀୟ ବହୁତଳ କାର୍ ପାର୍କିଂସ୍ଥଳ ଭାବେ ୟୁନିଟ-୧ ହାଟ, ୟୁନିଟ-୨ ମାର୍କେଟ ବିଲ୍ଡିଂ ଆଦି ଅଞ୍ଚଳରେ ସୃଷ୍ଟି ହେଉଥିବା ପାର୍କିଂ ଓ ଯାତାୟାତ ସମସ୍ୟା ଦୂର କରିବ ବୋଲି ଆଶା କରାଯାଉଛି।

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ) ପକ୍ଷରୁ ୦.୯୪୬ ଏକର ଜାଗାରେ ଏହି ବହୁତଳ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏଠାରେ ୪ଶହ କାର୍ ଓ ୭ଶହ ବାଇକ ଏକ ସମୟରେ ପାର୍କ ହୋଇ ପାରିବ। ଉଭୟ ଜାଗାରେ ସ୍ମାର୍ଟ ପାର୍କିଂ ବ୍ୟବସ୍ଥା କାମ କରିବ। ପାର୍କିଂସ୍ଥଳକୁ ଆସିବା ପୂର୍ବରୁ ଲୋକେ ପାର୍କିଂ ଅଞ୍ଚଳ ଫାଙ୍କା ଅଛି କି ନାହିଁ ଜାଣିବା ସହ ଆଗୁଆ ସ୍ଲଟ୍ ବୁକିଂ କରିବା ସୁବିଧା ରହିଛି। ଏଠାରେ



ମଧ୍ୟ ଶହୀଦନଗର ଭଳି ପାର୍କିଂ ଦେୟ ରହିଛି। କାର୍ ପାଇଁ ଘଣ୍ଟାକୁ ୪୦ ଟଙ୍କା, ୨ ଘଣ୍ଟାକୁ ୬୦ ଟଙ୍କା ଓ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରହିଲେ ସର୍ବାଧିକ ୧୦୦ ଟଙ୍କା ଧାର୍ଯ୍ୟ ହୋଇଛି। ସେହିଭଳି ବାଇକ ପାଇଁ ୨୦ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଦୁଇ ଘଣ୍ଟା ରହିଲେ ୪୦ ଓ ୪ ଘଣ୍ଟାରୁ ଅଧିକ ସମୟ ରହିଲେ ୮୦ ଟଙ୍କା ଧାର୍ଯ୍ୟ ହୋଇଛି। ପ୍ରଥମ ଦିନରେ ପ୍ରାୟ ୪୦ଟି କାର୍ ଓ ବାଇକ ପାର୍କିଂ ହୋଇଥିଲା।

ଲୋକମାନେ ଏହି ବହୁତଳ ପାର୍କିଂରେ ଗାଡ଼ି ରଖି ୧ ନମ୍ବର ହାଟ କିମ୍ବା ରାସ୍ତା ଅପରପାର୍ଶ୍ୱକୁ ଯିବା ପାଇଁ ଏହି ଭୂତଳ ରାସ୍ତା ବ୍ୟବହାର କରିବେ। ଉଭୟ ପଟେ ଅନ୍‌ଷ୍ଟ୍ରିଟ୍ ପାର୍କିଂ ବନ୍ଦ ହେବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ୟୁନିଟ-୧ ହାଟରୁ ମାର୍କେଟ ବିଲ୍ଡିଂକୁ ସଂଯୋଗ କରୁଥିବା ଭୂତଳ ରାସ୍ତାକୁ ଶତପ୍ରତିଶତ କାର୍ଯ୍ୟକ୍ଷମ କରିବାକୁ ବିଏମ୍‌ସି ଯୋଜନା କରିଛି। ଏଥିପାଇଁ ଭୂତଳ ରାସ୍ତା ସାମ୍ନାରେ ଥିବା ଜବରଦଖଲକୁ ହଟା ଯାଇଛି। ଲୋକମାନେ ଏହି ବହୁତଳ ପାର୍କିଂରେ ଗାଡ଼ି ରଖି ୧ ନମ୍ବର ହାଟ କିମ୍ବା ରାସ୍ତା ଅପରପାର୍ଶ୍ୱକୁ ଯିବା ପାଇଁ ଭୂତଳ ରାସ୍ତା ବ୍ୟବହାର କରିବେ। ଏଥିସହ ଉଭୟ ପଟେ ଅନ୍‌ଷ୍ଟ୍ରିଟ୍ ପାର୍କିଂ ବନ୍ଦ ହେବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ୟୁନିଟ-୧ ହାଟରୁ ମାର୍କେଟ ବିଲ୍ଡିଂକୁ ସଂଯୋଗ କରୁଥିବା ଭୂତଳ ରାସ୍ତାକୁ ଶତପ୍ରତିଶତ କାର୍ଯ୍ୟକ୍ଷମ କରିବାକୁ ବିଏମ୍‌ସି ଯୋଜନା କରିଛି। ଏଥିପାଇଁ ଭୂତଳ ରାସ୍ତା ସାମ୍ନାରେ ଥିବା ଜବରଦଖଲକୁ ହଟା ଯାଇଛି।

ସୂଚନାଯୋଗ୍ୟ, ଏହି ବହୁତଳ ପାର୍କିଂକୁ ୨୦୨୦ରେ ଶେଷ କରିବାକୁ ଧାର୍ଯ୍ୟ କରାଯାଇ ଥିଲେ ମଧ୍ୟ ଜବରଦଖଲ ସମସ୍ୟା ପାଇଁ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିଳମ୍ବ ହୋଇଛି। ଏହି ଜବରଦଖଲକୁ ନେଇ ହାଇକୋର୍ଟରେ ୩ଟି ମାମଲା ରହିଥିଲା। ସ୍ୱତନ୍ତ୍ର ଓକିଲଙ୍କ ଜରିଆରେ ଏହି ମାମଲାକୁ ପୂର୍ବତନ କମିଶନର ସଞ୍ଜୟ ସିଂହ ୩ ମାସରେ ଫଏସଲା କରିବା ପରେ ଜବରଦଖଲ ହଟାଯାଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା।

# ଓଡ଼ିଶା ଜଳସମ୍ପଦ ବିଭାଗ ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘର ଆନ୍ଦୋଳନ ଡାକରା

ଭୁବନେଶ୍ୱର, ୮।୧୨ (ବ୍ୟୁରୋ)

ସରକାର ଜଳସମ୍ପଦ ବିଭାଗର ଅସ୍ଥାୟୀ କର୍ମଚାରୀଙ୍କ ଦାବି ପ୍ରତି ଅଣଦେଖା କରି ଆସୁଛନ୍ତି। ଏହା ପ୍ରତିବାଦରେ ଅଲ୍ ଓଡ଼ିଶା ଜଳସମ୍ପଦ ବିଭାଗ ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘ ଆନ୍ଦୋଳନ ଡାକରା ଦେଇଛି। ଦାବି ପୂରଣ ପାଇଁ ଜୋର୍‌ଦାର ଆନ୍ଦୋଳନ କରାଯିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଗୁରୁବାର ବିଜୁ ଶ୍ରମିକ ସାମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଆନ୍ଦୋଳନର ତାରିଖ ଜାନୁୟାରୀ ୧୪ରେ ହେବାକୁ ଥିବା ବୈଠକରେ ଘୋଷଣା କରାଯିବ ବୋଲି ସଂଘ ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା ଓ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ଗ୍ରେଡେସନ୍ ଭିତ୍ତିରେ ତୁରନ୍ତ ସ୍ଥାୟୀ କରିବା ପାଇଁ ସଂଘ ସରକାରଙ୍କୁ ବାରମ୍ବାର ଅନୁରୋଧ କରି ଆସୁଛି। ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ଡିଏଲ୍‌ଆର୍ ଭାବେ କାମ କରିଆସୁଥିଲେ ମଧ୍ୟ ସରକାର ସ୍ଥାୟୀ ନିଯୁକ୍ତି ଦେଇନାହାନ୍ତି। ଏପିରିକି କେତେଜଣ କର୍ମଚାରୀଙ୍କୁ ସରକାର ଛଟେଇ ମଧ୍ୟ କରିଛନ୍ତି। ଅସ୍ଥାୟୀ କର୍ମଚାରୀଙ୍କ ଗ୍ରେଡେସନ୍ ଲିଷ୍ଟ ସରିଛି। ତେଣୁ ଏହି ଲିଷ୍ଟ ଅନୁଯାୟୀ ସେମାନଙ୍କୁ ସ୍ଥାୟୀ କରିବା ସହ ଛଟେଇ କର୍ମଚାରୀଙ୍କୁ ଆଉଥରେ ନିଯୁକ୍ତି ଦେବା ପାଇଁ ଦାବି କରାଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ପିଲାଛୁଆ ଧରି ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ଜଳସମ୍ପଦ ବିଭାଗର ଅସ୍ଥାୟୀ କର୍ମଚାରୀ ସଂଘ ସଭାପତି ସନ୍ତୋଷ ମହାନ୍ତି ସୂଚନା ଦେଇଛନ୍ତି।

# ସେମିରେ ବରଗଡ଼, ବ୍ରାହ୍ମଣୀ, ପ୍ରତାପନଗରୀ



ଦୁଇ ଦଳ ମଧ୍ୟରେ ଚାଲିଥିବା ଫୁଟବଲ ମ୍ୟାଚ୍।

## ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ

ବାରଙ୍ଗ,୮।୧୨(ଡି.ଏନ୍.ଏ.)

ଗଣ୍ଡରପୁର ମିନି ଷ୍ଟାଡିୟମରେ ଚାଲିଥିବା ୨୦ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ପଞ୍ଚମ ଦିନରେ ଗ୍ରାମାଞ୍ଚଳର ୨ଟି ଏବଂ ସହରାଞ୍ଚଳର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ସହରାଞ୍ଚଳର ବରଗଡ଼ ୟୁନାଇଟେଡ୍ ସହ କେମରୁନ ଇଲେଭେନ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିବାରୁ ମ୍ୟାଚ୍ ଡ୍ର ହୋଇ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ବରଗଡ଼ ୟୁନାଇଟେଡ୍ ୫-୪ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଗ୍ରାମାଞ୍ଚଳର ପ୍ରଥମ ମ୍ୟାଚ୍ ବ୍ରାହ୍ମଣୀ ଗାଁ ଫୁଟବଲ୍ କ୍ଲବ ୧-୦ ଗୋଲରେ ଜୟପୁର ବନ ମହାବୀର କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍ ପ୍ରତାପନଗରୀ ପ୍ରତାପ କ୍ଲବ ୨-୦ ଗୋଲରେ ବାରଦା ଜୟଦୁର୍ଗା କ୍ଲବକୁ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି। ଗ୍ରାମାଞ୍ଚଳର ପ୍ରତାପନଗରୀ ଦଳର ଚନ୍ଦନ ମୁଦୁଲି ଓ ବ୍ରାହ୍ମଣୀ ଗାଁ ଦଳର ସୁମନ ମାଝୀ ଏବଂ ସହରାଞ୍ଚଳର ବରଗଡ଼ ଦଳର ରାଜୁ ବେହେରା ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ୧୨ନଂ. କର୍ପୋରେଟର ଜୟନ୍ତୀ ସାହୁ, ୫ନଂ. କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ, ଇଞ୍ଜଣା ସରପଞ୍ଚ ହେମନ୍ତ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ଗ୍ରାମାଞ୍ଚଳରୁ ଗୋଠପୁର ମା' ମଙ୍ଗଳା କ୍ଲବ ଓ ବରାହୀପୁର ସୁପ୍ରିମ ଫୁଟବଲ ଏବଂ ବଉଳକୁଦ ସ୍ୱର୍ଣ୍ଣଦେବୀ କ୍ଲବ ଓ ଘାଟିକିଆ ବଜରଙ୍ଗବାଲି କ୍ଲବ ମଧ୍ୟରେ ଖେଳ ହେବ। ସେହିପରି ସହରାଞ୍ଚଳରୁ କଟକ ମା' ମଙ୍ଗଳା କ୍ଲବ ଓ ଭୁବନେଶ୍ୱର ଜଗା ୟୁନାଇଟେଡ୍ ମଧ୍ୟରେ ଖେଳ ହେବ ବୋଲି କ୍ଲବ ସମ୍ପାଦକ ମାନସ ରଞ୍ଜନ ପଢିଆରୀ କହିଛନ୍ତି।

# ଆର୍‌ଟିଇର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସରକାରୀ ତତ୍ପରତା ଜରୁରୀ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ରାଜ୍ୟରେ ପ୍ରାଥମିକ ଶିକ୍ଷାର ସ୍ଥିତି ସମ୍ପର୍କିତ ତଥ୍ୟ ଅନୁସନ୍ଧାନ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

## ପ୍ରାଥମିକ ଶିକ୍ଷା ସ୍ଥିତି ରିପୋର୍ଟ ଉନ୍ମୋଚିତ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଅନେକ ଅଞ୍ଚଳକୁ ଆଜି ବି ଠିକ୍ ଭାବେ ଶିକ୍ଷା ପହଞ୍ଚି ପାରୁନାହିଁ। ଶିକ୍ଷାଜନିତ ସମସ୍ତ ସୁବିଧା ମିଳି ପାରୁନାହିଁ। ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ)ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସରକାରୀ ତତ୍ପରତା ଜରୁରୀ ବୋଲି ଗୁରୁବାର ସ୍ଥାନୀୟ ଗୁରୁ କେଲୁଚରଣ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ 'ଶିକ୍ଷା କାହାକୁ ଅପେକ୍ଷା କରେନାହିଁ' କାର୍ଯ୍ୟକ୍ରମରେ ଯୋଗଦେଇ ମନୋଜ କୁମାର ସାମନ୍ତରାୟ କହିଛନ୍ତି। ଆତ୍ମଶକ୍ତି ଟ୍ରଷ୍ଟ, ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ରାଜ୍ୟରେ ପ୍ରାଥମିକ ଶିକ୍ଷାର ସ୍ଥିତି ସମ୍ପର୍କିତ ତଥ୍ୟ ଅନୁସନ୍ଧାନ ରିପୋର୍ଟ ଉନ୍ମୋଚିତ ହୋଇଥିଲା। କୋଭିଡ୍ ସମୟରେ ୨ବର୍ଷ ପାଇଁ ଶିକ୍ଷାରୁ ବଞ୍ଚିତ ଥିବା ପିଲାମାନଙ୍କୁ ନେଇ ଓଡ଼ିଶାର ୧୩ଟି ଜିଲା, ୭୩ଟି ବ୍ଲକ ଏବଂ ଗୋଟିଏ ପୌରାଞ୍ଚଳ ଅନ୍ତର୍ଗତ ୪୮୫ଟି ଗ୍ରାମ ପଞ୍ଚାୟତର ୧୪୦୪ ଗ୍ରାମରେ ଏହି ସର୍ଭେ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମରେ କେତେ ପିଲା ଅନୁପସ୍ଥିତ ରହୁଛନ୍ତି, କେତେ ପିଲା ଏହା ବିଷୟରେ ଜାଣିନାହାନ୍ତି, କେଉଁ ସ୍କୁଲଗୁଡ଼ିକରେ ଏହା ହେଉନାହିଁ, ଶିକ୍ଷା ସାମଗ୍ରୀ ମିଳୁନାହିଁ, ଶୌଚାଳୟ ଓ ଅନ୍ୟାନ୍ୟ ଅସୁବିଧାଜନିତ ସମସ୍ୟାକୁ ରିପୋର୍ଟରେ ପ୍ରକାଶ କରାଯାଇଛି। କାର୍ଯ୍ୟକ୍ରମରେ ଶିଶୁ ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର, ଅଞ୍ଜନ ପ୍ରଧାନ, ଶାନ୍ତି ଭୋଇ, ଅନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇୱାକୁ ପିଟିଲା ବାଇକ୍, ଚାଳକ ଆହତ

ବାରଙ୍ଗ,୮।୧୨(ଡି.ଏନ୍.ଏ.)

ନନ୍ଦନକାନନ ଛକରେ ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ଏକ ମାଟି ବୋଝେଇ ହାଇୱା ସହ ଏକ ବାଇକ୍ ଧକ୍କା ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ବାଇକ୍ ଚାଳକ ନନ୍ଦନକାନନ ଭେଟେରିନାରିର ଅସ୍ଥାୟୀ କର୍ମଚାରୀ ସ୍ୱପ୍ନେଶ୍ୱର ପଡ଼ିହାରୀ ଖାମଖିଆଲ ଭାବେ ରଙ୍ଗ୍ ରୁଟ୍‌ରେ ନନ୍ଦନକାନନ ଛକରେ ଗାଡ଼ି ବୁଲାଇ ପଦାସାହି ପଟକୁ ଆସି ହାଇୱାକୁ ଧକ୍କା ଦେଇଥିଲେ। ହାଇୱାଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

## ଜମି ଦେବା କହି ଠକେଇ: ଫେରାର ଅଭିଯୁକ୍ତ ଗିରଫ

ବାରଙ୍ଗ,୮।୧୨(ଡି.ଏନ୍.ଏ.)

ଜମି ଦେବା ନାଁରେ ୧୦ଲକ୍ଷ ଟଙ୍କା ଠକେଇ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଅନ୍ଧାରୁଆ ଗ୍ରାମର ପ୍ରମୋଦ ମାନ୍ଧାତା। ଜନାର୍ଦ୍ଦନ ସାହୁ ଅନ୍ଧାରୁଆ ନିକଟରେ ଏକ କାରଖାନା କରିବା ପାଇଁ ଜମି କିଣିବାକୁ ପ୍ରମୋଦଙ୍କ ସହ କଥାବାର୍ତ୍ତା ହୋଇଥିଲେ। ପରେ ଅଗ୍ରିମ ଆକାରରେ ଜନାର୍ଦ୍ଦନ ୧୦ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ଜମି ପଞ୍ଜୀକରଣ କରିବାକୁ ଆଇନଗତ ସମସ୍ୟା ଦର୍ଶାଇ ପ୍ରମୋଦ ଧରା ଦେଇ ନ ଥିଲେ। ଏନେଇ ଜନାର୍ଦ୍ଦନ ପ୍ରଥମେ ଖଣ୍ଡଗିରି ଓ ପରେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉପସ୍ଥିତିରେ ଚୁକ୍ତିନାମା ଅନୁଯାୟୀ ଜନାର୍ଦ୍ଦନଙ୍କୁ ଚେକ୍ ଦେଇଥିଲେ। କିନ୍ତୁ ଉକ୍ତ ଚେକ୍‌ଟି ବ୍ୟାଙ୍କରେ ପୈଠ ପରେ ଦସ୍ତଖତ ନ ମିଶିବାରୁ ଖାରଜ ହୋଇଯାଇଥିଲା। ଏହାପରେ ପ୍ରମୋଦଙ୍କୁ ଟଙ୍କା ମାଗିବାରୁ ସେ ମାରିଦେବାକୁ ଧମକ ଦେଇଥିବାର ନେଇ ଜନାର୍ଦ୍ଦନ ଥାନାରେ ଅଭିଯୋଗ କରିଥିଲେ।

# ମଣିଷ ଜୀବନରେ ଦର୍ଶନତତ୍ତ୍ୱର ଆବଶ୍ୟକତା

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ବିଶ୍ୱ ଦର୍ଶନ ଦିବସ ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜୈନ ଦର୍ଶନ ସମ୍ପର୍କିତ ଏକ ଜାତୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନ୍ମଥନାଥ ପାଢୀ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକୀ ଜୀବନ ଚର୍ଯ୍ୟାରେ ଜୈନ୍ ଦର୍ଶନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଦାର୍ଶନିକ ତଥା ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ବିଶେଷ ବକ୍ତା ଭାବେ ଯୋଗଦେଇ




କର୍ମଶାଳାରେ ଯୋଗଦେଇଥିବା ଅତିଥି।

ଜଗତୀକରଣ ଯୁଗରେ ମଣିଷ ଜୀବନରେ ଦର୍ଶନ ତତ୍ତ୍ୱର ଆବଶ୍ୟକତା ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ସୁବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ଅଧ୍ୟାପିକା ଡ. କଲ୍ୟାଣୀ ଷଡ଼ଙ୍ଗୀ ଉପସ୍ଥିତ ରହି ବ୍ୟକ୍ତିତ୍ୱ ଓ ଦୈନନ୍ଦିନ ଜୀବନରେ ଶାନ୍ତି ନିମନ୍ତେ ଜୈନ ଦର୍ଶନର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଆଶିଷ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୈନ ଚେୟାରର ସଂଯୋଜିକା ଡ.ସୁଚିତ୍ରା ଦାସ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ।

# ପଥପ୍ରାନ୍ତ ନାଟକ, ଖେଳକୁଦ ମାଧ୍ୟମରେ ଶିକ୍ଷକଙ୍କ ପ୍ରତିବାଦ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ଚତୁର୍ଥ ଦିନ ଧାରଣାରେ ବହୁ କଳା ଓ କ୍ରୀଡ଼ା ପ୍ରଶିକ୍ଷକ ପ୍ରଶିକ୍ଷିକା ଉପସ୍ଥିତ ରହି ଲୋୟର ପିଏମ୍‌ଜିରେ ତାଙ୍କର ନ୍ୟାର୍ଯ୍ୟଦାବିକୁ ପଥପ୍ରାନ୍ତ ନାଟକ ଓ କୌତୁକିଆ କ୍ରୀଡ଼ା ମାଧ୍ୟମରେ ପ୍ରଦର୍ଶିତ କରି ସରକାରଙ୍କୁ ଅଭିନବ ଉପାୟରେ ଦାବି ଜଣାଇଛନ୍ତି। କଳା ଓ କ୍ରୀଡ଼ା ପ୍ରଶିକ୍ଷକ ପ୍ରଶିକ୍ଷିକାଙ୍କ ଏଭଳି ନାଟକ ଦେଖିବା ପାଇଁ ବହୁ ପଥଚାରୀ ଓ ଅନ୍ୟ ଆନ୍ଦୋଳନକାରୀ ଭିଡ଼ ଜମାଇଥିଲେ। ଯେପର୍ଯ୍ୟନ୍ତ ସରକାର ମହାସଂଘର ଦାବିକୁ ସମ୍ମାନ ଦେଇ ନାହାନ୍ତି ସେପର୍ଯ୍ୟନ୍ତ ରାଜରାସ୍ତାରେ ବସିବେ ବୋଲି ମହାସଂଘର ଆବାହକ ଧର୍ମେନ୍ଦ୍ର ପଣ୍ଡା ଓ ଦେବବ୍ରତ ପଟ୍ଟନାୟକ, ସଂଯୋଜକ ଆଶୁତୋଷ ଶତପଥୀ ପ୍ରମୁଖ ଚେତାବନୀ ଦେଇଛନ୍ତି।



ବିପ୍ଲବୀ ନେତା ଭବାନୀଶଙ୍କର ପରିଜାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବିରୋଧ ପରେ ଗଙ୍ଗନଗରରେ ଉଚ୍ଛେଦ ବନ୍ଦ

## ପଲିଥିନ୍ ଜବତ, ୨୮ହଜାର ୫ଶହ ଜରିମାନା ଆଦାୟ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ରାଜଧାନୀରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯାଉଛି। ହେଲେ ବିରୋଧ ଯୋଗୁ ଉଚ୍ଛେଦ ବାଧାପ୍ରାପ୍ତ ହେଉଛି। ଗୁରୁବାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨, ୩ ଏବଂ ୪ ବିମାନବନ୍ଦର ଓ କ୍ୟାପିଟାଲ ଥାନା ଅଧୀନରୁ ବ୍ୟାପକ ଜବରଦଖଲ ହଟାଇଥିଲେ। ହେଲେ ୟୁନିଟ-୬ସ୍ଥିତ ଗଙ୍ଗନଗର ଅଞ୍ଚଳରେ ଥିବା ପ୍ଲୁମାସ ଇଣ୍ଟରନ୍ୟାଶନାଲ ଜୁଡୋ ଟ୍ରେନିଂ ସେଣ୍ଟରକୁ ଭାଙ୍ଗିବା ସମୟରେ କଂଗ୍ରେସ ନେତା ତଥା ଆଇନ୍‌ଜୀବୀ ଶିବାନନ୍ଦ ରାୟ ବିରୋଧ କରିଥିଲେ। ପ୍ରବଳ ବିରୋଧ ସହିତ ୫ଦିନ ସମୟ ମଧ୍ୟରେ ସେଣ୍ଟର ଭାଙ୍ଗିବାକୁ ଅଣ୍ଡରଟେକିଂ ଲେଖିବା ପରେ ଉଚ୍ଛେଦ ବନ୍ଦ ରହିଥିଲା। ବିଡିଏ ପକ୍ଷରୁ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଅମିୟ



ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

କୁମାର ଦାଶ, ଖଣ୍ଡଗିରି ଥାନାଧିକାରୀ ମଧୁସୂଦନ ଭୋଇଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଉପସ୍ଥିତ ଥିଲେ।

ଅପରପକ୍ଷେ ଭୀମପୁର ମୌଜାର ରାଜସ୍ୱ ବିଭାଗ ଅଧୀନ ପ୍ଲଟ ନଂ. ୫୬ରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସଂପୃକ୍ତ ଅଞ୍ଚଳରୁ ପ୍ରାୟ ୨ହଜାର ବର୍ଗଫୁଟ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇଛି। ସେହିପରି ୱାର୍ଡ଼ ୯, ୧୦, ୧୧ ଓ ୧୨ ପକ୍ଷରୁ ଆଚାର୍ଯ୍ୟ ବିହାରରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଛି। ଲକ୍ଷ୍ମୀସାଗର, ଝାରପଡ଼ା, ବାପୁଜୀନଗର, କଳ୍ପନା ଛକସ୍ଥିତି ଫଳ ଭେଣ୍ଡିଂ ଜୋନ୍, ବମିଖାଲ ଆଦି ଅଞ୍ଚଳରେ ଖାଦ୍ୟ ନିରାପତ୍ତା, ପରିମଳ ରକ୍ଷା ଯାଞ୍ଚ ପାଇଁ ବିଭିନ୍ନ ଦୋକାନ, ବଜାର ଏବଂ ହୋଟେଲରେ ଚଢ଼ାଉ କରାଯାଇଥିଲା। ଏହି କ୍ରମରେ ୧୦ କେଜି ପଲିଥିନ୍ ଜବତ କରାଯିବା ସହ ମୋଟ ୨୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସ୍କ୍ୱାଡ୍ ନମ୍ବର ୧୩, ୧୪, ୧୫ ଓ ୧୬ କଳିଙ୍ଗ ଷ୍ଟୁଡ଼ିଓ ଛକରୁ ପଟାସ ଛକ ମଧ୍ୟରେ ଗଢ଼ିଉଠିଥିବା ବେଆଇନ୍ ନିର୍ମାଣକୁ ମାଟିରେ ମିଶାଇଥିଲେ। ଅନ୍ୟପଟେ ସ୍କ୍ୱାଡ୍ ନମ୍ବର ୫, ୬, ୭ ଓ ୮ ରଘୁନାଥପୁର, କିଟ୍ ରୋଡ୍, ପ୍ରଶାନ୍ତି ବିହାର ଅଞ୍ଚଳରେ ଥିବା ରାସ୍ତାକଡ଼ରୁ ଜବରଦଖଲ ହଟାଇଥିଲେ। ତେବେ ପରିମଳ କ୍ଷେତ୍ରରେ ଖିଲାପ କାରଣରୁ କେତେଜଣ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି କ୍ରମରେ ମୋଟ ୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**କଟକ ଅଫିସ:** ଖାନ୍‌ନଗର ପାର୍କ ନିକଟରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହକୁ ଗୁରୁବାର ସକାଳେ ବାଦାମବାଡି ପୋଲିସ ଜବତ କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ପୋଲିସ କହିଛି। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡ଼ିକାଲ ପଠାଇଛି। ଖାନ୍‌ନଗର ପାର୍କରେ ମର୍ନିଂୱାକ୍ କରିବା ପାଇଁ ଆସିଥିବା ଲୋକେ ନିକଟସ୍ଥ ଏକ ଗଛରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ୧୦ରୁ ଆଇନଜୀବୀ ସମ୍ମିଳନୀ

**କଟକ ଅଫିସ, ୮।୧୨:** ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରାଜଯୋଗ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନର ଜୁରିଷ୍ଟ ପ୍ରଭାଗ ଆନୁକୂଲ୍ୟରେ ଫୁଲନଖରା ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବରରେ ଆସନ୍ତା ୧୦ ଓ ୧୧ ତାରିଖରେ ଦୁଇ ଦିନିଆ ଆଇନଜୀବୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ରଞ୍ଜନ ଗୋଗଇ, ସମ୍ମାନିତ ଅତିଥି ଭାବେ ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ବିଚାରପତି ବି. ଡି. ରାଠୀ, ଓଡ଼ିଶା ହାଇକୋର୍ଟ ବିଚାରପତି ବିଦ୍ୟୁତ ରଞ୍ଜନ ଷଡଙ୍ଗୀ, ଦେବବ୍ରତ ଦାସ ଏବଂ ଶଶିକାନ୍ତ ମିଶ୍ର, ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ ପରିଜା, ଓଡ଼ିଶା ଲୋକାୟୁକ୍ତ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁ ଓ କଟକ ଆଇନ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁକାନ୍ତ କୁମାର ନନ୍ଦ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ କଟକ ସବ୍‌ଜୋନ୍‌ର ମୁଖ୍ୟ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ କମଲେଶ ଗୁରୁବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

### ମେଣ୍ଢା ଚୋରି ଅଭିଯୋଗରେ ୨ ଗିରଫ

**କଣ୍ଟାପଡା,୮।୧୨(ଡି.ଏନ୍.ଏ.):** ମେଣ୍ଢା ଚୋରି ଅଭିଯୋଗରେ ଗୋବିନ୍ଦପୁର ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଆଳି ଥାନା ଅଧୀନ ମଝିଖଣ୍ଡ ଗ୍ରାମର ସାଜନ ଖାଁ ଓ ନୂଆଗାଁ ଗ୍ରାମର ଭାଗୀରଥୀ ସ୍ୱାଇଁ। ସେମାନଙ୍କ ନିକଟରୁ ୭ଟି ମେଣ୍ଢା ଓ ଗୋଟିଏ ବୋଦା ଉଦ୍ଧାର କରାଯାଇ ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଗୋବିନ୍ଦପୁର ଥାନାରେ ଏକ ମାମଲା(ନଂ.୧୮୬/୨୨) ରୁଜୁ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ କଟକ ସଦର ଥାନା କୋରକୋରା ପଞ୍ଚାୟତ ଏଟୁଆସାହିର ସୁଧାକର ବେହେରାଙ୍କ ଗୁହାଳରୁ ମେଣ୍ଢା ଚୋରି କରି କାରରେ ଭର୍ତ୍ତି କରିଥିଲେ। ସେଠାରୁ ଆସି ଗୋବିନ୍ଦପୁର ଥାନା ନୂଆଗାଁ ଗ୍ରାମର ମନୋରଞ୍ଜନ ବେହେରାଙ୍କ ଗୁହାଳରୁ ମେଣ୍ଢା ଚୋରି କରୁଥିଲେ। ଏତିକିବେଳେ ପାଟ୍ରୋଲିଂ କରୁଥିବା ପୋଲିସ ସେଠାରେ ଅଟକିଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବାବେଳେ ପୋଲିସ ୨ ଜଣଙ୍କୁ କାବୁ କରିଥିଲା। ଏହି ଘଟଣାରେ ଏକ ବଡ ର୍‍ୟାକେଟ କାମ କରୁଥିବା ଆଇଆଇସି ରବିନାରାୟଣ ବେହେରା କହିଛନ୍ତି।

### ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ବିଡ଼ାନାସୀ ଫୁଟ୍‌ବଲ କ୍ଲବ ବିଜୟୀ

**ମଙ୍ଗୁଳି/ଜଗତପୁର,୮।୧୨ (ଡି.ଏନ୍.ଏ.):** କଟକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ଓ ଚୌଦ୍ୱାର ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚୌଦ୍ୱାର ଓଟିଏମ୍ ହାଇସ୍କୁଲ ପଡିଆରେ ଚାଲିଥିବା ଜିଲାସ୍ତରୀୟ ବଚନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଥିଲା ପଞ୍ଚମ ଦିବସ। ଏଥିରେ କଟକର ବିଡାନାସୀ ଫୁଟ୍‌ବଲ କ୍ଲବ ଓ ଗୋପାଳପୁରର ଆଚିଭର କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିଡାନାସୀ ଫୁଟ୍‌ବଲ କ୍ଲବ ଟ୍ରାଇ ବ୍ରେକର ଜରିଆରେ ୫-୩ ଗୋଲରେ ଆଚିଭର କ୍ଲବ୍‌କୁ ପରାସ୍ତ କରିଛି। ଚୌଦ୍ୱାର ୟୁଥ୍ ଆସୋସିଏଶନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ମ୍ୟାଚରେ ଚୌଦ୍ୱାର ସ୍ପୋର୍ଟ୍ସ କାଉନ୍‌ସିଲ୍‌ର ସଭାପତି ଟିଙ୍କି ସାମଲ ଯୋଗ ଦେଇଥିଲେ। ବିଡାନାସୀ ପକ୍ଷରୁ ଚିନ୍ମୟ ଶେଖର ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ୟୁଥ୍ ଆସୋସିଏଶନ ସଭାପତି ପ୍ରଶାନ୍ତ କୁମାର ସାହୁ, ବାପି ମଲ୍ଲ, ଚିନ୍ତାମଣି ସାହୁ, ପ୍ରବୀର କୁମାର ଜେନା, ସନ୍ତୋଷ କୁମାର ଓଝା ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୟ କୁମାର ରାଉତ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ ଦେଇଥିଲେ।

# ମହିଳା କର୍ପୋରେଟରଙ୍କୁ କମିଶନରଙ୍କ ଦୁର୍ବ୍ୟବହାର

**କଟକ ଅଫିସ,୮।୧୨**

- ସିଏମ୍‌ସି ମୁଖ୍ୟ ଫାଟକରେ ତାଲା
- ଧାରଣାରେ ବସିଲେ କର୍ପୋରେଟର
- ଭିତରେ ଫସି ରହିଲେ ଲୋକେ

କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପଓ୍ୱନ କଲ୍ୟାଣ ଜଣେ ମହିଳା କର୍ପୋରେଟରଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗକୁ ନେଇ କର୍ପୋରେଟରମାନେ ଗୁରୁବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏପରି କି କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ପରେ ନିକଟରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ବସିରହି କମିଶନରଙ୍କ ଇସ୍ତଫା ସହ ବଦଳି ଦାବି କରିଥିଲେ। ହୋହଲ୍ଲାରେ କାର୍ଯ୍ୟାଳୟ ସମ୍ମୁଖ କମ୍ପିଥିଲା। ଖବରପାଇ ସିଏମ୍‌ସି ମେୟର ସୁବାସ ସିଂ ପହଞ୍ଚି ଧାରଣାରତ କର୍ପୋରେଟରମାନଙ୍କ ସହ ଆଲୋଚନା କରି ବିଫଳ ହୋଇଥିଲେ। ପରେ ସେ କମିଶନରଙ୍କୁ ଧାରଣାସ୍ଥଳକୁ ଡକାଇ କର୍ପୋରେଟରମାନଙ୍କ ସହିତ ଆଲୋଚନା ପାଇଁ ଉଦ୍ୟମ କରିଥିଲେ। ହେଲେ ଏହି ଆଲୋଚନା ମଧ୍ୟ ଫେଲ୍ ମାରିଥିଲା। ପରବର୍ତ୍ତୀ ସମୟରେ ଆସନ୍ତା କାଉନ୍‌ସିଲ ବୈଠକ ବର୍ଜନ କରିବା ନିଷ୍ପତ୍ତି ନେଇ କର୍ପୋରେଟରମାନେ ଧାରଣାରୁ ଓହରି ଯାଇଥିଲେ। ତେବେ ଇତି ମଧ୍ୟରେ ବିଭିନ୍ନ କାର୍ଯ୍ୟ ପାଇଁ ସିଏମ୍‌ସି କାର୍ଯ୍ୟାଳୟକୁ ଆସିଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଫାଟକରେ ତାଲା ପଡିବା କାରଣରୁ ଲୋକମାନେ କାର୍ଯ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ସେହିପରି ଭିତରେ ଥିବା ଲୋକମାନେ ମଧ୍ୟ ବାହାରକୁ ଆସିପାରି ନ ଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ୱାର୍ଡର ଜେଇଙ୍କ ବଦଳି ସମ୍ପର୍କରେ ଆଲୋଚନା ପାଇଁ କଂଗ୍ରେସ, ଭାଜପା ଓ ବିଜେଡି କର୍ପୋରେଟରମାନେ ସିଏମ୍‌ସି ବିଜୁଭବନକୁ କମିଶନରଙ୍କୁ ଭେଟିବା ପାଇଁ ଯାଇଥିଲେ। ସେଠାରେ ଏ ସମ୍ପର୍କରେ ଆଲୋଚନା ହେବାବେଳେ କର୍ପୋରେଟର ଓ କମିଶନରଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉଗ୍ରରୂପ ନେଇଥିଲା। ଏଥିରେ କମିଶନର ଉତ୍ତ୍ୟକ୍ତ ହୋଇ ଜଣେ ମହିଳା କର୍ପୋରେଟରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ କର୍ପୋରେଟରମାନେ କମିଶନରଙ୍କୁ ଘେରାଉ କରିଥିଲେ। ଏଥିସହ ସିଏମ୍‌ସି କାର୍ଯ୍ୟାଳୟ ଫାଟକରେ ତାଲା ପକାଇ କମିଶନରଙ୍କ ବଦଳି ପାଇଁ ନାରାବାଜି ଦେଇଥିଲେ। ମେୟର ସିଂ ପହଞ୍ଚି କମିଶନରଙ୍କୁ ଧାରଣାସ୍ଥଳକୁ ଡାକିବା ସହିତ କର୍ପୋରେଟରମାନଙ୍କ ସହ ବୁଝାମଣା ପାଇଁ ଉଦ୍ୟମ କରିଥିଲେ। ହେଲେ କର୍ପୋରେଟରମାନେ ନିଜ ଜିଦ୍‌ରେ ଅଟଳ ରହିବା ସହ ମେୟରଙ୍କ କଥା ଶୁଣି ନ ଥିଲେ। ଏ ସମ୍ପର୍କରେ ୨୬ ନଂ. ୱାର୍ଡ କର୍ପୋରେଟର ଗଗନ ଓଝା କହିଛନ୍ତି, ପୂର୍ବରୁ ଥିବା ଜେଇଙ୍କ ସହ ବର୍ତ୍ତମାନ ଖାପ ଖୁଆଇ କାମ କରିବା ଆରମ୍ଭ କରିଛୁ। ହେଲେ ହଠାତ୍ ତାଙ୍କର ବଦଳି ଆମ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ଯନ୍ତ୍ରୀ ବିଭାଗର ମୁଖ୍ୟମାନଙ୍କ ବଦଳି ପାଇଁ ଆମର ଦାବି ଥିଲା। ହେଲେ ତଳ କର୍ମଚାରୀଙ୍କ ବଦଳିରେ କୌଣସି ଲାଭ ନାହିଁ । ଏନେଇ କମିଶରନରଙ୍କ ସହ ଆଲୋଚନା ପାଇଁ ସିଏମ୍‌ସି କାର୍ଯ୍ୟାଳୟକୁ ଯାଇଥିଲୁ। ଆଲୋଚନାବେଳେ କମିଶନର ଜଣେ ମହିଳା କର୍ପୋରେଟରଙ୍କୁ କହିଲେ, ଜେଇମାନଙ୍କ ପ୍ରତି ଆପଣଙ୍କ ଏପରି ପ୍ରୀତି କାହିଁକି ? ଏଭଳି ବ୍ୟବହାର ଆଦୌ ଗ୍ରହଣଯୋଗ୍ୟ ନୁହେଁ। ସେଥିପାଇଁ କର୍ପୋରେଟରମାନେ ଧାରଣା ଦେବା ସହ କାଉନ୍‌ସିଲ ବୈଠକ ବର୍ଜନ ପାଇଁ ନିଷ୍ପତ୍ତି ନେଇଛୁ। ଏନେଇ କମିଶନରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

ଏହି ଧାରଣାରେ ଭାଜପା କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ, ରାକେଶ ସ୍ୱାଇଁ, କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ସୁବାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ବିଜେଡି କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ପ୍ରଜ୍ଞା ବେଉରା, ପ୍ରମିଳା ମହାନ୍ତି, ଦୀପ୍ତିମୟୀ ମୂଳିଆ, ପ୍ରଦୀପ ସାହୁ ପ୍ରମୁଖ ସାମିଲ ହୋଇଥିଲେ।


ସିଏମ୍‌ସି କାର୍ଯ୍ୟାଳୟ ଫାଟକ ସମ୍ମୁଖରେ କର୍ପୋରେଟରମାନେ ଧାରଣାରେ ବସିଛନ୍ତି।

### ଜେଇଙ୍କ ବଦଳି ସ୍ଥଗିତ

ସିଏମ୍‌ସି କମିଶନର ଓ କର୍ପୋରେଟର ମୁହାଁମୁହିଁ ହେବା ପରେ ଜେଇମାନଙ୍କ ବଦଳି ସ୍ଥଗିତ ରଖାଯାଇଛି । ଏନେଇ ଗୁରୁବାର ବିଧିବଦ୍ଧ ଭାବେ ସିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଜେଇଙ୍କ ବଦଳି ସ୍ଥଗିତ ପରେ ମଧ୍ୟ କର୍ପୋରେଟରମାନେ ନିଷ୍ପତ୍ତିରେ ପରିବର୍ତ୍ତନ କରିନାହାନ୍ତି। ସେମାନଙ୍କ କହିବାନୁଯାୟୀ, କମିଶନରଙ୍କ ଦୁର୍ବ୍ୟବହାର ପାଇଁ ଧାରଣା ଦିଆଯିବା ସହ କାଉନସିଲ ବୈଠକ ବର୍ଜନ ପାଇଁ ନିଷ୍ପତ୍ତି ହୋଇଛି। ଜେଇଙ୍କ ବଦଳି ସହ କୌଣସି ସମ୍ପର୍କ ନାହିଁ।

## କୋର୍ଟରେ ହାଜର ହେଲେ ମୁଖ୍ୟ ଅଭିଯୁକ୍ତ

**ନକଲି ମେଡିସିନ କାରବାର ମାମଲା**

**କଟକ ଅଫିସ,୮।୧୨**

ବହୁଚର୍ଚ୍ଚିତ ନକଲି ଉଚ୍ଚ ରକ୍ତଚାପ ମେଡିସିନ କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ବିହାରରୁ ଗିରଫ କରି କଟକ ଏସ୍‌ଡିଜେଏମ୍ କୋର୍ଟରେ ଗୁରୁବାର ହାଜର କରିଛି। ସେ ହେଲେ ବିହାର ପାଟନା ଜିଲା ଅଗମକୁଆଁ ଥାନା ଅନ୍ତର୍ଗତ ଭଗୱତନଗରର ବିକାଶ କୁମାର(୩୩)। ସେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଡିସିପି ପିନାକ ମିଶ୍ର ଛୁଟିରେ ଥିବାରୁ ସେ କାର୍ଯ୍ୟରେ ଯୋଗଦେବା ପରେ ବିକାଶଙ୍କୁ ପୋଲିସ ରିମାଣ୍ଡରେ ଆଣି ଜେରା କରିବ ବୋଲି ଅତିରିକ୍ତ ଡିସିପି ଅନିଲ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନକଲି ରକ୍ତଚାପ ମେଡିସିନ ଟେଲ୍‌ମା ଏଏମ୍ ଓ ଟେଲ୍‌ମା ୪୦ କାରବାର ଅଭିଯୋଗରେ ଗତ ସେପ୍ଟେମ୍ବର ୧୦ରେ ପୁରୀଘାଟ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ମାମଲା ଦ୍ୱୟର ତଦନ୍ତ କରି ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରେ ରାଜ୍ୟ ବାହାରର ୨ ଜଣ ବ୍ୟକ୍ତି ଅଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ବିକାଶ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବିହାରର ପାଟନା ଗସ୍ତ କରିଥିଲା। ସେଠାରୁ ମୁଖ୍ୟ ଅଭିଯୁକ୍ତଙ୍କୁ ଗତ ୬ ତାରିଖ ଅପରାହ୍ନରେ ଗିରଫ କରି ପାଟନାର ଏସିଜେଏମ୍ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ବୁଧବାର କଟକରେ ପହଞ୍ଚିଥିଲା। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।



ଅସହ୍ୟ ମଶା ଉପଦ୍ରବ, ସିଏମ୍‌ସିର ବେପରୁଆ ମନୋଭାବ ଓ ଅପାରଗତା ବିରୋଧରେ ଏସ୍‌ୟୁସିଆଇ(ସି) ପକ୍ଷରୁ ଗୁରୁବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ତହସିଲ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

**ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୮।୧୨(ଡି.ଏନ.ଏ.)**

ଜଗତପୁରରୁ ତହସିଲ କାର୍ଯ୍ୟାଳୟ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରକୁ ସ୍ଥାନାନ୍ତର ପାଇଁ ଉଦ୍ୟମ କରାଯାଉଛି। ଏହାକୁ ନେଇ ଚୌଦ୍ୱାରସ୍ଥିତ ୪୪ମଣ୍ଡଳ ରାଜଦୋଳ ସମିତି ସଭାଗୃହରେ ଗୁରୁବାର ଏକ ସର୍ବଦଳୀୟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜଦୋଳ ସମିତି ସଭାପତି ଦୀପକ ମଙ୍ଗରାଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚୌଦ୍ୱାର, ଜଗତପୁର ଓ ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ବୁଦ୍ଧିଜୀବୀ, ଯୁବକ ଏବଂ ମହିଳା ସଙ୍ଗଠନର ନେତୃବୃନ୍ଦ ଯୋଗଦେଇଥିଲେ। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ପ୍ରାୟ ୧ ଲକ୍ଷ ୬୦ ହଜାର ଲୋକ ବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଟାଙ୍ଗୀର ପ୍ରାୟ ୩୫ ହଜାର ଲୋକ ଓ ଚୌଦ୍ୱାରର ପ୍ରାୟ ୧ଲକ୍ଷ ୨୫ ହଜାର ଲୋକ ଜଗତପୁର ତହସିଲ ଅଫିସ ଉପରେ ନିର୍ଭର କରୁଛନ୍ତି। ଜଗତ୍‌ପୁରକୁ ଗମନାଗମନର ସୁବିଧା ରହିଥିବାବେଳେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପରିସରକୁ ସୁବିଧା ନାହିଁ। ତେଣୁ ଜଗତପୁରରୁ କୌଣସି ମତେ ତହସିଲ ଅଫିସକୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପରିସରକୁ ସ୍ଥାନାନ୍ତର କରାଇ ଦିଆଯିବ ନାହିଁ। ଦରକାର ପଡିଲେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ରାଜରାସ୍ତାରେ ପ୍ରତିବାଦ କରାଯିବ ବୋଲି ଉପସ୍ଥିତ ନେତୃବୃନ୍ଦମାନେ ଚେତାବନୀ ଦେଇଛନ୍ତି। ଏହି ସଭାରେ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ବିଜେଡି ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁଚରଣ ପରିଡା, କଂଗ୍ରେସ ନେତା କେଶବ ଚନ୍ଦ୍ର ଦଳାଇ, ନଗର କଂଗ୍ରେସ ସଭାପତି ବିଜୟ ବେହେରା, ମୋନାଲିସା ଦାସ, ଭାଜପା ନେତା ନୟନ କିଶୋର ମହାନ୍ତି, ହରିହର ପଣ୍ଡା, ଜୟନ୍ତ ସ୍ୱାଇଁ, ଦୀପକ ସାମନ୍ତରାୟ, ଜ୍ଞାନେନ୍ଦ୍ର ସ୍ୱାଇଁ, ମାନସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଚୌଦ୍ୱାରସ୍ଥିତ ରାଜଦୋଳ ସମିତି ସଭାଗୃହରେ ଗୁରୁବାର ଅନୁଷ୍ଠିତ ସର୍ବଦଳୀୟ ପ୍ରତିବାଦ ସଭାରେ ଉପସ୍ଥିତ ବିଭିନ୍ନ ଦଳର ନେତା ଓ ଅନ୍ୟମାନେ।

## ଭୂମିହୀନଙ୍କୁ ଖୁବ୍‌ଶୀଘ୍ର ଜମି ପ୍ରମାଣପତ୍ର

**କଟକ ଅଫିସ, ୮।୧୨**

- ସର୍ଭେ କାର୍ଯ୍ୟରେ ନିୟୋଜିତ ଗଣନାକାରୀଙ୍କୁ ତାଲିମ
- ସହଜରେ ତଥ୍ୟ ସଂଗ୍ରହ ପାଇଁ ଆପ୍

ଜାଗା ମିଶନ ଯୋଜନାରେ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଯୋଗାଇବା ନିମନ୍ତେ ହେବାକୁ ଥିବା ସର୍ଭେ ପାଇଁ ସଂପୃକ୍ତ ଗଣନାକାରୀଙ୍କ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଟ ୫୧ଜଣ ଗଣନାକାରୀ ଯୋଗ ଦେଇଥିଲେ। ଆଗାମୀ ଦିନରେ କିଭଳି ସହଜରେ ସର୍ଭେ କାର୍ଯ୍ୟ ସମାପନ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବରୁ ଡ୍ରୋନ୍ ମାଧ୍ୟମରେ ଏରିଏଲ ସର୍ଭେ କାର୍ଯ୍ୟ କରାଯାଇ ପ୍ରସ୍ତୁତ ମ୍ୟାପ୍ ଆଧାରରେ ଏକ ଆପ୍ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ କି ସର୍ଭେ କାର୍ଯ୍ୟକୁ ଅଧିକ ସରଳ କରାଯାଇପାରିବ ଏବଂ ଗଣନାକାରୀମାନେ ମ୍ୟାପ୍ ସାହାଯ୍ୟରେ ତଥ୍ୟ ହାସଲ କରି ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିପାରିବେ । ଫଳରେ ୨୬୩ ବସ୍ତିରେ ଥିବା ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ସହଜରେ ଯୋଗାଇ ଦିଆଯାଇପାରିବ। 'ଟାଟା ଷ୍ଟିଲ୍ ଫାଉଣ୍ଡେଶନ' ଓ 'ସ୍ପାର୍କ' ସଂସ୍ଥା ପକ୍ଷରୁ ଏହି ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଯୋଗାଇ ଦେବା ପାଇଁ ରାଜ୍ୟର ୫ଟି ମହାନଗର ନିଗମରେ ପ୍ରାଥମିକ ପର୍ଯ୍ୟାୟରେ ଡ୍ରୋନ୍ ସର୍ଭେ ଆରମ୍ଭ କରାଯାଇଥିଲା। ଜାଗା ମିଶନ ଜରିଆରେ ଭୂମିହୀନମାନଙ୍କୁ ସ୍ଥାୟୀ ପଟ୍ଟା ଦିଆଯିବ। ବିଶେଷକରି ବସ୍ତିଗୁଡିକରେ ମୌଳିକ ଭିତ୍ତିଭୂମିର ବିକାଶ ଓ ସେବା ଯୋଗାଣକୁ ଉନ୍ନତମାନର କରାଯିବ। ରାସ୍ତା, ରାସ୍ତାକଡ଼ ଆଲୋକ ବ୍ୟବସ୍ଥାରୁ ଆରମ୍ଭ କରି କମ୍ୟୁନିଟି ହଲ୍ ପରି ମୋଟ ୯ଟି ମୌଳିକ ତଥା ସହରୀ ସୁବିଧା ଯୋଗାଇ ଦିଆଯିବ। ବିଶେଷକରି ଭୂମିହୀନ ଗରିବଙ୍କୁ ମାଗଣାରେ ୩୦ ବର୍ଗମିଟରରୁ ୪୫ ବର୍ଗମିଟର ଜମି ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଅନୁଷ୍ଠିତ ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଶ୍ୱେତପଦ୍ମା ଡି. ଶତପଥୀଙ୍କ ସମେତ ଟେକ୍ନିକାଲ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଚାକିରି ଦେବାକୁ କହି ଅର୍ଥ ଦାବି, ଯୁବକ ଗିରଫ

**କଣ୍ଟାପଡା, ୮।୧୨(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର୍ ଦିବ୍ୟାଙ୍ଗ ଗବେଷଣା ଓ ସ୍ୱାସ୍ଥ୍ୟକେନ୍ଦ୍ରରେ କିରାଣି ଭାବେ ନିଯୁକ୍ତି କରାଇ ଦେବାକୁ କହି ଅର୍ଥ ଦାବି କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଧୀନ ସତ୍ୟବିହାରର ଆଶିଷ କୁମାର ଜ୍ୟୋତିଷ। ନିର୍‌ତାର୍‌ରେ କିଛି ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଅଭିଯୁକ୍ତ ଯୁବକ ୨ଜଣ ଆଶାୟୀଙ୍କୁ ଫୋନ୍ କରି ଚାକିରି କରାଇ ଦେବାକୁ କହି ଅର୍ଥ ଦାବି କରିଥିଲେ। ସମ୍ପୃକ୍ତ ଅଭିଯୋଗକାରୀ ଏ ସମ୍ପର୍କରେ ନିର୍‌ତାର୍ କର୍ତ୍ତୃପକ୍ଷଙ୍କୁ ଲିଖିତଭାବେ ଜଣାଇଥିଲେ। ନିର୍‌ତାର୍ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ରେଭେନ୍‌ଶା କପ୍ ୨୦୨୨ ଉଦ୍‌ଯାପିତ

**କଟକ ଅଫିସ,୮।୧୨**

ରେଭେନଶା ବିଶ୍ୱବିଦ୍ୟାଳୟର ସମାଜ ଶାସ୍ତ୍ର ବିଭାଗ ଦ୍ୱାରା ଆୟୋଜିତ ତିନି ଦିନିଆ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ 'ରେଭେନ୍‌ଶା କପ୍ ୨୦୨୨' ଗୁରୁବାର ଉଦ୍‌ଯାପିତ ହୋଇଛି। ବିଶ୍ୱବିଦ୍ୟାଳୟ ଅଧୀନ ୧୨ଟି ବିଭାଗର ଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ୍‌ରେ କମ୍ପ୍ୟୁଟର ସାଇନ୍ସ ଓ ଗଣିତ ବିଭାଗ ମଧ୍ୟରେ ମ୍ୟାଚ୍ ହୋଇଥିଲା ଓ କମ୍ପ୍ୟୁଟର ସାଇନ୍ସ ବିଭାଗ ବିଜୟୀ ହୋଇଥିଲା। ସମାଜ ଶାସ୍ତ୍ରର ପ୍ରଥମ ବର୍ଷର ଛାତ୍ର ଯଶ୍ ଶର୍ମା ଶ୍ରେଷ୍ଠ ବୋଲର୍ ଏବଂ କମ୍ପ୍ୟୁଟର୍ ସାଇନ୍ସର ଅଧ୍ୟାପକ ଓମପ୍ରକାଶ ଜେନା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସମାଜ ଶାସ୍ତ୍ରର ଛାତ୍ର ବି.ଏସ ଲଳିତ କୁମାର ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଏବଂ ଛାତ୍ର ସାବିରାମ୍ ମାଝି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ କ୍ରୀଡ଼ାବିତ ଘୋଷିତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ସମ୍ମାନିତ ଅତିଥି ରୂପେ ସମାଜ ଶାସ୍ତ୍ରର ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର, ଅଧ୍ୟାପିକା ଡ.ମନୋସ୍ମିତା ମହାପାତ୍ର, ଅଧ୍ୟାପକ ଡ. ମନୋରଞ୍ଜନ ଦାସ, ଡ. ଈଶ୍ୱର ଚନ୍ଦ୍ର ନାୟକ, ଡ. ଜ୍ଞାନରଞ୍ଜନ ପୃଷ୍ଟି, ଅଧ୍ୟାପିକା ଡ. ରୋଶିନା ୟୁସୁଫୀ, ଲୁସି ମିଶ୍ର, କମ୍ପ୍ୟୁଟର ସାଇନ୍ସର ବିଭାଗୀୟ ମୁଖ୍ୟ ଡ. ଆଲୋକ ରଞ୍ଜନ ତ୍ରିପାଠୀ ଏବଂ ଗଣିତ ବିଭାଗ ମୁଖ୍ୟ ଡ. ଦ୍ୱିତିକୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ଛାତ୍ର ଜୀବନର ଏକ ପ୍ରମୁଖ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଏସ୍‌ଆଇଙ୍କୁ କାର୍ଯ୍ୟ ବିବରଣୀର ରିପୋର୍ଟ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ, ୮।୧୨**

### ମଶା ପ୍ରାଦୁର୍ଭାବ ରୋକିବାକୁ ସିଏମ୍‌ସିର ବୈଠକ

- ଆଉ ୧୫ ଟିଫା ମେଶିନ କିଣାଯିବ
- ମଶାମରା ଯୋଜନାରେ ସାମିଲ ହେବେ କର୍ପୋରେଟର




କଟକ ସହରରେ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ରୋକିବାକୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ବିଜୁ ଭବନରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାସ ସିଂ ଅଧ୍ୟକ୍ଷତା କରି ଯୁଦ୍ଧକାଳୀନ ଭିତ୍ତିରେ ମଶାମରା ଅଭିଯାନକୁ ଅଧିକ ସକ୍ରିୟ କରିବା ପାଇଁ ସିଏମ୍‌ସି ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ମଶାମରା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଆଲୋଚନା କରାଯାଇ ସାନିଟାରୀ ଇନ୍ସପେକ୍ଟର(ଏସ୍‌ଆଇ)ମାନଙ୍କୁ ଦୈନନ୍ଦିନ କାର୍ଯ୍ୟ ବିବରଣୀର ରିପୋର୍ଟ ଦାଖଲ କରିବାକୁ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି। ନର୍ଦ୍ଦମାରେ ଭାସମାନ ପଦାର୍ଥ ସମ୍ପର୍କିତ ତଥ୍ୟ, ବୁଦା ସଫେଇର ଷ୍ଟାଟସ୍, ମଶା ଲାର୍ଭା ମାରିବା ତେଲର ବ୍ୟବହାର, ସହରରେ ଥିବା କଲଭର୍ଟ ତଳର ସଫେଇ ବିବରଣୀ, ମ୍ୟାନ୍‌ହୋଲର ସ୍ଥିତି ସହ ଦୈନିକ ମଶାଧୂଆଁ ଛାଡିବାର ବିବରଣୀ ଉକ୍ତ ରିପୋର୍ଟରେ ଦର୍ଶାଇବାକୁ ସେମାନଙ୍କୁ ତାଗିଦା କରାଯାଇଛି। ପ୍ରତି ୱାର୍ଡରେ ମଶାମରା ଅଭିଯାନରେ କର୍ପୋରେଟରଙ୍କୁ ସାମିଲ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେମାନଙ୍କ ପରାମର୍ଶରେ କାର୍ଯ୍ୟ କରାଯିବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ବର୍ତ୍ତମାନ ପ୍ରତିୱାର୍ଡରେ ୪ଟି ଲେଖାଏ ମେଶିନ ମଶାଧୂଆଁ ଛାଡୁଥିଲାବେଳେ ସମସ୍ତ ୱାର୍ଡ ପାଇଁ ଗୋଟିଏ ବଡ ମଶାମରା ଧୂଆଁ ମେଶିନ କାମ କରୁଛି ବୋଲି ସେ କହିଛନ୍ତି। ମଶାମରା ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆହୁରି ୧୫ଟି ଛୋଟ ମଶାଧୂଆଁ ଛଡା ମେଶିନ୍ କ୍ରୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସିଏମ୍‌ସି ଡେପୁଟି କମିଶନର ସଞ୍ଜିବୀତା ରାୟ, ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୯ ଡିସେମ୍ବର, ୨୦୨୨



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୧୨।୨୦୨୨

| | |
|---|---|
| ୫,୮୩,୯୪୨ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୩.୩୦୦ ଗ୍ରାମ |

# ଭିତ୍ତିଭୂମି ନାହିଁ, ଔଷଧ ମିଳୁନି

- ଗବକୁଣ୍ଡ, ପାଣିଛତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା
- ଜନ ଆରୋଗ୍ୟ ସମିତି ବୈଠକରେ ଉଦ୍‌ବେଗ

ସାକ୍ଷୀଗୋପାଳ, ୮।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଗବକୁଣ୍ଡ ଓ ପାଣିଛତ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୩୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ। ଗବକୁଣ୍ଡ ଓ ପାଣିଛତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଅନେକ ସମସ୍ୟା ଦେଇ ଗତିକରୁଛି। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣ ଏହା ଉପରେ ନିର୍ଭର କରୁଛନ୍ତି। ଏହାର ଭିତ୍ତିଭୂମିକୁ ସଜାଡ଼ିବା ସହ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଆଗକୁ ଏହାର କଳେବର କରାଯିବ। ଏହାସହ ରୋଗୀଙ୍କ ପାଇଁ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ଶୀତତାପ ନିୟନ୍ତ୍ରିତ କକ୍ଷ, ହର୍ବାଲ ବଗିଚା, ସ୍ୱାସ୍ଥ୍ୟକର ପରିବେଶ, ପରୀକ୍ଷାନିରୀକ୍ଷା ପାଇଁ ଆବଶ୍ୟକ ଯନ୍ତ୍ର ଶୀଘ୍ର ଯୋଗାଇବା ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ରାଜ୍ୟ ସରକାର ବହୁମୁଖୀ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଏହାର ରୂପାୟନ ପାଇଁ ପଦକ୍ଷେପ ନିଆ ନ ଯିବାରୁ ଯୋଜନା କାମରେ ନ ଲାଗି କାଗଜପତ୍ରରେ ସୀମିତ ରହୁଛି। ସ୍ୱାସ୍ଥ୍ୟକେନ୍ଦ୍ର ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲାଯାଉଥିବାବେଳେ ଅନ୍ୟ ସମୟରେ ଏହା ବନ୍ଦ ରହୁଛି। ଫଳରେ ଲୋକେ ଅନ୍ୟତ୍ର ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗୀଙ୍କ ପାଇଁ ଥିବା ଜନଔଷଧି ପର୍ଯ୍ୟାପ୍ତ ପରିମାଣରେ ନ ଥିବାରୁ ଲୋକଙ୍କୁ ବାହାରୁ ଔଷଧ କିଣିବାକୁ ପଡୁଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ବୈଠକରେ ମହୁରା ସରପଞ୍ଚ ଦାବି କରିଥିଲେ। ବୈଠକରେ ଅନେକ ବ୍ୟକ୍ତି ଉପସ୍ଥିତ ନ ଥିବାରୁ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇ ପାରି ନ ଥିଲା। ବୈଠକରେ ଡା. ବିଶ୍ୱଜିତ ମିଶ୍ର, ଗବକୁଣ୍ଡ ଡା. ମେଘନା ଦାଶ, ପାଣିଛତ୍ର ଡା. ବିଶ୍ୱଜିତ ସାମନ୍ତସିଂହାର, ସୌମିତ୍ର ମହାନ୍ତି, ବିପିଏମ୍ ଜ୍ୟୋତିରଞ୍ଜନ ଶତପଥୀ, ମହୁରା ସରପଞ୍ଚ ସରିତା ପ୍ରିୟଦର୍ଶିନୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।



ଜନ ଆରୋଗ୍ୟ ସମିତିର ବୈଠକରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ଏବଂ ଅନ୍ୟମାନେ।



ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଥିବା ମହାଲକ୍ଷ୍ମୀଙ୍କୁ ପୂଜା କରାଯାଇ ଶୀତବସ୍ତ୍ର ପରିଧାନ କରାଯାଉଛି।

## ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଅଟକ

ଅସ୍ତରଙ୍ଗ,୮।୧୨(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରୁ ଗୁରୁବାର ବନ ବିଭାଗ ଏକ ଟ୍ରଲର ଜବତ କରିବା ସହ ୭ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖିଛି। ସୂଚନା ମୁତାବକ, ପାରାଦୀପ ଅଞ୍ଚଳର ବ୍ରହ୍ମ ମହା ମହିମା ଅଲେଖ ନାମକ ଏକ ଟ୍ରଲରରେ ଆସିଥିବା ମତ୍ସ୍ୟଜୀବୀମାନେ ଅସ୍ତରଙ୍ଗ ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରୁ ମାଛ ଧରୁଥିଲେ। ଖବରପାଇ ଫରେଷ୍ଟର ବିରଜା ପ୍ରସାଦ ମହାପାତ୍ର, ତପନ କୁମାର ନାୟକ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଗାର୍ଡ କାକି ଚରଣ ମହାନ୍ତି, ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ପହଞ୍ଚି ଉକ୍ତ ଟ୍ରଲର ଜବତ କରିବା ସହ ୭ଜଣଙ୍କୁ ଧରିଥିଲେ। ତେବେ ଜବତ ଟ୍ରଲରକୁ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ପୁରୀ ଜିଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ଅବହେଳାରୁ ବେଆଇନଭାବେ ମାଛ ମରାଯାଉଛି। ଅଲିଭ୍ ରିଡଲେ କଇଁଛଙ୍କ ଅଣ୍ଡିରାଶାଳ କୁହାଯାଉଥିବା ଅସ୍ତରଙ୍ଗ ଦେବୀ ମୁହାଣରେ ଆଗକୁ ଏଭଳି ବେଆଇନଭାବେ ମାଛ ଧରାହେଲେ କଇଁଛଙ୍କ ପାଇଁ ବିପଦର କାରଣ ସାଜିବ ବୋଲି ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ କାର୍ଯ୍ୟକ୍ରମ

ପିପିଲି,୮।୧୨(ଡି.ଏନ୍.ଏ.): କାର୍ଯ୍ୟକଳା ପକ୍ଷରୁ କୁଇଜ୍ କାର୍ଯ୍ୟକ୍ରମ ପୁବାଶାସନ ସ୍ଥିତ ମହାତ୍ମାଗାନ୍ଧୀ ସ୍ମୃତି ଶିକ୍ଷା ବୈଷୟିକ ଯୁକ୍ତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀଧର ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମାଜିକକର୍ମୀ ତଥା ଆୟୁର୍ବେଦ ବିଜ୍ଞାନ ବିଶେଷଜ୍ଞ ଜ୍ଞାନରଞ୍ଜନ ଦାଶ, କର୍ଣ୍ଣେଲ ରମେଶ ମହାପାତ୍ର ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ତ୍ରିଲୋଚନ ଦାଶ କୁଇଜ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଅଧାପିକା ମଧୁସ୍ମିତା ଜେନା, ଅଧାପକ ଶଙ୍କର ତ୍ରିପାଠୀ ଯୋଗଦେଇଥିଲେ। ସୌମ୍ୟା, ଶୁଭଲକ୍ଷ୍ମୀ, ପ୍ରିୟଙ୍କା ଶ୍ରାବଣୀ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। କବିରାଜ ସୋମନାଥ ଦାଶଙ୍କ ସ୍ମୃତିରେ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ବରାହୀ ଶତପଥୀ, ଭାଗୀରଥି ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିବ ପ୍ରସାଦ ରାଉତ ଧନ୍ୟବାଦ ଦେଇଥିଲେ।

### କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

ଡେଲାଙ୍ଗ,୮।୧୨(ଡି.ଏନ୍.ଏ.): ହକି ବିଶ୍ୱକପ୍ ୨୦୨୩କୁ ସ୍ମରଣୀୟ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ପଞ୍ଚାୟତରେ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତା ଡିସେମ୍ବର ୧୮ରେ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ ପଞ୍ଚାୟତ ସରପଞ୍ଚ, ବିଦ୍ୟାଳୟ କ୍ରିଡ଼ା ଶିକ୍ଷକ ଓ ପିଇଓମାନେ ଯୋଗଦେଇଥିଲେ। ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା, ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ସମ୍ପାଦକ ସୂର୍ଯ୍ୟନାରାୟଣ ଜେନା ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତି ପଞ୍ଚାୟତରୁ ଖେଳାଳିଙ୍କୁ ମନୋନୟନ କରିବାକୁ ନିଷ୍ପତ୍ତି ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ଜାନୁୟାରୀ ୧୩ରେ ହେବାକୁ ଥିବା ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।





ବିଭିନ୍ନ ଦାବି ନେଇ ଓଡ଼ିଶା ବହୁମୁଖୀ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ପୁରୀ ଜିଲା ଶାଖା ପକ୍ଷରୁ ଗୁରୁବାର ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୮ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୮।୧୨(ଡି.ଏନ୍.ଏ.)

ନିମାପଡ଼ା ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ରେଞ୍ଚ ଶାସନ ଅଞ୍ଚଳର ସୂର୍ଯ୍ୟ ନାରାୟଣ କାଣ୍ଡି। ତାଙ୍କଠାରୁ ୮୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୮ ଲକ୍ଷ ୨୦ ହଜାର ଟଙ୍କା ହେବ। ଏନେଇ ପୋଲିସ ଏକ ମାମଲା (ନଂ. ୭୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଏସ୍‌ଆଇ ମମତା ଦାସ, ଏସ୍‌ଆଇ ନାରାୟଣ ବେହେରା, ଏସ୍‌ଆଇ ସ୍ୱୟଂପ୍ରଭା ଶୁଭଦର୍ଶିନୀ, ଆଶିଷ ପ୍ରଧାନ, ତପନ ପ୍ରଧାନ, ଜିତେନ୍ଦ୍ର ବେହେରା, ଏସ୍.କେ. ୱାରିସ୍ ପ୍ରମୁଖ ସଦଳବଳ ଚଢ଼ାଉ କରିଥିଲେ।

## ଜିଲାପାଳଙ୍କୁ ସ୍କୁଲ ସମସ୍ୟା ଜଣାଇଲେ ପୁରାତନ ଛାତ୍ର

କଣାସ,୮।୧୨(ସ୍ୱ.ପ୍ର.)

ପୁରୀ ଜିଲାପାଳ ସମର୍ଥ ବର୍ମା କଣାସ ବ୍ଲକ ଅନ୍ତର୍ଗତ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅଚାନକ ପହଞ୍ଚି ୫-ଟି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏପ୍ରିଲରେ ପାଳନ ହେବାକୁ ଥିବା ୭୫ତମ ଜୟନ୍ତୀ ଉପଲକ୍ଷେ ସେ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ଜିଲାପାଳ ଓ ଶତାଧିକ ପୁରାତନ ଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ଗୃହରେ ଏକ ବୈଠକରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ୭୯୩ ଛାତ୍ରୀଛାତ୍ରଙ୍କ ପାଇଁ ୩୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ହେଲେ ଶୌଚାଳୟ ନ ଥିବାରୁ ସେମାନେ ବହୁ ଅସୁବିଧା ଭୋଗୁଥିବାରୁ ଶୌଚାଳୟ ନିର୍ମାଣ, ମଧ୍ୟାହ୍ନଭୋଜନ ଖାଇବା ପାଇଁ ଗୃହ ନ ଥିବାରୁ ଗୃହ ନିର୍ମାଣ, ଖେଳପଡ଼ିଆ ବନ୍ୟାରେ ବୁଡ଼ି ଯାଉଥିବାରୁ ତାକୁ ଉଚ୍ଚା କରିବା, ବାତ୍ୟା ଆଶ୍ରୟସ୍ଥଳୀ ଭାଙ୍ଗି ଯାଇଥିବାରୁ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ, ବ୍ଲକର ସମସ୍ତ ବିଦ୍ୟାଳୟର କାର୍ଯ୍ୟ ଉକ୍ତ ବିଦ୍ୟାଳୟରେ ହେଉଥିବାରୁ ୫୦୦ ବ୍ୟକ୍ତି ବସିଲା ଭଳି ଏକ ହଲ୍ ନିର୍ମାଣ କରିବାକୁ ପୁରାତନ ଛାତ୍ରମାନେ ଜିଲାପାଳଙ୍କୁ ଦାବି କରିଥିଲେ । ସମସ୍ତ ଅସୁବିଧା ତୁରନ୍ତ ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷୟିତ୍ରୀଙ୍କ ଜ୍ୟାମିତି କ୍ଲାସରେ ପଛରେ ବସି ଜିଲାପାଳ ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ସହ ପିଡି ଜ୍ୟୋତିପ୍ରକାଶ ମହାପାତ୍ର, କଣାସ ବିଡିଓ ପବିତ୍ର ବେହେରା ଓ ବିଦ୍ୟାଳୟର ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

## ରକ୍ତଦାନ ସଚେତନତା, ଆଲୋଚନାଚକ୍ର

ପୁରୀ ଅଫିସ, ୮।୧୨

ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ବୁଧବାର ନିଶୁଳ୍କ ରକ୍ତ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧକ୍ଷା ଅଞ୍ଜନା ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ୪୦୦ ଛାତ୍ରୀଙ୍କ ରକ୍ତନମୁନା ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ନିବେଦିତା ମିଶ୍ର, ଅଧାପକ ରାକେଶ ମିଶ୍ର, ଅଧାପକ ପ୍ରମୋଦ ଷଡ଼ଙ୍ଗୀ, ନେତ୍ରାନନ୍ଦ ଦାଶ, ସଞ୍ଜୟ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ସୌମେନ୍ଦ୍ର ଦାସ, ମହିଳା ଓ ବାଲ୍ ବିକାଶ ଆବାହିକା ମୋନାଲିସା ପଟ୍ଟନାୟକ, ପିତାମ୍ବର ମହାପାତ୍ର, କୋଷାଧକ୍ଷ ନିମାଇଁ ଚରଣ ସାହୁ, ଜଗଦୀଶ ଆଚାର୍ଯ୍ୟ, ମୁକ୍ତିକାନ୍ତ ଦାସ, ସନ୍ତୋଷ ମହାନ୍ତି, ଶରତ ଜୟସିଂ, ମନୋଜ ସାମନ୍ତରାୟ, ଲାଲା ଅନନ୍ତ କୁମାର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୫୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶତକ ରକ୍ତଦାତା ବଦ୍ରି ମିଶ୍ରଙ୍କ ଅଧକ୍ଷତାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ଜୟଦେବ ସମ୍ମିଳନୀ କକ୍ଷରେ ସମର୍ପଣ, ନିର୍ମାଲ୍ୟ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରକ୍ତଦାନ ସଚେତନତା ଓ ରକ୍ତଦାନ ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ଖଗେଶ୍ୱର ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇଥିଲେ। ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପତି, ଅଧାପକ ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଡ. ଅଭିମନ୍ୟୁ ଭୂୟାଁ, ଜୟନ୍ତୀ ମହାପାତ୍ର, ମଧୁମିତା ମହାପାତ୍ର ଓ ଶ୍ୟାମପ୍ରକାଶ ସେନାପତି ଅତିଥି ଭାବେ ଯୋଗଦେଇଥିଲେ।

## 'ପଣ୍ଡିତ ଉମେଶ କରଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି'

ପୁରୀ ଅଫିସ, ୮।୧୨

ବିଶିଷ୍ଟ ତବଲା ବାଦକ ପଣ୍ଡିତ ଉମେଶ କରଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସଙ୍ଗୀତ ଗୁରୁ ସୁରେନ୍ଦ୍ର କୁମାର ନାୟକ କହିଛନ୍ତି, ପଣ୍ଡିତ କର ବହୁ ପ୍ରତିଭାର ଅଧିକାରୀ ଥିଲେ। ଓଡ଼ିଶା ସମେତ ଦେଶବିଦେଶରେ ତାଙ୍କର ଶିଷ୍ୟ ରହିଛନ୍ତି। ବାହାର କଳାକାର ଓଡ଼ିଶାକୁ ଆସିଲେ ସେମାନେ ତବଲା ବାଦନ କ୍ଷେତ୍ରରେ ପ୍ରଥମେ ତାଙ୍କୁ ଖୋଜିଥାନ୍ତି। ସେ ବୁଧବାର ସଙ୍ଗୀତ ମହାବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତାଙ୍କର ଦେହାନ୍ତ କଥା ବିଶ୍ୱାସ କରିହେଉନି। ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି। ସେହିପରି କଳାକାର ବିଜୟ କୁମାର ମହାପାତ୍ର କହିଛନ୍ତି, ପଣ୍ଡିତ ଉମେଶ କର ଉଚ୍ଚକୋଟୀର ତବଲା ବାଦକ ଥିଲେ। ସେ ଦେଶବିଦେଶରେ ତବଲା ବାଦନ କରି ସୁନାମ ଅର୍ଜନ କରିବା ସହ ଓଡ଼ିଶା ପାଇଁ ଗୌରବ ଆଣିଥିଲେ। ସେ ଜଣେ ମେଳାପୀ ଏବଂ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା।

## ୧୩୫ ଗ୍ରାମ ବ୍ରାଉନସୁଗାର ଜବତ, ୬ ଗିରଫ

ପୁରୀ ଅଫିସ, ୮।୧୨

ଏସ୍‌ଟିଏଫ ଟିମ୍ ଓ ବଳିଆପଣ୍ଡା ଥାନା ପୋଲିସ ବ୍ରାଉନସୁଗାର କାରବାର ଅଭିଯୋଗରେ ୫ ଆନ୍ତଃ ଜିଲା ବ୍ୟବସାୟୀଙ୍କୁ ଗିରଫ କରିବା ସହ ପ୍ରାୟ ୫ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କାକଟପୁର ଖଣ୍ଡାସାହିର ଅବିନାଶ ପରିଡ଼ା (୨୭), ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଲି ନୋଳିଆ ସାହିର ପି. କାଳିଆ (୨୦), ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁର ଭୋଇ ସାହିର ତୋଫାନ ଭୋଇ (୨୭), କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ମଙ୍ଗଳାସାହିର ଶଙ୍କର ମଲିକ୍(୩୪) ଏବଂ ଖୋର୍ଦ୍ଧା ଜିଲାର ରାମଚନ୍ଦ୍ର ଦାସ (୩୮)। ପୋଲିସ ଅଭିଯୁକ୍ତମାନଙ୍କଠାରୁ ୫୫ ଗ୍ରାମ ବ୍ରାଉନ ସୁଗାର, ୪ଟି ଦୁଇଚକିଆ ଗାଡ଼ି, ୪ଟି ମୋବାଇଲ ଫୋନ ଏବଂ ନଗଦ ୧୦୮୦ ଟଙ୍କା ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୬୭/୨୨) ରୁଜୁ ହୋଇଛି। ଏମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଷ୍ଟର୍ଲିଂ ଛକ ନିକଟରେ କେତେଜଣ ବ୍ରାଉନ ସୁଗାର ବେପାରୀ ଏକାଠି ଥିବା ଖବର ମିଳିଥିଲା। ପୋଲିସର ମିଳିତ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବ୍ରାଉନ ସୁଗାର ଜବତ ପୋଲିସର ସୂଚନା ଅନୁଯାୟୀ, ଚଳିତ ବର୍ଷ ପୁରୀ ପୋଲିସ ପକ୍ଷରୁ ୮ କେଜି ୪୨୪ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଛି। ୫୩ଟି କେସ୍ ରୁଜୁ ହୋଇଛି। ୧୧୭ ବ୍ରାଉନସୁଗାର କରବାର ଘଟଣାରେ ଗିରଫ ହୋଇଛନ୍ତି। ଏ ନେଇ ପୋଲିସ ପକ୍ଷରୁ ହେଲ୍ପ ଲାଇନ ନମ୍ବର ୭୭୩୮୪୮୮୬ ଜାରି କରାଯାଇଛି।

ସେହିପରି ସମୁଦ୍ରକୂଳ ଥାନା ଅଧୀନ ୟୁଥ୍ ହଷ୍ଟେଲ ଛକ ନିକଟ ଫୁଡ୍‌କୋର୍ଟ ସମ୍ମୁଖ ରାସ୍ତାରେ ଅବକାରୀ ପୋଲିସ ଚଢ଼ାଉ କରି ବ୍ରାଉନସୁଗାର କାରବାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ହରି ଚନ୍ଦନ ଦାସ (୧୯)। ତାଙ୍କଠାରୁ ୮୦ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏ ନେଇ କେସ୍‌ନଂ.୭୫/୨୨-୨୩ ରୁଜୁହୋଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସଦର ରେଞ୍ଜ ନିରୀକ୍ଷକ ମାନସୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲା।

## ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ସମୀକ୍ଷା

ପୁରୀ ଅଫିସ, ୮।୧୨

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଗତ ମାସ ୯ତାରିଖରୁ ଆରମ୍ଭ ହୋଇଥିବାବେଳେ ଗୁରୁବାର ଶେଷ ହୋଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟରେ ଏନେଇ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ଭୋଟର ତାଲିକାରେ ୨୨୭୩୯ ଜଣ ନୂଆ ମତଦାତା ଅନ୍ତର୍ଭୁକ୍ତ, ତଥ୍ୟ ସଂଶୋଧନ ପାଇଁ ୭୧୧୪ ଏବଂ ଭୋଟର ତାଲିକାରୁ ୧୨୨୬୩ ଜଣଙ୍କ ନାମ ବାଦ ଦେବା ପାଇଁ ଆବେଦନପତ୍ର ମିଳିଥିବା ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ। ଉପଜିଲାପାଳ ଭବତାରଣ ସାହୁ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ବର୍ତ୍ତମାନ ଭୋଟର ତାଲିକା ସହ ଆଧାର ସଂଯୋଗ କାର୍ଯ୍ୟ ଚାଲିଥିବାରୁ ଏଥିରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଏହି ବୈଠକରେ ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇଥିଲେ।

## ୫ମ ରାଜ୍ୟସ୍ତରୀୟ ଜୁନିୟର ବକ୍ସିଂ ପ୍ରତିଯୋଗିତା ଆରମ୍ଭ

ପୁରୀ ଅଫିସ, ୮।୧୨

ଓଡ଼ିଶା ବକ୍ସିଂ ସଂଘ, ପୁରୀ କ୍ରୀଡ଼ା ସଂସଦ ଏବଂ ହିଞ୍ଜୋଳ ଜାଗାର ମିଳିତ ଆନୁକୂଲ୍ୟରେ ୫ମ ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା ଜୁନିୟର ବକ୍ସିଂ ପ୍ରତିଯୋଗିତା ଗୁରୁବାରଠାରୁ ବାଲିସାହିସ୍ଥିତ ହିଞ୍ଜୋଳ ଜାଗାରେ ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ଏଥିରେ ରାଜ୍ୟର ୧୫ଟି ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ବିଭିନ୍ନ ଓଜନ ବର୍ଗରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ହିଞ୍ଜୋଳ ଜାଗାର ସମ୍ପାଦକ ଜିତେନ୍ଦ୍ର ମୁଦୁଲି, ସଭାପତି କୁଳମଣି ସାହୁ, ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ରବିଶଙ୍କର ପ୍ରତିହାରୀ, ରାଜ୍ୟ ବକ୍ସିଂ ସଂଘ ସମ୍ପାଦକ ଅନୀଲ ବହିଦାର ଏବଂ ଉପସଭାପତି ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତା ପ୍ରାରମ୍ଭରେ ପୁରୀର ପାରମ୍ପରିକ ସମରକଳା ପ୍ରଦର୍ଶନ କରାଯାଇଥିଲା। ଏପରି ପ୍ରତିଯୋଗିତା ପୁରୀରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଛି। ଏଥିରେ ଯେଉଁମାନେ କୃତକାର୍ଯ୍ୟ ହେବେ ସେମାନେ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହେବେ ବୋଲି ପୁରୀ କ୍ରୀଡ଼ା ସଂସଦ ସମ୍ପାଦକ ପ୍ରତିହାରୀ କହିଛନ୍ତି।



ଅତିଥିଙ୍କ ଉପସ୍ଥିତିରେ ବକ୍ସିଂ ପ୍ରତିଯୋଗିତାର ଶୁଭାରମ୍ଭ କରାଯାଉଛି।

## ଆକ୍ରମଣକାରୀଙ୍କୁ ୨ ଦିନରେ ଗିରଫ କରା ନ ଗଲେ ଆନ୍ଦୋଳନ

### ଜିଲାପାଳ, ବିଡିଓଙ୍କୁ ଦାବିପତ୍ର

ନିମାପଡ଼ା,୮।୧୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତରେ ଗତ ମଙ୍ଗଳବାର ଗ୍ରାମସଭା ଚାଲିଥିଲା। ସଭାରେ ପିଇଓ ଦେବେନ୍ଦ୍ର ସ୍ୱାଇଁଙ୍କୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ମରଣାନ୍ତକ ଆକ୍ରମଣ କରାଯିବା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିଲା। ଏନେଇ ପିଇଓ ବିଡିଓଙ୍କୁ ଅବଗତ କରିବା ସହ ନିମାପଡ଼ା ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୬ ଜଣଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାକୁ ୨ ଦିନ ବିତି ଯାଇଥିଲେ ମଧ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିମାପଡ଼ା ବ୍ଲକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ପୁରୀ ଜିଲାପାଳ, ଜିଲା ପରିଷଦ ସିଇଓ, ଉପଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ନିମାପଡ଼ା ବିଡିଓ, ସ୍ଥାନୀୟ ତହସିଲଦାର, ଏସ୍‌ପି, ପୁରୀ, ଏସ୍‌ଡିପିଓ, ନିମାପଡ଼ା ଆଇଆଇସିଙ୍କ ନିକଟରେ ଦାବି ସହ ଲିଖିତ ଅବଗତ କରାଯାଇଛି। ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ଆଗାମୀ ୧୧ ତାରିଖରେ ନିମାପଡ଼ା ବ୍ଲକ କାର୍ଯ୍ୟନିର୍ବାହୀ ସଂଘ ପକ୍ଷରୁ ସାମୂହିକ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବା ସହ ବ୍ଲକ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏନେଇ ବ୍ଲକ ସଂଘ ସଭାପତି ଶୁଭକାନ୍ତ ମହାନ୍ତି, ସମ୍ପାଦକ ଜିତେନ୍ଦ୍ର ମାଝି, ଉପଦେଷ୍ଟା ହେମନ୍ତ ଜେନା, ପୁଷ୍ପକାନ୍ତ ଦାଶ, ଗୁଣନିଧି ମିଶ୍ର, ସୁରଥ ପ୍ରଧାନ ପ୍ରମୁଖ ଏକ ବିବୃତିରେ ଜଣାଇଛନ୍ତି। ଏହି ଆନ୍ଦୋଳନ ସମ୍ପର୍କରେ ଜିଲା ଓ ବ୍ଲକ ପ୍ରଶାସନ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ଜଣାପଡିଛି। ଏହି ଅବସରରେ ବ୍ଲକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଏକ ବୈଠକ ଗୁରୁବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସଂଘ ସଭାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଗ୍ରାମସଭାରେ ହୋଇଥିବା ଆକ୍ରମଣ ଘଟଣାକୁ ଉକ୍ତ ବୈଠକରେ ତୀବ୍ର ନିନ୍ଦା କରାଯାଇଥିଲା। ବୈଠକରେ ବ୍ଲକର ସମସ୍ତ ପିଇଓ ଯୋଗ ଦେଇଥିଲେ।



କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘର କର୍ମକର୍ତ୍ତାମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୪ତମ ଜୟନ୍ତୀ, ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀରେ ମାଲାର୍ପଣ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସକାଳ ୯ଟା।
- ଆଞ୍ଚଳିକ ବିଜ୍ଞାନମେଳା, ବକ୍ସି ଜଗବନ୍ଧୁ ଇଲିଶ୍ ମିଡିୟମ୍ ସ୍କୁଲ, ସକାଳ ୯ଟା ୩୦।
- ଓଡ଼ିଶା କେନେଲ କ୍ଲବ ଆୟୋଜିତ ୩ ଦିନିଆ ଡଗ୍ ଶୋ' ଆରମ୍ଭ, ୟୁନିଟ୍-୬, ଖେଳପଡ଼ିଆ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଋତୁ ଉତ୍ପାଦନକାରୀ ମହାସଂଘର ରାଜ୍ୟସ୍ତରୀୟ ବାର୍ଷିକ ଅଧିବେଶନ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା।
- ହେଲ୍ପମେଟ୍ ପକ୍ଷରୁ ଦିବ୍ୟାଙ୍ଗ ଶିଶୁ ମହୋତ୍ସବ, ଦି ଓଡ଼ିଶା ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ବିଶ୍ୱ ମାନବାଧିକାର ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ହସ୍ତତନ୍ତ୍ର ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ସୁର ତରଙ୍ଗ ପକ୍ଷରୁ ତାନସେନ୍ ସିଂଙ୍କ ସ୍ମୃତିରେ ସଙ୍ଗୀତ କାର୍ଯ୍ୟକ୍ରମ 'ସିଂ ଇଜ୍ କିଙ୍ଗ୍', ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଭୁବନେଶ୍ୱର ପକ୍ଷରୁ ବୁଣାକାରଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, କଳା ଭୂମି ଓଡ଼ିଶା, କ୍ରାଫ୍ଟ ମ୍ୟୁଜିୟମ୍, ପୋଖରୀପୁଟ, ଅପରାହ୍ନ ୫ଟା ୩୦।
- 'ଅକ୍ଷର' ୪ର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଘାଟନୀ, ୟୁନିଟ୍-୩, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ବାର୍ଷିକ ସଙ୍ଗୀତ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଇଡିଆଇଆଇଓ ଓଡ଼ିଶା ସରକାରଙ୍କର ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ପକ୍ଷରୁ ଫ୍ୟାଶନ ଶୋ', କଳା ଭୂମି, ମ୍ୟୁଜିୟମ୍, ସନ୍ଧ୍ୟା ୬ଟା ୩୦।

**କଟକ**

- ସ୍ଥାୟୀ ବିକାଶ ପାଇଁ ୨୦୩୦ ଏଜେଣ୍ଡାର କାର୍ଯ୍ୟାନ୍ୱୟନ ଶୀର୍ଷକ ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀ, ଜିଲାପାଳଙ୍କ କାର୍ଯ୍ୟାଳୟର ସଭା ଗୃହ, ସକାଳ ୯ଟା ୩୦।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ପକ୍ଷରୁ ନବାଗତଙ୍କ ପାଇଁ ସ୍ୱାଗତ ଉତ୍ସବ, ବିଭାଗ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା
- କଟକ-ଭୁବନେଶ୍ୱର ଇଞ୍ଜିନିୟରିଂ କ୍ଲଷ୍ଟରର ଶିଳାନ୍ୟାସ, ଇନ୍ଦ୍ରାଣୀପାଟଣା ଶିଳ୍ପାଞ୍ଚଳ, ଚୌଦ୍ୱାର, ପୂର୍ବାହ୍ନ ୧୧ଟା ୩୦।

# ପୁଣି ଠିକାଦାରଙ୍କୁ ଜେରା, ଡିଜିଟାଲ ଦସ୍ତାବିଜ୍ ଦାଖଲ ନିର୍ଦ୍ଦେଶ

**ଭୁବନେଶ୍ୱର, ୮।୧୨ (ବ୍ୟୁରୋ)**

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କୁ ମଙ୍ଗଳବାରଠାରୁ ୭ ଦିନିଆ ରିମାଣ୍ଡରେ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାରାଥନ୍ ଜେରା କରୁଛି। ତେବେ ଜେରାବେଳେ ବହୁ ଚାଞ୍ଚଲ୍ୟକର ତଥା ଇଡି ପାଇଥିବା ଜଣାପଡିଛି। ଗୁରୁବାର ରିମାଣ୍ଡର ତୃତୀୟ ଦିନରେ ଇଡି ଅଧିକାରୀମାନେ ତାଙ୍କୁ ଗୁଡ଼ାଇତୁଡ଼ାଇ ଅନେକ ପ୍ରଶ୍ନ ପଚାରି ନୂଆ ତଥ୍ୟ ପାଇବାକୁ ଚେଷ୍ଟା କରିଛନ୍ତି। ଅପରପକ୍ଷରେ ଅର୍ଚ୍ଚନାଙ୍କ ସତ୍ୟବିହାରସ୍ଥିତ ଆଲିସାନ୍ ଘର ତିଆରି କରିଥିବା ଠିକାଦାର ପବିତ୍ର ପାତ୍ର ଦ୍ୱିତୀୟଥର ପାଇଁ ଇଡିରେ ହାଜର ହୋଇଥିଲେ। ଗତ ସୋମବାର ପବିତ୍ରଙ୍କୁ ପ୍ରଥମେ ୧୩ ଘଣ୍ଟା ଜେରା କରାଯାଇଥିଲା। ବାକି ଥିବା ଆଉକିଛି ତଥ୍ୟ ଜାଣିବାକୁ ଇଡି ଦ୍ୱିତୀୟ ଜେରାରେ ଚେଷ୍ଟା କରିଛି। ପୂର୍ବାହ୍ନରେ ପବିତ୍ର ହାଜର ହେବା ପରେ ଅର୍ଚ୍ଚନାଙ୍କ ସହ ତାଙ୍କର ୪୦ ଲକ୍ଷ ଟଙ୍କା କାରବାର ସଂକ୍ରାନ୍ତରେ ମଧ୍ୟ ପ୍ରଶ୍ନ ପଚରାଯାଇଥିଲା। ଏପରିକି ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅର୍ଚ୍ଚନା ଓ ତାଙ୍କୁ ମୁହାଁମୁହିଁ ଜେରା କରାଯାଇଥିବା ମଧ୍ୟ ସୂଚନା ମିଳିଛି। ଏପଟେ ଅର୍ଚ୍ଚନାଙ୍କଠାରୁ ଜବତ ହୋଇଥିବା ଡିଜିଟାଲ ପ୍ରମାଣପତ୍ର ଦାଖଲ ପାଇଁ ଷ୍ଟେଟ୍ ଫୋରେନ୍‌ସିକ୍ ଲାବ୍ ଓ କମିଶନରେଟ ପୋଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସୂଚନା ମିଳିଛି। ଗିରଫ ବେଳେ ଅର୍ଚ୍ଚନାଙ୍କ ଘରୁ ୪ ମୋବାଇଲ, ୨ ଟାବ୍‌ଲେଟ୍, ଗୋଟିଏ ପେନ୍ ଡ୍ରାଇଭ୍ ପୋଲିସ ଜବତ କରିଥଲା। ପ୍ରମାଣ ପାଇବାକୁ ସେଗୁଡ଼ିକୁ ପୋଲିସ ଫୋରେନ୍‌ସିକ୍ ଲାବକୁ ପଠାଇଥିଲା। ତେବେ ସେସବୁଥିରେ ଆର୍ଥିକ କାରବାର ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥିବା ଇଡି ଆଶା ରଖିଛି। ହେଲେ ଉକ୍ତ ଡିଜିଟାଲ ଦସ୍ତାବିଜରେ ଥିବା ପ୍ରମାଣର ସ୍ଥିତିକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ତେବେ ରିମାଣ୍ଡ ଅବଧି ଆଉ ୪ ଦିନ ବାକି ଥିବାବେଳେ ଏହି ସମୟ ମଧ୍ୟରେ ଅର୍ଚ୍ଚନାଙ୍କୁ ଜେରା କରି ଆର୍ଥିକ କାରବାର ନେଇ ନୂଆ ଗୁମର ଖୋଲିବାକୁ ଇଡି ଲାଗି ପଡିଛି। ସେପଟେ ଜେଲରେ ଥିବା ଜଗବନ୍ଧୁଙ୍କୁ ଆସନ୍ତା ଡିସେମ୍ବର ୧୩ରେ କୋର୍ଟରେ ହାଜର କରାଯିବ। ଏହି ସମୟରେ ଇଡି ତାଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରିପାରେ। ତେବେ ଇଡି କେବଳ ଜେରା କରୁଥିଲେ ମଧ୍ୟ ଏଯାଏ ବଡ଼ବଡ଼ିଆଙ୍କ ଲିଙ୍କ୍ ସମ୍ପର୍କରେ କିଛି ବି ଗଣମାଧ୍ୟମକୁ ତଥ୍ୟ ଦେଇନାହିଁ। ଏପରି ଆଉ କେତେଦିନ ଜେରା ଚାଲିବ ଓ ଏହି ଚର୍ଚ୍ଚିତ ମାମଲାରେ କାହା ବିରୋଧରେ ଇଡି କି କାର୍ଯ୍ୟାନୁଷ୍ଠାନ ନେବ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି।

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**





ମାସକୁ ୧୮ହଜାର ଟଙ୍କା ଦରମା ସହ ଅନ୍ୟାନ୍ୟ ଦାବିରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ମାଣବସା ଗୁରୁବାର ଓଷା ପାଳନ କରାଯାଉଛି। (ଫଟୋ: ମନୋରଞ୍ଜନ)

## ଇଞ୍ଜିନିୟରିଂ କଲେଜ ଛାତ୍ର ନିଖୋଜ

**ବାରଙ୍ଗ,୮।୧୨(ଡି.ଏନ୍.ଏ.)**

ଚନ୍ଦକା ଥାନା ଅନ୍ତର୍ଗତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଶେଷ ବର୍ଷ ଏମ୍.ଟେକ୍ ଛାତ୍ରଙ୍କ ନିଖୋଜ ନେଇ ଚନ୍ଦକା ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ସେ ହେଲେ ବଡ଼ବିଲ ଅଞ୍ଚଳ ଅନ୍ତର୍ଗତ ତାରାଖେଣ୍ଡରା ଗ୍ରାମର ପରମେଶ୍ୱର ନାୟକଙ୍କ ପୁଅ ସୁମନ ନାୟକ(୨୫)। ପୋଲିସ ଏନେଇ ଏକ ନିଖୋଜ ମାମଲା (ନଂ. ୪୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ସୁମନ ୫/୬ଜଣ ଛାତ୍ରଙ୍କ ସହ କଲେଜ ପାଖ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ଗତ ୬ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ସାଙ୍ଗରେ ମୋବାଇଲ ଫୋନ ନ ନେଇ ଜଳଖିଆ ଖାଇବାକୁ ଯାଇ ଆଉ ଫେରି ନ ଥିଲେ। ସେ ସେତେବେଳେ ହାଫ୍ ପ୍ୟାଣ୍ଟ ଓ ଗଞ୍ଜି ପିନ୍ଧିଥିଲେ। ଏନେଇ ସୁମନଙ୍କ ରୁମମେଟ୍ ପରିବାରକୁ ଖବର ଦେଇଥିଲେ। ପରେ ବହୁ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି। ତେବେ ସୁମନ କିଛି ମାସ ତଳେ କରଜ କରିଥିବାରୁ ଟେନ୍‌ସନରେ ରହୁଥିବା ଜାଣି ତାଙ୍କ ବାପା ସେହି କରଜ ଶୁଝିଥିଲେ। ଅନ୍ୟପଟେ ସେ ଶେୟାର ମାର୍କେଟରେ ଅର୍ଥ କାରବାର କରନ୍ତି ବୋଲି ସାଙ୍ଗଙ୍କଠାରୁ ଶୁଣିବାକୁ ମିଳୁଛି। ତେବେ ନିଖୋଜର ପ୍ରକୃତ କାରଣ ପରିବାର ଲୋକେ ଜାଣି ନ ଥିବା କହିଛନ୍ତି।



# ଟଙ୍କା ନ ଦେବାରୁ ଛୁରି ଭୁସି ହତ୍ୟା

**ବାଲୁଗାଁ/ବାଣପୁର/ଗମ୍ଭାରୀମୁଣ୍ଡା, ୮।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ନଈରୀ ଗ୍ରାମର ସାରଥି ନାୟକ (୫୫)ଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏଥିସହ ତାଙ୍କ ପୁଅ ସନତ୍ ନାୟକ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା (ନଂ.୫୬୫/୨୨)ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ନଈରୀ ଗ୍ରାମ ନିକଟରେ ଥିବା ନିଜର କୁକୁଡ଼ା ଫାର୍ମକୁ ପ୍ରତିଦିନ ଭଳି ଗୁରୁବାର ମଧ୍ୟ ସାରଥି ଏବଂ ତାଙ୍କ ପୁଅ ସନତ୍ ଯାଇଥିଲେ। ଏହି ସମୟରେ ଉକ୍ତ ଗ୍ରାମର କେଦାର ନାୟକ, ସ୍ତ୍ରୀ ସୁଷମା ନାୟକ ଓ ପୁଅ ସୁକାନ୍ତ ନାୟକ ଫାର୍ମ ନିକଟରେ ପହଞ୍ଚି କୌଣସି କାରଣକୁ ନେଇ ସାରଥିଙ୍କୁ ଗାଳିଗୁଲଜ କରିବା ସହ ୨ଲକ୍ଷ ଟଙ୍କା ମାଗିଥିଲେ। ତେବେ ସାରଥି ଟଙ୍କା ଦେବା ପାଇଁ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସୁଷମା ଏକ ଛୁରି ଆଣି କେଦାରଙ୍କୁ ଦେଇଥିଲେ। କେଦାର ହଠାତ୍ ଛୁରିରେ ସନତଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। କୌଶଳକ୍ରମେ ସନତ ଘଟଣାସ୍ଥଳରୁ ଖସି ଆସି ଗ୍ରାମରୁ ନିଜ ଭିଣୋଇଙ୍କୁ ଘଟଣାସ୍ଥଳକୁ ଡାକିନେଇଥିଲେ। ହେଲେ ସେତେବେଳକୁ କେଦାର ଓ ସୁକାନ୍ତ ତଳେ ପକାଇ ସାରଥିଙ୍କ ଛାତିରେ ଛୁରାମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କେତେଜଣ ଗ୍ରାମବାସୀ ପହଞ୍ଚି ଗୁରୁତର ଅବସ୍ଥାରେ ସାରଥି ଓ ତାଙ୍କ ପୁଅ ସନତଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସାରଥିଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସନତ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପଟେ କେଦାର ଓ ତାଙ୍କ ପୁଅ ଫେରାର ଥିବା ବେଳେ ସୁଷମାଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

## ଚିଲିକାରେ ଫସିଲା ଡଙ୍ଗା
### ୮ ପର୍ଯ୍ୟଟକ ଉଦ୍ଧାର

ବାଲୁଗାଁ,୮।୧୨(ଡି.ଏନ୍.ଏ.): କାଳିଜାଈ ଦର୍ଶନ ସାରି ୮ଜଣ ପର୍ଯ୍ୟଟକଙ୍କୁ ନେଇ ଫେରୁଥିବା ଏକ ଯାତ୍ରୀବାହୀ ଡଙ୍ଗା ଯାନ୍ତ୍ରିକ ତ୍ରୁଟି ଯୋଗୁ ଗୁରୁବାର ଦୀର୍ଘ ସମୟ ଧରି ଚିଲିକାରେ ଫସି ରହିଥିଲା। ଖବରପାଇ ବଡ଼କୂଳ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କର ଅନ୍ୟ ଏକ ବୋଟ୍‌ରେ ଘଟଣାସ୍ଥଳରେ ପହଞ୍ଚିବା ପରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ କୂଳକୁ ଅଣାଯାଇଥିଲା। ସୂଚନା ମୁତାବକ, ବଡ଼କୂଳ ପାନ୍ଥନିବାସ ସ୍ଥିତ ଏକ ଘରୋଇ ଡଙ୍ଗା ପୁରୀ ଓ ବ୍ରହ୍ମପୁର ଅଞ୍ଚଳର ୮ଜଣ ପର୍ଯ୍ୟଟକଙ୍କୁ ନେଇ ଅପରାହ୍ନରେ କାଳିଜାଈ ଦର୍ଶନ ନିମନ୍ତେ ଯାତ୍ରା କରିଥିଲା। ସେଠାରୁ ସନ୍ଧ୍ୟା ୬ଟାରେ ଉକ୍ତ ଡଙ୍ଗା ପର୍ଯ୍ୟଟକମାନଙ୍କୁ ନେଇ ଫେରୁଥିବା ବେଳେ ଚିଲିକାରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଚଳ ହୋଇ ଫସି ରହିଥିଲା। ଫଳରେ ପର୍ଯ୍ୟଟକମାନେ ଭୟଭୀତ ହୋଇପଡ଼ିଥିଲେ। ଘଟଣା ସମ୍ପର୍କରେ ଖବରପାଇ ପାନ୍ଥନିବାସ ପରିଚାଳକ କର ଏକ ଟିମ୍ ସହ ସରକାରୀ ବୋଟ୍ ନେଇ ପହଞ୍ଚିଥିଲେ। ଯାନ୍ତ୍ରିକ ତ୍ରୁଟି ହୋଇଥିବା ଡଙ୍ଗାକୁ ମରାମତି ପରେ ଡଙ୍ଗାଟି ପର୍ଯ୍ୟଟକମାନଙ୍କୁ ଧରି ସୁରକ୍ଷିତ ଭାବେ କୂଳରେ ପହଞ୍ଚିଥିଲା।

# ୨୦୨୩ ଶେଷ ସୁଦ୍ଧା ଜୟଦେବ ପୀଠର ଉନ୍ନତୀକରଣ

**ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ**

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

କେନ୍ଦୁଲିସ୍ଥିତ ଜୟଦେବ ପୀଠର ହେବ ଉନ୍ନତିକରଣ। ୨୦୧୯ 'ଫନି' ବାତ୍ୟା ପରେ ନଷ୍ଟ ହୋଇଯାଇଥିବା ପୀଠର ପୁନରୁଦ୍ଧାର ସହ ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପଦକ୍ଷେପ ନିଆଯିବ। ଗୁରୁବାର ରାଜସ୍ୱ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଏହି ପୀଠ ପରିଦର୍ଶନ କରି ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏବଂ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପୀଠର ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା ପୂର୍ବକ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ପୀଠର ଉନ୍ନତିକରଣ ପାଇଁ ଜାରି ରହିଥିବା କାର୍ଯ୍ୟକୁ ତ୍ୱରିତ ପଦକ୍ଷେପ ନେଇ ସମ୍ପୂର୍ଣ୍ଣ କରିବାକୁ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ପୀଠରେ ପର୍ଯ୍ୟଟନ ବିଭାଗ ତରଫରୁ ନିର୍ମାଣଧୀନ ପ୍ରେକ୍ଷାଳୟ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ଅନୁଭବ କରି ଏହି ପ୍ରକଳ୍ପକୁ ୨୦୨୩ ଡିସେମ୍ବର ସୁଦ୍ଧା ସଂପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପୀଠ ପ୍ରମୋଦ ଉଦ୍ୟାନରେ ଥିବା ୨ଟି ପୁଷ୍କରିଣୀର ପୁନରୁଦ୍ଧାର ଏବଂ ପୀଠରେ ଥିବା ମନ୍ଦିର ଓ ସଂଗ୍ରହାଳୟର ସୌନ୍ଦର୍ଯ୍ୟକରଣ, ନିର୍ମାଣାଧୀନ ଗ୍ରାମୀଣ ଗ୍ରନ୍ଥାଗାର ସମ୍ପୂର୍ଣ୍ଣକରଣ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବାଲିଅନ୍ତା ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣଚନ୍ଦ୍ର ନାୟକ, ବାଲିପାଟଣା ବିଡିଓ ଆଦିକନ୍ଦ ବେହେରା, ଜିଲା ସଂସ୍କୃତି ଅଧିକାରୀ ଅଞ୍ଜନ କୁମାର ବାରିକ ପ୍ରମୁଖଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୋନାଲି



@ ଅଭୀପ୍ସା



@ ସାଗର



@ ଶ୍ରୀତମ୍



@ ପ୍ରମିଳା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'

**ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର' ଶୁକ୍ରବାରଠାରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବ। ୧୮ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାନ କରିବେ। ସେହିପରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଏହା ଉଦ୍‌ଯାପିତ ହେବ। ମେଳାରେ ମୋଟ ୭୦୦ଷ୍ଟଲ ପଡ଼ିବ। ମହୋତ୍ସବରେ ଓଡ଼ିଶା ସମେତ ଦେଶ ବିଦେଶର ବହୁ ପ୍ରତିଷ୍ଠିତ ପ୍ରକାଶକ, ବିତରକ ଓ ବିକ୍ରେତା ଯୋଗ ଦେଉଛନ୍ତି। ଏହି ଅବସରରେ ବିଭିନ୍ନ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ପ୍ରତ୍ୟେହ ଅପରାହ୍ନ ୨ଟାରୁ ରାତି ୯ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ। ଏଥିସହ ପ୍ରତିଦିନ ସାହିତ୍ୟ ଆସର ଅନୁଷ୍ଠିତ ହେବ। ୨ବର୍ଷ ପରେ ମେଳା ଅନୁଷ୍ଠିତ ହେଉଥିବାରୁ ଲେଖକ, ପାଠକ ଓ ପ୍ରକାଶକଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି।



ସିରିୟସ୍ ଜୋନ୍ କଲ୍‌ଚରାଲ ୱିଙ୍ଗ୍ ନୟାଗଡ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ପରିବେଷିତ ନାଟକ 'ବାଂଝ'ର ଏକ ଦୃଶ୍ୟ। (ଫଟୋ: ମୌସମ୍)




ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଉଦ୍‌ଘାଟିତ ବାର୍ଷିକ ସଙ୍ଗୀତ ମହୋତ୍ସବରେ କଣ୍ଠଶିଳ୍ପୀ ମନୋଜ ମହାପାତ୍ର ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ: ବିକାଶ)

# ଗୁଜରାଟ ହିମାଚଳ ପ୍ରଦେଶ ଜନାଦେଶ ପଦ୍ମପୁର ଉପନିର୍ବାଚନ




ଗୁଜରାଟରେ ଭାଜପାର ବିପୁଳ ବିଜୟ ପରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ ଅନ୍ୟ ନେତୃବୃନ୍ଦ।

## ଭାଜପା ଦୁର୍ଗରେ ପଶିଲା ଏଏପି

### ଆସନ୍ତା ନିର୍ବାଚନରେ ବିଜୟ ନିଶ୍ଚିତ: କେଜରିୱାଲ



ପୂର୍ବରୁ ଗୁଜରାଟ ଦଖଲର ସ୍ୱପ୍ନ ଦେଖୁଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସଦ୍ୟ ନିର୍ବାଚନ ଫଳକୁ ନେଇ ସନ୍ତୁଷ୍ଟ। ତାଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୫ ଆସନ ଦଖଲ କରିଥିବାବେଳେ ୫ ବର୍ଷ ପରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ବିଜୟ ସୁନିଶ୍ଚିତ ବୋଲି ଗୁରୁବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଏପିକୁ ଗୁଜରାଟରେ ୧୨.୯୨% ଭୋଟ ମିଳିଛି। ଏହାକୁ ଏକ ଜାତୀୟ ଦଳର ମାନ୍ୟତା ପ୍ରଦାନରେ ସହାୟକ ହୋଇଥିବାରୁ ଗୁଜରାଟ ଭୋଟରଙ୍କୁ କେଜରିୱାଲ ଧନ୍ୟବାଦ ଦେଇଛନ୍ତି। ଭାଜପା ଦୁର୍ଗରେ ଏଏପି ପ୍ରବେଶ କରିବାରେ ସଫଳ ହୋଇଛି ବୋଲି ସେ ଟୁଇଟ୍ କରିଛନ୍ତି।

### ଜୟରାମଙ୍କ ୮ ମନ୍ତ୍ରୀ ହାରିଲେ

ହିମାଚଳ ପ୍ରଦେଶର ବିଦାୟୀ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ କ୍ୟାବିନେଟର ୮ ସଦସ୍ୟ ପରାସ୍ତ ହେବା ଭାଜପା ପାଇଁ ଏକ ବଡ଼ ଝଟ୍‌କା। ଜୟରାମ ସେରାଜ ଆସନରୁ ବିଜୟୀ ହୋଇଛନ୍ତି। କିନ୍ତୁ ତାଙ୍କ କ୍ୟାବିନେଟର ସୁରେଶ ଭରଦ୍ୱାଜ, ରାକେଶ ପଠାନିଆ, ଗୋବିନ୍ଦ ସିଂ ଠାକୁର, ରାମଲାଲ ମାର୍କଣ୍ଡ, ରାଜିନ୍ଦର ଗର୍ଗ, ରାଜୀବ ସେଜାଲ, ସର୍ବିନ ଚୌଧୁରୀ ଓ ବିରେନ୍ଦ୍ର କନ୍‌ୱର ପରାଜିତ ହୋଇଛନ୍ତି। ଅନ୍ୟ ୪ ମନ୍ତ୍ରୀ ନିଜ ନିଜ ଆସନରେ ବିଜୟୀ ହୋଇଛନ୍ତି।

### ହାଇକମାଣ୍ଡ ନେବେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି

ହିମାଚଳ ପ୍ରଦେଶରେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ଥିର ହୋଇନାହିଁ। କଂଗ୍ରେସ ହାଇକମାଣ୍ଡଙ୍କ ଉପରେ ନିଷ୍ପତ୍ତି ଛାଡ଼ି ଦିଆଯାଇଛି। ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରି କେନ୍ଦ୍ରୀୟ ନେତୃତ୍ୱଙ୍କୁ ଅବଗତ କରାଇବୁ ବୋଲି ମୁଖ୍ୟମନ୍ତ୍ରୀ ଦୌଡ଼ରେ ଆଗୁଆ ଥିବା ପିସିସି ଅଧକ୍ଷା ପ୍ରତିଭା ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶୁକ୍ରବାର ଶିମ୍‌ଲାରେ ହେବାକୁ ଥିବା ବୈଠକରେ ବିଧାୟକ ଦଳ ନେତା ଚୟନ କରାଯିବ।

### ଜନାଦେଶକୁ ସମ୍ମାନ ଦେଉଛୁ: ରାହୁଲ



କଂଗ୍ରେସ ପାଇଁ ଗୁରୁବାର ମିଶ୍ରିତ ଫଳ ଆସିଛି। ଗୋଟିଏ ପଟେ ହିମାଚଳ ପ୍ରଦେଶରେ ଭାଜପା ହାତରୁ କ୍ଷମତା ଛଡ଼ାଇ ନେଇଥିବାବେଳେ ଅନ୍ୟପଟେ ଗୁଜରାଟରେ କଂଗ୍ରେସ ସବୁଠୁ ଖରାପ ପ୍ରଦର୍ଶନ କରିଛି। ୬୧ ଆସନ ହରାଇ ମାତ୍ର ୧୭ରେ ସୀମିତ ରହିଥିବା କଂଗ୍ରେସ ପାଇଁ ଏବେ ପ୍ରକୃତରେ ଆତ୍ମସମୀକ୍ଷାର ବେଳ ବୋଲି କୁହାଯାଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ଜନାଦେଶକୁ ସ୍ୱୀକାର କରିବା ସହ ଲୋକଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି।

### ବିହାର: ଭାଜପା ଦଖଲରେ କୁର୍‌ହାନି ଆସନ

ବିହାରର କୁର୍‌ହାନ ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପାର କେଦାର ପ୍ରସାଦ ଗୁପ୍ତା ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜେଡିୟୁ ପ୍ରାର୍ଥୀ ମନୋଜ କୁଶୱାହାଙ୍କୁ ୩,୬୪୫ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। କେଦାରଙ୍କୁ ୭୬,୬୪୮ ଖଣ୍ଡ ଭୋଟ ମିଳିଥିବାବେଳେ ମନୋଜ ପାଇଛନ୍ତି ୭୩,୦୧୬ ଖଣ୍ଡ ଭୋଟ। ଜେଡିୟୁ ପ୍ରାର୍ଥୀଙ୍କ ପରାଜୟ ଫଳରେ ବିହାରରେ ନୀତୀଶ କୁମାର-ତେଜସ୍ୱୀ ଯାଦବଙ୍କ ମହାଗଠବନ୍ଧନକୁ ଶକ୍ତ ଝଟ୍‌କା ଲାଗିଛି। ନୀତୀଶ ଭାଜପାଠାରୁ ସମ୍ପର୍କ ତୁଟାଇ ରାଜ୍ୟରେ ମହାଗଠବନ୍ଧନ ସରକାରର ନେତୃତ୍ୱ ନେବା ପରେ ତାଙ୍କ ଦଳର ଏହା ପ୍ରଥମ ପରାଜୟ। କୁର୍‌ହାନ ଆସନ ପୂର୍ବରୁ ଆର୍‌ଜେଡି ନେତା ଅନିଲ ସାହାନିଙ୍କ ହାତରେ ଥିଲା। ଏଲ୍‌ଟିଏ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କ ବିଧାୟକ ପଦ ରଦ୍ଦ ହୋଇଥିଲା।

### ଛତିଶଗଡ଼: ଭାନୁପ୍ରତାପପୁରରେ କଂଗ୍ରେସ

ଛତିଶଗଡ଼ର ଭାନୁପ୍ରତାପପୁର ବିଧାନସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସାବିତ୍ରୀ ମାଣ୍ଡଭି ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବ୍ରହ୍ମାନନ୍ଦ ନେତମଙ୍କୁ ୨୧ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସାବିତ୍ରୀଙ୍କୁ ୬୫,୪୭୯ ଭୋଟ ମିଳିଥିବାବେଳେ ନେତମଙ୍କୁ ୪୪,୩୦୮ ଖଣ୍ଡ ଭୋଟ ମିଳିଛି। ଉପନିର୍ବାଚନରେ ୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ପୂର୍ବତନ ଆଇପିଏସ୍ ଅଫିସର ଆକବର ରାମ କୋରମଙ୍କୁ ୨୩,୪୧୭ ଖଣ୍ଡ ଭୋଟ ମିଳିଛି।


ହିମାଚଳ ପ୍ରଦେଶରେ କଂଗ୍ରେସର ବିଜୟ ପରେ ଝାଡ଼ଖଣ୍ଡର ରାଞ୍ଚିରେ ବାଣ ଫୁଟାଉଛନ୍ତି କଂଗ୍ରେସ କର୍ମୀ।











ଗୁଜରାଟରେ ଭାଜପାର ଐତିହାସିକ ବିଜୟ ପରେ ଭାଜପା କର୍ମୀମାନେ ଖୁସି ମନାଉଛନ୍ତି।


ହିମାଚଳ ପ୍ରଦେଶରେ କଂଗ୍ରେସର ବିଜୟ ପରେ ଉତ୍ସାହିତ କର୍ମୀମାନେ।


ଉତ୍ତରପ୍ରଦେଶର ମୈନପୁରୀ ଲୋକ ସଭା ଆସନରୁ ବିଜୟୀ ଡିମ୍ପଲ ଯାଦବ ବିଜୟ ପ୍ରମାଣପତ୍ର ଦେଖାଉଛନ୍ତି।

## ଉପନିର୍ବାଚନ: ଭାଜପା ୨, କଂଗ୍ରେସ ୨

ନୂଆଦିଲ୍ଲୀ,୮।୧୨

ଉତ୍ତରପ୍ରଦେଶର ମୈନପୁରୀ ଲୋକ ସଭା ଆସନ ଏବଂ ୬ ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ହୋଇଥିବା ଉପନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ମୈନପୁରୀକୁ ସମାଜବାଦୀ ପାର୍ଟି ନିଜ ହାତରେ ରଖିବାରେ ସଫଳ ହୋଇଛି। ଉତ୍ତରପ୍ରଦେଶର ଦୁଇ ବିଧାନସଭା ଆସନ ମଧ୍ୟରୁ ରାମପୁର ଭାଜପା ହାତକୁ ଯାଇଥିବାବେଳେ ଖଟୌଲିରେ ଏସ୍‌ପି ସହଯୋଗୀ ଆର୍‌ଏଲ୍‌ଡି ବିଜୟୀ ହୋଇଛି। ରାଜସ୍ଥାନର ସର୍ଦ୍ଦାରସହର ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅନିଲ ଶର୍ମା ବିଜୟୀ ହୋଇଛନ୍ତି। ସେହିପରି ଛତିଶଗଡ଼ର ଭାନୁପ୍ରତାପପୁର ଆସନ କଂଗ୍ରେସ ହାତକୁ ଯାଇଛି। ଓଡ଼ିଶାର ପଦ୍ମପୁର ଆସନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ବିଜୟୀ ହୋଇଛନ୍ତି। ବିହାରର କୁର୍‌ହାନି ଆସନ ଭାଜପା ହାତକୁ ଯାଇଛି। ଗତ ୫ ତାରିଖରେ ଏହିସବୁ ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା।

### ରାଜସ୍ଥାନ: ସର୍ଦ୍ଦାରସହରରେ କଂଗ୍ରେସ ବିଜୟୀ

ରାଜସ୍ଥାନର ସର୍ଦ୍ଦାରସହର ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅନିଲ ଶର୍ମା ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅଶୋକ କୁମାର ପିଞ୍ଚାଙ୍କୁ ୨୬,୮୫୦ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ରାଜ୍ୟରେ କଂଗ୍ରେସ ସରକାରଙ୍କ ସୁଶାସନ ଏବଂ ଜନକଲ୍ୟାଣ କାର୍ଯ୍ୟକୁ ଜନସାଧାରଣ ସ୍ୱୀକୃତି ଦେଇଥିବା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କହିଛନ୍ତି। ଏହି ଉପନିର୍ବାଚନରେ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି (ଆର୍‌ଏଲ୍‌ପି) ପ୍ରାର୍ଥୀ ଲାଲ୍‌ଚାନ୍ଦ ମୁଣ୍ଡ୍ ତୃତୀୟ ସ୍ଥାନରେ ରହିଛନ୍ତି। ମୋଟ ୧୦ ଜଣ ପ୍ରାର୍ଥୀ ଉପନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ଶର୍ମାଙ୍କୁ ୯୧,୩୫୭ ଖଣ୍ଡ ଭୋଟ ମିଳିଥିବାବେଳେ ପିଞ୍ଚାଙ୍କୁ ୬୪,୫୦୫ ଖଣ୍ଡ ଏବଂ ମୁଣ୍ଡଙ୍କୁ ୪୬,୭୫୩ ଖଣ୍ଡ ଭୋଟ ମିଳିଛି। ଦେଶ ସ୍ୱାଧୀନ ହେବା ପରେ କଂଗ୍ରେସ ଦଶମ ଥର ପାଇଁ ଏହି ନିର୍ବାଚନ ମଣ୍ଡଳୀରେ ବିଜୟୀ ହୋଇଛି। ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ଭଁୱରଲାଲ୍ ଶର୍ମାଙ୍କ ପରଲୋକ ପରେ ସର୍ଦ୍ଦାରସହର ଆସନରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା। କଂଗ୍ରେସକୁ ବିଜୟୀ କରାଇଥିବାରୁ ମୁଖ୍ୟମନ୍ତ୍ରୀ ଗେହଲଟ୍ ଭୋଟରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୨୩ ବିଧାନସଭା ନିର୍ବାଚନରେ କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ ସରକାର ଗଢ଼ିବା ନେଇ ଉପନିର୍ବାଚନ ଫଳାଫଳ ସ୍ପଷ୍ଟ ବାର୍ତ୍ତା ଦେଇଥିବା ସେ କହିଛନ୍ତି। ଶର୍ମାଙ୍କ ବିଜୟରେ କଂଗ୍ରେସ ରାଜ୍ୟ ସଭାପତି ଗୋବିନ୍ଦ ସିଂ ଦୋତାସ୍ରା ସମସ୍ତ ଭୋଟର୍‌ଙ୍କୁ କୃତଜ୍ଞତା ଜଣାଇବା ସହ ଦଳୀୟ କର୍ମୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ମୈନପୁରୀ: ୨.୮୮ ଲକ୍ଷ ଭୋଟରେ ଜିତିଲେ ଡିମ୍ପଲ

ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପରଲୋକ ପରେ ଖାଲି ପଡ଼ିଥିବା ମୈନପୁରୀ ଲୋକ ସଭା ଆସନ ଉପନିର୍ବାଚନରେ ତାଙ୍କ ବଡ଼ ବୋହୂ ତଥା ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ଡିମ୍ପଲ ଯାଦବ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ମର୍ଯ୍ୟାଦାଜନକ ଆସନରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରଘୁରାଜ ସିଂ ଶାକ୍ୟକୁ ୨.୮୮ ଲକ୍ଷ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଡିମ୍ପଲଙ୍କୁ ୬,୧୮,୧୨୦ ଖଣ୍ଡ ଭୋଟ ମିଳିଥିବାବେଳେ ରଘୁରାଜ ପାଇଛନ୍ତି ୩,୨୯,୬୫୯ ଖଣ୍ଡ ଭୋଟ।

ଗତ ଅକ୍ଟୋବର ୧୦ରେ ମୁଲାୟମଙ୍କ ପରଲୋକ ଘଟିଥିଲା। ଫଳରେ ତାଙ୍କ ମୈନପୁରୀ ଲୋକ ସଭା ଆସନରେ ଉପନିର୍ବାଚନ କରାଇବା ଜରୁରୀ ହୋଇଥିଲା। ଡିମ୍ପଲ ପୂର୍ବରୁ ଦୁଇଥର କନୌଜରୁ ଏମ୍‌ପି ହୋଇଥିଲେ। ସେ ୨୦୧୨ରେ ପ୍ରଥମ ଥର ପାଇଁ କନୌଜରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ସେ ଉକ୍ତ ଆସନକୁ ବଜାୟ ରଖିଥିଲେ ହେଁ ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ସୁବ୍ରତ ପାଠକଙ୍କଠାରୁ ହାରିଯାଇଥିଲେ। ମୈନପୁରୀରେ ୭ ଲକ୍ଷ ଯାଦବ ଭୋଟର ଅଛନ୍ତି, ଯାହା ମୋଟ ଭୋଟର ସଂଖ୍ୟାର ୪୫ ପ୍ରତିଶତ। ତେଣୁ ଏହି ଆସନ ୧୯୯୬ରୁ ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମଙ୍କ ହାତରେ ରହିଥିଲା। ମୁଲାୟମ ୭ ଥର ଏମ୍‌ପି ହୋଇଥିବାବେଳେ ୫ ଥର ମୈନପୁରୀରୁ ଜିତିଥିଲେ।

ଡିମ୍ପଲ ରେକର୍ଡ ଭୋଟ ବ୍ୟବଧାନରେ ବିଜୟୀ ହେବା ପରେ ମୈନପୁରୀ ପାର୍ଟି ଅଫିସ୍‌ରେ ଦଳୀୟ ନେତା ଓ କର୍ମୀମାନେ ଉତ୍ସାହ ଉଦ୍ଦୀପନାର ସହ ବିଜୟ ଉତ୍ସବ ମନାଇଛନ୍ତି।

### ଆଜମ ଖାନ୍‌ଙ୍କ ଗଡ଼ ରାମପୁରରେ ଭାଜପା

ସମାଜବାଦୀ ପାର୍ଟି ନେତା ମହମ୍ମଦ ଆଜମ ଖାନ୍‌ଙ୍କ ଗଡ଼ ଭାବେ ପରିଚିତ ଉତ୍ତରପ୍ରଦେଶର ରାମପୁର ବିଧାନସଭା ଆସନ ଭାଜପା ହାତକୁ ଯାଇଛି। ଏହି ଆସନରେ ହୋଇଥିବା ଉପନିର୍ବାଚନରେ ସମାଜବାଦୀ ପାର୍ଟି ପ୍ରାର୍ଥୀ ତଥା ଆଜମଙ୍କ ଘନିଷ୍ଠ ସମ୍ପର୍କୀୟ ଅସିମ୍ ରାଜାଙ୍କୁ ପରାସ୍ତ କରି ଭାଜପାର ଆକାଶ ସାକ୍ସେନା ବିଜୟୀ ହୋଇଛନ୍ତି। ସାକ୍ସେନାଙ୍କୁ ପାଖାପାଖି ୬୨ ପ୍ରତିଶତ ଭୋଟ ମିଳିଥିବାବେଳେ ଅସିମ୍ ରାଜା ୩୬.୧୬ ପ୍ରତିଶତ ଭୋଟ ପାଇଛନ୍ତି। ଏହି ଆସନ ୨୦୦୨ରୁ ଆଜମ ଖାନ୍‌ଙ୍କ ହାତରେ ରହିଥିଲା।

### ଖଟୌଲିରେ ଆର୍‌ଏଲ୍‌ଡି

ଉତ୍ତରପ୍ରଦେଶର ଖଟୌଲି ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନରେ ସମାଜବାଦୀ ପାର୍ଟିର ସହଯୋଗୀ ଦଳ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ପ୍ରାର୍ଥୀ ମଦନ ଭୈୟା ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ରାଜକୁମାରୀ ସାଇନିଙ୍କୁ ୨୨,୦୦୦ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମଦନ ଭୈୟାଙ୍କୁ ୯୭,୦୭୧ ଖଣ୍ଡ ଭୋଟ ମିଳିଥିବାବେଳେ ସାଇନିଙ୍କୁ ମିଳିଛି ୭୪,୯୯୬ ଭୋଟ। ସାଇନି ହେଉଛନ୍ତି ପୂର୍ବତନ ଭାଜପା ବିଧାୟକ ବିକ୍ରମ ସିଂଙ୍କ ସ୍ତ୍ରୀ। ୨୦୧୩ ମୁଜାଫରନଗର ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କ ବିଧାନସଭା ସଭ୍ୟ ପଦ ରଦ୍ଦ ହେବାରୁ ଉକ୍ତ ଆସନରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।


ପଦ୍ମପୁର ଉପନିର୍ବାଚନରେ ବିଜେଡିର ବିଜୟ ପରେ ଭୁବନେଶ୍ୱର ନବୀନ ନିବାସରେ ଦଳୀୟ ନେତା ଓ କର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଉଛନ୍ତି।




ଉପନିର୍ବାଚନରେ ବିଜେଡିର ବିଜୟ ପରେ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଉତ୍ସବର ପରିବେଶ।

## ବିଜେଡି ଉତ୍ସାହିତ, ସମୀକ୍ଷା କରିବେ ବିରୋଧୀ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତିରେ ଚାଲିଥିବା ଆଲୋଚନା ପର୍ଯ୍ୟାଲୋଚନା ସବୁକିଛିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କଠାରୁ ୪୨ ହଜାର ୬୭୯ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏହି ଉପନିର୍ବାଚନରେ ପୁରୋହିତଙ୍କୁ ୭୮,୧୨୮ ଖଣ୍ଡ ଭୋଟ ମିଳିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ମାତ୍ର ୩୫୯୪ ଖଣ୍ଡ ଭୋଟ ପାଇଛନ୍ତି। ତେବେ ଭାଜପା ଏବଂ ବିଜେଡି ମଧ୍ୟରେ କଡ଼ା ପ୍ରତିଯୋଗିତା ହେଉଥିବା ନେଇ ଯେଉଁ ଆଲୋଚନା ହେଉଥିଲା ଫଳାଫଳ କିନ୍ତୁ ସମ୍ପୂର୍ଣ୍ଣ ଓଲଟା ଆସିଛି। ଏହାକୁ ନେଇ ବିଜେଡି ଶିବିରରେ ଉତ୍ସାହ ବଢ଼ି ଯାଇଥିବା ବେଳେ ଭାଜପା ଏବଂ କଂଗ୍ରେସ ନେତାଙ୍କ ଭିତରରେ ନୈରାଶ୍ୟ ବଢ଼ିଯାଇଛି। ଅନ୍ୟପଟେ କଂଗ୍ରେସ ଫଳାଫଳକୁ ନେଇ ନିଜ ଦଳ ଉପରେ ପାଲଟା ଆକ୍ଷେପ କରିଛନ୍ତି ଦଳୀୟ ନେତା। ଖୋଦ୍ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ହେବା ସତ୍ତ୍ୱେ ପଦ୍ମପୁରରେ କଂଗ୍ରେସ ଫଳ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ତେବେ ବିଜେଡି ବିଜୟୀ ହେବାପରେ ଉପନିର୍ବାଚନର ସମ୍ପୂର୍ଣ୍ଣ ଦାୟିତ୍ୱରେ ରହିଥିବା ଶାସକ ଦଳର ଦୁଇ ନେତା ପ୍ରସନ୍ନ ଆଚାର୍ଯ୍ୟ ଏବଂ ସୁଶାନ୍ତ ସିଂ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ପ୍ରସନ୍ନ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ତାହା କରନ୍ତି। ଏହି କଥା ଉପରେ ଲୋକଙ୍କ ବିଶ୍ୱାସ ଅଛି। ଦଳ ଯାହାକୁ ଯେଉଁ ଦାୟିତ୍ୱ ଦେଇଥିଲା ମୂଳରୁ ଶେଷ ପର୍ଯ୍ୟନ୍ତ ସବୁ ନେତା ଓ କର୍ମୀମାନେ ଯେପରିକି ମନ୍ତ୍ରୀ ବା ବିଧାୟକ ହୁଅନ୍ତୁ ସମସ୍ତେ ଆନ୍ତରିକତାର ସହ ନିଜ ଦାୟିତ୍ୱ ପାଳନ କରିଛନ୍ତି। ବିଧାୟକ ସୁଶାନ୍ତ ସିଂ କହିଛନ୍ତି, ଉପନିର୍ବାଚନ ପୂର୍ବରୁ ସବୁ ନେତାଙ୍କ ସହ ଆଲୋଚନା କରାଯାଇଥିଲା। ଗ୍ରାଉଣ୍ଡ ଜିରୋରୁ କାମ କରାଯାଇଥିଲା। କଂଗ୍ରେସ ଭୋଟ କିଛି ବିଜେଡି ଏବଂ କିଛି ଭାଜପାକୁ ଯାଇଛି। କଂଗ୍ରେସ ଭୋଟରମାନେ ହତୋତ୍ସାହିତ ହୋଇ ଅନ୍ୟ ଦଳକୁ ଭୋଟ ଦେଇଛନ୍ତି ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଦଳ ପ୍ରତି ଆସ୍ଥା ଓ ବିଶ୍ୱାସ ରଖିଥିବା ସମସ୍ତ ଭୋଟରଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଉଛନ୍ତି। ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହା ଦୀର୍ଘଦିନ ଧରି ପଦ୍ମପୁରରୁ ପ୍ରତିନିଧିତ୍ୱ କରିଆସୁଥିଲେ। ତାଙ୍କ ବିୟୋଗ ଯୋଗୁ ଅନୁକମ୍ପା ଭୋଟ ନିଜ ସପକ୍ଷରେ ନେଇ ବିଜୟୀ ହୋଇଥିବା ବର୍ଷା ସିଂ ବରିହାଙ୍କୁ ଶୁଭେଚ୍ଛା। ଶାସକ ଦଳ ସପକ୍ଷରେ ଜନାଦେଶ ଯିବା ସତ୍ତ୍ୱେ ନିର୍ବାଚନ ଫଳାଫଳରୁ ରାଜ୍ୟ ସରକାରଙ୍କ ପ୍ରତି ବହୁ ମାତ୍ରାରେ ଜନ ଅସନ୍ତୋଷ ଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ଜନତାଙ୍କ ରାୟକୁ ସମ୍ମାନ ଜଣାଇ ପଦ୍ମପୁରବାସୀଙ୍କ ସ୍ୱାର୍ଥ ପାଇଁ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିବୁ। ଏହାସହ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ପାଇଁ ଲଢ଼େଇ ଜାରି ରଖିବା ସହ ତାଙ୍କର ସ୍ୱାର୍ଥ ଓ ହକ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଭାଜପା ନେତ୍ରୀ ତଥା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ବିଜେଡି ଲାଗି ଅସ୍ତିତ୍ୱର ପ୍ରଶ୍ନ ଥିଲା। ଭାଜପା ଯେଉଁ ଯୋଜନା ସବୁ କରିଥିଲା କାହିଁକି ତାହା ବିଫଳ ହେଲା ତା'ର ଅନୁଶୀଳନ କରାଯିବ। ସମସ୍ତେ ମିଶିଏହା କରାଯିବ। ଏହା ସବୁବେଳେ ଏକ ଟିମ୍ ୱାର୍କ। କାହିଁକି ଯୋଜନା ଠିକ୍ ହେଲାନାହିଁ ଏବଂ କେଉଁଠି ତ୍ରୁଟି ରହିଲା ତା'ର ତର୍ଜମା ହେବ। ଆଗକୁ ବଢ଼ିବା ପାଇଁ କ'ଣ କରିବାକୁ ପଡ଼ିବ ସେକଥା ବୁଝିବାକୁ ହେବ ବୋଲି ଅପରାଜିତା କହିଛନ୍ତି।

ପିସିସି ସଭାପତି ପଟ୍ଟନାୟକ କହିଛନ୍ତି, ପଦ୍ମପୁର ଜନସାଧାରଣଙ୍କ ମତକୁ ସ୍ୱାଗତ କରୁଛୁ। କାହିଁକି ଫଳାଫଳ ଏଭଳି ହେଲା ତା'ର ସମୀକ୍ଷା ହେବ। ଗତ ୪ରୁ ୫ ବର୍ଷ ହେଲା ରାଜ୍ୟରେ ଯେଉଁସବୁ ସ୍ଥାନରେ ଉପନିର୍ବାଚନ ବା ନିର୍ବାଚନ ହେଉଛି ସେଠାରେ ଏପରି ସ୍ଥିତି ଉପୁଜୁଛି। ପିପିଲି, ବିଜେପୁର, ପାଟକୁରା, ଧାମନଗର ଆଦି ସ୍ଥାନରେ ଏଭଳି ସ୍ଥିତି ଉପୁଜିଥିଲା। ପାଟକୁରା ନିର୍ବାଚନରୁ ଏହା ଆରମ୍ଭ ହୋଇଛି। ପ୍ରବଳ ଟଙ୍କା ମାଡ଼ ଯୋଗୁ ଏଭଳି ସ୍ଥିତି ଉପୁଜିବା ଗୋଟିଏ କାରଣ। ସେ ୪ ମାସ ହେଲା ସଭାପତି ଦାୟିତ୍ୱ ନେଇଛନ୍ତି। ତେଣୁ ଏହା ତାଙ୍କର ବ୍ୟକ୍ତିଗତ ସମସ୍ୟା ନୁହେଁ। ଏହାଦ୍ୱାରା ଦଳର ମଧ୍ୟ କ୍ଷତି ହେଉଛି। ଏହାକୁ ନେଇ ଖୁବ୍‌ଶୀଘ୍ର ଦଳରେ ସମୀକ୍ଷା କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।

### ପଦ୍ମପୁର ଫଳାଫଳ

- ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଆନ୍ତରିକତାର ସହ କାମ କଲେ: ବିଜେଡି
- ଫଳାଫଳ ସରକାରଙ୍କ ପ୍ରତି ଥିବା ଜନ ଅସନ୍ତୋଷ ସ୍ପଷ୍ଟ କରୁଛି: ଭାଜପା
- ୪ରୁ ୫ ବର୍ଷ ହେଲା ଏପରି ଫଳାଫଳ ହେଉଛି: କଂଗ୍ରେସ


ପଦ୍ମପୁର ଉପଜିଲାପାଳଙ୍କଠାରୁ ବିଜୟ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି ବର୍ଷା ସିଂ ବରିହା।

### ଆସ୍ଥା ପ୍ରକଟ କଲେ ଗୁଜରାଟବାସୀ



"ଗୁଜରାଟ ବିଧାନସଭା ନିର୍ବାଚନରେ ଭାଜପା ଐତିହାସିକ ବିଜୟ ହାସଲ କରିଛି। ଲଗାତର ସପ୍ତମ ଥର ପାଇଁ ଶାସନ କ୍ଷମତାକୁ ଆସିଥିବା ଭାଜପା ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ବିକାଶ କାର୍ଯ୍ୟ ପ୍ରତି ଗୁଜୁରାଟବାସୀ ପୁଣି ଥରେ ଆସ୍ଥା ପ୍ରକଟ କରିଛନ୍ତି। ନିର୍ବାଚନରେ ଭାଜପାର ବିପୁଳ ବିଜୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅବଦାନ ଅତୁଳନୀୟ।

– ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି

### ସବୁଠାରୁ ବଡ଼ ଦଳ ଦିଲ୍ଲୀରେ ଫେଲ୍



"ଗୁଜରାଟ ଫଳାଫଳ ଦେଖି ଆଶ୍ଚର୍ଯ୍ୟ ହେବା ଭଳି କଥା କିଛି ନାହିଁ। ଆମ୍ ଆଦ୍‌ମୀ ପାର୍ଟିକୁ ଛୋଟ ଭାବିବା ଉଚିତ ନୁହେଁ। ଗୁଜରାଟ ଫଳାଫଳକୁ ନେଇ ବାହୁସ୍ଫୋଟ ମାରୁଥିବା ଦଳ ଦିଲ୍ଲୀକୁ ହାତରେ ରଖିପାରିଲା ନାହିଁ। ଗୁଜରାଟ କଥା ଚିନ୍ତାକରି ଖୁସି ହେଉଥିବା ଲୋକମାନେ ଥରେ ଦିଲ୍ଲୀ ଫଳାଫଳ ଦେଖନ୍ତୁ। ଦେଶର ସବୁଠାରୁ ବଡ଼ ଦଳ ବୋଲାଉଥିବା ପାର୍ଟି ଜାତୀୟ ରାଜଧାନୀରେ ଫେଲ୍।

– ଶଶିଭୂଷଣ ବେହେରା, ବିଜେଡି ବିଧାୟକ

### କଂଗ୍ରେସର ପରିଶ୍ରମ ଢିଲା ହୋଇଗଲା



"ରାହୁଲ ଗାନ୍ଧୀ ଯଦି ପଦଯାତ୍ରା ନ କରି ଗୁଜରାଟରେ ଫୋକସ୍ କରିଥାଆନ୍ତେ, ତେବେ ଭଲ ହୋଇଥାଆନ୍ତା। ସୋନିଆ ଗାନ୍ଧୀ ଏବଂ ଦଳର ଅନ୍ୟ ନେତାମାନେ ମଧ୍ୟ ଗୁଜରାଟରେ ସମୟ ଦେବାର ଆବଶ୍ୟକତା ଥିଲା। ଏପରି ହୋଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯେତେ ଟଙ୍କା ଖର୍ଚ୍ଚ କରିଥିଲେ ବି କଂଗ୍ରେସ ସେଠାରେ ଜିତିଥାଆନ୍ତା। ସେଠାରେ କଂଗ୍ରେସର ପରିଶ୍ରମ ଢିଲା ହୋଇଗଲା।

– ସୁରେଶ କୁମାର ରାଉତରାୟ, କଂଗ୍ରେସ ବିଧାୟକ



ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ।


ଗୁଜରାଟ ଜାମନଗର ଉତ୍ତର ବିଧାନସଭା ଆସନରୁ ବିଜୟୀ ହେବା ପରେ ଭାଜପା ପ୍ରାର୍ଥିନୀ ରିଭାବା ଜାଡେଜା (କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ସ୍ତ୍ରୀ) କର୍ମୀମାନଙ୍କୁ କୃତଜ୍ଞତା ଜଣାଉଛନ୍ତି।

**ଶତାଧିକ କର୍ମଚାରୀ ଛଟେଇ କରିବ ସ୍ୱିଗି**

**ନୂଆଦିଲ୍ଲୀ:** ଫୁଡ୍ ଡେଲିଭରି କମ୍ପାନୀ ସ୍ୱିଗି ଚଳିତ ସପ୍ତାହ କିମ୍ବା ମାସ ଶେଷ ସୁଦ୍ଧା ଶତାଧିକ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରିଛି । ଏପରିକି କମ୍ପାନୀ ପାଖାପାଖି ୨୫୦ ଜଣ କର୍ମଚାରୀଙ୍କୁ ଛଟେଇ କରିବ ବୋଲି କୁହାଯାଉଛି । ଯଦି ଏପରି କିଛି ହୁଏ ତେବେ ସ୍ୱିଗିର ମୋଟ କର୍ମଚାରୀଙ୍କ ମଧ୍ୟରୁ ୩ରୁ ୫% ଛଟେଇ ହୋଇପାରନ୍ତି ବୋଲି କୁହାଯାଉଛି । ବିଶେଷକରି କମ୍ପାନୀର ସପ୍ଲାଇ ଚେନ୍, ଅପରେଶନ, କଷ୍ଟମର ସର୍ଭିସ୍ ଓ ଟେକ୍ନୋଲୋଜି ଭୂମିକାରେ ଥିବା କର୍ମଚାରୀଙ୍କୁ ଛଟେଇ କରିବ ବୋଲି ଜଣାପଡ଼ିଛି ।

# ବଢୁଛି ୟୁପିଆଇ କାରବାର

ନୂଆଦିଲ୍ଲୀ,୮।୧୨

■ସରଳୀକରଣ ହେବ ୟୁପିଆଇ ବ୍ୟବସ୍ଥା
■ଡିଜିଟାଲ କାରବାରକୁ ଗୁରୁତ୍ୱ

ଗତ କିଛି ବର୍ଷ ମଧ୍ୟରେ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ)ର ଚାହିଦା ଆଶାତୀତ ଭାବେ ବୃଦ୍ଧି ପାଇଛି । ବିଶେଷ କରି ସହରାଞ୍ଚଳରୁ ଆରମ୍ଭକରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ତର ଓ ବର୍ଗର ଲୋକେ ୟୁପିଆଇ ଦ୍ୱାରା କାରବାର କରିବାକୁ ପସନ୍ଦ କରୁଛନ୍ତି । କାରଣ ବର୍ତ୍ତମାନ ସମୟରେ ଡିଜିଟାଲ କାରବାରକୁ ସରକାର ମଧ୍ୟ ପ୍ରୋତ୍ସାହିତ କରୁଛନ୍ତି । ଏପରିକି ୨୦୧୬ରୁ ଆରମ୍ଭ ହୋଇଥିବା ଏହି ସେବା ଦେଶ ଓ ବିଦେଶର ପ୍ରାୟ ୫୮ ଟି ଆର୍ଥିକ ସଂସ୍ଥା (ବ୍ୟାଙ୍କ) ସହ ଜଡ଼ିତ ରହିଛି । ବିଶେଷକରି ଖୁଚୁରା ବ୍ୟବସାୟରେ ଏହାର ବ୍ୟବହାର ଅଧିକ ହେଉଥିବା ଜଣାପଡ଼ିଛି । ସେହିଭଳି ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ୨୩.୦୬ ବିଲିୟନ କାରବାର ଜରିଆରେ ମୋଟ ୩୮.୩ ଲକ୍ଷ କୋଟି ଟଙ୍କାର ନେଣଦେଣ କରିଥିବା ଜଣାପଡ଼ିଛି । ଚଳିତ ବର୍ଷ ନଭେମ୍ବର ଶେଷ ସୁଦ୍ଧା ୭,୩୦୯.୪୫ ମିଲିୟନ ଲୋକ ୧୧,୯୦,୫୯୩.୩୯ କୋଟି ଟଙ୍କାର କାରବାର କରିଥିବା ସୂଚନା ମିଳିଛି । ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ମଧ୍ୟ ଡିଜିଟାଲ କାରବାର ଓ ଇ ମୁଦ୍ରାକୁ ଗୁରୁତ୍ୱ ଦେଉଥିବାରୁ ଗତ ମାସରେ ୟୁପିଆଇର କାରବାରକୁ ସରଳୀକରଣ କରିବା ସହିତ ଅନ୍ୟାନ୍ୟ ସେବା ଓ ସୁବିଧା ସଂଯୋଗ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି । ସେହିପରି ଠକେଇ ଓ ଚୋରିରୁ ମୁକ୍ତି ପାଇବା ପାଇଁ ସବୁ ବର୍ଗର ବ୍ୟବସାୟୀ ଓ ଲୋକମାନେ ମଧ୍ୟ ୟୁପିଆଇର ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି । ଏପରିକି ପ୍ରତି ମାସ ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଅଧୀନରେ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ) ପରିଚାଳିତ ହେଉଛି ।

ସୂଚନାଯୋଗ୍ୟ, ନିକଟରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୟୁପିଆଇରେ ସିଙ୍ଗଲ-ବ୍ଲକ୍ ଏବଂ ଏକାଧିକ ଡେବିଟ୍ ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ କରାଯାଇଛି । ୟୁପିଆଇର ଉକ୍ତ ସୁବିଧା ବ୍ୟବହାରକାରୀମାନଙ୍କୁ ଯୋଗାଇଦେବା ଲାଗି ଏନ୍‌ପିସିଆଇକୁ ରିଜର୍ଭ ବ୍ୟାଙ୍କ କହିଥିବା ସୂଚନା ମିଳିଛି । ଏପରିକି ଉକ୍ତ ସୁବିଧା ଆରମ୍ଭ ହେବା ପରେ ୟୁପିଆଇ ଜରିଆରେ ଇ-କମର୍ସ କମ୍ପାନୀଙ୍କୁ ପେମେଣ୍ଟ, ଷ୍ଟକ ବଜାରରେ ନିବେଶ, ହୋଟେଲ ବୁକିଂ ଲାଗି ପେମେଣ୍ଟ କରିବା ଆହୁରି ସହଜ ହୋଇପାରିବ ବୋଲି ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ଫଳରେ ଉକ୍ତ ବ୍ୟବସ୍ଥା ଜରିଆରେ ଗ୍ରାହକ ଠିକ୍ ସମୟରେ ପେମେଣ୍ଟ କରିପାରିବେ ।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୮।୧୨

କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରାନୀତି ବୈଠକ ଯୋଗୁ ଷ୍ଟକ୍ ବଜାରର ଫଳାଫଳ ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହେଉଥିଲା । ଏପରିକି କେନ୍ଦ୍ରୀୟ ବ୍ୟାଙ୍କର ନିଷ୍ପତ୍ତି ସାଙ୍ଗକୁ ନିର୍ବାଚନୀ ଫଳାଫଳ ଓ ଶେୟାର ବଜାରର କାରବାର ଦଲାଲ ଷ୍ଟ୍ରିଟ୍‌ର ନିବେଶକଙ୍କ ମନରେ ଉତ୍ସାହ ଭରି ଦେଇଛି । କାରଣ କ୍ରମାଗତ ୪ ଦିନ ହେବ ଶେୟାର ବଜାରରେ ମାନ୍ଦାବସ୍ଥା ଜାରି ରହିଥିଲା । ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି । ଗୁରୁବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୬୦ (୧୬୦.୦୦) ପଏଣ୍ଟ ବଢ଼ି ୬୨,୫୭୧(୬୨,୫୭୦.୬୮) ଅଙ୍କରେ କାରବାର ବନ୍ଦ କରିଥିଲା । ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୪୯ (୪୮.୮୫) ପଏଣ୍ଟ ବୃଦ୍ଧି ଘଟି ୧୮,୬୦୯ (୧୮,୬୦୯.୩୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି ।

## ‘ନଭେମ୍ବରରେ ୩,୭୩,୨୨୧ଗାଡ଼ି ବିକ୍ରି’

ନୂଆଦିଲ୍ଲୀ,୮।୧୨

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍(ଏଚ୍‌ଏମ୍‌ଏସ୍‌ଆଇଏଲ୍) ପକ୍ଷରୁ ଚଳିତ ବର୍ଷ ନଭେମ୍ବର ମାସର ଗାଡ଼ି ସମ୍ପର୍କରେ ଘୋଷଣା କରାଯାଇଛି । ଏପରିକି କମ୍ପାନୀ ଚଳିତ ନଭେମ୍ବରରେ ୩,୭୩,୨୨୧ ଗାଡ଼ି ବିକ୍ରି କରିଥିବା ବେଳେ ଗତବର୍ଷ ସମାନ ସମୟ ମଧ୍ୟରେ ୨,୫୬,୧୭୪ ଗାଡ଼ି ବିକ୍ରି କରିଥିଲା । ଫଳରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ନଭେମ୍ବରରେ ଗାଡ଼ି ବିକ୍ରି ୩୮% ବୃଦ୍ଧି ଘଟିଛି । ବିଶେଷକରି ୨୦୨୨ ନଭେମ୍ବରରେ ଦେଶ ଭିତରେ କମ୍ପାନୀ ୩,୫୩,୫୪୦ ଗାଡ଼ି ବିକ୍ରି କରିଥିବା ବେଳେ ୧୯,୬୮୧ ଗାଡ଼ି ରପ୍ତାନି କରିଛି । ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇଏଲ୍‌ର ସଭାପତି ତଥା ଏମ୍‌ଡି ଓ ସିଇଓ ଆତ୍‌ସୁସି ଓଗାତା କହିଛନ୍ତି, ଏକ ସଫଳ ଉତ୍ସବ ଋତୁ ପରେ ମଧ୍ୟ ନିରନ୍ତର ଚାହିଦା ବଜାରରେ ଜାରି ରହିଥିବା କମ୍ପାନୀ ହୃଦୟଙ୍ଗମ କରିଛି । ଏପରିକି ସହରାଞ୍ଚଳରେ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନ ଖୋଲିବା ଏବଂ ଅଧିକରୁ ଅଧିକ ଲୋକ ବାହାରକୁ ବାହାରିବା ପରେ ଯାତାୟାତ ଆବଶ୍ୟକତାରେ ଏବେ ବୃଦ୍ଧି ହୋଇଛି । ବିଶେଷକରି ଶିଳ୍ପ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଜାରି ରହିଛି ଏବଂ ଆମ ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଆମେ ସର୍ବଦା ଚାହୁଁଛୁ । ଆମ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲକ୍ଷ୍ୟ ନେଇ ସାରା ଭାରତରେ ନୂଆ ଆଉଟ୍‌ଲେଟ୍‌ର ଉଦ୍‌ଘାଟନ କରିବା ସହ ଆମେ ଦୂରଦୂରାନ୍ତ ଉପସ୍ଥିତିକୁ ନିରନ୍ତର ଭାବେ ସମ୍ପ୍ରସାରିତ କରୁଛୁ ବୋଲି ସେ ମତ ପ୍ରକାଶ କରିଛନ୍ତି ।

## ରିଅଲମି ସହ ଜିଓର ସହଭାଗିତା

ନୂଆଦିଲ୍ଲୀ,୮।୧୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲମି ମଧ୍ୟରେ ଏକ ବ୍ୟବସାୟିକ ସହଭାଗିତା ସ୍ଥାପନ କରାଯାଇଥିବା ଉଭୟ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ଜିଓ ପ୍ଲାଟ୍‌ଫର୍ମସ୍ ଲିମିଟେଡ୍‌ର ସିଇଓ କିରଣ ଥୋମାସ୍ କହିଛନ୍ତି, ରିଅଲମି ସହ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ସ୍ଥାପନ କରିଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ ଅଛୁ । ବିଶେଷକରି ରିଅଲମି ୧୦ପ୍ରୋ+ ଭଳି ଶକ୍ତିଶାଳୀ ୫ଜି ସ୍ମାର୍ଟଫୋନ୍‌ର ଦକ୍ଷତାକୁ କେବଳ ଜିଓ ଭଳି ଟ୍ରୁ-୫ଜି ନେଟ୍‌ୱର୍କ ଜରିଆରେ ପ୍ରଦର୍ଶିତ କରାଯାଇପାରିବ । ଏପରିକି ଜିଓ ଟ୍ରୁ-୫ଜି ହେଉଛି ଭାରତ ସମେତ ବିଶ୍ୱର ସବୁଠୁ ଉନ୍ନତ ନେଟ୍‌ୱର୍କ ଭାବେ ପରିଗଣିତ ହେଉଛି । ସେହିଭଳି ରିଅଲ୍‌ମି ଇଣ୍ଡିଆର ସିଇଓ ମାଧବ ସେଠ୍ କହିଛନ୍ତି, ୫ଜି ଷ୍ଟାଣ୍ଡ-ଏଲୋନ୍, ଏନ୍‌ଆର୍‌ସିଏ, ବିଓଏନ୍‌ଆର୍ ଭଳି ପ୍ରଯୁକ୍ତି ଲାଗି ଜିଓ ସହ ରିଅଲ୍‌ମି ହାତ ମିଳାଇଛି । ଗ୍ରାହକମାନଙ୍କୁ ଟ୍ରୁ-୫ଜି ଅନୁଭୂତି ପ୍ରଦାନ କରିବା ଲାଗି ଜିଓ ସହ ସହଭାଗିତାରେ ରିଅଲ୍‌ମି ପକ୍ଷରୁ ନିର୍ଦ୍ଦିଷ୍ଟ କେତେକ ଶୋ’ରୁମ୍‌ରେ ଟ୍ରୁ-୫ଜି ଏକ୍ସପେରିଏନ୍ସ ଜୋନ୍ ମଧ୍ୟ ସ୍ଥାପନ କରାଯାଇଛି ।

ସୂଚନାଯୋଗ୍ୟ, ରିଲାଏନ୍ସ ଜିଓ ହେଉଛି ଏକମାତ୍ର ଅପରେଟର ଯାହା, ଷ୍ଟାଣ୍ଡ-ଏଲୋନ୍ ୫ଜି ନେଟ୍‌ୱର୍କର ଶୁଭାରମ୍ଭ କରୁଛି । ଏପରିକି ଷ୍ଟାଣ୍ଡ-ଏଲୋନ୍ ୫ଜି ନେଟ୍‌ୱର୍କର ବିଶେଷତ୍ୱ ହେଉଛି, ଏହା ୪ଜି ନେଟ୍‌ୱର୍କ ଉପରେ ଆଦୌ ନିର୍ଭରଶୀଳ ନୁହେଁ । ବିଶେଷ କରି ଏହା ହାଇ ସ୍ପିଡ୍ ‘ଡାଟା ହାଇୱେ’ ମଧ୍ୟ ପ୍ରସ୍ତୁତ କରିଥାଏ ।

ଉଲ୍ଲେଖଯୋଗ୍ୟ, ରିଅଲ୍‌ମି ପକ୍ଷରୁ ନୂଆ ୫ଜି ସ୍ମାର୍ଟଫୋନ୍ ୧୦ପ୍ରୋ ସିରିଜ୍‌କୁ ନିକଟରେ ଉନ୍ମୋଚନ କରାଯାଇଛି, ଯାହାର ବଜାର ମୂଲ୍ୟ ୧୭,୯୯୯ ଟଙ୍କାରୁ ଆରମ୍ଭ ହେଉଛି । ଏପରିକି ଉକ୍ତ ସ୍ମାର୍ଟଫୋନ୍‌ର ବିକ୍ରି ଚଳିତ ମାସ ୧୪ରୁ ଆରମ୍ଭ ହେବ । ସେହିଭଳି ରିଅଲ୍‌ମି ପକ୍ଷରୁ କୁହାଯାଇଛି ଯେ ଜିଓ ସହ ମିଶି କମ୍ପାନୀ ଅନେକ ପ୍ରକାର ବଣ୍ଡଲ୍‌ଡ ଅଫରର ମଧ୍ୟ ଶୁଭାରମ୍ଭ କରିବ ।

## ଡିସେମ୍ବର ୧୧ରେ ‘ପୋଲିସ ବାବୁ’



ଜୀ ସାର୍ଥକର ନୂଆ ସିନେମା ‘ପୋଲିସ ବାବୁ’ର ଅଡିଓ ରିଲିଜ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ଚଳଚ୍ଚିତ୍ରର ପୋଷ୍ଟର ଓ ସିଡୀ ପ୍ରଦର୍ଶନ କରୁଛନ୍ତି ।

ଭୁବନେଶ୍ୱର,୮।୧୨

ଜୀ-ସାର୍ଥକ ଫିଲ୍ମସର ନୂଆ ଚଳଚ୍ଚିତ୍ର ‘ପୋଲିସ ବାବୁ’ ଆସନ୍ତା ରବିବାର (ଡିସେମ୍ବର ୧୧) ୱାର୍ଲଡ ଟେଲିଭିଜନ ପ୍ରିମିୟର ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ଥାନୀୟ ୟୁନିଟ୍-୮ର ଏକ ହୋଟେଲ ପରିସରରେ ଏହାର ଅଡିଓ ରିଲିଜ୍ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଚଳଚ୍ଚିତ୍ରରେ ଥିବା ୩ଟି ଯାକ ଗୀତ ଶ୍ରୋତାଙ୍କ ମନକୁ ଛୁଇଁବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି । ଅପରପକ୍ଷରେ ଅଜୟ ରାଉତଙ୍କ ପ୍ରଯୋଜନା ଓ ଶୈଳେନ୍ଦ୍ର ପରିଡ଼ାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଉକ୍ତ ଚଳଚ୍ଚିତ୍ରର କାହାଣୀକୁ ସୁନ୍ଦର ଭାବେ ଡ. ରଜନୀ ରଞ୍ଜନ ଲେଖିଛନ୍ତି । ଉକ୍ତ ଚଳଚ୍ଚିତ୍ରରେ ସୂର୍ଯ୍ୟ ମହାପାତ୍ର ଗୀତ ରଚନା କରିଥିବାବେଳେ ଗୁଡ୍‌ଲି ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଏପରିକି ଲିପ୍ସା, କୁଳଦୀପ, ଜ୍ୟୋତିର୍ମୟୀ ଓ ଶଶାଙ୍କ ଉକ୍ତ ଚଳଚ୍ଚିତ୍ରରେ କଣ୍ଠଦାନ କରିଛନ୍ତି । ସେହିପରି ବୁଲ୍‌ବୁଲି ନାୟିକା ସାୟଲ ଓ ହ୍ୟାଣ୍ଡସମ୍ ନାୟକ ଶୁଭାଶିଷ ଓରଫ ମଣ୍ଟୁ ଉକ୍ତ ସିନେମାରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ଜୀ-ସାର୍ଥକର ଅନେକ ସଫଳ ଚଳଚ୍ଚିତ୍ର ପରି ଉକ୍ତ ଚଳଚ୍ଚିତ୍ରଟି ମଧ୍ୟ ଦର୍ଶକଙ୍କୁ ବିମୋହିତ କରିବ ବୋଲି ଜୀ-ସାର୍ଥକର ଚ୍ୟାନେଲ ହେଡ୍ ପ୍ରତୀକ ସିଲ୍ ମତପ୍ରକାଶ କରିଛନ୍ତି ।

ଉଲ୍ଲେଖଯୋଗ୍ୟ, ୧୧ଡିସେମ୍ବରସନ୍ଧ୍ୟା ୬:୩୦ ଘଟିକାରେ ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ପୋଲିସ ବାବୁ’ ରିଲିଜ ହେବାକୁ ଯାଉଛି ।

## କର୍ନିଙ୍ଗ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୮।୧୨

କର୍ନିଙ୍ଗ୍ ଇନ୍‌କର୍ପୋରେଟେଡ୍ ପକ୍ଷରୁ ନିକଟରେ ନୂତନ ଉତ୍ପାଦର ଉନ୍ମୋଚନ କରାଯାଇଛି । ବିଶେଷକରି ଏହାର ନୂତନ କାଚ ଉଦ୍ଭାବନ, କର୍ନିଙ୍ଗ୍ ଗରିଲା ଗ୍ଲାସ୍ ଭିକ୍ଟସ-୨ର ବଜାର ପ୍ରବେଶ ହୋଇଯାଇଛି । ଏପରିକି ଏହାର କର୍ନିଙ୍ଗ୍ ଗରିଲା ଗ୍ଲାସ୍ ପୋର୍ଟଫୋଲିଓକୁ ବିସ୍ତାର କରି ସୀମାକୁ ଆଗକୁ ବଢ଼ାଇବା ଜାରି ରଖିଛି । ସେହିଭଳି ଏକ ନୂଆ ଗ୍ଲାସ୍ କମ୍ପୋଜିଶନ ସହ ଗରିଲା ଗ୍ଲାସ୍ ଭିକ୍ଟସ୍-୨ ଓ ଗରିଲା ଗ୍ଲାସ୍ ଭିକ୍ଟସର ସ୍କ୍ରାଚ୍ ରେଜିଷ୍ଟାନ୍ସକୁ ସୁରକ୍ଷିତ ରଖିବା ସହ କଂକ୍ରିଟ୍ ଭଳି ମଜଭୁତ ଚଟାଣଗୁଡ଼ିକରେ ମଧ୍ୟ ଉନ୍ନତ ଡ୍ରପ୍ ପ୍ରଦର୍ଶନ ପ୍ରଦାନ କରୁଛି, ଯାହାକି ବିଶ୍ୱର ସବୁଠାରୁ ବହୁଳ ଭାବେ ନିର୍ମିତ ସାମଗ୍ରୀର ଚାହିଦା ବୃଦ୍ଧି ପାଉଛି । କର୍ନିଙ୍ଗ୍ ଗରିଲାର ଗ୍ଲାସ୍‌ର ଉପାଧ୍ୟକ୍ଷ ଓ ଜେନେରାଲ ମ୍ୟାନେଜର ଡେଭିଡ୍ ବେଲାସ୍କେଜ୍ କହିଛନ୍ତି, ସ୍ମାର୍ଟଫୋନ୍‌ଗୁଡିକ ଆମର ଡିଜିଟାଲ ଜୀବନର କେନ୍ଦ୍ର ଏବଂ ସ୍ପଷ୍ଟ ଓ ଡ୍ୟାମେଜ୍-ଫ୍ରି ଡିସ୍‌ପ୍ଲେଗୁଡିକ ଉପରେ ଆମର ବର୍ଦ୍ଧିତ ନିର୍ଭରଶୀଳତା ସହ ସ୍କ୍ରାଚ୍ ଓ ଡ୍ରପ୍ ରେଜିଷ୍ଟାନ୍ସ ପାଇଁ ଆବଶ୍ୟକତା ବୃଦ୍ଧି ପାଇଛି । ବିଶେଷକରି କର୍ନିଙ୍ଗ୍‌ର ବିସ୍ତୃତ ଅନୁସନ୍ଧାନ ଦର୍ଶାଇଛି ଯେ, ଚାଇନା, ଭାରତ ଓ ୟୁନାଇଟେଡ୍ ଷ୍ଟେଟ୍‌ସ ଭଳି ୩ଟି ସର୍ବବୃହତ୍ ବଜାରର ପ୍ରାୟ ୮୪% ଉପଭୋକ୍ତାଙ୍କ ପାଇଁ ବ୍ରାଣ୍ଡର ପ୍ରମାଣିତ ସ୍ଥାୟିତ୍ୱ ଏକ ନମ୍ବର କ୍ରୟ ବିଚାର ଭାବେ ରହିଛି ।

ସେହିଭଳି ଆମେ ଆମର ବୈଜ୍ଞାନିକମାନଙ୍କୁ ଆସ୍‌ଫାଲ୍ଟ ତୁଳନାରେ ଅଧିକ ମଜଭୁତ ଚଟାଣଗୁଡିକ ଉପରେ ଅଣ୍ଟା ଉଚ୍ଚତାର ପଡ଼ିବା ସ୍ଥିତିରେ ସୁରକ୍ଷିତ ରହିବା ପାଇଁ ପର୍ଯ୍ୟାପ୍ତ ଡ୍ୟୁରାବୁଲ ଥିବା କେବଳ ଏକ ଗ୍ଲାସ୍ କମ୍ପୋଜିଶନ ସୃଷ୍ଟି କରିବା ପାଇଁ ନୁହେଁ ବରଂ ବଡ଼ ଓ ଓଜନିଆ ଡିଭାଇସ୍‌ଗୁଡିକ ପାଇଁ କଭର୍-ଗ୍ଲାସ୍ ପ୍ରଦର୍ଶନକୁ ଉନ୍ନତ କରିବାକୁ ଆହ୍ୱାନ କରିଥିଲୁ । ଅଧିକ ବିଳାସପୂର୍ଣ୍ଣ ଓ ବିବିଧ ଡିଜାଇନ୍ ସହିତ ଆଜିର ସ୍ମାର୍ଟଫୋନ୍‌ଗୁଡିକ ୪ବର୍ଷ ପୂର୍ବ ତୁଳନାରେ ପ୍ରାୟ ୧୫% ଅଧିକ ଓଜନିଆ ଓ ସ୍କ୍ରିନ୍‌ଆକାରଗୁଡିକ ୧୦%ପର୍ଯ୍ୟନ୍ତ ବଡ଼ ହୋଇଛି-ଯାହା କଭର୍ ଗ୍ଲାସ୍ ଉପରେ ଚାପ ଓ କ୍ଷତିର ସମ୍ଭାବନାକୁ ବୃଦ୍ଧି କରିଛି ।

**ଫୁର୍‌ସତ**

## ମହିଳାଙ୍କ ବେବିବମ୍ପରୁ ୯ ଆଇ ଫୋନ୍




**ବେଜିଂ:** ମହିଳା ଜଣକ ନିଜ ବେବି ବମ୍ପରେ ଆଇ ଫୋନ ଚୋରି କରୁଥିବାବେଳେ ଧରାପଡିଛନ୍ତି । ଏପରି ଘଟଣା ଘଟିଛି ଚାଇନାରେ । ଜଣେ ମହିଳା ମାକାଉରୁ ଚାଇନା ଆସୁଥିଲେ । ସେ ବର୍ଡର ପାର ହେବା ସମୟରେ ଅଧିକାରୀମାନେ ତାଙ୍କୁ ସନ୍ଦେହ କରି ପଚରାଉଚରା କରିଥିଲେ । ସେତେବେଳେ ସେ ୫ ମାସର ଗର୍ଭବତୀ ଥିବା କହିଥିଲେ । ହେଲେ ମହିଳାଙ୍କ ବେବିବମ୍ପ ବହୁତ ବଡ଼ ଥିବାରୁ ତାଙ୍କୁ ଯାଞ୍ଚ ପାଇଁ ସ୍କାନିଂ କରିଥିଲେ । ଏଥିରେ ତାଙ୍କ ସବୁ ସତ ବାହାରକୁ ଆସିଥିଲା । ମହିଳାଙ୍କ ନକଲି ବେବିବମ୍ପ ଭିତରେ ସେ ୯ଟି ଆଇ ଫୋନ ସହ କମ୍ପ୍ୟୁଟରର ବିଭିନ୍ନ ପାର୍ଟ ଥିବା ଜଣାପଡିଥିଲା । ଏହା ପୂର୍ବରୁ ଏପରି ଘଟଣା ୨୦୧୭ରେ ଦେଖିବାକୁ ମିଳିଥିଲା । ସେଥିରେ ମହିଳା ମୋବାଇଲ ତସ୍କରି କରୁଥିବା ନେଇ ଗିରଫ ହୋଇଥିଲେ । ସେତେବେଳେ ମହିଳା ଜଣକ ତାଙ୍କ ବେବିବମ୍ପରେ ୧୦୨ଟି ଆଇ ଫୋନ ଲୁଚାଇ ନେବାକୁ ଉଦ୍ୟମ କରୁଥିଲେ ।

## ୮୦ ବର୍ଷ ପର୍ଯ୍ୟନ୍ତ ବିଶ୍ୱ ରେକର୍ଡ ସ୍ଥିର



**ନୂଆଦିଲ୍ଲୀ:** ପ୍ରତିବର୍ଷ ଅନେକ ବିଶ୍ୱ ରେକର୍ଡ ସୃଷ୍ଟି ହେଉଥିବାବେଳେ ଅନେକଙ୍କ ରେକର୍ଡ ଭାଙ୍ଗିଛି । ତେବେ ୮୦ ବର୍ଷ ହେବ ଜଣଙ୍କ ରେକର୍ଡ ସ୍ଥିର ରହିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡ ତା ଟୁଇଟର ହ୍ୟାଣ୍ଡେଲରେ ଏକ ଫଟୋ ଶେୟାର କରିଛି । ସେଥିରେ ସେ ୫ ଜଣଙ୍କ ସହ ନଜରକୁ ଆସିଛନ୍ତି । ଯେଉଁଥିରେ ଅନ୍ୟମାନେ ତାଙ୍କ ଆଗରେ ଛୋଟ ପିଲା ଭଳି ଦେଖାଯାଉଛନ୍ତି । ଦୁନିଆର ସବୁଠାରୁ ଲମ୍ବା ବ୍ୟକ୍ତି ଭାବେ ଆମେରିକାର ଇଲିନୋଇସ୍ ସହରରେ ରହୁଥିବା ରୋବର୍ଟ ବୋର୍ଡଲୋ ନାମ୍ନୀ ଜଣେ ବ୍ୟକ୍ତି ୧୯୪୦ରେ ନିଜ ନାମରେ କରିଥିଲେ । ତାଙ୍କ ଉଚ୍ଚତା ୮ ଫୁଟ ୧୧ ଇଞ୍ଚ । ସେ ଜନ୍ମର ୬ମାସ ମଧ୍ୟରେ ୩ ଫୁଟ, ୫ ବର୍ଷ ବୟସରେ ୫ ଫୁଟ, ୧୮ ବର୍ଷରେ ୮ ଫୁଟ ହୋଇଥିଲେ । ତେବେ ତାଙ୍କର ୨୨ ବର୍ଷ ବୟସରେ ଦେହାନ୍ତ ହୋଇଥିଲା ।



## ଲଟେରିରେ ୨୦ କୋଟିର ଘର

ଲଣ୍ଡନ: ଜଣେ ବ୍ୟକ୍ତି ୨୫୦୦ ଟଙ୍କାର ଲଟେରି ଟିକେଟ କିଣି ୨୦ କୋଟି ଟଙ୍କା ଜିତିଥିବା ଜଣାପଡିଛି । ଡେଲିଷ୍ଟାର ମୁତାବକ, ବ୍ରିଟେନ୍‌ରେ ରହୁଥିବା ମାର୍କ ୨୦୧୯ରୁ ତାଙ୍କ ସ୍ତ୍ରୀଙ୍କ ସହ ରହୁଛନ୍ତି । ସେ ଏହା ପୂର୍ବରୁ ଲଟେରିରେ କିଛି ବି ଜିତି ନାହାନ୍ତି । ତାଙ୍କର ୧୦ମ ଲଟେରି ଟିକେଟ୍‌ରେ ତାଙ୍କୁ ଏକ ବିଶାଳ ଘର ମିଳିଥିବା ସେ କହିଛନ୍ତି । ତାଙ୍କ ପ୍ରଥମ ଥର ପାଇଁ ଓମେଜ୍ ମିଲିଅନ ପାଉଣ୍ଡ ହାଉସ୍ ପକ୍ଷରୁ ଏକ ଫୋନ କଲ୍ ଆସିଥିଲା । ସେଥିରେ ସେ ବ୍ରିଟେନ୍ ବାହାରେ ଏକ ଘର ଜିତିଛନ୍ତି । ଏଥିସହ ତାଙ୍କୁ ଦେଢ କୋଟି ଟଙ୍କା ମଧ୍ୟ ମିଳିଛି ।

## ଲେଡି ସିଂଘମ୍ ଭୂମିକାରେ ଦୀପିକା



**ମୁମ୍ବାଇ:** ‘ସିଂଘମ୍’ କହିଲେ ସମସ୍ତଙ୍କ ମୁହଁରେ ଅଜୟ ଦେବଗନ୍‌ଙ୍କ ନାମ ଆସିଯାଏ । ଆକ୍ସନ ଡାଇରେକ୍ଟର ରୋହିତ ଶେଟ୍ଟୀଙ୍କ କପ୍ ୟୁନିଭର୍ସରେ ଅଭିନେତା ଅଜୟଙ୍କ ଅଭିନୀତ ସିନେମା ‘ସିଂଘମ’, ‘ସିଂଘମ ରିଟର୍ନସ’ ପରେ ଖୁବ୍‌ଶୀଘ୍ର ପରଦାକୁ ଆସିବ ‘ସିଂଘମ୍ ଏଗେନ୍’ । ଏହି କପ୍ ୟୁନିଭର୍ସରେ ଜଣେ ଲେଡି ସିଂଘମ୍‌ଙ୍କ ଏଣ୍ଟ୍ରି ହେବାକୁ ଯାଉଛି । ଏହି ଭୂମିକାରେ ଅଭିନୟ କରିବେ ବଲିଉଡ୍ ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଡୁକୋନ୍ । ପୂର୍ବରୁ ଅନେକ ହିଟ୍ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଛନ୍ତି । କାନ୍‌ସ ଫେଷ୍ଟିଭାଲରେ ଜୁରି ସଦସ୍ୟ ହେବା ପରେ ଫିଫାରେ ସେ ଟ୍ରଫି ଉନ୍ମୋଚନ ପାଇଁ ମନୋନୀତ ହୋଇଛନ୍ତି । ତେବେ ଏଥିରେ ଦୀପିକା ଜଣେ ମହିଳା ପୋଲିସ ଅଫିସର ହୋଇଥିବାବେଳେ ଅଜୟ ଦେବଗନ ପୂର୍ବପରି ବାଜିରାଓ ସିଂଘମ୍ ଚରିତ୍ରରେ ନଜରକୁ ଆସିବେ । ସିନେମାରେ ସିଂଘମ୍ ଏବଂ ଲେଡି ସିଂଘମ୍ ଦେଖିବା ପାଇଁ ଦର୍ଶକ ଉତ୍ସାହିତ ଅଛନ୍ତି । ପ୍ରଥମ ଥର ପାଇଁ ଦୀପିକା ଏବଂ ଅଜୟ ସ୍କ୍ରିନ ଶେୟାର କରିବାକୁ ଯାଉଛନ୍ତି । ଏଥିସହ ଦୀପିକା ଏବଂ ରୋହିତ ଶେଟ୍ଟୀ ଫିଲ୍ମ ‘ଚେନ୍ନାଇ ଏକ୍ସପ୍ରେସ୍’ପରେ ପୁଣି ଏକାଠି କାମ କରୁଛନ୍ତି । ୨୦୨୩ରେ ଏହି ଫିଲ୍ମ ରିଲିଜ୍ ପାଇଁ ଯୋଜନା ହୋଇଛି । ଏହା ପୂର୍ବରୁ ଦୀପିକା ବ୍ରହ୍ମାସ୍ତ୍ରରେ ନଜରକୁ ଆସିଥିଲେ । ଏଥିସହ ତାଙ୍କର ୨ଟି ସିନେମା ‘ପଠାନ’ ଏବଂ ‘ସର୍କସ’ ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି ।

## ଦକ୍ଷିଣ କୋରିଆ ଲୋକଙ୍କ ବୟସ କମିବ

**ସିଓଲ:** ଦକ୍ଷିଣ କୋରିଆ ସରକାର ପାରମ୍ପରିକ ବୟସ ଗଣନା ପଦ୍ଧତିକୁ ରଦ୍ଦ କରିବା ପାଇଁ ଗୁରୁବାର ଏକ ଆଇନ ଗୃହୀତ କରାଇଛନ୍ତି । ଏବେ ଏହି ଦେଶ ବୟସ ଗଣନା ପାଇଁ ଅନ୍ତର୍ଜାତୀୟ ମାନ ବ୍ୟବହାର କରିବ । ଫଳରେ ସେଠାର ନାଗରିକମାନଙ୍କ ବୟସ ୧ରୁ ୨ ବର୍ଷ କମିଯିବ ବୋଲି ଏକ ସରକାରୀ ଭାବେ କୁହାଯାଇଛି । କୋରିଆରେ ପିଲା ଜନ୍ମ ହେଲେ ତାଙ୍କୁ ୧ ବର୍ଷ ଧରାଯାଇଥାଏ ଏବଂ ପ୍ରତି ଜାନୁଆରୀରେ ଆଉ ଏକବର୍ଷ ଯୋଗ କରାଯାଇଥାଏ । ଫଳରେ ଜଣକର ବୟସ ଗୋଟିଏ ବର୍ଷ ବା ଅଧିକ ବଢ଼ିଯାଇଥାଏ । ୬୦ ଦଶକରୁ ଦକ୍ଷିଣ କୋରିଆରେ ଚିକିତ୍ସା ଏବଂ ଆଇନଗତ କାଗଜପତ୍ର ପ୍ରସ୍ତୁତିରେ ବୟସ ନିର୍ଦ୍ଧାରଣ ଲାଗି ଅନ୍ତର୍ଜାତୀୟ ମାନର ଭାବେ ଜନ୍ମ ସମୟକୁ ଶୂନ ବର୍ଷ ଭାବେ ଗ୍ରହଣ କରାଯାଇ ପ୍ରତି ଜନ୍ମତାରିଖରେ ୧ ବର୍ଷ ଯୋଡ଼ାଯାଇ ଆସୁଛି । ତେଣୁ ବୟସକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିବାରୁ ସରକାର ପୁରୁଣା ପଦ୍ଧତିକୁ ବଦଳାଇବାକୁ ଆଇନ ଆଣିଛନ୍ତି ।

## ସଂକ୍ଷେପରେ

### ପାଇକ ସ୍ମାରକୀ ଶିଳାନ୍ୟାସର ୩ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ଖୋର୍ଦ୍ଧା ଅଫିସ, ୮।୧୨: ବରୁଣେଇ ପାହାଡ଼ ପାଦଦେଶରେ ଗୁରୁବାର ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସର ୩ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। କଳିଙ୍ଗ ପାଇକ ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ସମାବେଶରେ ବିଭିନ୍ନ ପାଇକ ସଙ୍ଗଠନର ସଦସ୍ୟ, ବୁଦ୍ଧିଜୀବୀ, ଐତିହାସିକ, ଗବେଷକ, ଶିକ୍ଷାବିତ୍ ଏବଂ ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇ ପାଇକ ବିଦ୍ରୋହ ହିଁ ସ୍ୱାଧିନତା ଆନ୍ଦୋଳନର ପ୍ରଥମ ସଂଗ୍ରାମ ବୋଲି ଯୁକ୍ତି ବାଢ଼ିଥିଲେ। ପୂର୍ବାହ୍ନରେ କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ, ପାଇକ ଦଳବେହେରା ପ୍ରମୁଖ ମା' ବରୁଣେଇ ଏବଂ କରୁଣେଇଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପୂଜା କରିଥିଲେ। ମା' ବରୁଣେଇ ଓ କରୁଣେଇଙ୍କ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରାରେ ଶିଳାନ୍ୟାସସ୍ଥଳକୁ ବାହାରିଥିଲେ। ପାଇକ ସଙ୍ଗଠନ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଇକ ଆଖଡ଼ାଗୁଡ଼ିକ ବୀରବାଦ୍ୟ ସହ ସମର କଳା ପ୍ରଦର୍ଶନ କରିଥିଲେ। ପାଇକଙ୍କ ସେହି ବୀରତ୍ୱର ଗାଥାକୁ ସେମାନେ ମନେ ପକାଇଥିଲେ। ବୀରବାଦ୍ୟ ଓ ସମର କଳାରେ ବରୁଣେଇ ପାହାଡ଼ ପାଦଦେଶ କମ୍ପିଉଠିଥିଲା। କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ତଥା ଶିକ୍ଷାବିତ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ 'ପାଇକ ଶୌର୍ଯ୍ୟଗାଥାର ରୋମନ୍ଥନ, ଉତ୍କଳୀୟ ବୀରତ୍ୱର ନିଦର୍ଶନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ତଥା ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ସଞ୍ଚାଳକ ଇଂ.ଶିଶିର ନାୟକ ଓ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଥିଲେ, ୨୦୧୭ରେ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଉତ୍ସବକୁ ଉଦ୍‌ଘାଟନ କରି ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓଡ଼ିଆ ପାଇକ ବୀରଙ୍କ ବୀରତ୍ୱକୁ ପ୍ରଶଂସା କରିଥିଲେ। ମାତ୍ର ଏବେ କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ପଛଘୁଞ୍ଚା ଦେଉଛନ୍ତି। କୋଷାଧ୍ୟକ୍ଷ ସମରେନ୍ଦ୍ର ବଳିୟାରସିଂ, ତାପଙ୍ଗ ଦଳବେହେରା ସ୍ମୃତି ସଂସଦ ଉପାଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ, ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ଶିକ୍ଷାବିତ ଋଷି ଗୁମାନସିଂ ପ୍ରମୁଖ ମତ ରଖିଥିଲେ।

### ୫ମ ରାଜ୍ୟସ୍ତରୀୟ ଜୁନିୟର ବକ୍ସିଂ ପ୍ରତିଯୋଗିତା ଆରମ୍ଭ

ପୁରୀ ଅଫିସ, ୮।୧୨: ଓଡ଼ିଶା ବକ୍ସିଂ ସଂଘ, ପୁରୀ କ୍ରୀଡ଼ା ସଂସଦ ଏବଂ ହିଞ୍ଜଳ ଜାଗାର ମିଳିତ ଆନୁକୂଲ୍ୟରେ ୫ମ ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା ଜୁନିୟର ବକ୍ସିଂ ପ୍ରତିଯୋଗିତା ଗୁରୁବାରଠାରୁ ବାଲିସାହିସ୍ଥିତ ହିଞ୍ଜଳ ଜାଗାରେ ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ଏଥିରେ ରାଜ୍ୟର ୧୫ଟି ଜିଲାରୁ ୨୦୦ରୁ ଉର୍ଦ୍ଧ୍ୱ ଖେଳାଳି ବିଭିନ୍ନ ଓଜନ ବର୍ଗରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ହିଞ୍ଜଳ ଜାଗାର ସମ୍ପାଦକ ଜିତେନ୍ଦ୍ର ମୁଦୁଲି, ସଭାପତି କୁଳମଣି ସାହୁ, ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ରବିଶଙ୍କର ପ୍ରତିହାରୀ, ରାଜ୍ୟ ବକ୍ସିଂ ସଂଘ ସମ୍ପାଦକ ଅନୀଲ ବହିଦାର ଏବଂ ଉପସଭାପତି ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ପ୍ରତିଯୋଗିତା ପ୍ରାରମ୍ଭରେ ପୁରୀର ପାରମ୍ପରିକ ସମରକଳା ପ୍ରଦର୍ଶନ କରାଯାଇଥିଲା।

### ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଅଟକ

ଅସ୍ତରଙ୍ଗ,୮।୧୨(ଡି.ଏନ୍.ଏ.): ପୁରୀ ଜିଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରୁ ଗୁରୁବାର ବନ ବିଭାଗ ଏକ ଟ୍ରଲର ଜବତ କରିବା ସହ ୭ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖିଛି। ସୂଚନା ମୁତାବକ, ପାରାଦୀପ ଅଞ୍ଚଳର ବ୍ରହ୍ମ ମହା ମହିମା ଅଲେଖ ନାମକ ଏକ ଟ୍ରଲରରେ ଆସିଥିବା ମତ୍ସ୍ୟଜୀବୀମାନେ ଅସ୍ତରଙ୍ଗ ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରୁ ମାଛ ଧରୁଥିଲେ। ଖବରପାଇ ଫରେଷ୍ଟର ବିରଜା ପ୍ରସାଦ ମହାପାତ୍ର, ତପନ କୁମାର ନାୟକ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଗାର୍ଡ କାଳି ଚରଣ ମହାନ୍ତି, ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ପହଞ୍ଚି ଉକ୍ତ ଟ୍ରଲର ଜବତ କରିବା ସହ ୭ଜଣଙ୍କୁ ଧରିଥିଲେ। ତେବେ ଜବତ ଟ୍ରଲରକୁ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ପୁରୀ ଜିଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ଅବହେଳାରୁ ବେଆଇନଭାବେ ମାଛ ମରାଯାଉଛି। ଅଲିଭ୍ ରିଡଲେ କଇଁଛଙ୍କ ଅଣ୍ଡାଦିଆ ସ୍ଥଳୀ ଭାବେ କୁହାଯାଉଥିବା ଅସ୍ତରଙ୍ଗ ଦେବୀ ମୁହାଣରେ ଆଗକୁ ଏଭଳି ବେଆଇନଭାବେ ମାଛ ଧରାହେଲେ କଇଁଛଙ୍କ ପାଇଁ ବିପଦର କାରଣ ସାଜିବ ବୋଲି ମତପ୍ରକାଶ ପାଇଛି।

# ରାତିରେ ଅନ୍ଧାର, ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍




ଖଣ୍ଡଗିରି ଆଶ୍ରମ ରୋଡରେ ରାତିରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବା ବେଳେ (ବାମ) ଦିନରେ ସେହି ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ (ବୃତ୍ତ ଚିହ୍ନିତ) ଜଳୁଥିବାର ଦୃଶ୍ୟ (ଡାହାଣ) ।

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ହକି ବିଶ୍ୱକପ୍ ଏବଂ ଅନ୍ୟାନ୍ୟ ମେଳା ମହୋତ୍ସବ ପାଇଁ ଆଲୋକୀକରଣକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ଅନ୍ୟପଟେ ଅପରାଧ ପ୍ରବଣ ଅଞ୍ଚଳରେ ଷ୍ଟ୍ରିଟ୍‌ଲାଇଟ ପରିଚାଳନାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଦିନ ସାରା ଷ୍ଟ୍ରିଟ୍‌ଲାଇଟ୍ ଜଳୁଥିବାବେଳେ ସନ୍ଧ୍ୟା ହେବା ମାତ୍ରେ ବନ୍ଦ ହୋଇଯାଉଛି। ଏପରି ଦୃଶ୍ୟ ଖଣ୍ଡଗିରି ଆଶ୍ରମ ରୋଡ୍‌ରେ ଦେଖିବାକୁ ମିଳୁଛି। ମାସ ମାସ ଧରି ଏପରି ସ୍ଥିତି ଲାଗିରହିଥିଲେ ବି କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ମରାମତି କରାଗଲେ କିଛିଦିନ ପାଇଁ ରାତିରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଛି, ମାତ୍ର ପରବର୍ତ୍ତୀ ସମୟରେ ଯଥା ପୂର୍ବଂ ତଥା ପର ସ୍ଥିତି। ସମ୍ପୃକ୍ତ ଅଞ୍ଚଳରେ ଏପରି ଅନ୍ଧକାର ଅସାମାଜିକଙ୍କୁ ସୁହାଉଛି। ଉକ୍ତ ରାସ୍ତା ଦେଇ ପୋଲିସ୍ ରାତ୍ରକାଳୀନ ପାଟ୍ରୋଲିଂ କରୁଥିଲେ ମଧ ଏହି ସମସ୍ୟା ପ୍ରତି ଆଖି ବୁଜି ଦେଉଛି। ଦିନରେ କୌଣସି ଆବଶ୍ୟକତା ନ ଥିଲେ ବି ଜୟଦେବ ବାଟିକା ମୁଖ୍ୟ ଫାଟକ ଠାରୁ ଆରମ୍ଭକରି ବରମୁଣ୍ଡା ସର୍ଭିସ୍ ରୋଡ୍ ପର୍ଯ୍ୟନ୍ତ ଷ୍ଟ୍ରିଟ୍‌ଲାଇଟ ଜଳୁଥିବା ଦେଖିବାକୁ ମିଳୁଛି। ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ଖରାପ ନ ଥିଲେ ମଧ ଉଦ୍ଦେଶ୍ୟମୂଳକ ଭାବେ ରାତିରେ ଏହି ଲାଇଟଗୁଡ଼ିକୁ ବନ୍ଦ କରି ଦିଆଯାଉଥିବା ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରୁଛନ୍ତି। ବିଏମ୍‌ସିର ବିଦ୍ୟୁତ୍ ବିଭାଗ ପକ୍ଷରୁ ନିୟମିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରାଯିବା ସହ ଆବଶ୍ୟକ ସ୍ଥଳେ ଷ୍ଟ୍ରିଟ୍‌ଲାଇଟ୍ ମରାମତି କିମ୍ବା ନୂତନ ଷ୍ଟ୍ରିଟ୍‌ଲାଇଟ ଲଗାଯାଉଥିବା କୁହାଯାଉଛି। ତେବେ ଦୀର୍ଘଦିନ ଧରି ଏପରି ସମ୍ବେଦନଶୀଳ ଅଞ୍ଚଳ ଅନ୍ଧାରରେ ରହୁଥିବାବେଳେ ଏଥିପ୍ରତି ଧ୍ୟାନ ଦିଆ ନ ଯିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଜୟଦେବ ବାଟିକା ମୁଖ୍ୟ ଫାଟକଠାରୁ ବରମୁଣ୍ଡା ସର୍ଭିସ୍ ରୋଡ୍ ଅଞ୍ଚଳ ରାତିରେ ପ୍ରାୟ ଶୁନଶାନ ହୋଇପଡୁଛି। ଏହାର ସୁଯୋଗ ନେଇ ଅନେକ ଅସାମାଜିକ ବ୍ୟକ୍ତି ଆପତ୍ତିଜନକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ବିଶେଷକରି ଖଣ୍ଡଗିରି ଟୁରିଷ୍ଟ ବସ୍‌ଷ୍ଟାଣ୍ଡ ଅନ୍ଧାର ରହୁଥିବାରୁ ଏହି ସ୍ଥାନ ଅପରାଧୀଙ୍କୁ ସୁହାଉଛି।

# ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଜଙ୍ଗଲରେ ଛାଡ଼ିଦେଲେ, ସ୍ୱାମୀ ଅଟକ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ସ୍ୱାମୀ ବିରୋଧରେ ସ୍ତ୍ରୀ ଆଣିଛନ୍ତି ସାଂଘାତିକ ଅଭିଯୋଗ। ଦୀର୍ଘଦିନ ଧରି ସ୍ୱାମୀ ଯୌତୁକ ପାଇଁ ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ମଞ୍ଚେଶ୍ୱର ଥାନାରେ ପୀଡିତା ମହିଳା ଅଭିଯୋଗ କରିଛନ୍ତି। ଏପରିକି ବୁଲେଇ ନେବା ବାହାନାରେ ରାତି ଅଧରେ ଜଙ୍ଗଲରେ ଛାଡି ପଳାଇ ଆସିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଏତଲା କପିରେ ଦର୍ଶାଇଛନ୍ତି। ମହିଳାଜଣଙ୍କ ଉକ୍ତ ଥାନା ଅଧୀନ ଧିରିକୁଟୀ ବସ୍ତିର ବୋଲି ଜଣାପଡିଛି। ମଞ୍ଚେଶ୍ୱର ପୋଲିସ ଘଟଣାର ତଦନ୍ତ କରିବା ସହ ସ୍ୱାମୀଙ୍କୁ ଥାନାକୁ ଡାକି ପଚରାଉଚରା କରିଥିବା ଜଣାପଡ଼ିଛି । ସୂଚନାନୁସାରେ, ଧିରିକୁଟୀ ବସ୍ତିର ପୀଡ଼ିତା ମହିଳା ଗତବର୍ଷ ରାଜା ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ପ୍ରେମବିବାହ କରିଥିଲେ। ବିବାହର ୬ମାସ ପରିବାର ବେଶ ଖୁସିରେ ଚାଲିଥିଲା। ତା' ପରେ ରାଜା ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖୁଥିବା ଖବର ଜାଣିବା ପରେ ସ୍ତ୍ରୀ ଏ ବାବଦରେ ପଚାରିଥିଲେ। ଏତିକି ପଚାରିବାରୁ ରାଜା ପରବର୍ତ୍ତୀ ସମୟରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ। ଏପରିକି ଯୌତୁକ ପାଇଁ ବାଧ୍ୟ କରୁଥିଲେ। ମଙ୍ଗଳବାର ରାଜା ସ୍ତ୍ରୀକୁ ବୁଲିବାକୁ କହି ଜଙ୍ଗଲରେ ଛାଡ଼ି ପଳାଇ ଆସିଥିଲେ। ଏହି ଖବର ପୀଡ଼ିତା ତାଙ୍କ ମା'ଙ୍କୁ ଫୋନ କରି ଜଣାଇବା ପରେ ରାଜାଙ୍କୁ ଥାନା ଧମକ ଦେବାରୁ ସେ ପୁଣି ସ୍ତ୍ରୀଙ୍କୁ ନେଇ ଆସିଥିଲେ। ଘରେ ଦୁଇ ଦିନ ହେଲା ଖାଇବାକୁ ନ ଦେବାରୁ ବାଧ୍ୟ ହୋଇ ପୀଡ଼ିତା ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

# କୋର୍ଟରେ ହାଜର ହେଲେ ମୁଖ୍ୟ ଅଭିଯୁକ୍ତ

## ନକଲି ମେଡିସିନ କାରବାର ମାମଲା

କଟକ ଅଫିସ,୮।୧୨

ବହୁଚର୍ଚ୍ଚିତ ନକଲି ଉଚ୍ଚ ରକ୍ତଚାପ ମେଡିସିନ କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ବିହାରରୁ ଗିରଫ କରି କଟକ ଏସ୍‌ଡିଜେଏମ୍ କୋର୍ଟରେ ଗୁରୁବାର ହାଜର କରିଛି। ସେ ହେଲେ ବିହାର ପାଟନା ଜିଲା ଅଗମକୁଆଁ ଥାନା ଅନ୍ତର୍ଗତ ଭଗୱତନଗରର ବିକାଶ କୁମାର(୩୩)। ସେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଡିସିପି ପିନାକ ମିଶ୍ର ଛୁଟିରେ ଥିବାରୁ ସେ କାର୍ଯ୍ୟରେ ଯୋଗଦେବା ପରେ ବିକାଶଙ୍କୁ ପୋଲିସ ରିମାଣ୍ଡରେ ଆଣି ଜେରା କରିବ ବୋଲି ଅତିରିକ୍ତ ଡିସିପି ଅନିଲ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ନକଲି ରକ୍ତଚାପ ମେଡିସିନ ଟେଲ୍‌ମା ଏଏମ୍ ଓ ଟେଲ୍‌ମା ୪୦ କାରବାର ଅଭିଯୋଗରେ ଗତ ସେପ୍ଟେମ୍ବର ୧୦ରେ ପୁରୀଘାଟ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ମାମଲା ଦ୍ୱୟର ତଦନ୍ତ କରି ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରେ ରାଜ୍ୟ ବାହାରର ୨ ଜଣ ବ୍ୟକ୍ତି ଅଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ବିକାଶ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବିହାରର ପାଟନା ଗସ୍ତ କରିଥିଲା। ସେଠାରୁ ମୁଖ୍ୟ ଅଭିଯୁକ୍ତଙ୍କୁ ଗତ ୬ ତାରିଖ ଅପରାହ୍ନରେ ଗିରଫ କରି ପାଟନାର ଏସିଜେଏମ୍ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ବୁଧବାର କଟକରେ ପହଞ୍ଚିଥିଲା। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।



ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜି ରାସ୍ତାରେ ଓଡ଼ିଶା ଲେଫ୍ଟ ଆଉଟ୍ ଗଣଶିକ୍ଷକମାନେ ଗୁରୁବାର ମାଣବସାଇ ପୂଜା କରୁଛନ୍ତି।

# ଦାବି ନ ଶୁଣିଲେ ୧୫ରେ ମହାସମାବେଶ

## ଚେତାବନୀ ଦେଲା ଓଡ଼ିଶା ଲେଫ୍ଟ ଆଉଟ୍ ଗଣଶିକ୍ଷକ ମହାସଂଘ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ବିଧାନସଭା ସମ୍ମୁଖରେ ଧାରଣାସ୍ଥଳରେ ଓଡ଼ିଶା ଲେଫ୍ଟ ଆଉଟ୍ ଗଣଶିକ୍ଷକ ମହାସଂଘର ପକ୍ଷରୁ ସେମାନଙ୍କର ସମସ୍ୟା ଓ ଦାବି ଉପସ୍ଥାପନ ପାଇଁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଅନ୍ୟପଟେ ସଂଘର ଶିକ୍ଷୟିତ୍ରୀମାନେ ରାଜରାସ୍ତାରେ ମାଣବସା ଗୁରୁବାର ଓ ଲକ୍ଷ୍ମୀପୂଜା କରି ପ୍ରତିବାଦ କରିଛନ୍ତି। ୫ଦିନ ଧରି ମହାସଂଘ ପକ୍ଷରୁ ରାଜରାସ୍ତାରେ ଶୀତ କାକରରେ ପଡିରହିଥିବା ବେଳେ ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କରୁନଥିବା ସାମ୍ବାଦିକ ସମ୍ମିଳନରେ କୁହାଯାଇଛି। ରାଜ୍ୟ ସରକାର ଅନ୍ୟ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିଥିବାବେଳେ ୪ ହଜାର ଲେଫ୍ଟ ଆଉଟ୍ ଶିକ୍ଷକଙ୍କୁ କାହିଁ ଅଣଦେଖା କଲେ ବୋଲି ସଂଘର ସଭାପତି ସୁଧାଂଶୁ ଶେଖର ବଡୁ କହିଛନ୍ତି। ସରକାର ଯଦି ୧୪ ତାରିଖ ସୁଦ୍ଧା ଦାବି ନ ଶୁଣନ୍ତି କିମ୍ବା ମୁଖ୍ୟ ଶାସନ ସଚିବ ଆମ ସହିତ ଆଲୋଚନା ନ କରନ୍ତି, ତେବେ ଆସନ୍ତା ୧୫ ତାରିଖ ଦିନ ସଂଘ ପକ୍ଷରୁ ମହାସମାବେଶ ରାଜଧାନୀରେ ଅନୁଷ୍ଠିତ ହେବ। ଏହି ମହାସମାବେଶରେ ଯାହାକିଛି ଘଟଣା ଘଟିବ ସେଥିପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀରହିବେ ବୋଲି ଚେତାବନୀ ଦିଆଯାଇଛି। ଆମକୁ ୧୩.୧.୨୦୧୭ରୁ ନିୟମିତ ଘୋଷଣା କରାଯାଉ ଏବଂ ଆମ ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ସହ ସବୁ ସରକାରୀ କର୍ମଚାରୀ ଭଳି ମାନ୍ୟତା ମିଳୁ ଏବଂ ସମାନ କାମକୁ ସମାନ ଦରମା ମିଳିବା ଦାବି କରାଯାଉଥିବା ସଂଘର ସାଧାରଣ ସମ୍ପାଦକ ପବିତ୍ର କୁମାର କାର୍ଜି ସୂଚନା ଦେଇଛନ୍ତି।

# ଗ୍ୟାସ୍ ସିଲିଣ୍ଡର ଫାଟି ୨ ବଖରା ଜଳିଗଲା

ବେଗୁନିଆ,୮।୧୨(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମାସ୍ଥିତ ମଙ୍ଗଳାସାହିରେ ଗ୍ୟାସ୍ ସିଲିଣ୍ଡର ଫାଟି ନକୁଳ ବେହେରାଙ୍କ ଦୁଇ ବଖରା ଜଳିଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ିଯାଇଛି। ସୂଚନା ମୁତାବକ, ଗୁରୁବାର ସକାଳ ୮ଟା ୩୦ରେ ନକୁଳଙ୍କ ଘରେ ରୋଷେଇ ହେଉଥିଲା। ହଠାତ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହେବା ସହ ନିଆଁ ଲାଗିଯାଇଥିଲା। ଏହା ପରେ ସିଲିଣ୍ଡରଟି ଫାଟିଯିବାରୁ ଦୁଇ ବଖରା ଜଳିଯାଇଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ମହିଳା କର୍ପୋରେଟରଙ୍କୁ କମିଶନରଙ୍କ ଦୁର୍ବ୍ୟବହାର

- ସିଏମ୍‌ସି ମୁଖ୍ୟ ଫାଟକରେ ତାଲା
- ଧାରଣାରେ ବସିଲେ କର୍ପୋରେଟର

କଟକ ଅଫିସ,୮।୧୨

କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ ଜଣେ ମହିଳା କର୍ପୋରେଟରଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗକୁ ନେଇ କର୍ପୋରେଟରମାନେ ଗୁରୁବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏପରି କି କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ପରେ ନିକଟରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ବସିରହି କମିଶନରଙ୍କ ଇସ୍ତଫା ସହ ବଦଳି ଦାବି କରିଥିଲେ। ହୋହଲ୍ଲାରେ କାର୍ଯ୍ୟାଳୟ ସମ୍ମୁଖ କମ୍ପିଥିଲା। ଖବରପାଇ ସିଏମ୍‌ସି ମେୟର ସୁବାସ ସିଂ ପହଞ୍ଚି ଧାରଣାରତ କର୍ପୋରେଟରମାନଙ୍କ ସହ ଆଲୋଚନା କରି ବିଫଳ ହୋଇଥିଲେ। ପରେ ସେ କମିଶନରଙ୍କୁ ଧାରଣାସ୍ଥଳକୁ ଡକାଇ କର୍ପୋରେଟରମାନଙ୍କ ସହିତ ଆଲୋଚନା ପାଇଁ ଉଦ୍ୟମ କରିଥିଲେ। ହେଲେ ଏହି ଆଲୋଚନା ମଧ ଫେଲ୍ ମାରିଥିଲା। ପରବର୍ତ୍ତୀ ସମୟରେ ଆସନ୍ତା କାଉନ୍‌ସିଲ ବୈଠକ ବର୍ଜନ କରିବା ନିଷ୍ପତ୍ତି ନେଇ କର୍ପୋରେଟରମାନେ ଧାରଣାରୁ ଓହରି ଯାଇଥିଲେ। ତେବେ ଇତି ମଧ୍ୟରେ ବିଭିନ୍ନ କାର୍ଯ୍ୟ ପାଇଁ ସିଏମ୍‌ସି କାର୍ଯ୍ୟାଳୟକୁ ଆସିଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଫାଟକରେ ତାଲା ପଡିବା କାରଣରୁ ଲୋକମାନେ କାର୍ଯ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ସେହିପରି ଭିତରେ ଥିବା ଲୋକମାନେ ମଧ ବାହାରକୁ ଆସିପାରି ନ ଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ୱାର୍ଡର ଜେଇଙ୍କ ବଦଳି ସମ୍ପର୍କରେ ଆଲୋଚନା ପାଇଁ କଂଗ୍ରେସ, ଭାଜପା ଓ ବିଜେଡି କର୍ପୋରେଟରମାନେ ସିଏମ୍‌ସି ବିଜୁଭବନକୁ କମିଶନରଙ୍କୁ ଭେଟିବା ପାଇଁ ଯାଇଥିଲେ। ସେଠାରେ ଏ ସମ୍ପର୍କରେ ଆଲୋଚନା ହେବାବେଳେ କର୍ପୋରେଟର ଓ କମିଶନରଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉଗ୍ରରୂପ ନେଇଥିଲା। ଏଥିରେ କମିଶନର ଉତ୍ତ୍ୟକ୍ତ ହୋଇ ଜଣେ ମହିଳା କର୍ପୋରେଟରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ କର୍ପୋରେଟରମାନେ କମିଶନରଙ୍କୁ ଘେରାଉ କରିଥିଲେ। ଏଥିସହ ସିଏମ୍‌ସି କାର୍ଯ୍ୟାଳୟ ଫାଟକରେ ତାଲା ପକାଇ କମିଶନରଙ୍କ ବଦଳି ପାଇଁ ନାରାବାଜି ଦେଇଥିଲେ। ମେୟର ସିଂ ପହଞ୍ଚି କମିଶନରଙ୍କୁ ଧାରଣାସ୍ଥଳକୁ ଡାକିବା ସହିତ କର୍ପୋରେଟରମାନଙ୍କ ସହ ବୁଝାମଣା ପାଇଁ ଉଦ୍ୟମ କରିଥିଲେ। ହେଲେ କର୍ପୋରେଟରମାନେ ନିଜ ଜିଦ୍‌ରେ ଅଟଳ ରହିବା ସହ ମେୟରଙ୍କ କଥା ଶୁଣି ନ ଥିଲେ। ଏ ସମ୍ପର୍କରେ ୨୬ ନଂ. ୱାର୍ଡ କର୍ପୋରେଟର ଗଗନ ଓଝା କହିଛନ୍ତି, ପୂର୍ବରୁ ଥିବା ଜେଇଙ୍କ ସହ ବର୍ତ୍ତମାନ ଖାପ ଖୁଆଇ କାମ କରିବା ଆରମ୍ଭ କରିଛୁ। ହେଲେ ହଠାତ୍ ତାଙ୍କର ବଦଳି ଆମ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ଯନ୍ତ୍ରୀ ବିଭାଗର ମୁଖ୍ୟମାନଙ୍କ ବଦଳି ପାଇଁ ଆମର ଦାବି ଥିଲା। ହେଲେ ତଳ କର୍ମଚାରୀଙ୍କ ବଦଳିରେ କୌଣସି ଲାଭ ନାହିଁ । ଏନେଇ କମିଶରନରଙ୍କ ସହ ଆଲୋଚନା ପାଇଁ ସିଏମ୍‌ସି କାର୍ଯ୍ୟାଳୟକୁ ଯାଇଥିଲୁ। ଆଲୋଚନାବେଳେ କମିଶନର ଜଣେ ମହିଳା କର୍ପୋରେଟରଙ୍କୁ କହିଲେ, ଜେଇମାନଙ୍କ ପ୍ରତି ଆପଣଙ୍କ ଏପରି ପ୍ରୀତି କାହିଁକି ? ଏଭଳି ବ୍ୟବହାର ଆଦୌ ଗ୍ରହଣଯୋଗ୍ୟ ନୁହେଁ। ସେଥିପାଇଁ କର୍ପୋରେଟରମାନେ ଧାରଣା ଦେବା ସହ କାଉନ୍‌ସିଲ ବୈଠକ ବର୍ଜନ ପାଇଁ ନିଷ୍ପତ୍ତି ନେଇଛୁ। ଏନେଇ କମିଶନରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।



ସିଏମ୍‌ସି କାର୍ଯ୍ୟାଳୟ ଫାଟକ ସମ୍ମୁଖରେ କର୍ପୋରେଟରମାନେ ଧାରଣାରେ ବସିଛନ୍ତି।



ଖଣ୍ଡିଗିରି ଉପକଣ୍ଠ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନୀ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।



ଭରଷା ଫାଉଣ୍ଡେଶନ୍ ପକ୍ଷରୁ ବରମୁଣ୍ଡା ବସ୍ ଷ୍ଟାଣ୍ଡ୍, ରେଳଷ୍ଟେଶନ୍, ରାମମନ୍ଦିର, କ୍ୟାପିଟାଲ୍ ହସ୍ପିଟାଲ୍ ନିକଟରେ ରାତିରେ ଖୋଲା ଆକାଶରେ ଆଶ୍ରୟ ନେଇଥିବା ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

## ସଂକ୍ଷେପରେ

### ବେଦ, ଗୀତା ଜୀବନର ସାରମର୍ମ

ବଡ଼ମ୍ବା,୮।୧୨(ଡି.ଏନ.ଏ.): ପ୍ରାଣଯୋଗ ପ୍ରତିଷ୍ଠାନ ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ ବଡ଼ମ୍ବାର ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ସୋମବାର ଗୀତା ଜୟନ୍ତୀଠାରୁ ପଣ୍ଡୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥିବା ବିଶ୍ୱଶାନ୍ତି ଯଜ୍ଞ ଓ ଭାଗବତ ଗୀତା ପାରାୟଣ ଉଦ୍‌ଯାପିତ ହୋଇଯାଇଛି । ପ୍ରତିଷ୍ଠାନ ସଞ୍ଚାଳିକା ପ୍ରବୀଣା ମହାନ୍ତି, ବାସନ୍ତୀ ଦେଈ, ପଣ୍ଡିତ ଭୀମସେନ ଶାସ୍ତ୍ରୀ ପ୍ରମୁଖ ପଣ୍ଡୁ ପୂର୍ଣ୍ଣିମା ଯଜ୍ଞ ପରିଚାଳନା କରିଛନ୍ତି । ବେଦ, ଗୀତା ଜୀବନର ସାରମର୍ମ ବୋଲି ଏହି ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ପ୍ରତିଷ୍ଠାନର ଅଧକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ସମ୍ମାନିତ ଅତିଥି ଭାବେ ବନମାଳୀପୁର ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ଦୀପକ ବେଜ, ମହିମା ଧର୍ମୀ ଭକ୍ତ ଚରଣ ବେହେରା, ମାଗୁଣି ସାହୁ, ଭାରତୀୟ ନୌସେନା ଅଧିକାରୀ ପ୍ରହ୍ଲାଦ ରଥ ଏଥିରେ ଯୋଗଦାନ କରିଥିଲେ । ଏହି ଅବସରରେ ପଦ୍ମଭୂଷଣ ରାଧାନାଥ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣୀ ନାୟକ,ବିଜୟ ମହାନ୍ତି, ଜୀବନ ବୀମା ନିଗମ ଉପଦେଷ୍ଟା ବିଜୟ କୁମାର ମିଶ୍ର ଓ ରିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ଭଲ ପାଠ ପଢ଼ିବା ସହ ପରିବେଶ ସ୍ୱଚ୍ଛ ରଖିବା ଆବଶ୍ୟକ

ବାଙ୍କୀ,୮।୧୨(ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମା' ଚର୍ଚ୍ଚିକା ଛାତ୍ରୀ ନିବାସରେ ଏକ ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି। କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ନୂତନ ଭାବେ ଯୋଗଦେଇଥିବା ପ୍ରଥମ ବର୍ଷର ଯୁକ୍ତ ୨, ଯୁକ୍ତ ୩ ଓ ପ୍ରଥମ ବର୍ଷର ସ୍ନାତକୋତ୍ତର ଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ସେମାନେ ଛାତ୍ରୀ ନିବାସର ନୀତି ନିୟମ ମାନି ଚଳିବାକୁ ମହାପାତ୍ର ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅଧକ୍ଷ କ୍ୟାପ୍‌ଟେନ ଭବାନୀ ପ୍ରସାଦ ହୋତା ଯୋଗଦେଇ ଭଲ ପାଠ ପଢ଼ିବା ସହିତ ପରିସରକୁ ସ୍ୱଚ୍ଛ ରଖିଲେ ସୁସ୍ଥ ରହିପାରିବେ ବୋଲି ମତ ଦେଇଥିଲେ। ଛାତ୍ରୀ ନିବାସର ତତ୍ତ୍ୱାବଧାରିକା କ୍ୟାପ୍‌ଟେନ ଡ. ସନ୍ଧ୍ୟାରାଣୀ ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ହଷ୍ଟେଲ ୱାର୍ଡେନ ପ୍ରାଧ୍ୟାପକ ସମୀର ମହାପାତ୍ର, ସହକାରୀ ତତ୍ତ୍ୱାବଧାରକ କିଶୋରଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ଶଶିଭୂଷଣ ମହାପାତ୍ର, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଶୈଳେନ୍ଦ୍ର ନାରାୟଣ ଦେଓ, ଯୁଗଳ କିଶୋର ମଣ୍ଡଳ, ଯୋଗୀନାଥ ମଲ୍ଲିକ ପ୍ରମୁଖ ଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ନିବାସର ସାଧାରଣ ସମ୍ପାଦିକା ରଶ୍ମିତା ରାଉତ ବିବରଣୀ ପାଠ କରିଥିବାବେଳେ ଛାତ୍ରୀ ନିବାସର ସହ ତତ୍ତ୍ୱାବଧାରିକା ଅଧାପିକା ଜ୍ୟୋତିର୍ମୟୀ ପାଢୀ ଧନ୍ୟବାଦ ଦେଇଥିଲେ। ନୂତନ ଛାତ୍ରୀଙ୍କୁ ପୁଷ୍ପ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀମାନେ ପରିବେଷଣ କରିଥିଲେ।

# ଦାଦାବଟି ପାଇଁ ଫାର୍ମ କର୍ମଚାରୀଙ୍କୁ ଅପହରଣ

**ଖୁଣ୍ଟୁଣୀ, ୮।୧୨(ଡି.ଏନ୍.ଏ.)**

**୫ ଘଣ୍ଟା ପରେ ଜଙ୍ଗଲରୁ ଉଦ୍ଧାର**

ଦାଦାବଟି ପାଇଁ ଫାର୍ମ କର୍ମଚାରୀଙ୍କୁ ଅପହରଣ କରାଯାଇଥିବା ଗୁରୁଡିଝାଟିଆ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ବିଭିନ୍ନ ସ୍ଥାନରେ ଚଢଉ କରିବା ସହ ଅପହୃତଙ୍କ ମୋବାଇଲ ଫୋନ୍ ଟ୍ରାକ୍ କରି ଏକ ଘଞ୍ଚ ଜଙ୍ଗଲରୁ ତାଙ୍କୁ ଉଦ୍ଧାର କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ଗୁରୁଡିଝାଟିଆ ଥାନା ଅଧୀନ ଗୋବରା ଗ୍ରାମର ସନ୍ତୋଷ ଖୁଣ୍ଟିଆ ତାଙ୍କ ଗ୍ରାମ ପାଖରୁ ୨ କିମି ଦୂର ଓରିଙ୍ଗାବାଡିଠାରେ ଥିବା ଏକ ଫାର୍ମରେ କାମ କରନ୍ତି। ଗୁରୁବାର ସକାଳ ୭ଟାରେ ସେ ସାଇକେଲରେ ଫାର୍ମକୁ ଯାଉଥିବାବେଳେ ବାଟରେ ୫ ଜଣ ଯୁବକ ତାଙ୍କ ମୁହଁରେ କଳାକନା ବାନ୍ଧିବା ସହ ବେକରେ ଛୁରି ଲଗାଇ ଅପହରଣ କରିନେଇଥିଲେ। ଏ ନେଇ ସନ୍ତୋଷଙ୍କ ସାନଭାଇ ସୁରେଶ ଥାନାରେ ଅଭିଯୋଗ କରିଥିଲେ। ଏହି ଅପହରଣ ପୂର୍ବରୁ ଓରିଙ୍ଗାବାଡିର ଜଣେ ଯୁବକ ସନ୍ତୋଷଙ୍କୁ ୨ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ହେଲେ ସେ ଦେବାକୁ ଅରାଜି ହୋଇଥିଲେ। ଫଳରେ ସମ୍ପୃକ୍ତ ଯୁବକ କିଛି ଦୁର୍ବୃତ୍ତଙ୍କୁ ନେଇ ସନ୍ତୋଷଙ୍କୁ ଅପହରଣ କରିବା ପରେ କିଛିଦୂରରେ ଥିବା ଘାସୁଆ ପାହାଡ଼ ନିକଟକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କ ହାତ ବାନ୍ଧି ପକାଇଥିଲେ। ପରେ ସନ୍ତୋଷଙ୍କ ମୋବାଇଲରୁ ତାଙ୍କ ମାଲିକଙ୍କୁ ଫୋନ୍ କରିଥିଲେ। ୨ ଲକ୍ଷ ଟଙ୍କା ଦେଲେ ସନ୍ତୋଷ ମୁକୁଳିବ ବୋଲି ସେମାନେ କହିଥିଲେ।

ପରେ ଫାର୍ମ ମାଲିକ ଏ ସମ୍ପର୍କରେ ସନ୍ତୋଷଙ୍କ ଦାଦାପୁଅ ଶରତ ଖୁଣ୍ଟିଆଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ଶରତ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଅପହରଣକାରୀମାନେ ଫେରାର ହୋଇଯାଇଥିଲେ। ତୁରନ୍ତ ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

# ବିକାଶର ଲକ୍ଷ୍ୟ ୫-ପି ଉପରେ ପର୍ଯ୍ୟବସିତ


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**କଟକ ଅଫିସ, ୮।୧୨:**

**ବିକାଶ ଯୋଜନାର ଖସଡ଼ା ପ୍ରସ୍ତୁତି ପ୍ରଶିକ୍ଷଣ**

ନିରନ୍ତର ବିକାଶର ଲକ୍ଷ୍ୟଧାର୍ଯ୍ୟ ନିମନ୍ତେ ସାମାଜିକ, ଅର୍ଥନୈତିକ ଓ ପରିବେଶ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ନିର୍ଭରଶୀଳ। ବିଶେଷ ଭାବେ ସାମାଜିକ ଅବସ୍ଥା, ଅର୍ଥନୈତିକ ବ୍ୟବସ୍ଥା ଓ ଅନୁକୂଳ ପରିବେଶ ଏହାକୁ ଇନ୍ଧନ ଯୋଗାଇଥାଏ। ମୁଖ୍ୟତଃ ନିରନ୍ତର ବିକାଶର ଲକ୍ଷ୍ୟ ୫-ପି ଯଥା ପବ୍ଲିକ (ଜନସାଧାରଣ), ପ୍ରସପରସ୍ (ସମୃଦ୍ଧି), ପିସ୍ (ଶାନ୍ତି), ପୋଜିସନ୍ (ଭୂଖଣ୍ଡର ଅବସ୍ଥିତି) ଓ ପାର୍ଟନରଶିପ୍ (ସହଭାଗିତା) ଉପରେ ପର୍ଯ୍ୟବସିତ। ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ୧୭ଟି ବିକାଶମୂଳକ କାର୍ଯ୍ୟକ୍ରମକୁ ଉପରୋକ୍ତ ୫ଟି ଶ୍ରେଣୀ ବିଭାଗରେ ଚିହ୍ନିତ କରାଯାଇଛି। ଜିଲାରେ ପ୍ରଣିତ ହେଉଥିବା ଯୋଜନାଗୁଡିକରେ କେହି ବି ଜଣେ ଉପଭୋକ୍ତା ଉନ୍ନୟନର ମୁଖ୍ୟସ୍ରୋତରୁ ଯେପରି ବାଦ ନ ପଡ଼ନ୍ତି ସେ ଦିଗରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟିଦେବା ଆବଶ୍ୟକ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି।

ଯୋଜନା ଓ ସଂଯୋଜନା ବିଭାଗ, ଜିଲା ଯୋଜନା ପରିସଂଖ୍ୟାନ ଶାଖା ପକ୍ଷରୁ 'ନିରନ୍ତର ବିକାଶକୁ ଦୃଷ୍ଟିରେ ରଖି- ୨୦୩୦ ଯୋଜନା କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ' ଶୀର୍ଷକ ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର କହିଥିଲେ, ପ୍ରତ୍ୟେକ ଯୋଜନା ପ୍ରଣୟନ କରିବା ପୂର୍ବରୁ ବାସ୍ତବ କ୍ଷେତ୍ରରେ ଏହାର ପ୍ରତିଫଳନକୁ ନେଇ ସଠିକ ପରିସଂଖ୍ୟାନର ଆବଶ୍ୟକତା ରହିଛି। ସଂଗୃହୀତ ତଥ୍ୟକୁ ଆଧାର କରି ଯୋଜନାର ରୂପରେଖକୁ ସ୍ଥିର କରାଗଲେ ତାହା ଉପଭୋକ୍ତାଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଏ। ୨୦୩୦- ଭିଜନ ଡକ୍ୟୁମେଣ୍ଟ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏ ଦିଗରେ ସମସ୍ତଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ସେ କହିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅର୍ଘ୍ୟ ପ୍ରଧାନ, ଯୋଜନା ଓ ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ, ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ସହକାରୀ ନିର୍ଦ୍ଦେଶିକା ଅଳକା ଜେନା, ସାମାଜିକ ଉନ୍ନୟନ କ୍ଷେତ୍ର ମୁଖ୍ୟ ଡ. ରମେଶ ଚେଲାନ, ଏସଡିଜି ବିଶେଷଜ୍ଞ ଭିକ୍ଟୋରିଆ ଭାଇମୁନି ପ୍ରମୁଖ ଉପସ୍ଥିତ ଥିଲେ।

# ବୁଡ଼ି ରହିଥିବା ଚାଷଜମି ପାଇଁ କ୍ଷତିପୂରଣ ଦିଅ

**ବାଙ୍କୀ,୮।୧୨(ସ୍ୱ.ପ୍ର.)**

**ସ୍ଥାୟୀ ବନ୍ଧ, ସ୍ଲୁଇସ୍ ଗେଟ୍ ନିର୍ମାଣ କରିବା ପ୍ରସ୍ତାବ**

ବାଙ୍କୀ ସରଣ୍ଡା ଅଂଶୁପା ଡାକବଙ୍ଗଳାରେ ଅଂଶୁପା ହ୍ରଦର ଜଳ ସଂରକ୍ଷଣ ଓ ନିଷ୍କାସନ ସମ୍ପର୍କରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଂଶୁପା ହ୍ରଦ ନିକଟ ସୁବର୍ଣ୍ଣପୁର, ଓସ୍ତିଆ ଓ କଦଳୀବାଡି ପଞ୍ଚାୟତର ଚାଷୀ ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଅଂଶୁପାରୁ ନିଷ୍କାସିତ ଜଳରେ ସୁବର୍ଣ୍ଣପୁର, ଆନନ୍ଦପୁର, ବିଷ୍ଣୁପୁର, କଦଳୀବାଡି, ମାଳି ବିହାରପୁର ଅଞ୍ଚଳର ବହୁ ଏକର ଚାଷ ଜମି ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଜଳ ମଗ୍ନ ହୋଇ ରହିଛି । ଫଳରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଚାଷ କାର୍ଯ୍ୟରୁ ବଞ୍ଚିତ ହୋଇ ଆସୁଛନ୍ତି । ଅଂଶୁପା ଜଳରେ ବୁଡ଼ି ରହିଥିବା ଚାଷଜମି ପାଇଁ କ୍ଷତିପୂରଣ ସହ ମହାନ୍ତି ଘାଇ, ଗୋଡି ଘାଇ ଓ ପାରିଯୋଡି ଘାଇରେ ସ୍ଥାୟୀ ବନ୍ଧ ଓ ସ୍ଲୁଇସ ଗେଟ୍ ନିର୍ମାଣ କରିବାକୁ ଚାଷୀମାନେ ତ୍ରିପାଠୀଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଚାଷୀଙ୍କ ସମସ୍ୟା ଦୂରୀକରଣ ଓ ଅଂଶୁପା ହ୍ରଦର ଜଳ ସଂରକ୍ଷଣ ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ତ୍ରିପାଠୀ ଉପସ୍ଥିତ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସରଣ୍ଡା ଜୋନ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ରାକେଶ ପଣ୍ଡା, ଅଂଶୁପା ଉନ୍ନୟନ ପରିଷଦ ସଭାପତି ଗତିକୃଷ୍ଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ତରୁଣ ମହାପାତ୍ର, ସୁବର୍ଣ୍ଣପୁର ସରପଞ୍ଚଙ୍କ ପ୍ରତିନିଧି ଭ୍ରମରବର ଦଳେଇ, ଓସ୍ତିଆ ସରପଞ୍ଚ ଆର୍ତ୍ତବନ୍ଧୁ ବେହେରାଙ୍କ ସମେତ ଅନ୍ୟାନ୍ୟ ପଞ୍ଚାୟତର ଲୋକପ୍ରତିନିଧି ଓ ଚାଷୀମାନେ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ପରେ ବିଜେଡିର ଧାରଣା ପ୍ରତ୍ୟାହୃତ

**ନିଆଳି, ୮।୧୨(ଡି.ଏନ୍.ଏ.)**

**ଭାଜପାର ଧାରଣା ଜାରି**

ବିଭିନ୍ନ ଦାବି ନେଇ ନିଆଳି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାରଠାରୁ ବିଜେଡି ଓ ଭାଜପା ପକ୍ଷରୁ ପୃଥକ୍ ଭାବେ ଧାରଣା ଦିଆଯାଇଥିଲା। ପ୍ରତିଶ୍ରୁତି ମିଳିବା ପରେ ବିଜେଡି ପକ୍ଷରୁ ଧାରଣା ପ୍ରତ୍ୟାହୃତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା, ଚୋରା ମଦ, ଗଞ୍ଜେଇ, ବ୍ରାଉନ୍‌ସୁଗାର କାରବାର ବନ୍ଦ କରିବା, ଚାନ୍ଦା ଆଦାୟ କରୁଥିବା ବ୍ୟକ୍ତି ଓ ଆନ୍ଦୋଳନ ନାଁରେ ବ୍ଲକରେ କ୍ଷୟକ୍ଷତି କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ବିଜେଡି କର୍ମୀମାନେ ଧାରଣାରେ ବସିଥିଲେ। ଗୁରୁବାର ନିଆଳି ତହସିଲଦାର ବିଦ୍ୟାଧର ପତି, ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ବିଡିଓ ଅଶୋକ କୁମାର ଲେଙ୍କା, ଆଇଆଇସି ବିଜୟ କୁମାର ମଲ୍ଲିକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଚୋରା ନିଶାକାରବାର ବନ୍ଦ ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏସ୍‌ଡିପିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନାରେ ଜିଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ଏମ୍‌ପିଙ୍କ ପ୍ରତିନିଧି ଆଦିତ୍ୟ ପାଣି, ଆମ୍ବାର ଅଧକ୍ଷ ବିଷ୍ଣୁଚରଣ ସ୍ୱାଇଁଙ୍କ ସମେତ ଦଳୀୟ କର୍ମୀମାନେ ଭାଗ ନେଇଥିଲେ। ଅପରପକ୍ଷରେ ନିଆଳି ବ୍ଲକ ଅଞ୍ଚଳରେ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା, ଭାଜପା ସମର୍ଥିତ ସରପଞ୍ଚମାନଙ୍କୁ ଅଣଦେଖା ଭଳି ୮ ଦଫା ଦାବିନେଇ ଭାଜପା ପକ୍ଷରୁ ଧାରଣା ଜାରି ରହିଛି। ଭାଜପା ନେତା ଛବି ମଲ୍ଲିକ ଓ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା କହିଛନ୍ତି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ। ତହସିଲଦାର ପତି କହିଛନ୍ତି, ଧାରଣା ଜାରି ରହିଥିବାରୁ ଉକ୍ତ ଅଞ୍ଚଳରେ ୧୪୪ ଧାରା ବଳବତ୍ତର ରହିବ।

# ସ୍ୱଚ୍ଛ ପରିବେଶ ରହିଲେ ରୋଗୀ ସୁସ୍ଥ ରହିବେ

**ବାଙ୍କୀ,୮।୧୨(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଗୁରୁବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ କଲେଜର ମହିଳା ଏନ୍‌ସିସି କ୍ୟାଡେଟ୍‌ମାନେ ଚିକିତ୍ସାଳୟ ପରିସରକୁ ପରିଷ୍କାର କରିବା ସହ ମାନବ ଶୃଙ୍ଖଳା ଏବଂ ସ୍ୱଚ୍ଛତା ଶପଥ ନେଇଥିଲେ। ଏହାକୁ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଉଦ୍‌ଘାଟନ କରିବା ସହ ସ୍ୱଚ୍ଛ ପରିବେଶ ରହିଲେ ରୋଗୀ ସୁସ୍ଥ ରହିପାରିବେ ବୋଲି ମତ ଦେଇଥିଲେ। ମହିଳା ଏନ୍‌ସିସି ଅଧିକାରିଣୀ କ୍ୟାପଟେନ୍ ଡ. ସନ୍ଧ୍ୟାରାଣୀ ମହାନ୍ତିଙ୍କ ନେତୃତ୍ୱରେ ୫୦ଜଣ ମହିଳା ଏନ୍‌ସିସି କ୍ୟାଡେଟ୍ ଯୋଗ ଦେଇଥିଲେ। ଚିକିତ୍ସାଳୟର ପରିଚାଳକ ଶଶିକାନ୍ତ ମିଶ୍ର ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଚିକିତ୍ସାଳୟର ନିଶିକାନ୍ତ ରାଉତରାୟ, ରାଜଶ୍ରୀ ଭୂୟାଁ ଓ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱୀକାରୋକ୍ତି ଓ ଶୁଭେଚ୍ଛା

ସୃଷ୍ଟିକର୍ତ୍ତା ନାରୀକୁ ଅପାର ଗୁଣର ସମ୍ଭାର ପ୍ରଦାନ କରିଛନ୍ତି । ନାରୀ, ସ୍ନେହର ନିର୍ଝରିଣି, ପ୍ରେମର ପ୍ରତୀକ, ଶକ୍ତି ସ୍ୱରୂପା, ସୃଷ୍ଟି ସମ୍ଭବା, ତେଣୁ ସର୍ବଦା ସମ୍ମାନନୀୟା । ପ୍ରତୀକାତ୍ମକ ମା ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା ତଥା କାଳୀଙ୍କ ରୂପେ ପୂଜ୍ୟ । କେବେ ସେ ଝିଅ, କେବେ ଭଗିନୀ, ପ୍ରେମିକା, ସ୍ତ୍ରୀ ଆଉ ମାଆ ରୂପେ ପରିବାରରେ ପୁରୁଷ ଜୀବନକୁ ଋଦ୍ଧିମନ୍ତ କରିଥାନ୍ତି ।

୧୦ ବର୍ଷ ପୂର୍ବେ (୧୪.୦୮.୨୦୧୨) ମୋ ଜୀବନରେ ତୁମ ଆବିର୍ଭାବ ସହ ମୋ ବାରବୁଲା ଦୁଷ୍ଟ ମନ ଘର ମୁହାଁ ହୋଇଥିଲା । ତୁମର ଉତ୍ସାହ ଓ ପ୍ରେରଣା ମୋ ବାଟବଣା କର୍ମ ଜୀବନରେ ସ୍ଥିରତା ଆଣିଥିଲା । ମୋ ଠୁ ଉଚ୍ଚ ପଦରେ ଥାଇ ବି ଦିନେ ମୋ ପାଇଁ ସମସ୍ତଙ୍କ ସହ ଲଢିଥିଲ ଓ ମୋ ଅନିଚ୍ଛା ଯୋଗୁଁ ନିଜ ପଦରୁ ଇସ୍ତଫା ଦେଇଥିଲ । ମୋତେ ବିପଦରେ ଦେଖି କେବେ ରେଳରୁ ଲମ୍ଫ ପ୍ରଦାନ କରିଥିଲ ତ ପୁଣି ମହାମାରି କରୋନା ସମୟରେ ମୋ ପାଇଁ ଜୀବନକୁ ବାଜି ଲଗେଇ ଦିନ ରାତି ଏକ କରି ମୋ ସେବା ଯତ୍ନ କରିଥିଲ । ମୋ ଇଚ୍ଛା ମୋ ଜିଦ୍ ମୋ ସ୍ୱପ୍ନ ପୂରଣ କରିବା ପାଇଁ ତୁମେ ନିଜକୁ ଭୁଲିଯାଇଥିଲ ଓ ନିଜକୁ ମୋ ପାଇଁ ଉତ୍ସର୍ଗ କରିଦେଇଥିଲ । ହେଲେ, ମୁଁ ଅଧମ ମୂର୍ଖ ତୁମକୁ ବୁଝି ନପାରି ଛୋଟ ଛୋଟ କଥାରେ ତୁମ ଉପରେ ଅତ୍ୟାଚାର କଲି, ତୁମ ଉପରେ ହାତ ଉଠେଇଲି, ତୁମକୁ ଅଶ୍ରାବ୍ୟ ଶବ୍ଦ କହିଲି, ତୁମକୁ ହତାଦର କରି ତୁମ ସମ୍ମାନହାନୀ କଲି । ତୁମକୁ ଖୁସିରେ ରଖିବି ବୋଲି କଥା ଦେଇ ତୁମ ଆଖିରେ ଲୁହ ଦେଇ ଦୁଃଖ ସାଗରକୁ ଠେଲି ଦେଲି । କିନ୍ତୁ ଏବେ ମୁଁ ମୋ ଭୁଲ ବୁଝିପାରିଛି, ମୁଁ ମୋ କୃତକର୍ମ ନିମନ୍ତେ ଅନୁତପ୍ତ । ତୁମ ବିଚ୍ଛେଦ ମୋତେ ରୋଗିଣା କରିଛି, ପ୍ରତି ମୁହୂର୍ତ୍ତରେ ମୋ ଆଖିରେ ଲୁହ, ମୋ ହୃଦୟ ଓ ମନକୁ କ୍ଷତବିକ୍ଷତ ଲହୁଲୁହାଣ କରିଚାଲିଛି । ପ୍ରଭୁ ଜଗନ୍ନାଥ ବି ଦିନେ ଲକ୍ଷ୍ମୀଙ୍କୁ ଅବମାନନା କରି ବାରଦୁଆର ଶୁଣ୍ଢିପିଣ୍ଡା ହୋଇଥିଲେ ଆଉ ମୁଁ ତ ମଣିଷଟେ । ତୁମେ ମୋ ଘରର ଲକ୍ଷ୍ମୀ । ତେଣୁ ଏହି ମାଧ୍ୟମରେ ମୁଁ ମୋର ଭୁଲ ସ୍ୱୀକାର କରିବା ସହ ଆଗାମୀ ଦିନରେ ତୁମକୁ ଖୁସିରେ ରଖିବାର ପ୍ରତିଶ୍ରୁତି ଦେଉଛି । ତା. ୦୯.୧୨.୨୦୨୨ ଆମ ବିବାହ ବାର୍ଷିକୀର ଅନେକ ଅନେକ ଶୁଭେଚ୍ଛା । ସ୍ୱୀଟି (Sweety) , ଆଶା କରୁଛି ମୋତେ କ୍ଷମା ଦବ । ତୁମ ଅପେକ୍ଷାରେ ।

**ସୁ. କୁ. ଦାଶ, କଟକ**

# ଟ୍ରକ୍ ଚୋରି ଅଭିଯୋଗ

**ଡିଗିରିଆ,୮।୧୨(ଡି.ଏନ.ଏ.)**

ବାଙ୍କୀ ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମରୁ ଏକ ଟ୍ରକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ରାମର ଅକ୍ଷୟ କୁମାର ପୃଷ୍ଟିଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଟ୍ରକ (ନଂ.ଓଆର୦୫ଏଫ୍-୭୫୯୫) ମଙ୍ଗଳବାର ରାତିରେ ଘର ସାମ୍ନାରେ ରଖାଯାଇଥିଲା। ମାତ୍ର ବୁଧବାର ସକାଳୁ ଉକ୍ତ ସ୍ଥାନରେ ଗାଡିଟି ନ ଥିଲା। ବହୁତ ଖୋଜି ଖୋଜି ସତ୍ତ୍ୱେ ନ ମିଳିବାରୁ ଶେଷରେ ଥାନାରେ ଅଭିଯୋଗ କରାଯାଇଛି। ଗାଡ଼ିରେ ଡ୍ରାଇଭିଂ ଲାଇସେନ୍ସ ସମେତ ୬୦୦୦ ଟଙ୍କା ଓ ବିଭିନ୍ନ କାଗଜପତ୍ର ଥିଲା ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୩୮୫ /୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୋମେନ୍ଦୁଶେଖର କହିଛନ୍ତି।

# ଯୋଗ, ପ୍ରାଣାୟମ କଲେ ସମସ୍ତ ରୋଗରୁ ମୁକ୍ତି ମିଳିପାରିବ

**ବାଙ୍କୀ,୮।୧୨(ଡି.ଏନ୍.ଏ.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ୫ଦିନିଆ ଯୋଗ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ କ୍ୟାପ୍‌ଟେନ ଭବାନୀ ପ୍ରସାଦ ହୋତା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଯୋଗ ଓ ପ୍ରାଣାୟମ କଲେ ସମସ୍ତ ରୋଗରୁ ମୁକ୍ତି ମିଳିପାରିବ। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବହୁ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗ କଲେ ମଣିଷ ସୁସ୍ଥ ଓ ନୀରୋଗ ହୋଇପାରିବ ବୋଲି ମତ ଦେଇଥିଲେ। ଯୋଗଗୁରୁ ବିପିନ ବିହାରୀ ସ୍ୱାଇଁ ଶିବିରରେ ଯୋଗଦେଇ ବହୁ ମୂଲ୍ୟବାନ ତଥ୍ୟ ଉପସ୍ଥାପନା କରିବା ସହିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ଲିନାରାଣୀ ପ୍ରଧାନଙ୍କ ଯୋଗଦାନ ସମସ୍ତଙ୍କୁ ଉତ୍ସାହିତ କରିଥିଲା। ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।

# ୧୦ରୁ ଆନ୍ତଃ ଜିଲା ଆଇନଜୀବୀ କ୍ରିକେଟ୍ ଟୁର୍ନାମେଣ୍ଟ

**କଟକ ଅଫିସ, ୮।୧୨**

କଟକ ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ଆନୁକୂଲ୍ୟରେ ଦ୍ୱିତୀୟ ଆନ୍ତଃ ଜିଲା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ଶନିବାର ଓ ରବିବାର ଦୁଇଦିନ ଧରି ତ୍ରିଶୂଳିଆସ୍ଥିତ ନରଣପୁର ଖେଳପଡ଼ିଆରେ ଅନୁଷ୍ଠିତ ହେବ । ଏ ନେଇ ସଙ୍ଗଠନର ଉପଦେଷ୍ଟା ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ନରଣପୁର ଖେଳପଡ଼ିଆସ୍ଥିତ କ୍ଲବ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ଟୁର୍ନାମେଣ୍ଟରେ ହାଇକୋର୍ଟ ବାର୍ ଆସୋସିଏଶନ, ଭୁବନେଶ୍ୱର ବାର୍ ଆସୋସିଏଶନ, କଟକ ବାର୍ ଆସୋସିଏଶନ, ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ, କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ, ମଧୁବାବୁ ସଙ୍ଗଠନ, ସାଲେପୁର ବାର୍ ଆସୋସିଏଶନ ଓ ଡିଷ୍ଟ୍ରିକ୍ଟ ଜଜ ଏକ୍ସଆଇ ଅଂଶଗ୍ରହଣ କରିବେ। ଏହି ବୈଠକରେ ସଙ୍ଗଠନର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧ୍ୟକ୍ଷ ମହେନ୍ଦ୍ର ସୁବୁଦ୍ଧି, ଶିକ୍ଷାବିତ୍ ତୁଷାରକାନ୍ତି, ବଂଶୀଧର ପରିଡା, ଇଂ. ପ୍ରଭାତ ତ୍ରିପାଠୀ, ଆଇନଜୀବୀ ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବାଙ୍କୀ କଲେଜକୁ ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ପରିଣତ ପାଇଁ ଆହ୍ୱାନ



ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥିମାନେ।

**ବାଙ୍କୀ,୮।୧୨(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ କଲେଜ ପରିସର ଦୃଶ୍ୟଶ୍ରାବ୍ୟ ଗୃହରେ ଗୁରୁବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ କଲେଜ ପରିସରରେ ପ୍ରତିଷ୍ଠାତା ସ୍ୱର୍ଗତ ଡା. ଯୋଗେଶ ଚନ୍ଦ୍ର ରାଉତ, ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ରାଣୀ ଶୁକଦେଈ, ବାଙ୍କୀର ପ୍ରଥମ ବିଧାୟକ ଗୋକୁଳାନନ୍ଦ ପ୍ରହରାଜଙ୍କ ସମେତ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଉତ୍ସବରେ ଅଧକ୍ଷ ତଥା କଲେଜ ପରିଚାଳନା କମିଟିର ସମ୍ପାଦକ କ୍ୟାପଟେନ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ କବି ଡ.ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ ବାଙ୍କୀ କଲେଜକୁ ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ପରିଚଳନା କମିଟିର ପୂର୍ବତନ ସଭାପତି ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଶିକ୍ଷା ଜଗତରେ ବାଙ୍କୀ କଲେଜର ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ଅଧ୍ୟାପକ ନିରାକାର ପ୍ରସାଦ ସାମନ୍ତରାୟ ସ୍ୱାଗତ ଭାଷଣ ଓ ଯୁକ୍ତ ଦୁଇ ଅଧକ୍ଷ ରାଜକିଶୋର ପାଲ ବିବରଣୀ ପାଠ କରିଥିଲେ । ଉପାଧକ୍ଷ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ପିଜିରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ ଏବଂ ଡ.ଅଭିମନ୍ୟୁ ରଣା ପରିଚାଳନା କରିଥିଲେ।

# ୨୦ ଲିଟର ଆସ୍କାଫର୍ଟି ଜବତ: ୨ ଗିରଫ

**ରଘୁନାଥପୁର,୮।୧୨(ଡି.ଏନ୍.ଏ.)**

ରଘୁନାଥପୁର ଥାନା ଅଞ୍ଚଳରୁ ଗୁରୁବାର ପୋଲିସ ୨୦ ଲିଟର ଆସ୍କାଫର୍ଟି ଜବତ କରିବା ସହ ୨ ଚୋରାବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରଘୁନାଥପୁର ଥାନା ଅନ୍ତର୍ଗତ ପଞ୍ଚାୟତ କୁଆମଙ୍ଗା ଗ୍ରାମର ଜ୍ୟୋତିର୍ମୟୀ ବେହେରା ଓରଫ୍ ପପୁ। ଅନ୍ୟ ଜଣେ ହେଲେ ଅକ୍ଷୟ ମଲ୍ଲିକ ଓରଫ ବାଙ୍କ। ପୋଲିସ ପାଟ୍ରୋଲିଂ ସମୟରେ ଦେଶୀମଦ କାରବାର ସମ୍ପର୍କରେ ଖବରପାଇ ସେଠାରେ ଚଢ଼ାଉ କରିଥିଲା ବୋଲି ଆଇଆଇସି ରାଜକିଶୋର ବେହେରା ପ୍ରକାଶ କରିଛନ୍ତି।

## ମାଣବସା ଉପଲକ୍ଷେ ବିଭିନ୍ନ ସ୍ଥାନରେ ମା' ଲକ୍ଷ୍ମୀଙ୍କ ପୂଜା


ବଡ଼ମ୍ବାର ଗୋପମଥୁରା ଲକ୍ଷ୍ମୀ ମେଢ଼।


ରତାପାଟ ଲକ୍ଷ୍ମୀମେଢ଼।


ନରସିଂହପୁରସ୍ଥିତ ମେଢ଼।


ରଘୁନାଥପୁରସ୍ଥିତ ମହାଦେବତୋଳା ମେଢ଼।


ପଣ୍ଡୁଆ ଲକ୍ଷ୍ମୀ ମେଢ଼।

## ସଂକ୍ଷେପରେ

### ମିଳନବେଳେ ଅଣ୍ଡିରା ବାରାଶିଙ୍ଗା ମୃତ

ବାରଙ୍ଗ,୮।୧୨(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବୁଧବାର ୩୮ନଂ. ଏନ୍‌କ୍ଲୋଜରରେ ରହୁଥିବା ଏକ ୮ବର୍ଷର ଅଣ୍ଡିରା ବାରାଶିଙ୍ଗାର ମୃତ୍ୟୁ ଘଟିଛି। ମୃତ ବାରାଶିଙ୍ଗା ମିଳନ ପାଇଁ ଉଦ୍ୟମ କରିଥିଲା। ଏହି ସମୟରେ ଅନ୍ୟ ଏକ ଅଣ୍ଡିରା ବାରାଶିଙ୍ଗା ସହ ତା'ର ଗଣ୍ଡଗୋଳ ହୋଇଥିଲା। ଫଳରେ ସମ୍ପୃକ୍ତ ବାରାଶିଙ୍ଗା ଦେହରେ ଅନ୍ୟ ବାରାଶିଙ୍ଗାର ଶିଙ୍ଗ ପଶିଯିବାରୁ ସେ କ୍ଷତାକ୍ତ ଅବସ୍ଥାରେ ପଡ଼ିରହିଥିଲା। ଖାଇବାକୁ ଦେବା ସମୟରେ ତଳେ ପଡ଼ି ରହିଥିବା ବାରାଶିଙ୍ଗାଟି ନ ଆସିବାରୁ କର୍ମଚାରୀ ସନ୍ଦେହ କରିଥିଲେ। ପରେ ଦେଖିବାବେଳକୁ ସେ ମରି ଯାଇଥିବା ଜାଣିବାକୁ ପାଇଥିଲେ। ବାରାଶିଙ୍ଗାର ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ଏବେ ହ୍ରାସ ପାଇ ୧୩ରେ ପହଞ୍ଚିଛି। ତେବେ ପ୍ରାଣୀ ବିଭାଗ ଦାୟିତ୍ୱ ଖସାଇ ଦେଇ ଠିକାଦାରି କାମକୁ ଗୁରୁତ୍ୱ ଦେଉଥିବାରୁ ତଦାରଖ ଅଭାବ ଯୋଗୁ ବାରାଶିଙ୍ଗାଟିର ଜୀବନ ଯାଇଥିବା ଜଣାପଡ଼ିଛି।

### ହାଇୱାକୁ ପିଟିଲା ବାଇକ୍, ଚାଳକ ଆହତ

ବାରଙ୍ଗ,୮।୧୨(ଡି.ଏନ୍.ଏ.): ନନ୍ଦନକାନନ ଛକରେ ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ଏକ ମାଟି ବୋଝେଇ ହାଇୱା ସହ ଏକ ବାଇକ୍ ଧକ୍କା ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ବାଇକ୍ ଚାଳକ ନନ୍ଦନକାନନ ଭେଟେରିନାରିର ଅସ୍ଥାୟୀ କର୍ମଚାରୀ ସ୍ୱପ୍ନେଶ୍ୱର ପଢ଼ିହାରୀ ଖାମଖିଆଲ ଭାବେ ରଙ୍ଗ୍ ରୁଟ୍‌ରେ ନନ୍ଦନକାନନ ଛକରେ ଗାଡ଼ି ବୁଲାଇ ପଦାସାହି ପଟକୁ ଆସି ହାଇୱାକୁ ଧକ୍କା ଦେଇଥିଲେ। ହାଇୱାଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

### ଏଟିଏମ୍ କାର୍ଡ ବଦଳାଇ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୮।୧୨(ବ୍ୟୁରୋ): ଜଣେ ବ୍ୟକ୍ତିଙ୍କୁ ସହାୟତା ବାହାନାରେ ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଉଠାଇ ଫେରାର ଥିବା ଯୁବକଙ୍କୁ ଏୟାରପୋର୍ଟ ଥାନା ପୋଲିସ ୧୦ ମାସ ପରେ ଗିରଫ କରିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଞ୍ଚଳର କୈଳାସ ଚନ୍ଦ୍ର ସ୍ୱାଇଁ। ତାଙ୍କଠାରୁ ୨ଟି ସୁନା ମୁଦି ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୫୨/୨୦୨୨) ରୁଜୁ କରି ଗୁରୁବାର ଅଭିଯୁକ୍ତ କୈଳାସଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ଫେବୃୟାରୀରେ ଗୁଣନିଧି ବେହେରା ପୋଖରିପୁଟ ଏସ୍‌ବିଆଇ ଏଟିଏମ୍‌କୁ ୨୦ ହଜାର ଟଙ୍କା ଜମା କରିବାକୁ ଯାଇଥିଲେ। ହେଲେ ଟଙ୍କା ଜମା କରିବା ଜଣା ନ ଥିବାରୁ ଅଭିଯୁକ୍ତ କୈଳାସର ସାହାଯ୍ୟ ଲୋଡ଼ିଥିଲେ। କିନ୍ତୁ ଏହାର ସୁଯୋଗ ନେଇ ଅଭିଯୁକ୍ତ କୈଳାସ ଗୁଣନିଧିଙ୍କୁ ଏଟିଏମ୍‌ର ପିନ୍ ମାଗିଥିଲେ। ଏହାପରେ ଏକ ଷ୍ଟେଟ୍‌ମେଣ୍ଟ ବାହାର କରିବା ପରେ ଏଟିଏମ୍‌ରେ ଟଙ୍କା ଜମା ହୋଇପାରିବ ନାହିଁ କହି ଏଟିଏମ୍ କାର୍ଡକୁ ବଦଳାଇ ନେଇଯାଇଥିଲେ। କିଛି ସମୟ ପରେ ଅଭିଯୁକ୍ତ ସୁନ୍ଦରପଦା ଅଞ୍ଚଳରେ ଥିବା ଏଟିଏମ୍‌ରୁ ୧୯ ହଜାର ଓ ବରମୁଣ୍ଡାସ୍ଥିତ ଏକ ଏଟିଏମରୁ ୧ ହଜାର ଟଙ୍କା ଉଠାଇ ଖୋର୍ଦ୍ଧା ରାଡ଼ା ଗହଣା ଦୋକାନରୁ ୨୫ ହଜାର ଟଙ୍କାର ୨ଟି ସୁନା ମୁଦି କିଣି ଘରକୁ ପଳାଇଥିଲେ।

# ଖୋଲିଲା ରାଜମହଲ ବହୁତଳ କାର୍ ପାର୍କିଂ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

**କାର୍ ପାଇଁ ଘଣ୍ଟାକୁ ୪୦, ବାଇକ୍ ପାଇଁ ୨୦ ଟଙ୍କା**



ରାଜମହଲ ନିକଟ ୟୁନିଟ-୨ସ୍ଥିତ ନୂତନ ବହୁତଳ କାର୍ ପାର୍କିଂକୁ ପରୀକ୍ଷାମୂଳକ ଭାବେ ଖୋଲାଯାଇଛି। ଗୁରୁବାର ସନ୍ଧ୍ୟାରେ ଏଠାରେ ଗାଡ଼ି ରଖିବାକୁ ସାଧାରଣ ଲୋକଙ୍କୁ ସୁଯୋଗ ମିଳିଛି। ନଭେମ୍ବର ୨୬ରେ ଶହୀଦନଗର ବହୁତଳ ପାର୍କିଂ କାର୍ଯ୍ୟକ୍ଷମ ହୋଇଥିବାବେଳେ ସହରର ଦ୍ୱିତୀୟ ବହୁତଳ କାର୍ ପାର୍କିଂସ୍ଥଳ ଭାବେ ୟୁନିଟ-୧ ହାଟ, ୟୁନିଟ-୨ ମାର୍କେଟ ବିଲ୍ଡିଂ ଆଦି ଅଞ୍ଚଳରେ ସୃଷ୍ଟି ହେଉଥିବା ପାର୍କିଂ ଓ ଯାତାୟାତ ସମସ୍ୟା ଦୂର କରିବ ବୋଲି ଆଶା କରାଯାଉଛି।

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ) ପକ୍ଷରୁ ୦.୯୪୬ ଏକର ଜାଗାରେ ଏହି ବହୁତଳ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏଠାରେ ୪ଶହ କାର୍ ଓ ୭ଶହ ବାଇକ ଏକ ସମୟରେ ପାର୍କ ହୋଇ ପାରିବ। ଉଭୟ ଜାଗାରେ ସ୍ମାର୍ଟ ପାର୍କିଂ ବ୍ୟବସ୍ଥା କାମ କରିବ। ପାର୍କିଂସ୍ଥଳକୁ ଆସିବା ପୂର୍ବରୁ ଲୋକେ ପାର୍କିଂ ଅଞ୍ଚଳ ଫାଙ୍କା ଅଛି କି ନାହିଁ ଜାଣିବା ସହ ଆଗୁଆ ସ୍ଲଟ୍ ବୁକିଂ କରିବା ସୁବିଧା ରହିଛି। ଏଠାରେ ମଧ୍ୟ ଶହୀଦନଗର ଭଳି ପାର୍କିଂ ଦେୟ ରହିଛି। କାର୍ ପାଇଁ ଘଣ୍ଟାକୁ ୪୦ ଟଙ୍କା, ୨ ଘଣ୍ଟାକୁ ୬୦ ଟଙ୍କା ଓ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରହିଲେ ସର୍ବାଧିକ ୧୦୦ ଟଙ୍କା ଧାର୍ଯ୍ୟ ହୋଇଛି। ସେହିଭଳି ବାଇକ ପାଇଁ ୨୦ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଦୁଇ ଘଣ୍ଟା ରହିଲେ ୪୦ ଓ ୪ ଘଣ୍ଟାରୁ ଅଧିକ ସମୟ ରହିଲେ ୮୦ ଟଙ୍କା ଧାର୍ଯ୍ୟ ହୋଇଛି। ପ୍ରଥମ ଦିନରେ ପ୍ରାୟ ୪୦ଟି କାର୍ ଓ ବାଇକ ପାର୍କିଂ ହୋଇଥିଲା। ଲୋକମାନେ ଏହି ବହୁତଳ ପାର୍କିଂରେ ଗାଡ଼ି ରଖି ୧ ନମ୍ବର ହାଟ କିମ୍ବା ରାସ୍ତା ଅପରପାର୍ଶ୍ୱକୁ ଯିବା ପାଇଁ ଏହି ଭୂତଳ ରାସ୍ତା ବ୍ୟବହାର କରିବେ। ଉଭୟ ପଟେ ଅନ୍‌ଷ୍ଟ୍ରିଟ୍ ପାର୍କିଂ ବନ୍ଦ ହେବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ୟୁନିଟ-୧ ହାଟରୁ ମାର୍କେଟ ବିଲ୍ଡିଂକୁ ସଂଯୋଗ କରୁଥିବା ଭୂତଳ ରାସ୍ତାକୁ ଶତପ୍ରତିଶତ କାର୍ଯ୍ୟକ୍ଷମ କରିବାକୁ ବିଏମ୍‌ସି ଯୋଜନା କରିଛି। ଏଥିପାଇଁ ଭୂତଳ ରାସ୍ତା ସାମ୍ନାରେ ଥିବା ଜବରଦଖଲକୁ ହଟା ଯାଇଛି। ଲୋକମାନେ ଏହି ବହୁତଳ ପାର୍କିଂରେ ଗାଡ଼ି ରଖି ୧ ନମ୍ବର ହାଟ କିମ୍ବା ରାସ୍ତା ଅପରପାର୍ଶ୍ୱକୁ ଯିବା ପାଇଁ ଭୂତଳ ରାସ୍ତା ବ୍ୟବହାର କରିବେ। ଏଥିସହ ଉଭୟ ପଟେ ଅନ୍‌ଷ୍ଟ୍ରିଟ୍ ପାର୍କିଂ ବନ୍ଦ ହେବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ୟୁନିଟ-୧ ହାଟରୁ ମାର୍କେଟ ବିଲ୍ଡିଂକୁ ସଂଯୋଗ କରୁଥିବା ଭୂତଳ ରାସ୍ତାକୁ ଶତପ୍ରତିଶତ କାର୍ଯ୍ୟକ୍ଷମ କରିବାକୁ ବିଏମ୍‌ସି ଯୋଜନା କରିଛି। ଏଥିପାଇଁ ଭୂତଳ ରାସ୍ତା ସାମ୍ନାରେ ଥିବା ଜବରଦଖଲକୁ ହଟା ଯାଇଛି।

ସୂଚନାଯୋଗ୍ୟ, ଏହି ବହୁତଳ ପାର୍କିଂକୁ ୨୦୨୦ରେ ଶେଷ କରିବାକୁ ଧାର୍ଯ୍ୟ କରାଯାଇ ଥିଲେ ମଧ୍ୟ ଜବରଦଖଲ ସମସ୍ୟା ପାଇଁ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିଳମ୍ବ ହୋଇଛି। ଏହି ଜବରଦଖଲକୁ ନେଇ ହାଇକୋର୍ଟରେ ୩ଟି ମାମଲା ରହିଥିଲା। ସ୍ୱତନ୍ତ୍ର ଓକିଲଙ୍କ ଜରିଆରେ ଏହି ମାମଲାକୁ ପୂର୍ବତନ କମିଶନର ସଞ୍ଜୟ ସିଂହ ୩ ମାସରେ ଫଇସଲା କରିବା ପରେ ଜବରଦଖଲ ହଟାଯାଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା।

# ଓଡ଼ିଶା ଜଳ ସମ୍ପଦ ବିଭାଗ ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘର ଆନ୍ଦୋଳନ ଡାକରା

ଭୁବନେଶ୍ୱର, ୮।୧୨ (ବ୍ୟୁରୋ)

ସରକାର ଜଳସମ୍ପଦ ବିଭାଗର ଅସ୍ଥାୟୀ କର୍ମଚାରୀଙ୍କ ଦାବି ପ୍ରତି ଅଣଦେଖା କରି ଆସୁଛନ୍ତି। ଏହା ପ୍ରତିବାଦରେ ଅଲ୍ ଓଡ଼ିଶା ଜଳସମ୍ପଦ ବିଭାଗ ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘ ଆନ୍ଦୋଳନ ଡାକରା ଦେଇଛି। ଦାବି ପୂରଣ ପାଇଁ ଜୋର୍‌ଦାର ଆନ୍ଦୋଳନ କରାଯିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଗୁରୁବାର ବିଜୁ ଶ୍ରମିକ ସାମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଆନ୍ଦୋଳନର ତାରିଖ ଜାନୁୟାରୀ ୧୪ରେ ହେବାକୁ ଥିବା ବୈଠକରେ ଘୋଷଣା କରାଯିବ ବୋଲି ସଂଘ ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା ଓ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ଗ୍ରେଡେସନ୍ ଭିତ୍ତିରେ ତୁରନ୍ତ ସ୍ଥାୟୀ କରିବା ପାଇଁ ସଂଘ ସରକାରଙ୍କୁ ବାରମ୍ବାର ଅନୁରୋଧ କରି ଆସୁଛି। ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ଡିଏଲ୍‌ଆର୍ ଭାବେ କାମ କରିଆସୁଥିଲେ ମଧ୍ୟ ସରକାର ସ୍ଥାୟୀ ନିଯୁକ୍ତି ଦେଇନାହାନ୍ତି। ଏପିରିକି କେତେଜଣ କର୍ମଚାରୀଙ୍କୁ ସରକାର ଛଟେଇ ମଧ୍ୟ କରିଛନ୍ତି। ଅସ୍ଥାୟୀ କର୍ମଚାରୀଙ୍କ ଗ୍ରେଡେସନ୍ ଲିଷ୍ଟ ସରିଛି। ତେଣୁ ଏହି ଲିଷ୍ଟ ଅନୁଯାୟୀ ସେମାନଙ୍କୁ ସ୍ଥାୟୀ କରିବା ସହ ଛଟେଇ କର୍ମଚାରୀଙ୍କୁ ଆଉଥରେ ନିଯୁକ୍ତି ଦେବା ପାଇଁ ଦାବି କରାଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ପିଲାଛୁଆ ଧରି ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ଜଳସମ୍ପଦ ବିଭାଗର ଅସ୍ଥାୟୀ କର୍ମଚାରୀ ସଂଘ ସଭାପତି ସନ୍ତୋଷ ମହାନ୍ତି ସୂଚନା ଦେଇଛନ୍ତି।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଦର୍ଶନ ଦିବସ




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ବିଶ୍ୱ ଦର୍ଶନ ଦିବସ ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜୈନ ଦର୍ଶନ ସମ୍ପର୍କିତ ଏକ ଜାତୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନ୍ମଥନାଥ ପାଢୀ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକୀ ଜୀବନ ଚର୍ଯ୍ୟାରେ ଜୈନ୍ ଦର୍ଶନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଦାର୍ଶନିକ ତଥା ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ବିଶେଷ ବକ୍ତା ଭାବେ ଯୋଗଦେଇ ଜଗତୀକରଣ ଯୁଗରେ ମଣିଷ ଜୀବନରେ ଦର୍ଶନ ତତ୍ତ୍ୱର ଆବଶ୍ୟକତା ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ସୁବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ଅଧ୍ୟାପିକା ଡ. କଲ୍ୟାଣୀ ଷଡ଼ଙ୍ଗୀ ଉପସ୍ଥିତ ରହି ବ୍ୟକ୍ତିତ୍ୱ ଓ ଦୈନନ୍ଦିନ ଜୀବନରେ ଶାନ୍ତି ନିମନ୍ତେ ଜୈନ ଦର୍ଶନର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଆଶିଷ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୈନ ଚେୟାରର ସଂଯୋଜିକା ଡ.ସୁଚିତ୍ରା ଦାସ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ।

# ଆର୍‌ଟିଇର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସରକାରୀ ତତ୍ପରତା ଜରୁରୀ




କାର୍ଯ୍ୟକ୍ରମରେ ଅତିଥିମାନେ ଅନୁସନ୍ଧାନ ରିପୋର୍ଟ ଉନ୍ମୋଚିତ କରୁଛନ୍ତି।

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଅନେକ ଅଞ୍ଚଳକୁ ଆଜି ବି ଠିକ୍ ଭାବେ ଶିକ୍ଷା ପହଞ୍ଚି ପାରୁନାହିଁ। ଶିକ୍ଷାଜନିତ ସମସ୍ତ ସୁବିଧା ମିଳି ପାରୁନାହିଁ। ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ)ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସରକାରୀ ତତ୍ପରତା ଜରୁରୀ ବୋଲି ଗୁରୁବାର ସ୍ଥାନୀୟ ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ 'ଶିକ୍ଷା କାହାକୁ ଅପେକ୍ଷା କରେନାହିଁ' କାର୍ଯ୍ୟକ୍ରମରେ ଯୋଗଦେଇ ମନୋଜ କୁମାର ସାମନ୍ତରାୟ କହିଛନ୍ତି। ଆତ୍ମଶକ୍ତି ଟ୍ରଷ୍ଟ, ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ରାଜ୍ୟରେ ପ୍ରାଥମିକ ଶିକ୍ଷାର ସ୍ଥିତି ସମ୍ପର୍କିତ ତଥ୍ୟ ଅନୁସନ୍ଧାନ ରିପୋର୍ଟ ଉନ୍ମୋଚିତ ହୋଇଥିଲା। କୋଭିଡ୍ ସମୟରେ ୨ବର୍ଷ ପାଇଁ ଶିକ୍ଷାରୁ ବଞ୍ଚିତ ଥିବା ପିଲାମାନଙ୍କୁ ନେଇ ଓଡ଼ିଶାର ୧୩ଟି ଜିଲା, ୭୩ଟି ବ୍ଲକ ଏବଂ ଗୋଟିଏ ପୌରାଞ୍ଚଳ ଅନ୍ତର୍ଗତ ୪୮୫ଟି ଗ୍ରାମ ପଞ୍ଚାୟତର ୧୪୦୪ ଗ୍ରାମରେ ଏହି ସର୍ଭେ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମରେ କେତେ ପିଲା ଅନୁପସ୍ଥିତ ରହୁଛନ୍ତି, କେତେ ପିଲା ଏହା ବିଷୟରେ ଜାଣିନାହାନ୍ତି, କେଉଁ ସ୍କୁଲଗୁଡ଼ିକରେ ଏହା ହେଉନାହିଁ, ଶିକ୍ଷା ସାମଗ୍ରୀ ମିଳୁନାହିଁ, ଶୌଚାଳୟ ଓ ଅନ୍ୟାନ୍ୟ ଅସୁବିଧାଜନିତ ସମସ୍ୟାକୁ ରିପୋର୍ଟରେ ପ୍ରକାଶ କରାଯାଇଛି। କାର୍ଯ୍ୟକ୍ରମରେ ଶିଶୁ ଆୟୋଗ ଅଧକ୍ଷା ମନ୍ଦାକିନୀ କର, ଅଞ୍ଜନ ପ୍ରଧାନ, ଶାନ୍ତି ଭୋଇ, ଅନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀଙ୍କ ପ୍ରତିମୂର୍ତ୍ତି ଅନାବରଣ

କୃଷ୍ଣପ୍ରସାଦ,୮।୧୨(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ସାମାଜିକ କର୍ମୀ ତଥା କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ସନାତନ ଜେନାଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ସନାତନ ଜେନା ସ୍ମୃତି କମିଟିର ସଭାପତି ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ, ଉପାଧକ୍ଷା ଶକୁନ୍ତଳା ଗଡ୍ଡୁ, ଶିକ୍ଷାବତ୍ ବ୍ରଜ କିଶୋର ଜେନା, ବିଦ୍ୟାଧର ସ୍ୱାଇଁ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା, ପୂର୍ବତନ ସରପଞ୍ଚ ନବୀନ ଜେନା, ଚିଲିକା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଲଳିତ ପଟ୍ଟନାୟକ, ବାଲୁଙ୍କେଶ୍ୱର ବିଶ୍ୱାଳ, ବିଜୟ ତରେଇ, ଦାମୋଦର ବିଶ୍ୱାଳ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତି ଚାରଣ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ଭବାନୀ ଶଙ୍କର ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। କୁରୁପାଳ ଗ୍ରାମ୍ୟ କମିଟି ସଭାପତି ଦିଗମ୍ବର ଜେନା, ସମ୍ପାଦକ ସଞ୍ଜୟ କୁମାର ସୁନ୍ଦରା, ଚିଲିକା ହସ୍ପିଟାଲ ସଂସ୍ଥାପକ ଶୁସାନ୍ତ ଜେନା, ମହାବୀର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ରଧର ମିସ୍ତ୍ରୀଙ୍କ ସମେତ ସନାତନ ଜେନା ସ୍ମୃତି କମିଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଢେଙ୍କାନାଳ କ୍ଲବ ଫାଇନାଲରେ

ଖୋର୍ଦ୍ଧା ଅଫିସ,୮।୧୨:



ଅତିଥିଙ୍କଠାରୁ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ନିକଟ କୁମାରବସ୍ତ ରାଇଜିଂଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାର କଳିଙ୍ଗ କ୍ରିକେଟ କ୍ଲବକୁ ୮ ଉଇକେଟରେ ହରାଇ ଢେଙ୍କାନାଳ କ୍ରିକେଟ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳ ଟିମ୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ୨୦ ଓଭର ବିଶିଷ୍ଟ ମ୍ୟାଚରେ କଳିଙ୍ଗ ଟିମ୍ ବ୍ୟାଟିଂ କରି ୯ ଉଇକେଟ ବିନିମୟରେ ୧୪୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମହମ୍ମଦ ତାବରିଜ ୨୨ବଲରେ ୩୫ ରନ ଓ ରାକେଶ ସାହୁ ୧୫ ବଲରେ ୨୬ରନ କରିଥିଲେ। ଢେଙ୍କାନାଳ ଟିମ୍ ପକ୍ଷରୁ ବିକାଶ ରାଉତ ୪ ଓଭରରେ ୧୪ ରନ ଦେଇ ୩ ଉଇକେଟ ଓ ଚନ୍ଦନ ମହାପାତ୍ର ୪ ଓଭରରେ ୨୯ରନ ଦେଇ ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଢେଙ୍କାନାଳ କ୍ରିକେଟ କ୍ଲବ ୧୪.୪ ଓଭରରେ ୨ଟି ଉଇକେଟ ବିନିୟମରେ ୧୪୫ରନ କରି ବିଜୟୀ ହୋଇଥିଲା। ଟିମ୍ ପକ୍ଷରୁ ବିକାଶ ରାଉତ ୪୧ବଲରେ ଅପରାଜିତ ୬୦ରନ ଓ ଚନ୍ଦନ ମହାପାତ୍ର ୨୬ ବଲରୁ ୪୭ରନ କରିଥିଲେ। ସେହିପରି କଳିଙ୍ଗ ଟିମର ଆଶିଷ ପରି ଓ ରାକେଶ ସ୍ୱାଇଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଢେଙ୍କାନାଳ ଟିମର ବିକାଶ ରାଉତ ୩ଟି ଉଇକେଟ ନେବା ସହ ୬୦ରନ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଦୁର୍ଯ୍ୟୋଧନ ପରି ଓ ପ୍ରଦୋଷ ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରରେ ଜନ୍ମେଜୟ ଛୋଟରାୟ ସହାୟତା କରିଥିଲେ। ରବିବାର ଅଗ୍ନିର ପତିତପାବନ କ୍ରିକେଟ କ୍ଲବ ଓ ଢେଙ୍କାନାଳ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ନନ୍ଦନକାନନ: ମଣିପୁର ହରିଣ ଶାବକ ଜନ୍ମ

ବାରଙ୍ଗ,୮।୧୨(ଡି.ଏନ୍.ଏ.):

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବୁଧବାର ବିଳମ୍ବିତ ରାତିରେ ୩୭ନଂ. ଏନ୍‌କ୍ଲୋଜରରେ ରହୁଥିବା ମଣିପୁର ହରିଣ ଗୋଟିଏ ଶାବକକୁ ଜନ୍ମ ଦେଇଛି। ଶାବକ ଜନ୍ମ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୮ରେ ପହଞ୍ଚିଛି। ମା' ଓ ଛୁଆ ଉଭୟ ସୁସ୍ଥ ଥିବାବେଳେ ଜନ୍ମିତ ଶାବକର ଏପର୍ଯ୍ୟନ୍ତ ଲିଙ୍ଗ ନିରୂପଣ ହୋଇନାହିଁ।

# ସେମିଫାଇନାଲରେ ସେଲ୍ ପଶ୍ଚିମବଙ୍ଗ

ଯାଁଳା,୮।୧୨(ଡି.ଏନ୍.ଏ.):

**ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**




ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ମଦନପୁର ନବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସେଲ୍ ପଶ୍ଚିମବଙ୍ଗ ଟିମ୍ ୩-୧ ଗୋଲରେ ଜଟଣୀର ଫ୍ରେଣ୍ଡସ ପାରାଡାଇଜକୁ ହରାଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ତଥା ୨୦ ମିନିଟରେ ସେଲ୍ ପଶ୍ଚିମବଙ୍ଗ ଦଳର ଅଜୟ ବାଗଦୀ ଏକ ଗୋଲ ଦେଇଥିଲେ। ୨୮ ମିନିଟରେ ଫ୍ରେଣ୍ଡସ ପାରାଡାଇଜର ସଞ୍ଜିତ୍ ପାନା ଏକ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସେଲ ପଶ୍ଚିମବଙ୍ଗ ଟିମ୍‌ର ବିଜୟୀ ବାଉଡ୍ ୩୫ ଓ ୫୦ ମିନିଟରେ ଦୁଇଟି ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଫ୍ରେଣ୍ଡସ ପାରାଡାଇଜ ଟିମ୍ ଆଉ ଗୋଲ ଦେଇ ନ ପାରିବାରୁ ପରାଜିତ ହୋଇଥିଲା। ସିଦ୍ଧାନ୍ତ କୁମାର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଶିବ ଶଙ୍କର ପଣ୍ଡା, ଚନ୍ଦ୍ରକାନ୍ତ ବାରିକ, ସୁନୀଲ ବେହେରା, ପ୍ରିୟବ୍ରତ ବାହିନୀପତି ଓ ବିଜୟ ମଙ୍ଗରାଜ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ସାଇ ହାଲ ସୁନାବେଡା ସହିତ ମେମାରି କ୍ଲବ ପଶ୍ଚିମବଙ୍ଗ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଦାବି ପୂରଣ ନ ହେଲେ ୧୫ରେ ସମାବେଶ

ଭୁବନେଶ୍ୱର,୮।୧୨(ବ୍ୟୁରୋ)



ବିଧାନସଭା ସମ୍ମୁଖରେ ଧାରଣାସ୍ଥଳରେ ଓଡ଼ିଶା ଲେଫ୍ଟ ଆଉଟ୍ ଗଣଶିକ୍ଷକ ମହାସଂଘର ପକ୍ଷରୁ ସେମାନଙ୍କର ସମସ୍ୟା ଓ ଦାବି ଉପସ୍ଥାପନ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଅନ୍ୟପଟେ ସଂଘର ଶିକ୍ଷୟିତ୍ରୀମାନେ ରାଜରାସ୍ତାରେ ମାଣବସା ଗୁରୁବାର ଓ ଲକ୍ଷ୍ମୀପୂଜା କରି ପ୍ରତିବାଦ କରିଛନ୍ତି। ୫ଦିନ ଧରି ମହାସଂଘ ପକ୍ଷରୁ ରାଜରାସ୍ତାରେ ଶୀତ କାକରରେ ପଡିରହିଥିବା ବେଳେ ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କରୁନଥିବା ସାମ୍ବାଦିକ ସମ୍ମିଳନର କୁହାଯାଇଛି। ରାଜ୍ୟ ସରକାର ଅନ୍ୟ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିଥିବାବେଳେ ୪ ହଜାର ଲେଫ୍ଟ ଆଉଟ୍ ଶିକ୍ଷକଙ୍କୁ କାହିଁ ଅଣଦେଖା କଲେ ବୋଲି ସଂଘର ସଭାପତି ସୁଧାଂଶୁ ଶେଖର ବଡୁ କହିଛନ୍ତି। ସରକାର ଯଦି ୧୪ ତାରିଖ ସୁଦ୍ଧା ଦାବି ନ ଶୁଣନ୍ତି କିମ୍ବା ମୁଖ୍ୟ ଶାସନ ସଚିବ ଆମ ସହିତ ଆଲୋଚନା ନ କରନ୍ତି, ତେବେ ଆସନ୍ତା ୧୫ ତାରିଖ ଦିନ ସଂଘ ପକ୍ଷରୁ ମହାସମାବେଶ ରାଜଧାନୀରେ ଅନୁଷ୍ଠିତ ହେବ। ଏହି ମହାସମାବେଶରେ ଯାହାକିଛି ଘଟଣା ଘଟିବ ସେଥିପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀରହିବେ ବୋଲି ଚେତାବନୀ ଦିଆଯାଇଛି। ଆମକୁ ୧୩.୧.୨୦୧୭ରୁ ନିୟମିତ ଘୋଷଣା କରାଯାଉ ଏବଂ ଆମ ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ସହ ସବୁ ସରକାରୀ କର୍ମଚାରୀ ଭଳି ମାନ୍ୟତା ମିଳୁ ଏବଂ ସମାନ କାମକୁ ସମାନ ଦରମା ମିଳିବା ଦାବି କରାଯାଉଥିବା ସଂଘର ସାଧାରଣ ସମ୍ପାଦକ ପବିତ୍ର କୁମାର କାର୍ଜି ସୂଚନା ଦେଇଛନ୍ତି।

# ବିରୋଧ ଯୋଗୁ ଗଙ୍ଗନଗରରେ ଉଚ୍ଛେଦ ବନ୍ଦ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

**ପଲିଥିନ୍ ଜବତ, ୨୮ହଜାର ୫ଶହ ଜରିମାନା ଆଦାୟ**



ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ରାଜଧାନୀରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି କ୍ରମରେ ଗୁରୁବାର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨, ୩ ଏବଂ ୪ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବିଡିଏର ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ବିମାନବନ୍ଦର ଏବଂ କ୍ୟାପିଟାଲ ଥାନା ଅଧୀନରୁ ବ୍ୟାପକ ଜବରଦଖଲ ହଟାଇଥିଲେ। ତେବେ କେତେକ ସ୍ଥାନରେ ଉଚ୍ଛେଦକୁ ବିରୋଧ କରାଯାଉଥିବାରୁ ଏଥିରେ ବାଧା ସୃଷ୍ଟି ହେଉଛି। ବୁଧବାର କଳିଙ୍ଗନଗରରେ ଜବରଦଖଲ ଉଚ୍ଛେଦ ବେଳେ ବିଧାୟକ ସୁରେଶ ରାଉତରାୟ ବିରୋଧ କରିଥିବାବେଳେ ଗୁରୁବାର ୟୁନିଟ-୬ସ୍ଥିତ ଗଙ୍ଗନଗର ଅଞ୍ଚଳରେ ଥିବା ପ୍ରୁମାସ ଇଣ୍ଟରନ୍ୟାଶନାଲ ଜୁଡୋ ଟ୍ରେନିଂ ସେଣ୍ଟରକୁ ଭାଙ୍ଗିବା ସମୟରେ କଂଗ୍ରେସ ନେତା ତଥା ଆଇନ୍‌ଜୀବୀ ଶିବାନନ୍ଦ ରାୟ ବିରୋଧ କରିଥିଲେ। ପ୍ରବଳ ବିରୋଧ ସହିତ ୫ଦିନ ସମୟ ମଧ୍ୟରେ ସେଣ୍ଟର ଭାଙ୍ଗିବାକୁ ଅଣ୍ଡରଟେକିଂ ଲେଖିବା ପରେ ଉଚ୍ଛେଦ ବନ୍ଦ ରହିଥିଲା। ଏହି ସମୟରେ ବିଡିଏ ପକ୍ଷରୁ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଅମିୟ କୁମାର ଦାଶ, ଖଣ୍ଡଗିରି ଥାନାଧିକାରୀ ମଧୁସୂଦନ ଭୋଇଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଉପସ୍ଥିତ ଥିଲେ।

ଅପରପକ୍ଷେ ଭୀମପୁର ମୌଜାର ରାଜସ୍ୱ ବିଭାଗ ଅଧୀନ ପ୍ଲଟ ନଂ. ୫୬ରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସଂପୃକ୍ତ ଅଞ୍ଚଳରୁ ପ୍ରାୟ ୨ହଜାର ବର୍ଗଫୁଟ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇଛି। ସେହିପରି ସ୍କ୍ୱାର୍ଡ ୯, ୧୦, ୧୧ ଓ ୧୨ ପକ୍ଷରୁ ଆଚାର୍ଯ୍ୟ ବିହାରରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଛି। ଲକ୍ଷ୍ମୀସାଗର, ଝାରପଡ଼ା, ବାପୁଜୀନଗର, କଳ୍ପନା ଛକସ୍ଥିତି ଫଳ ଭେଣ୍ଡିଂ ଜୋନ୍, ବମିଖାଲ ଆଦି ଅଞ୍ଚଳରେ ଖାଦ୍ୟ ନିରାପତ୍ତା, ପରିମଳ ରକ୍ଷା ଯାଞ୍ଚ ପାଇଁ ବିଭିନ୍ନ ଦୋକାନ, ବଜାର ଏବଂ ହୋଟେଲରେ ଚଢ଼ାଉ କରାଯାଇଥିଲା। ଏହି କ୍ରମରେ ୧୦ କେଜି ପଲିଥିନ୍ ଜବତ କରାଯିବା ସହ ମୋଟ ୨୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସ୍କ୍ୱାଡ୍ ନମ୍ବର ୧୩, ୧୪, ୧୫ ଓ ୧୬ କଳିଙ୍ଗ ଷ୍ଟୁଡ଼ିଓ ଛକରୁ ପଟାସ ଛକ ମଧ୍ୟରେ ଗଢ଼ିଉଠିଥିବା ବେଆଇନ୍ ନିର୍ମାଣକୁ ମାଟିରେ ମିଶାଇଥିଲେ। ଅନ୍ୟପଟେ ସ୍କ୍ୱାଡ୍ ନମ୍ବର ୫, ୬, ୭ ଓ ୮ ରଘୁନାଥପୁର, କିଟ୍ ରୋଡ୍, ପ୍ରଶାନ୍ତି ବିହାର ଅଞ୍ଚଳରେ ଥିବା ରାସ୍ତାକଡ଼ରୁ

## ସଂକ୍ଷେପରେ

### ଗ୍ୟାସ୍ ସିଲିଣ୍ଡର ଫାଟି ୨ ବଖରା ଜଳିଗଲା

ବେଗୁନିଆ,୮।୧୨(ଡି.ଏନ୍.ଏ.): ବଗୁନିଆ ସଦର ମହକୁମାସ୍ଥିତ ମଙ୍ଗଳାସାହିରେ ଗ୍ୟାସ୍ ସିଲିଣ୍ଡର ଫାଟି ନକୁଳ ବେହେରାଙ୍କ ଦୁଇ ବଖରା ଜଳିଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ିଯାଇଛି। ସୂଚନା ମୁତାବକ, ଗୁରୁବାର ସକାଳ ୮ଟା ୩୦ରେ ନକୁଳଙ୍କ ଘରେ ରୋଷେଇ ହେଉଥିଲା। ହଠାତ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହେବା ସହ ନିଆଁ ଲାଗିଯାଇଥିଲା। ଏହା ପରେ ସିଲିଣ୍ଡରଟି ଫାଟିଯିବାରୁ ଦୁଇ ବଖରା ଜଳିଯାଇଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରଶାସନ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ନିବେଦନ କରିଛନ୍ତି।

### ମାଙ୍କଡ଼ା ପଥର ବୋଝେଇ ୭ ଗାଡ଼ି ଜବତ

ବେଗୁନିଆ,୮।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ବଢ଼ିଚାଲିଛି। ବେଗୁନିଆ ତହସିଲ ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ମାଙ୍କଡ଼ା ପଥର ଖଣିରେ ବୁଧବାର ରାତିରେ ଜିଲା ଓ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ଆଗୁଆ ସୂଚନା ପାଇ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଫଳରେ ପ୍ରଶାସନ ମାଙ୍କଡା ପଥର ବୋଝେଇ ୭ଟି ଟ୍ରକକୁ ଜବତ କରିଥିଲା। ଏହି ଚଢ଼ାଉରେ ଖୋର୍ଦ୍ଧା ଉପଜିଲାପାଳ ପ୍ରଦୀପ୍ତ ରଞ୍ଜନ ସେଠୀ, ସ୍ଥାନୀୟ ତହସିଲଦାର ପୃଥ୍ୱିରାଜ ମଣ୍ଡଳ, ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ଏବଂ ପୋଲିସ ଫୋର୍ସ ସାମିଲ ଥିଲେ। ଏ ସମ୍ପର୍କରେ ତହସିଲଦାର ମଣ୍ଡଳ କୁହନ୍ତି, ଜବତ ଗାଡ଼ି ଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଉଛି। ଥାନାରେ ମାମଲା ରୁଜୁ କରାଯାଇ ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

### ବିଜେଡିର ବିଜୟ ଉତ୍ସବ

ଜଟଣୀ,୮।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀଙ୍କ ତତ୍ତ୍ୱାବଧାନରେ ପଦ୍ମପୁର ଉପନିର୍ବାଚନର ବିଜୟ ଉତ୍ସବ ମୋ ଜଟଣୀ ପାର୍କଠାରେ ପାଳିତ ହୋଇଯାଇଛି। ଜଟଣୀ ନଗର ବିଜେଡି ପକ୍ଷରୁ ଢୋଲ ବଜାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇ ଏହି ଉତ୍ସବ ପାଳନ କରାଯାଇଥିଲା। ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଖୋର୍ଦ୍ଧା ଜିଲା ବିଜେଡି ସଭାପତିଙ୍କୁ ସଫଳତା ପାଇଁ କୃତଜ୍ଞତା ଜଣାଇଥିଲେ। ଖୋର୍ଦ୍ଧା ଜିଲା ଉପସଭାପତି ସୁଦର୍ଶନ ସୁନ୍ଦରାୟ, ବିଜୟ ଛୋଟରାୟ, କୋଷାଧକ୍ଷ ରାଜେନ୍ଦ୍ର ସ୍ୱାଇଁ, ବିଜେଡି ରାଜ୍ୟ ସମ୍ପାଦିକା ନମିତା ପାଲ, ପୌରାଧକ୍ଷ ଅନନ୍ତ ବେହେରା, ସଙ୍ଗଠକ ଶିବପ୍ରସାଦ ମହାପାତ୍ର, ବୀର ସେଠୀ, ଆଶୁତୋଷ ପ୍ରତାପସିଂ, ରାମ ମହାରଣା, ହେମନ୍ତ ମହାପାତ୍ର, ପ୍ରସନ ସୁବୁଦ୍ଧି, ପବିତ୍ର ବିଶ୍ୱାଳ ବିଶ୍ୱାଳଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ସ୍କୁଟି-ଲୁନା ମୁହାଁମୁହିଁ ଧକ୍କା: ୪ ଆହତ

ବେଗୁନିଆ,୮।୧୨(ଡି.ଏନ୍.ଏ.):ବେଗୁନିଆ ଥାନା ଅଧୀନ ବାଘମାରୀ-କଣ୍ଟିଲୋ ୪୮ନଂ. ରାଜପଥର ବଡ଼ବେରଣା ଛକ ନିକଟରେ ଗୁରୁବାର ସ୍କୁଟି-ଲୁନା ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନା ମୁତାବକ, ନୟାଗଡ଼ ଜିଲା ଢୋଲମରା ଅଞ୍ଚଳର ନାରାୟଣ ପାଣିଗ୍ରାହୀ ଏବଂ ତାଙ୍କ ମା' ମଞ୍ଜୁବାଳା ସ୍କୁଟିରେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଏହି ସମୟରେ ଭାପୁର ପଥରଚକଡା ଅଞ୍ଚଳର ଦୁଇ ଜଣ ଏକ ଲୁନାରେ ବାଘମାରୀ ଅଭିମୁଖେ ଯାଉଥିଲେ। ବଡ଼ବେରଣା ଛକରେ ଉଭୟ ଗାଡ଼ ମୁହାଁମୁହିଁ ଧକ୍କା ହୋଇଥିଲା।

### କ୍ରୀଡ଼ା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

କୃଷ୍ଣପ୍ରସାଦ,୮।୧୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଡିସେମ୍ବର ୧୬ ରେ ବିଦ୍ୟାଳୟସ୍ତରରେ ଖୋ ଖୋ, କବାଡି, ଫୁଟବଲ ଆଦି ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ବ୍ଲକ ଅଧୀନ ସମସ୍ତ କ୍ରୀଡ଼ା ଶିକ୍ଷକ ଯୋଗଦେଇଥିଲେ। ବୈଠକରେ ପଦ୍ମ ଚରଣ ଜେନା, ଦୁର୍ଯ୍ୟୋଧନ ନାୟକ, ପ୍ରମୋଦ ସାହୁ, ଦାମୋଦର ତରେଇ,ଅଶୋକ ସାମଲ, ପ୍ରକାଶ ସିଂହ, ଅଶୋକ ପ୍ରଧାନ, ଅଶୋକ ଜେନା ଉପସ୍ଥିତ ଥିଲେ।

# 'ପାଇକ ସଂସ୍କୃତିର ବିକାଶ ଜରୁରୀ'

**ଖୋର୍ଦ୍ଧା ଅଫିସ, ୮।୧୨:**

ଇଂରେଜ କବଳରୁ ଓଡ଼ିଆ ଜାତିକୁ ମୁକ୍ତ କରିବା ଲାଗି ପାଇକ ବିଦ୍ରୋହକୁ ଖୋର୍ଦ୍ଧା ମାଟିର ପାଇକମାନେ ବୀରତ୍ୱର ସହ ଲଢେଇ କରିଥିଲେ। ମାତୃଭୂମିର ସୁରକ୍ଷା ଲାଗି ସେମାନେ ବଳିଦାନ ଦେଇଥିଲେ। ସ୍ୱାଧିନତା ସଂଗ୍ରାମ ଇତିହାସରେ ପାଇକଙ୍କ ବୀରତ୍ୱ କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ୧୮୦୪ରେ ଜୟୀ ରାଜଗୁରୁ ଏବଂ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ପାଇକମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ଓ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦାବିରେ ଆନ୍ଦୋଳନ ଜୋର ଧରିଛି। ବରୁଣେଇ ପାହାଡ଼ ପାଦଦେଶରେ ଗୁରୁବାର ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସର ୩ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। କଳିଙ୍ଗ ପାଇକ ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ସମାବେଶରେ ବିଭିନ୍ନ ପାଇକ ସଙ୍ଗଠନର ସଦସ୍ୟ, ବୁଦ୍ଧିଜୀବୀ, ଐତିହାସିକ, ଗବେଷକ, ଶିକ୍ଷାବିତ୍ ଏବଂ ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇ ପାଇକ ବିଦ୍ରୋହ ହିଁ ସ୍ୱାଧିନତା ଆନ୍ଦୋଳନର ପ୍ରଥମ ସଂଗ୍ରାମ ବୋଲି ଯୁକ୍ତି ବାଢିଥିଲେ।

ପୂର୍ବାହ୍ନରେ କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ, ପାଇକ ଦଳବେହେରା ପ୍ରମୁଖ ମା' ବରୁଣେଇ ଏବଂ କରୁଣେଇଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପୂଜା କରିଥିଲେ। ମା' ବରୁଣେଇ ଓ କରୁଣେଇଙ୍କ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରାରେ ଶିଳାନ୍ୟାସସ୍ଥଳକୁ ବାହାରିଥିଲେ। ପାଇକ ସଙ୍ଗଠନ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଇକ ଆଖଡ଼ାଗୁଡ଼ିକ ବୀରବାଦ୍ୟ ସହ ସମର କଳା ପ୍ରଦର୍ଶନ କରିଥିଲେ। ପାଇକଙ୍କ ସେହି ବୀରତ୍ୱର ଗାଥାକୁ ସେମାନେ ମନେ ପକାଇଥିଲେ। ବୀରବାଦ୍ୟ ଓ ସମର କଳାରେ ବରୁଣେଇ ପାହାଡ଼ ପାଦଦେଶ କମ୍ପିଉଠିଥିଲା। କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ତଥା ଶିକ୍ଷାବିତ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ 'ପାଇକ ଶୌର୍ଯ୍ୟଗାଥାର ରୋମନ୍ଥନ, ଉତ୍କଳୀୟ ବୀରତ୍ୱର ନିଦର୍ଶନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ଭାଷଣ ଦେଇ ଅନୁଷ୍ଠାନର ଉପଦେଷ୍ଟା ତଥା ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ କହିଥିଲେ, ପାଇକ ପରମ୍ପରା ହେଉଛି ଉତ୍କଳୀୟ ସଂସ୍କୃତିର ପ୍ରତୀକ। ପାଇକମାନେ କୃଷିକାର୍ଯ୍ୟ କରିବା ସହ ମାତୃଭୂମିର ସୁରକ୍ଷା ପାଇଁ ଉତ୍ସର୍ଗୀକୃତ କରୁଥିଲେ। ସେମାନେ ହେଉଛନ୍ତି ଏ ଜାତିର ଗର୍ବ ଓ ଗୌରବ। ଏଭଳି ଅନନ୍ୟ ସଂସ୍କୃତି, ପରମ୍ପରା ଉଜ୍ଜୀବିତ ରଖିବା ସମସ୍ତଙ୍କ ଉତ୍ତର ଦାୟିତ୍ୱ। ପାଇକ ଆଖଡ଼ା ପ୍ରଦର୍ଶନ ଦ୍ୱାରା ପାଇକ ବୀରଙ୍କ ବୀରତ୍ୱର ଗାଥାକୁ ମନେ ପକାଇଥିଲେ। ଏହାକୁ ବଞ୍ଚାଇବା ରଖିବା ଲାଗି ଆର୍ଥିକ ପ୍ରୋତ୍ସାହନ ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ସଞ୍ଚାଳକ ଇଂ.ଶିଶିର ନାୟକ କହିଥିଲେ, ବରୁଣେଇ ପାଦଦେଶରେ ସ୍ମାରକୀ ନିର୍ମାଣ ହେଲେ ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବ ବୃଦ୍ଧି ପାଇବ। ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଥିଲେ, ୨୦୧୭ରେ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଉତ୍ସବକୁ ଉଦ୍‌ଘାଟନ କରି ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓଡ଼ିଆ ପାଇକ ବୀରଙ୍କ ବୀରତ୍ୱକୁ ପ୍ରଂଶସା କରିଥିଲେ। ମାତ୍ର ଏବେ କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ସେହିପରି ପାର୍ଲାମେଣ୍ଟରେ ଏହାକୁ ଅଗ୍ରାହ୍ୟ କରିବା ଓଡ଼ିଆଙ୍କ ସ୍ୱାଭିମାନ ପ୍ରତି କୁଠାରଘାତ ସଦୃଶ ବୋଲି ସେ କହିଥିଲେ। ଅନୁଷ୍ଠାନର କୋଷାଧକ୍ଷ ସମରେନ୍ଦ୍ର ବଳିୟାରସିଂ ପିଲାଙ୍କୁ ପାଇକ ଆଖଡ଼ା ପ୍ରତି ଆଗ୍ରହ ସୃଷ୍ଟି ଲାଗି ଖୋର୍ଦ୍ଧାରେ ପାଇକ ଏକାଡେମୀ ଗଠନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ତାପଙ୍ଗ ଦଳବେହେରା ସ୍ମୃତି ସଂସଦ ଉପାଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ ପାଇକ ବିଦ୍ରୋହର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ବହୁ ଗବେଷକ, ଶିକ୍ଷାବିତ ପାଇକ ବିଦ୍ରୋହ ସମ୍ପର୍କରେ ନିଜ ମତ ରଖିଥିଲେ। ପାଇକ ବିଦ୍ରୋହକୁ ନେଇ କୌଣସି ରାଜନୀତିକରଣ କରା ନ ଯାଉ। ରାଜ୍ୟ ଏବଂ କେନ୍ଦ୍ର ସରକାର ଐତିହାସିକ ଓ ଗବେଷକମାନଙ୍କ ସହିତ ଆଲୋଚନା କରି ପୁନର୍ବାର ଏହା ଉପରେ ବିଚାର କରିବାକୁ ମତ ପ୍ରକାଶ ପାଇଥିଲା। ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ଶିକ୍ଷାବିତ ଋଷି ଗୁମାନସିଂ, ମଦନ ମୋହନ ମହାପାତ୍ର, ଗବେଷକ ରବୀନ୍ଦ୍ର କୁମାର ପରିଡ଼ା, ସଂଗ୍ରାମ ଜଗଦ୍ଦେବ, ଆଇନଜୀବୀ ଶିଶିର ପରିଡ଼ା, ବିକ୍ରମ ଚମ୍ପତିରାୟ, ଡ. ବୃନ୍ଦାବନ ପଣ୍ଡା, ରଶ୍ମିତା ନାୟକ, ପ୍ରଫୁଲ୍ଲ ସାମନ୍ତରାୟ, ରମଜାନ ଖାଁ ଏବଂ ପ୍ରସନ୍ନ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର କାର୍ଯ୍ୟକାରୀ ସଭାପତି ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟ, ମନୋରଞ୍ଜନ ପଶ୍ଚିମକବାଟ ଓ ଗୁରୁ ପ୍ରଭାକର ପାଲଟାସିଂହଙ୍କ ନେତୃତ୍ୱରେ ପାଇକଦଳ, ଭାସ୍କର ସୁନ୍ଦରାୟଙ୍କ ନେତୃତ୍ୱରେ ଗଡ଼ମାଣତୀର ଓ କୋତଲାଙ୍ଗ ପାଇକ ଦଳ, ନିରଞ୍ଜନ ରଣସିଂହଙ୍କ ନେତୃତ୍ୱରେ ବରପଦା ପାଇକଦଳ ଓ ସ୍ୱପ୍ନେଶ୍ୱର ଛୋଟରାୟଙ୍କ ନେତୃତ୍ୱରେ ଆଡ଼ଖଣ୍ଡିଆ ପାଇକ ଦଳ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ। ମାଟିଆପଡ଼ା ଦଳବେହେରା ଦୁର୍ଗାପ୍ରସାଦ ହରିଚନ୍ଦନ ଏବଂ ବାଲିହୁଙ୍କା ଦଳବେହେରା ଅଜୟ ମାନଧାତାଙ୍କ ନେତୃତ୍ୱରେ ପଞ୍ଚପାଇକ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଳିଙ୍ଗ ପାଇକ ସଙ୍ଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବରୁଣେଇରେ ପାଇକମେଳି**
- ପାଇକ ସ୍ମାରକୀ ଶିଳାନ୍ୟାସର ୩ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ
- ସ୍ମାରକୀ ନିର୍ମାଣ, ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବି





ବରୁଣେଇଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପୂଜା ପରେ କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରୁଛନ୍ତି। ପାଇକ ଆଖଡ଼ା ପକ୍ଷରୁ ବୀରବାଦ୍ୟ ସହ ସମରକଳା ପ୍ରଦର୍ଶନ କରାଯାଉଛି।



ରାଜସୁନାଖଳାସ୍ଥିତ ଡିଆଇଇଟି ପଡିଆରେ ରାଜସୁନାଖଳା ମହୋତ୍ସବ 'କାଉଁରୀ'ରେ କଳାକାରଙ୍କ ଦ୍ୱାରା ଢେମ୍‌ସା ନୃତ୍ୟ ପରିବେଷଣ କରାଯାଉଛି।

## ରାଜସୁନାଖଳା ମହୋତ୍ସବ କାଉଁରୀ ଉଦ୍‌ଘାଟିତ

# ଢେମ୍‌ସା ନୃତ୍ୟରେ ଦର୍ଶକ ବିଭୋର

**ବୋଲଗଡ଼,୮।୧୨(ଡି.ଏନ୍.ଏ.):**

ରାଜସୁନାଖଳାସ୍ଥିତ ଡିଆଇଇଟି ପଡିଆରେ ଚତୁର୍ଥ ରାଜସୁନାଖଳା ମହୋତ୍ସବ କାଉଁରୀ-୨୦୨୨ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରା ସହ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟ ନେଇ ଆୟୋଜକ କମିଟି ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ମୁକ୍ତାକାଶ ରଙ୍ଗମଞ୍ଚରେ ପାରମ୍ପାରିକ ବିବିଧ ନୃତ୍ୟ, ସମରକଳା, ଓଡ଼ିଶୀ, ସମ୍ବଲପୁରୀ ଓ ଢେମସା ଲୋକନୃତ୍ୟ ଦର୍ଶକଙ୍କ ମନକୁ ବିଭୋର କରିଥିଲା। ମଧ୍ୟାହ୍ନରେ ମା'କାଉଁରୀଙ୍କ ମନ୍ଦିର ପ୍ରାଙ୍ଗଣରୁ ମା'ଙ୍କ ଜ୍ୟୋତି ଓ ପ୍ରତିମାକୁ ନେଇ ଏକ ଶୋଭାଯାତ୍ରା ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ପ୍ରଥମ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କଳାକାର ଦଳଗତଭାବେ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ମହୋତ୍ସବ କମିଟି ସଭାପତି ଆର୍ତ୍ତତ୍ରାଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ସମ୍ମାନିତ ବକ୍ତାଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ରନପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ ଓ ଗିରିଜାକାନ୍ତ ମହାପାତ୍ର, ସାମାଜିକ କର୍ମୀ ମଧୁସୂଦନ ମହାପାତ୍ର, ରାଜସୁନାଖଳା ପ୍ରେସ କ୍ଲବ ସଭାପତି ମନୋରଞ୍ଜନ ମିଶ୍ର ଓ ସମ୍ପାଦକ କିଶୋର ରାଉତରାୟ, ଖବରଦାତା ରଜତ ପଟ୍ଟନାୟକ, ସରପଞ୍ଚ ବୃନ୍ଦାବନ ମହାନ୍ତି ଓ ପ୍ରଭାତ ପ୍ରଧାନ, ସାଇ ଟ୍ରଷ୍ଟ ଓଡିଶାର ସିଏମଡି ଦୀପକ କୁମାର ବରାଡ଼, ଅଭିନେତ୍ରୀ ପ୍ରିୟା ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବହୁ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋରାପୁଟର ଢେମସା ଲୋକନୃତ୍ୟ, କୁହୁଡିର ପାଇକ ଆଖଡ଼ା ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବ କମିଟିର ସମ୍ପାଦକ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ବିବରଣୀ ପାଠ କରିଥିଲେ। ବେଳେ ଉପସ୍ଥାପକ ଜୟେନ୍ଦ୍ର ବେହେରା ଓ ଉପସ୍ଥାପିକା ଭାବେ ବର୍ଣ୍ଣାଳୀ ଯୋଗଦେଇଥିଲେ। ପ୍ରଦୀପ ରଣା ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ।




ରାଜସୁନାଖଳା ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ଟ୍ରେଲରକୁ ଧକ୍କାଦେଲା କୋଇଲା ବୋଝେଇ ଟ୍ରକ୍

**ଗମ୍ଭାରୀମୁଣ୍ଡା,୮।୧୨(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ନାଚୁଣୀ ଫାଣ୍ଡି ୧୬ ନମ୍ବର ଜାତୀୟ ରାଜପଥ ହରିକୁଣ୍ଡବରଡ଼ି ଛକ ନିକଟରେ ଗୁରୁବାର ଏକ କ୍ରେନ ବୋଝେଇ ଟ୍ରେଲର ପଛକୁ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଟ୍ରେଲରରୁ କ୍ରେନ ବାହାରି କୋଇଲା ବୋଝେଇ ଟ୍ରକର ଆଗ ପାର୍ଶ୍ୱରେ ପଶି ଯାଇଛି। ବ୍ରହ୍ମପୁରରୁ ଅନୁଗୋଳ ଅଭିମୁଖେ ଉଭୟ ଗାଡ଼ି ଯାଉଥିଲେ। ଖବରପାଇ ନାଚୁଣୀ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ମହାଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟିତ

**ବୋଲଗଡ଼,୮।୧୨(ଡି.ଏନ୍.ଏ.):**

ବୋଲଗଡ଼ ବ୍ଲକ ସାନକୁମାରୀ ଗ୍ରାମ ମା'ମଙ୍ଗଳା ପୀଠଠାରେ ଅନ୍ନପୂର୍ଣ୍ଣା ଲକ୍ଷ୍ମୀ ଠାକୁରାଣୀଙ୍କ ଦଶମ ବାର୍ଷିକ ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ସାନକୁମାରୀ ଲକ୍ଷ୍ମୀପୂଜା କମିଟି ଏବଂ ଗ୍ରାମବାସୀଙ୍କ ମିଳିତ ଅନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବ ୪ଦିନ ଧରି ଚାଲିବ। ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିବସ ପ୍ରାତଃରୁ ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତୀ ନିକଟରେ ପୂଜାର୍ଚ୍ଚନା ପରେ ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ମହୋତ୍ସବ ପଡିଆରେ ମା'ଙ୍କ ଦର୍ଶନ ସହ ପିଲାମାନଙ୍କ ମନୋରଞ୍ଜନ ପାଇଁ ଦୋଳି ରହିଥିଲା। ରାତିରେ ପୌରାଣିକ ନାଟକ 'ଶଚି ପାର୍ବତୀ କଳି' ଅନୁଷ୍ଠିତ ହୋଇଥିଲା।

## ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୮।୧୨(ଡି.ଏନ୍.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଝାରକଟା ଠାରେ ଦୁର୍ଗା ଦେବୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ଜିଲାପରିଷଦ ଲକ୍ଷ୍ମୀଧର ସାହୁ, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡୁ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ତିତିପର ରାମଚଣ୍ଡୀ ଭଲିବଲ ଟିମ ଓ ବ୍ରହ୍ମପୁର ଭଲିବଲ ଟିମ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଟିମ୍ ୨-୦ରେ ବିଜୟୀ ହୋଇଥିଲା। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ସାମଲ, ରଜତ ମଲ୍ଲିକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୨ଟି ଟିମ୍ ଭାଗ ନେଇଥିବା ବେଳେ ଶୁକ୍ରବାର ଉଦ୍‌ଯାପିତ ହେବ ବୋଲି ଆୟୋଜକ ଦଳର ବରିଷ୍ଠ କର୍ମକର୍ତ୍ତା ପୁରୀ ଜିଲା ଛାତ୍ର ବିଜେଡି ଉପସଭାପତି ଶାନ୍ତନୁ କୁମାର ମାଝୀ କହିଛନ୍ତି।

## ମହିଳା ହିଂସାକୁ ରୋକିବ ସଚେତନତା

**ଖୋର୍ଦ୍ଧା ଅଫିସ,୮।୧୨:**

ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଓ ବିଶ୍ୱଜୀବନ ସେବା ସଂଘ ସଂଯୋଜନାରେ ଗୁରୁବାର ମହିଳା ଓ ଶିଶୁ କନ୍ୟା ହିଂସା ମୂଳୋତ୍ପାଟନ ଜନିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ଶିଶୁ ସୁରକ୍ଷା ବିଭାଗ ଶିଖାରାଣୀ ପୋଦାର, ସିଡିପିଓ ମଞ୍ଜୁମଣି ନାୟକ ଏବଂ ଆକ୍ସନ ଏଡ୍ ସଂଯୋଜିକା ସ୍ୱାତୀ ତନୟା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳା ହିଂସାଜନିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ମହିଳା ହିଂସାକୁ ରୋକିବା ଲାଗି ୨୦୦୫ ମସିହାରୁ ମହିଳା ହିଂସା ବିରୋଧୀ ଆଇନ କାର୍ଯ୍ୟକାରୀ ହୋଇଛି। ଏନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଖୋକନ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଲେଜର ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ରମାନେ।

# ର୍ୟାକେଟ ସକ୍ରିୟ: ବଢୁଛି ଗୋମାଂସ ଚାଲାଣ

**ଖୋର୍ଦ୍ଧା ଅଫିସ,୮।୧୨:**

ସଙ୍କଟରେ ଗୋବଂଶ। ଗୋଚାଲାଣ ପରେ ଏବେ ଗୋମାଂସ ଚାଲାଣ ବଢିବାରେ ଲାଗିଛି। କୋଲକାତାରୁ ଗୋମାଂସ ଖୋର୍ଦ୍ଧା ଜାତୀୟ ରାଜପଥ ଦେଇ ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ, ହାଇଦ୍ରାବାଦ, ଚେନ୍ନାଇ ଏବଂ ଉତ୍ତରପ୍ରଦେଶକୁ ପଠାଯାଉଛି। ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରୁ ଗୋରୁଙ୍କୁ ସଂଗ୍ରହ କରି କଣ୍ଟେନରରେ ଚାଲାଣ କରାଯାଉଛି। ଭୁବନେଶ୍ୱର- ଚେନ୍ନାଇ ୧୬ନମ୍ବର ଏବଂ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଏମାନଙ୍କ ଚରାଭୂଇଁ ପାଲଟିଛି। ଖୋର୍ଦ୍ଧା ପୋଲିସ ସୂଚନା ଅନୁଯାୟୀ, ଗତ କିଛି ମାସ ମଧ୍ୟରେ ୬ଶହରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଚାଲାଣ ବେଳେ ଜବତ କରାଯିବା ସହ ୫୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବର୍ଷକ ମଧ୍ୟରେ ଏପର୍ଯ୍ୟନ୍ତ ୧୧୮ ଟନ ଗୋମାଂସ ଜବତ କରାଯାଇଥିବାବେଳେ ୧୩ ଜଣଙ୍କୁ ଗିରଫ କରାଯାଇଛି।

ଗୋଚାଲାଣ ଧରପଗଡ଼ ପରେ ମାଫିଆମାନେ ଗୋମାଂସ ଚାଲାଣ କରୁଛନ୍ତି। ଖୋର୍ଦ୍ଧାରେ ଏକ ର୍ୟାକେଟ ସକ୍ରିୟ ରହିଛନ୍ତି। ଏମାନେ ବାହାର ରାଜ୍ୟର ଗୋମାଂସ ବେପାରୀଙ୍କୁ ସହଯୋଗ କରିଥାନ୍ତି। ଗୋମାଂସ ଓ ଗୋଚାଲାଣରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଗୋପ୍ରେମୀ ଦାବି କରିଛନ୍ତି। ବିଶେଷତଃ ଖୋର୍ଦ୍ଧା ଉପକଣ୍ଠ ତରତୁଆ ଏବଂ ଜଟଣୀ ବେଣାପଞ୍ଜୁରୀ ଅଞ୍ଚଳରେ ଗୋଚାଲାଣକାରୀ ସକ୍ରିୟ ରହିଛନ୍ତି। ଏଠାରୁ ଅନେକ ସମୟରେ ଗୋଚାଲାଣକାରୀଙ୍କୁ ପୋଲିସ ଗିରଫ କରିଥିବା ନଜିର ରହିଛି। ପୂର୍ବରୁ ତରତୁଆ, ଶରଧାପୁର ଗ୍ରାମ ନିକଟ ଜଙ୍ଗଲରେ ଶତାଧିକ ଗୋରୁଙ୍କୁ ଚାଲାଣ, ଗୋମାଂସ ପାଇଁ ଏକାଠି କରାଯାଇଥିବା ଜଣାପଡିବା ପରେ ଖୋର୍ଦ୍ଧା ଟାଉନ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜିଲାର ଜଟଣୀ, ଚିଲିକା, ବାଣପୁର, ଟାଙ୍ଗୀ, ବୋଲଗଡ଼, ବେଗୁନିଆ ଓ ଖୋର୍ଦ୍ଧା ଅଞ୍ଚଳରୁ ମାଫିଆମାନେ ଗୋରୁଙ୍କୁ ଧରି ଅତି ଦୟନୀୟ ଭାବେ ବାଂଲାଦେଶକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଥର୍ମୋକୁଲର ପେଟିରେ ବରଫ ଦେଇ ଗୋମାଂସ ଚାଲାଣ କରାଯାଉଛି। ଏଥିଲାଗି ଏକ ର୍ୟାକେଟ କାମ କରୁଛି।

ଗତ ୫ତାରିଖରେ କୋଲକାତାରୁ ଚେନ୍ନାଇ ଅଭିମୁଖେ ୩ଟି କଣ୍ଟେନରରେ ଗୋମାଂସ ଚାଲାଣ ହେଉଥିବା ବେଳେ ଖୋର୍ଦ୍ଧା ଗୋସୁରକ୍ଷା ସମିତିର କର୍ମକର୍ତ୍ତାମାନେ ପିଛା କରି ଗଡଖୋର୍ଦ୍ଧା ଛକରେ ଧରିଥିଲେ। ୨ଟି କଣ୍ଟେନର ଖସି ଯାଇଥିବା ବେଳେ ୩ଟି କଣ୍ଟେନରକୁ ଧରି ପୋଲିସ ଜିମା ଦେଇଥିଲେ। କଣ୍ଟେନର ଆଗରେ ମିଲ୍କ ପ୍ରଡକ୍ଟ ଲେଖା ହୋଇଥିବାବେଳେ ପେଟି ଭିତରେ ବରଫ ଓ କୁଣ୍ଡା ଦିଆଯାଇ ଗୋମାଂସ ଚାଲାଣ ହେଉଥିଲା। ଏଥିରେ ଶହେ ଟନରୁ ଉର୍ଦ୍ଧ୍ୱ ଗୋମାଂସ ରହିଥିଲା। ସେହିପରି ସେପ୍ଟେମ୍ବର ୨୪ରେ ଅନୁଗୋଳରୁ ହାଇଦ୍ରାବାଦକୁ ଚାଲାଣ ହେଉଥିବା ୪ ଟନ ଗୋମାଂସ ବୋଝେଇ ଆଇଚରକୁ ବେଗୁନିଆ ପୋଲିସ ଜବତ କରିଥିଲା। ଏହି ଗୋମାଂସକୁ ନିକଟ ଜଙ୍ଗଲରେ ପୋତିଦିଆଯାଇଥିଲା। ସେପ୍ଟେମ୍ବର ୧୪ରେ ଜଟଣୀ ବ୍ଲକ ବେଣାପଞ୍ଜୁରୀ ଅଞ୍ଚଳରୁ ଏକ ଟ୍ରକରେ ଗୋମାଂସ ଚାଲାଣ ହେଉଥିଲା। ସ୍ଥାନୀୟ ଗ୍ରାମବାସୀ ଓ ଜଟଣୀ ପୋଲିସ ଏହାକୁ ଜବତ କରି ପୋତି ଦେଇଥିଲେ। ଏହି ଗୋମାଂସ ଜଟଣୀରୁ ମହାରାଷ୍ଟ୍ରକୁ ଚାଲାଣ ହେଉଥିଲା। ଖୋର୍ଦ୍ଧା ଟାଉନ ପୋଲିସ ସେପ୍ଟେମ୍ବର ୧୬ରେ ତରତୁଆ କବରସ୍ଥାନ ନିକଟରୁ ୭ କୁଇଣ୍ଟାଲ ଗୋମାଂସ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଥିଲା।

# ଦୁଇ ପିଢ଼ି ମଧ୍ୟରେ ଲଢ଼େଇ



ଜୁଆନ ଭେରୋନ

ଦୁଇ ପିଢ଼ି ମଧ୍ୟରେ ଲଢ଼େଇ ହେବ। ଚଳିତ ବିଶ୍ୱକପ୍‌ର ସର୍ବକନିଷ୍ଠ କୋଚ୍ ଏବଂ ଟୁର୍ନାମେଣ୍ଟର ସବୁଠାରୁ ବୟସ୍କ କୋଚ୍ ପରସ୍ପରର ସମ୍ମୁଖୀନ ହେବେ। ମୋ ବନ୍ଧୁ ଲିଓନେଲ ସ୍କାଲୋନି ଖେଳ ଜୀବନ ଆରମ୍ଭ କଲାବେଳେ ଲୁଇସ ଭାନ୍ ଗାଲ ଜଣେ କୋଚ୍ ଭାବେ ପ୍ରସିଦ୍ଧିଲାଭ କରି ସାରିଥିଲେ। ଏବେ ସ୍କାଲୋନିଙ୍କ କୋଚିଂ କ୍ୟାରିୟର ଆରମ୍ଭ ହେଉଥିବାବେଳେ ତାଙ୍କ ମେଣ୍ଟର ଭାନ୍ ଗାଲ ଅବସର ସୂଚନା ଦେଇ ସାରିଛନ୍ତି। ଚଳିତ ଟୁର୍ନାମେଣ୍ଟ ପରେ ସେ ଅବସର ନେବେ। ୨୦୧୪ରେ ବ୍ରାଜିଲରେ ଅନୁଷ୍ଠିତ ବିଶ୍ୱକପ୍ ମ୍ୟାଚର ଏହା ପୁନରାବୃତ୍ତି ହେବ। ୧୦ ବର୍ଷ ତଳେ ଏହା ବିଶ୍ୱକପ୍‌ର ସେମିଫାଇନାଲ ଥିଲା। କାତାରରେ ଆର୍ଜେଣ୍ଟିନା ଜାତୀୟ ଦଳ ନେଦରଲାଣ୍ଡ୍ସକୁ କ୍ୱାର୍ଟର ଫାଇନାଲରେ ଭେଟିବାକୁ ଯାଉଛି। ଦୁଇ ଐତିହାସିକ ଦଳ ମଧ୍ୟରେ ଏହା ଏକ ବଡ଼ ମ୍ୟାଚ ହେବ। ଦୁଇ ଦଳ ମଧ୍ୟରୁ ଗୋଟିଏ ବିଦାୟ ନେବ।

ଏବେ ଇତିହାସ ରଚିବାର ବେଳ। ଲିଓନେଲ ସ୍କାଲୋନିଙ୍କ ଆର୍ଜେଣ୍ଟିନା ଦଳ ୨୦ ବର୍ଷ ବ୍ୟବଧାନରେ ବ୍ରାଜିଲରେ କୋପା ଆମେରିକା ଟାଇଟଲ ଜିତି ସିଜନ ଆରମ୍ଭ କରିଛି। ଏବେ ସେମାନେ ଗୋଟିଏ ପରେ ଗୋଟିଏ ପାଦ ଅତିକ୍ରମ କରୁଛନ୍ତି। ରୁଷିଆରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଗ୍ରୁପ୍ ପର୍ଯ୍ୟାୟରୁ ବିଦାହେବା ସବୁଠାରୁ ବଡ଼ ନୈରାଶ୍ୟ ଥିଲା। ମାତ୍ର ଏଠାରେ ଦଳ ସେହି ପର୍ଯ୍ୟାୟ ଅତିକ୍ରମ କରି କ୍ୱାର୍ଟର ଫାଇନାଲରେ ପହଞ୍ଚି ଯାଇଛି। ୧୯୮୬ ପରେ ଦଳ ଦେଶ ପାଇଁ ବିଶ୍ୱକପ୍ ଜିତୁ ବୋଲି ସ୍ୱପ୍ନ ଦେଖୁଥିବା ବ୍ୟକ୍ତିଙ୍କ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ।

ଆ।ଲ୍‌ବି କେ ଲେ ଷ୍ଟେ (ଆର୍ଜେଣ୍ଟିନା) ଓ ଡଚ୍ (ନେଦରଲାଣ୍ଡ୍ସ) ମଧ୍ୟରେ ମ୍ୟାଚ ନକ୍‌ଆଉଟ ପର୍ଯ୍ୟାୟର ଅନ୍ୟତମ କଷ୍ଟସାଧ ପର୍ଯ୍ୟାୟ। ଟୁର୍ନାମେଣ୍ଟ ଆରମ୍ଭରେ ସାଉଦି ଆରବଠାରୁ ପରାଜୟଜନିତ ବିପର୍ଯ୍ୟୟରୁ ଉଧୁରି ଆର୍ଜେଣ୍ଟିନା ଗ୍ରୁପ୍ 'ସି'ର ଚାମ୍ପିୟନ ଦଳ ଭାବେ ନକ୍‌ଆଉଟରେ ପ୍ରବେଶ କରିଥିଲା। ରାଉଣ୍ଡ ଅଫ୍ ୧୬ରେ ସେମାନେ ଲିଓନେଲ ମେସିଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆକୁ ୨-୧ରେ ପରାସ୍ତ କଲେ। ନେଦରଲାଣ୍ଡ୍ସ ମଧ୍ୟ ଗ୍ରୁପ୍ 'ଏ'ରେ ପ୍ରଥମସ୍ଥାନ ଅଧିକାର କରିଥିଲା। ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ହାରି ନ ଥିବା ଡଚ୍ ଟିମ୍ ରାଉଣ୍ଡ ଅଫ୍ ୧୬ରେ ଆମେରିକାକୁ ୩-୧ରେ ପରାସ୍ତ କରିଥିଲା।

ଦୁଇ ଦେଶ ମଧ୍ୟରେ ମୋଟ ମ୍ୟାଚ ଗଣାଗଲେ ସେମାନେ ଆନୁଷ୍ଠାନିକଭାବେ ୯ଟି ଗେମ୍ ଖେଳିଛନ୍ତି। ଏଥିରୁ ଆର୍ଜେଣ୍ଟିନା ମାତ୍ର ଥରେ (୧୯୭୮ ବିଶ୍ୱକପ ଫାଇନାଲ) ସିଧାସଳଖ ଜିତିଥିବାବେଳେ ନେଦରଲାଣ୍ଡ୍ସ ୪ ମ୍ୟାଚରେ ବିଜୟୀ ହୋଇଛି। ଅବଶିଷ୍ଟ ୪ ମ୍ୟାଚରୁ ୩ଟି ମ୍ୟାଚ ଡ୍ର ରହିଛି ଏବଂ ୨୦୧୪ ସେମିଫାଇନାଲ ମ୍ୟାଚ ପେନାଲ୍ଟି ଯୋଗେ ମୀମାଂସା ହୋଇଥିଲା ଏବଂ ଆର୍ଜେଣ୍ଟିନା ବିଜୟ ହାସଲ କରିଥିଲା।

ଡଚ୍ ଦଳ ବିପକ୍ଷରେ ସ୍କାଲୋନି ତାଙ୍କ ଷ୍ଟାର୍ଟିଂ ଲାଇନ୍‌ଅପ୍ ସମ୍ପର୍କରେ କିଛି ପ୍ରକାଶ କରିନାହାନ୍ତି। ଆଲେଜାଣ୍ଡ୍ରୋ ଗୋମେଜ ଓ ଆଞ୍ଜେଲ ଡି'ମାରିଆ ଆହତ ଥିବାବେଳେ ରୋଡ୍ରିଗୋ ଡି' ପଲ୍ ମଧ୍ୟ ଖେଳିବା ସମ୍ଭାବନା କମ୍। ଏ କ୍ଷେତ୍ରରେ କୋଚ୍ ଆକ୍ରମଣ ରଣନୀତିକୁ ପରିବର୍ତ୍ତନ କରିପାରନ୍ତି। ଜୁଲିଆନ ଆଲ୍‌ଭାରେଜ ଏବଂ ଲିଓନେଲ ମେସିଙ୍କୁ ଅଗ୍ରଭାଗରେ କିଏ ସହାୟତା କରିବେ ତାହା ସ୍କାଲୋନିଙ୍କ ପସନ୍ଦ ଉପରେ ନିର୍ଭର କରିବ। ଆର୍ଜେଣ୍ଟିନା କୋଚ୍ ସାଧାରଣତଃ ୩ ମିଡ୍‌ଫିଲ୍ଡର କିମ୍ବା ୩ ଫରୱାର୍ଡ ନେଇ ଖେଳିବାକୁ ପସନ୍ଦ କରନ୍ତି। ମାତ୍ର ଏଥିପାଇଁ ଡି'ମାରିଆଙ୍କ ଫିଟ୍‌ନେସ ଉପରେ ଅନେକ କିଛି ନିର୍ଭର କରିବ। କୋଚ୍‌ଙ୍କ ଯୋଜନାରେ ସେ ଜଣେ ପ୍ରମୁଖ ଖେଳାଳି। ଯଦି ସେ ଆହତ ସମସ୍ୟାରୁ ମୁକୁଳିଥିବେ ଏବଂ ଖେଳିବାକୁ ପ୍ରସ୍ତୁତ ଥିବେ ତେବେ କୋଚ୍ ସେହି ଅନୁସାରେ ଯୋଜନା କରିବେ। ଡି' ମାରିଆଙ୍କ କୌଶଳ ସମକକ୍ଷ କୌଣସି ଖେଳାଳି ଦଳରେ ନାହାନ୍ତି। ତେଣୁ ସେ ଯଦି ନ ଖେଳନ୍ତି ତେବେ ଲିଆଣ୍ଡ୍ରୋ ପରେଦେସଙ୍କୁ ସୁଯୋଗ ମିଳିପାରେ। ଏପରି ହେଲେ ଲିଓନେଲ ମେସି ଅଗ୍ରଭାଗରେ ଜୁଲିଆନ ଆଲ୍‌ଭାରେଜଙ୍କ ପାଖାପାଖି ରହି ଖେଳିବେ ଏବଂ ପରେଦେସ ମିଡ୍‌ଫିଲ୍ଡରେ ଫର୍ନାଣ୍ଡେଜ, ଆଲେକ୍ସିସ ମ୍ୟାକ୍ ଆଲିଷ୍ଟର ଓ ରୋଡ୍ରିଗୋ ଡି ପଲ୍‌ଙ୍କ ସହ ଚ୍ୟାଲେଞ୍ଜ ସମ୍ଭାଳିବେ।

ନେଦରଲାଣ୍ଡ୍ସର ଇନ୍ ସାଇଡ୍ ଗେମ୍ ବହୁତ ଦୃଢ଼। ମଧ୍ୟଭାଗରେ ଡି ଜଙ୍ଗ ଥିବାବେଳେ ୱିଙ୍ଗର୍ସ ଡୁମ୍‌ଫ୍ରିସ୍ ଡାହାଣ ଏବଂ ବ୍ଲାଇଣ୍ଡ ବାମ ପଟରେ ଖେଳିବେ। ଏହି ଖେଳାଳିଙ୍କ ସହ ନେଦରଲାଣ୍ଡ୍ସ ଯେତେବେଳେ ଆକ୍ରମଣ କରେ ସେତେବେଳେ ଖେଳରେ ଉଭୟ କ୍ୱାଲିଟି ଏବଂ କ୍ୱାଣ୍ଟିଟି ପରିଲକ୍ଷିତ ହୋଇଥାଏ। ସେମାନଙ୍କ ନିକଟରେ ଅନେକ ସ୍କୋରିଂ ପାୱାର ଅଛି।

ସ୍କାଲୋନି ଜାଣିଛନ୍ତି ଯେ ତାଙ୍କ ନେଦରଲାଣ୍ଡ୍ସ ପ୍ରତିଦ୍ୱନ୍ଦ୍ୱୀ କେବେହେଲେ ସହଜ ହେବନାହିଁ। ଏହା ଏକ ନୂଆ ପିଢ଼ି। ପୂର୍ବ ଦଳ ଗୁଡ଼ିକ ଭଳି କେବଳ ପ୍ରତିଭାରେ ଭରପୂର ନୁହେଁ, ଅଭିଜ୍ଞତାର ମିଶ୍ରଣ ଆର୍ଜେଣ୍ଟିନା ଦଳକୁ କଡ଼ା ପରୀକ୍ଷାରେ ପକାଇବ। ବିଶ୍ୱକପ୍‌ରେ ସବୁକିଛି ସମ୍ଭବ। ତେଣୁ ସ୍କାଲୋନି ନିଶ୍ଚିତ ନେଦରଲାଣ୍ଡ୍ସକୁ ହରାଇବାକୁ ଚାହିଁବେ।




ଲୁଇସ ଭାନ୍ ଗାଲ ଓ ଲିଓନେଲ ସ୍କାଲୋନୀ

ପ୍ରଥମ ମ୍ୟାଚରେ ହାରିଥିଲେ ମଧ୍ୟ ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଅନ୍ୟତମ ଶ୍ରେଷ୍ଠ ଦଳ ବୋଲି ଫୁଟବଲ ଜଗତ ସ୍ୱୀକୃତି ଦେଇ ସାରିଛି। ଫୁଟବଲ ଏପରି ଏକ ଖେଳ ଯଦି ଆମେ ଭାବିବା ଯେ ଆର୍ଜେଣ୍ଟିନା ତା'ର ନାଁ ଅନୁସାରେ କିମ୍ବା ମେସିଙ୍କ ପାଇଁ ବିଶ୍ୱକପ୍ ଜିତିଯିବ ତେବେ ଏହା ଏକ ବଡ଼ ଭୁଲ। କେବଳ ଆର୍ଜେଣ୍ଟିନା ନୁହେଁ ଅନ୍ୟ ଦଳଗୁଡ଼ିକ ମଧ୍ୟ ବିଶ୍ୱକପ ଜିତିବାକୁ ଯୋଜନା କରିଛନ୍ତି। ତେଣୁ ମେସି ଏବଂ ତାଙ୍କ ଦଳକୁ ପଡ଼ିଆରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିବ।

-(ଟିଭାକ୍ ସ୍ପୋର୍ଟ୍ସ)



ଲୁସେଲ ଷ୍ଟାଡିୟମରେ ଗୁରୁବାର ଆର୍ଜେଣ୍ଟିନା ଦଳର ଟ୍ରେନିଂ।

# କ୍ରୋଏସିଆ ବିପକ୍ଷରେ ବ୍ରାଜିଲ ପଲା ଭାରି

ଦୋହା, ୮।୧୨

ଚଳିତ ଫିଫା ବିଶ୍ୱକପ୍‌ରେ ଶୁକ୍ରବାର ୫ ଥର ଚାମ୍ପିୟନ ବ୍ରାଜିଲ ଏବଂ ଗତଥରର ରନରଅପ୍ କ୍ରୋଏସିଆ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଉଭୟ ଦଳ ଗ୍ରୁପ୍ ପର୍ଯ୍ୟାୟ ଏବଂ ରାଉଣ୍ଡ ଅଫ୍ ୧୬ରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଆଗାମୀ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ସମ୍ଭାବନା ରହିଛି। ରେକର୍ଡ ଦୃଷ୍ଟିରୁ କ୍ରୋଏସିଆ ବିପକ୍ଷରେ ବ୍ରାଜିଲ ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ଏହା ପୂର୍ବରୁ ମୋଟ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ବ୍ରାଜିଲ ୩ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରହିଛି। ଅର୍ଥାତ୍ ବିଶ୍ୱକପ୍‌ରେ ବ୍ରାଜିଲ ବିପକ୍ଷରେ କ୍ରୋଏସିଆ କେବେ ବିଜୟ ସ୍ୱାଦ ଚାଖିନାହିଁ। ଯଦି ଆଗାମୀ ମ୍ୟାଚରେ କ୍ରୋଏସିଆ ଜିତେ ତେବେ ଇତିହାସ ସୃଷ୍ଟି କରିବ।

ଚଳିତ ବିଶ୍ୱକପ୍‌ର ପ୍ରଦର୍ଶନକୁ ଦେଖିଲେ ମରକ୍କୋ ବିପକ୍ଷରେ ଗୋଲଶୂନ୍ୟ ଡ୍ର'ରୁ ଅଭିଯାନ ଆରମ୍ଭ କରିଥିବା କ୍ରୋଏସିଆ ପରବର୍ତ୍ତୀ ମ୍ୟାଚରେ କାନାଡ଼ାକୁ ୪-୧ ଗୋଲରେ ହରାଇ ଦେଇଥିଲା। ଶେଷ ଲିଗ୍ ମ୍ୟାଚରେ ବେଲଜିୟମ ସହିତ ଗୋଲଶୂନ୍ୟ ଡ୍ର ରଖି ଗ୍ରୁପ୍ 'ଏଫ୍'ର ଅପରାଜେୟ ଦଳ ଭାବେ ନକ୍‌ଆଉଟରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ଦଳ ଜାପାନଠାରୁ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ପେନାଲ୍ଟି ଶୁଟ୍ ଆଉଟରେ ୩-୧ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଗ୍ରୁପ୍ 'ଜି'ରେ ବ୍ରାଜିଲ କ୍ରମାଗତ ୨ଟି ମ୍ୟାଚରେ ସର୍ବିୟାକୁ ୨-୦ ଓ ସୁଇଜରଲାଣ୍ଡକୁ ୧-୦ ଗୋଲରେ ହରାଇ ନକ୍‌ଆଉଟରେ ପ୍ରବେଶ ସ୍ପଷ୍ଟ କରିଥିଲା। ଶେଷ ଗ୍ରୁପ୍ ମ୍ୟାଚରେ ଯଦିଓ ଦଳ ଅପେକ୍ଷାକୃତ ଦୁର୍ବଳ କାମେରୁନ ନିକଟରୁ ଗୋଟିଏ ଗୋଲରେ ହାରି ଯାଇଥିଲା ତେବେ ରାଉଣ୍ଡ ଅଫ୍ ୧୬ରେ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ହରାଇ ନିଜ ଶକ୍ତିର ପ୍ରମାଣ ଦେଇଥିଲା। କାଗଜପତ୍ର ରେକର୍ଡ ଦୃଷ୍ଟିରୁ ଯଦିଓ ବ୍ରାଜିଲ ଶକ୍ତିଶାଳୀ ରହିଛି ତେବେ କ୍ରୋଏସିଆ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ। ଆଗାମୀ ମ୍ୟାଚରେ ଉଭୟ ଦଳର କେତେଜଣ ଖେଳାଳିଙ୍କ ମଧ୍ୟରେ ହେଡ୍ ଟୁ ହେଡ୍ ମୁକାବିଲା ହେବା ସମ୍ଭାବନା ରହିଛି।

## ନେମାର-ବ୍ରୋଜୋଭିକ୍

ବ୍ରାଜିଲ-କ୍ରୋଏସିଆ ମ୍ୟାଚରେ ନେମାର ଏବଂ ମାର୍ସେଲୋ ବ୍ରୋଜୋଭିକ୍‌ଙ୍କ ଉପରେ ନଜର ରହିବ। ବ୍ରାଜିଲର ପ୍ରଥମ ମ୍ୟାଚ ସର୍ବିୟା ବିପକ୍ଷରେ ନେମାର ପାଦରେ ଆଘାତ ପାଇଥିଲେ। ଫଳରେ ଏହାର ପ୍ରଶଂସକଙ୍କ ମନରେ ବିପର୍ଯ୍ୟୟ ଆଶଙ୍କା ରହିଥିଲା। ମାତ୍ର ସୌଭାଗ୍ୟବଶତଃ ନେମାର ସୁସ୍ଥହୋଇ ଦଳକୁ ଫେରିଲେ ଏବଂ ଦକ୍ଷିଣ କୋରିଆ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ଗୋଲ ମଧ୍ୟ ଦେଲେ। ତେବେ ଆଗାମୀ ମ୍ୟାଚରେ ନେମାରଙ୍କୁ କଡ଼ା ଟକ୍କର ଦେବେ କ୍ରୋଏସିଆର ବ୍ରୋଜୋଭିକ୍। ପିଢ଼ି ପରେ ପିଢ଼ି କ୍ରୋଏସିଆରେ ଅନେକ ତାରକା ମିଡ୍‌ଫିଲ୍ଡର ସୃଷ୍ଟି ହୋଇ ପାରିଛନ୍ତି। ସେମାନଙ୍କ ମଧ୍ୟରୁ ବ୍ରୋଜୋଭିକ୍ ଏବେ ଚର୍ଚ୍ଚାରେ ଅଛନ୍ତି। ଜାପାନ ବିପକ୍ଷ ମ୍ୟାଚରେ ସେ ୧୬.୭ କିଲୋମିଟର କଭର କରିଥିଲେ। ଏ କ୍ଷେତ୍ରରେ ସେ ୨୦୧୮ରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ୧୬.୩ କିଲୋମିଟର ରେକର୍ଡକୁ ଭାଙ୍ଗିଥିଲେ। ଯଦି ବ୍ରୋଜୋଭିକ୍ ଫେଲ୍ ମାରନ୍ତି ତେବେ ବ୍ରାଜିଲର ଆକ୍ରମଣକୁ ରୋକିବା କ୍ରୋଏସିଆ ପକ୍ଷରେ କଷ୍ଟକର ହୋଇପଡ଼ିବ।

## ରିଚାର୍ଲିସନ ବନାମ ଜାସ୍କୋ ଗାଭାର୍ଡିଅଲ

ବ୍ରାଜିଲିଆନ ନମ୍ବର-୯ରେ ରିଚାର୍ଲିସନ ବର୍ତ୍ତମାନ ସୁଦ୍ଧା ୩ଟି ଗୋଲ କରି ସାରିଛନ୍ତି। ଏଥିରୁ ୨ଟି ଗୋଲ ଅଫ୍ ଦି ଟୁର୍ନାମେଣ୍ଟ ଦୌଡ଼ରେ ସାମିଲ ହୋଇସାରିଛି। ଅନ୍ୟପକ୍ଷରେ ୨୦ ବର୍ଷୀୟ ଜାସ୍କୋ ଗାଭାର୍ଡିଅଲ ହେଉଛନ୍ତି କ୍ରୋଏସିଆ ରକ୍ଷଣଭାଗର ମେରୁଦଣ୍ଡ। ଏହି ପୋଜିଶନରେ ସେ ଅନେକ ୟୁରୋପିଆନ ଦଳକୁ ସାମ୍ନା କରି ସାରିଛନ୍ତି। ତେଣୁ ତାଙ୍କ ଉପସ୍ଥିତିରେ ରିଚାର୍ଲିସନ ନିଶ୍ଚିତ ପରୀକ୍ଷାର ସମ୍ମୁଖୀନ ହେବେ।

## କାସେମିରୋ ବନାମ ଲୁକା ମୋଡ୍ରିକ

ବ୍ରାଜିଲର କାସେମିରୋ ଏବଂ କ୍ରୋଏସିଆର ଲୁକା ମୋଡ୍ରିକ ରିଅଲ ମାଡ୍ରିଡର ପୂର୍ବତନ ଟିମ୍‌ମେଟ୍। ସାଥିହୋଇ ଅନେକ ମ୍ୟାଚରେ ବିପକ୍ଷ ଦଳ ସହ ଲଢ଼େଇ କରିଥିବା ଏହି ଦୁଇ ଖେଳାଳି ଆଗାମୀ ମ୍ୟାଚରେ ପରସ୍ପର ବିରୋଧରେ ଲଢ଼ିବେ। କାସେମିରୋ ହେଉଛନ୍ତି ଚଳିତ ଟୁର୍ନାମେଣ୍ଟରେ ବ୍ରାଜିଲର ଅନ୍ୟତମ ତାରକା ଖେଳାଳି। ସୁଇଜରଲାଣ୍ଡ ବିପକ୍ଷରେ ବିଜୟ ସୂଚକ ଗୋଲ ତାଙ୍କ ଦକ୍ଷତାର ପ୍ରମାଣ ଦିଏ। ତାଙ୍କ ଉପସ୍ଥିତିରେ ବ୍ରାଜିଲ ମିଡ୍‌ଫିଲ୍ଡ ବେଶ୍ ଶକ୍ତିଶାଳୀ। ଅନ୍ୟପକ୍ଷରେ ୩୭ ବର୍ଷରେ ପଦାର୍ପଣ କରିଥିଲେ ହେଁ ମୋଡ୍ରିକ ଏବେ ମଧ୍ୟ କ୍ରୋଏସିଆ ଦଳର ପ୍ରାଣକେନ୍ଦ୍ର। ବିଶ୍ୱକପ୍‌ରେ ସେ ଅନେକ ରେକର୍ଡର ମଧ୍ୟ ଅଧିକାରୀ। ମିଡ୍‌ଫିଲ୍ଡରେ ତାଙ୍କ ଦକ୍ଷତା ବଳରେ କ୍ରୋଏସିଆ ଆଗକୁ ବଢ଼ିବାରେ ସକ୍ଷମ ହୋଇଛି। ତେଣୁ ଆଗାମୀ ମ୍ୟାଚରେ କାସେମିରୋ ଓ ମୋଡ୍ରିକଙ୍କ ଉପରେ ଉଭୟ ଦଳ ଅନେକ ପରିମାଣରେ ନିର୍ଭର କରିବେ।



ବଲ୍‌କୁ ନିୟନ୍ତ୍ରଣରେ ରଖୁଛନ୍ତି ବ୍ରାଜିଲର ନେମାର।



ବ୍ରାଜିଲ ବିପକ୍ଷ କ୍ୱାର୍ଟର ଫାଇନାଲ ପୂର୍ବରୁ କ୍ରୋଏସିଆ ଦଳର ଅଭ୍ୟାସ।

# ସ୍ପେନ୍ ଦଳରୁ ଲୁଇସ୍ ଏନରିକ୍‌ଙ୍କ ଇସ୍ତଫା



**ଦୋହା,୮।୧୨(ପି.ଟି.):** ଫିଫା ବିଶ୍ୱକପ୍‌ରୁ ସ୍ପେନ୍ ଦଳର ଅପ୍ରତ୍ୟାଶିତ ବିଦାୟ ପରେ କୋଚ୍ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି ଲୁଇସ୍ ଏନ୍‌ରିକ। ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ମରକ୍କୋ ନିକଟରୁ ଦଳ ପେନାଲ୍ଟି ଶୁଟଆଉଟରେ ୩-୦ରେ ପରାସ୍ତ ହୋଇଥିଲା। ମ୍ୟାଚର ଏକ୍ସଟ୍ରା ଟାଇମ ସୁଦ୍ଧା ଉଭୟ ଦଳ ପରସ୍ପରକୁ ଗୋଲ ଦେବାରେ ଅସମର୍ଥ ରହିବା ପରେ ସ୍ପେନ୍ ପେନାଲ୍ଟି ଶୁଟଆଉଟରେ ପରାସ୍ତ ହୋଇଥିଲା। ଏନରିକ୍‌ଙ୍କ ସ୍ଥାନରେ ଲୁଇସ୍ ଡେ ଲା ଫୁଏଣ୍ଟେଙ୍କୁ ଦଳର ନୂତନ କୋଚ ଭାବେ ଘୋଷଣା କରାଯାଇଛି। ସ୍ପାନିଶ୍ ଫୁଟବଲ ଫେଡେରେଶନ ପକ୍ଷରୁ ଏନ୍‌ରିକଙ୍କୁ ତାଙ୍କ ସେବା ପାଇଁ ଧନ୍ୟବାଦ ଅର୍ପଣ କରାଯାଇଛି। ପୂର୍ବତନ କୋଚଙ୍କ ନେତୃତ୍ୱରେ ଦଳ ବେଶ୍ ସଫଳ ହୋଇଥିଲା। ଏହି ସଫଳତାକୁ ଆଗକୁ ବଢାଇବା ନିମନ୍ତେ ଫେଡେରେଶନ ଫୁଏଣ୍ଟେଙ୍କୁ ନିଯୁକ୍ତି ଦେଇଛି। ସେହିପରି କ୍ରୀଡା ଅଧିକାରୀମାନଙ୍କ ପରାମର୍ଶ କ୍ରମେ ଏହି ପରିବର୍ତ୍ତନ କାର୍ଯ୍ୟକାରୀ କରାଯାଇଛି।

# ବିଶ୍ୱକପ୍ ପରେ କେମିତି ବ୍ୟବହାର ହେବ ଷ୍ଟାଡିୟମ

ଦୋହା,୮।୧୨(ପି.ଟି.)

କାତାରରେ ଫୁଟବଲ ବିଶ୍ୱକପ୍ ଧୀରେ ଧୀରେ ଆଗେଇବା ସହିତ ବର୍ତ୍ତମାନ ନକ୍‌ଆଉଟ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ୧୫ ଦିନ ପରେ ଶେଷ ହେବ ଫୁଟବଲର ଏହି ମହାକୁମ୍ଭ। ତେବେ ବିଶ୍ୱକପ୍ ସମାପ୍ତ ହେବା ପରେ ଷ୍ଟାଡିୟମଗୁଡ଼ିକର ଅବସ୍ଥା କ'ଣ ହେବ ଏହାକୁ ନେଇ ସୃଷ୍ଟି ହୋଇଛି ବଡ ପ୍ରଶ୍ନବାଚୀ। ୭ ଷ୍ଟାଡିୟମ ମଧ୍ୟରୁ ଗୋଟିଏ ହେଉଛି ଷ୍ଟାଡିୟମ ୯୭୪। ଏହି ଷ୍ଟାଡିୟମଟିକୁ ବିଶ୍ୱକପ୍ ପରେ ସମ୍ପୂର୍ଣ୍ଣ ଭାବରେ ଖୋଲାଯିବ। ତେବେ ଏହା କେବେ ଖୋଲାଯିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ଉପଲବ୍ଧ ନାହିଁ। ଏହା ସହିତ କାତାର ଆଗାମୀ ଦିନରେ ଏସିଆନ୍ ଗେମ୍ସ କିମ୍ବା ଅଲିମ୍ପିକ୍ସ ଆୟୋଜନ ପାଇଁ ବିଡିଂରେ ସାମିଲ ହୋଇପାରେ। ଫିଫାର ନିୟମ ଅନୁସାରେ ଫାଇନାଲ ମ୍ୟାଚ ପାଇଁ ଷ୍ଟାଡିୟମର ଦର୍ଶକ କ୍ଷମତା ୮୦ ହଜାର ରହିଥିବା ବେଳେ ସେମିଫାଇନାଲ ପାଇଁ ୬୦ ହଜାର ଓ ଅନ୍ୟ ମ୍ୟାଚ ନିମନ୍ତେ ୪୦ ହଜାର କ୍ଷମତା ବିଶିଷ୍ଟ ଷ୍ଟାଡିୟମ ଆବଶ୍ୟକ। ୨୦୧୦ରେ କାତାର ୧୨ ଷ୍ଟାଡିୟମ ନିର୍ମାଣ ପାଇଁ ଯୋଜନା କରିଥିଲା। ତେବେ ୭ଟି ଷ୍ଟାଡିୟମ ନିର୍ମାଣ କରାଯାଇଥିବା ବେଳେ ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମକୁ ୨୦୧୯ରେ ପୁନଃନିର୍ମାଣ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ଶେଷରେ କାତାରକୁ ଏଭଳି ଟୁର୍ନାମେଣ୍ଟର ଆବଶ୍ୟକ ମଧ୍ୟ ନାହିଁ। ତେବେ ସମସ୍ତ ଷ୍ଟାଡିୟମର କିଛି ସିଟ୍ ଖାଲି କରାଯିବା ସହିତ ଭିତ୍ତିଭୂମି ଆବଶ୍ୟକ କରୁଥିବା ରାଷ୍ଟ୍ରଗୁଡ଼ିକୁ ପଠାଇବା ପାଇଁ କାତାର ନିଷ୍ପତ୍ତି ନେଇଛି। ଷ୍ଟାଡିୟମ ନିର୍ମାଣରେ କେତେ ଖର୍ଚ୍ଚ ହୋଇଛି ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ପ୍ରାୟ ୨୦୦ ବିଲିୟନ୍ ଡଲାର ଅର୍ଥ ଖର୍ଚ୍ଚ ହୋଇଛି। ସମସ୍ତ ଷ୍ଟାଡିୟମଗୁଡ଼ିକ ଭିନ୍ନ ଭିନ୍ନ ସ୍ଥାପତ୍ୟ କଳାରେ ସମୃଦ୍ଧ ଅଟନ୍ତି। ଲୁସେଲ୍ ଷ୍ଟାଡିୟମ ହାତ ତିଆରି ଗିନା ଆକୃତିର ହୋଇଥିବା ବେଳେ ଅଲବାୟଟ ଷ୍ଟାଡିୟମ ଏକ ଡେଜର୍ଟ ଟେଣ୍ଟ ପରି ହୋଇଛି। ସେହିପରି ମହିଳା ଆର୍କିଟେକ୍ଟ ଜାହା ହାଦିଦଙ୍କ ଡିଜାଇନରେ ପ୍ରସ୍ତୁତ ଅଲ ଜନୌବ ଷ୍ଟାଡିୟମ ଏକ ମୁକ୍ତାର ଭ୍ରମ ସୃଷ୍ଟି କରେ। ଲୁସେଲ ଷ୍ଟାଡିୟମକୁ ଏକ କମ୍ୟୁନିଟି ସ୍ପେସ୍‌ରେ ପରିଣତ କରାଯିବ। ସ୍କୁଲ, କାଫେ ଓ ଅନ୍ୟାନ୍ୟ ଦୋକାନ ନିର୍ମାଣ କରାଯାଇ ଏହାକୁ ବିକଶିତ କରାଯିବ। ଅଲ ବାୟଟ ଷ୍ଟାଡିୟମକୁ ଏକ ପଞ୍ଚତାରକା ହୋଟେଲରେ ପରିଣତ କରାଯିବାକୁ ଥିବା ବେଳେ ଅଲ ଜନୌବ ଷ୍ଟାଡିୟମରେ ମ୍ୟାଚ ଖେଳାଯିବ। ସେହିପରି ଖଲିଫା ଷ୍ଟାଡିୟମକୁ କାତାର ଦଳର ଜାତୀୟ କ୍ରୀଡା ଇଭେଣ୍ଟ ପାଇଁ ବ୍ୟବହାର କରାଯିବ। ଏହା ସହିତ ବାକି ଷ୍ଟାଡିୟମଗୁଡ଼ିକୁ ଜାନୁୟାରୀ ୨୦୨୪ ଏସିଆନ୍ ଗେମ୍ସ ପାଇଁ ବ୍ୟବହାର କରାଯିବ। ଏପରିକି ଷ୍ଟାଡିୟମ ୯୭୪କୁ ମଧ୍ୟ ଏସିଆନ୍ ଗେମ୍ସ ପରେ ଅଲଗା କରାଯିବାର ସମ୍ଭାବନା ରହିଛି।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**କ୍ରୋଏସିଆ ବନାମ ବ୍ରାଜିଲ**
ସ୍ଥାନ: ଏଜୁକେଶନ ସିଟି ଷ୍ଟାଡିୟମ,
ସମୟ: ରାତି ୮.୩୦

**ନେଦରଲାଣ୍ଡ୍ସ ବନାମ ଆର୍ଜେଣ୍ଟିନା**
ସ୍ଥାନ: ଲୁସେଲ ଷ୍ଟାଡିୟମ
ସମୟ: ରାତି ୧୨.୩୦



ଅଲ୍ ଜନୌବ ଷ୍ଟାଡିୟମ

# ତବଲା ବାଜୁଥିବା ଯାଏ ମନେରହିବେ...



ପଣ୍ଡିତ ଉମେଶ ଚନ୍ଦ୍ର କର। ତବଲା ବାଦନରେ ସେ ଥିଲେ ଅଦ୍ୱିତୀୟ। ତାଙ୍କ ତବଲା ଧ୍ୱନି ଶ୍ରୋତାଙ୍କୁ ଝୁମାଉଥିଲା। ଆଉ ନୃତ୍ୟ, ସଙ୍ଗୀତରେ ଜୀବନ ଭରୁଥିଲା। କେବଳ ରାଜ୍ୟ ନୁହେଁ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେ ନିଜର ସ୍ୱତନ୍ତ୍ର କଳା ଚାତୁରି ମାଧମରେ ବେଶ୍ ପ୍ରତିଷ୍ଠିତ ହୋଇପାରିଥିଲେ। ତାଙ୍କ ବିୟୋଗରେ କଳାଜଗତରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଛି। ତବଲା ବାଜୁଥିବା ଯାଏ ପଣ୍ଡିତ କର ମନେ ରହିଥିବେ ବୋଲି ଶୁଭେଚ୍ଛୁ ଓ କଳାପ୍ରେମୀମାନେ କହିଛନ୍ତି।

## ଦେଶର ପ୍ରତିଷ୍ଠିତ ତବଲା ବାଦକ ଥିଲେ



କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷରେ ପଣ୍ଡିତ କର ଥିଲେ ଜଣେ ପ୍ରତିଷ୍ଠିତ କଳାକାର, ଦବଲ ବାଦକ। ଏଥିସହ ରାଜ୍ୟର ସଂସ୍କୃତିକୁ ପ୍ରତିଷ୍ଠା କରିବାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ବାହାର କଳାକାରମାନେ ତାଙ୍କ ପାଖରେ ଆସି ରହୁଥିଲେ। ପଣ୍ଡିତ କର ସେମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରୁଥିଲେ। ସଙ୍ଗୀତ ମହାବିଦ୍ୟାଳୟର ଶେଷ କାର୍ଯ୍ୟକ୍ରମରେ ଯୋଗଦେଇ ସେ ବହୁତ ଖୁସି ହୋଇଥିଲେ। ଅସୁସ୍ଥ ଥିବାରୁ ବେଶି କହିବାକୁ ଦେଇ ନ ଥିଲୁ। ତବଲା ବାଦନରେ ସେ ଥିଲେ ଅଦ୍ୱିତୀୟ। ତାଙ୍କ ପରଲୋକ କଳା ଜଗତରେ ଏକ ଅପୂରଣୀୟ କ୍ଷତି।

- ବିଜୟ ଜେନା, ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ

## ତାଙ୍କ ସ୍ଥାନ କେହି ପୂରଣ କରିପାରିବେ ନାହିଁ



ପଣ୍ଡିତ ଉମେଶ ଚନ୍ଦ୍ର କର ବିର୍‌ଜୁ ମହାରାଜଙ୍କଠାରୁ ଆରମ୍ଭ କରି ଅନେକ ପ୍ରତିଷ୍ଠିତ କଳାକାରଙ୍କ ସହ ସେ ତବଲା ବାଦନ କରିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସେ ଦୀର୍ଘଦିନ ଧରି ଅଧାପନା କରିଥିଲେ। ତାଙ୍କ ହାତରେ ରାଜ୍ୟର ହଜାର ହଜାର କଳାକାର ଆଜି ପ୍ରତିଷ୍ଠା ଲାଭ କରିଛନ୍ତି। ତାଙ୍କ ସ୍ଥାନ କେହି ପୂରଣ କରି ପାରିବେ ନାହିଁ।

- ଧୀର ମଲ୍ଲିକ, ନାଟ୍ୟ ନିର୍ଦ୍ଦେଶକ

## ଉପଯୁକ୍ତ ସମ୍ମାନ ମିଳିଲା ନାହିଁ



ସେ ମୋ ଗୁରୁ। ୪୦ବର୍ଷ ଧରି ମୁଁ ତାଙ୍କ ସହ ଜଡ଼ିତ। ତାଙ୍କର ମୋ ଉପରେ ବହୁତ ବିଶ୍ୱାସ ଥିଲା। ଆମ ସମ୍ପର୍କ କେବଳ ଗୁରୁ ଶିଷ୍ୟ ନୁହେଁ, ବାପା ପୁଅର ସମ୍ପର୍କ ଥିଲା। ଅତ୍ୟନ୍ତ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ବିଶ୍ୱରେ ତବଲା ବାଦନ କ୍ଷେତ୍ରରେ ଥିବା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ସେ ଥିଲେ ଅନନ୍ୟ। ଦୁଃଖର କଥା ଏଭଳି ଜଣେ ପ୍ରତିଷ୍ଠିତ ଓ ବିରଳ ବ୍ୟକ୍ତିତ୍ୱଙ୍କ ପ୍ରତିଭାକୁ ସରକାର ଜାଣିପାରିଲେ ନାହିଁ। ବଞ୍ଚିଥିବା ସମୟରେ ତାଙ୍କୁ ଅବହେଳା କରାଯାଇଛି। ତାଙ୍କୁ କୌଣସି ରାଷ୍ଟ୍ରୀୟ ସମ୍ମାନ ଦିଆଯାଇନାହିଁ। ଏ ନେଇ ସେ ଅନେକ ଥର କ୍ଷୋଭ ମଧ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରରେ ପ୍ରତିଷ୍ଠିତ ଏଭଳି ବ୍ୟକ୍ତିତ୍ୱଙ୍କୁ ଉପଯୁକ୍ତ ସମ୍ମାନ ନ ମିଳିବା ଅତ୍ୟନ୍ତ ଦୁଃଖର କଥା।

- ଡ.ସୁଶୀଲ କୁମାର ପଟ୍ଟନାୟକ, ସଙ୍ଗୀତ ବିଭାଗ ମୁଖ୍ୟ, ରମାଦେବୀ ମହାବିଦ୍ୟାଳୟ



ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କଠାରୁ ପଣ୍ଡିତ ଉମେଶ ଚନ୍ଦ୍ର କର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ ଗ୍ରହଣ କରୁଛନ୍ତି।



ପୁରୀ ସ୍ୱର୍ଗଦ୍ୱାରରେ ଗୁରୁବାର ଗାର୍ଡ ଅଫ୍ ଅନର ଦିଆଯାଉଛି।

## ସଙ୍ଗୀତ ମହାବିଦ୍ୟାଳୟରେ ଶେଷ କାର୍ଯ୍ୟକ୍ରମ

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଓ ପରବର୍ତ୍ତୀ ସମୟରେ ଅଧକ୍ଷ ଥିଲେ ପଣ୍ଡିତ ଉମେଶ ଚନ୍ଦ୍ର କର। ଏପରିକି ଜୀବନର ଶେଷ ପର୍ଯ୍ୟନ୍ତ ସେ ଏହି ସଙ୍ଗୀତ ମହାବିଦ୍ୟାଳୟ ସହ ଜଡିତ ରହିଥିଲେ। ଗୁରୁବାର ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ବୁଧବାର ସଙ୍ଗୀତ ମହାବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମଧ ସେ ଯୋଗ ଦେଇଥିଲେ। ଏହା ତାଙ୍କ ଜୀବନର ଶେଷ କାର୍ଯ୍ୟକ୍ରମ ଥିଲା। ତେବେ ତାଙ୍କର ଏପରି ବିୟୋଗକୁ ପ୍ରଥମେ ସହଜରେ କେହି ବିଶ୍ୱାସ କରିପାରି ନ ଥିଲେ।



ବୁଧବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ପଣ୍ଡିତ ଉମେଶ ଚନ୍ଦ୍ର କର।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓ ରାଜ୍ୟପାଳ ଏସ୍‌ସି ଜମିରଙ୍କ ଉପସ୍ଥିତିରେ ପଣ୍ଡିତ କର ସମ୍ମାନ ଗ୍ରହଣ କରୁଛନ୍ତି।



ବିଶିଷ୍ଟ ସିତାର ବାଦକ ଓସ୍ତାଦ ଅମ୍‌ଜାଦ୍ ଅଲ୍ଲୀ ଖାନ୍‌ଙ୍କ ସହ।

WORKS DEPARTMENT
OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE
No. B-944 e-mail: seec_bls@rediffmail.com
Government of Odisha "e" Procurement Notice
Bid Identification No. CCEEC-19/2022-23
No. 6162 Dt.02.12.2022

| | | |
|---|---|---|
| Nature of Work | : | Building & Road Works |
| Number of Works | : | 03 (Three) Nos. Building Works & 1 (One) No. Road Work |
| Amount put to tender | : | Rs.137.86 lakh to Rs.863.64 lakh |
| Class of Contractor | : | "A" Class/ "Special" Class |
| Date & time of availability of bid document in the portal | : | Dt.12.12.2022 at 10.00 A.M. |
| Last date/time of receipt of bid in the portal | : | Dt.26.12.2022 upto 05.00 P.M. |
| Date of Opening of Bid | : | Dt.27.12.2022 at 11.00 A.M. |
| Name & address of the Office Inviting Bid | : | Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only.
Sd./- R. Rout, Chief Construction Engineer
Eastern Circle (R&B), Balasore
OIPR-34026/11/0021/2223

ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ
ଜିଲ୍ଲା-ସମ୍ବଲପୁର,ଓଡ଼ିଶା, ପିନ୍-୭୬୮୧୦୬
୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ ଇଣ୍ଟେରେଷ୍ଟ)
ପତ୍ର ସଂଖ୍ୟା-୩୦୪୦ ତାରିଖ-୦୫.୧୨.୨୦୨୨
No.C-1849:ବିଜ୍ଞାପିତ ଅଞ୍ଚଳ ପରିଷଦ ରେଢାଖୋଲ ୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପୌର ସଂସ୍ଥାମାନଙ୍କର ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ସମ୍ପୃକ୍ତ ପୌର ସଂସ୍ଥା ଠିକଣାରେ ରେଜିଷ୍ଟର୍ଡ/ସ୍ପିଡ ପୋଷ୍ଟ ଜରିଆରେ ତା.୨୦.୧୨.୨୦୨୨ ସମୟ ଅପରାହ୍ନ ଘ.୦୫.୦୦ ସୁଦ୍ଧା ପହଞ୍ଚିବା ଆବଶ୍ୟକ ।
ଟେକ୍ନିକାଲ ବିଡ୍ ପରିଷଦ କାର୍ଯ୍ୟାଳୟରେ ତା.୨୧.୧୨.୨୦୨୨ ସମୟ ଦିବା ୧୧.୦୦ ଘଟିକାରେ ଖୋଲାଯିବ । ମୁଦା ଲଫାପା ଉପରେ ୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ ଇଣ୍ଟେରେଷ୍ଟ) ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ । ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍ ସାଇଟ୍‌ରେ ମିଳିପାରିବ ।
ପୌର ସଂସ୍ଥାର ୱେବ୍‌ସାଇଟ୍
https://www.nacredhakhol.in/
https://www.sambalpur.nic.in
ସ୍ୱା./-ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ
ରେଢ଼ାଖୋଲ
OIPR-13175/11/0004/2223

GOVERNMENT OF ODISHA No. B-951
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA
Telephone & Fax: 06846-243242, E-mail: eepwd.balliguda@gmail.com
Bid Identification No. S.E. BLG-12/2022-23 Dated: 07.12.2022

| Sl. No. | Name of the Work | Road Works as per DTCN available in the website: www.tendersodisha.gov.in |
|---|---|---|
| 1 | Estimated Cost | Rs.74.30 lakh |
| 2 | No. of Works | 01 (One) Only |
| 3 | Period & time of completion | 04 (Four) Calendar Months |
| 4 | Date & time of availability of the bid document in the portal | 12.12.2022 to 21.12.2022 (upto 5.00 P.M.) for Online Bidding |
| 5 | Last date/time for receipt of bids in the portal | Upto 5.00 P.M. of 21.12.2022 |
| 6 | Date & time of bid opening | 11.30 hours on Dated 22.12.2022 |
| 7 | Name & address of the Officer Inviting Bid | Superintending Engineer, Balliguda R&B Division, Balliguda, Dist.: Kandhamal, PIN - 762103 |

Others can be seen from Detailed Notice inviting tenders, available in website: www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer
Balliguda (R&B) Division
OIPR-34162/11/0007/2223

ପୌର ପରିଷଦ, ବଲାଙ୍ଗୀର
ବଲାଙ୍ଗୀର, ଓଡ଼ିଶା, ୭୬୭୦୦୧
ଫୋନ୍:୦୬୬୫୨-୨୩୨୭୨୦, ଇ-ମେଲ୍:bgrmc1972@gmail.com
୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ଗ୍ରୁପ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ ଇଣ୍ଟେରେଷ୍ଟ)
ସଂଖ୍ୟା-5741 ତାରିଖ-5.12.22
No.C-1839:ପୌର ପରିଷଦ, ବଲାଙ୍ଗୀର ୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ଗ୍ରୁପ ଦ୍ୱାରା ପୌରସଂସ୍ଥାମାନଙ୍କର ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ପୌରପରିଷଦ, ବଲାଙ୍ଗୀର ଠିକଣାରେ ରେଜିଷ୍ଟର୍ଡ/ସ୍ପିଡ୍ ପୋଷ୍ଟ ଜରିଆରେ ତା.୨୦.୧୨.୨୦୨୨, ସମୟ-ପୂର୍ବାହ୍ନ ୦୫.୦୦ ଟା ସୁଦ୍ଧା ପହଞ୍ଚିବା ଆବଶ୍ୟକ ।
ଟେକ୍ନିକାଲ ବିଡ୍ ସଂପୃକ୍ତ ପୌର ସଂସ୍ଥା ସଭାଗୃହରେ ତା.୨୧.୧୨.୨୦୨୨ ସମୟ ପୂର୍ବାହ୍ନ ୧୧.୦୦ ଟାରେ ଖୋଲାଯିବ । ମୁଦା ଲଫାପା ଉପରେ ୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ଗ୍ରୁପ ଦ୍ୱାରା ୱାର୍ଡ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ ଇଣ୍ଟେରେଷ୍ଟ) ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ । ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍ ସାଇଟ୍‌ରେ ମିଳିପାରିବ ।
http://www.balangir.nic.in
ସ୍ୱା./-ନିର୍ବାହୀ ଅଧିକାରୀ
ପୌରପରିଷଦ,ବଲାଙ୍ଗୀର
OIPR-13169/11/0024/2223

୨୦୨୩-୨୪ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ)
ସଂଖ୍ୟା: ୩୭୦୬ ତାରିଖ: ୦୫।୧୨।୨୦୨୨
No.: C-1846: ଢେଙ୍କାନାଳ ନାମ ୨୦୨୩-୨୪ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଢେଙ୍କାନାଳ ପୌରପାଳିକାର ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ମୁଦା ଲଫାପା ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ଢେଙ୍କାନାଳ ପୌରପାଳିକାର ଠିକଣାରେ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ ତା୨୦।୧୨।୨୦୨୨ ସମୟ ୫.୦୦ ସୁଦ୍ଧା ପହଞ୍ଚିବା ଆବଶ୍ୟକ।
ଟେକ୍‌ନିକାଲ ବିଡ୍ ସମ୍ପୃକ୍ତ ଢେଙ୍କାନାଳ ପୌରପାଳିକାର ସଭାଗୃହରେ ତା୨୨।୧୨।୨୦୨୨ ସମୟ ୧୧ଟାରେ ଖୋଲାଯିବ। ମୁଦା ଲଫାପା ଉପରେ ''୨୦୨୩-୨୪ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ''।
ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ''ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ। ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବସାଇଟ୍‌ରେ ମିଳିପାରିବ।
ପୌର ସଂସ୍ଥା ୱେବସାଇଟ୍: http://www.dhenkanalmunicipality.com.
ସ୍ୱା./- ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

OFFICE OF THE
MUNICIPAL COUNCIL, DHENKANAL
Dhenkanal (Odisha), PIN - 759001
Tel. No.: 06762-224401 (O), Fax No. 06762-223355
E-mail: dhenkanalm.hud@gmail.com
Expression of Interest (EOI)
For Management of Ward Offices by Mission Shakti SHG During the Year 2023-24
No. 3706 Date: 05.12.2022
Dhenkanal Municipality, invites Expression of Interest in sealed cover from interested Mission Shakti SHGs to be engaged for managing ward offices of Dhenkanal Municipality during the year 2023-24. The sealed Expression of Interest should be submitted to the address of the Executive Officer, Dhenkanal Municipality on or before date 20.12.2022, Time 5.00 P.M. by Registered/Speed Post only.
The technical bid will be opened on date 22.12.2022 at 11.00 A.M. in the Conference Hall of Dhenkanal Municipality. The sealed envelope should be superscripted with "EOI for Management of Ward Offices by Mission Shakti SHGs 2023-24". The detailed terms and conditions of the Expression of Interest is available in website i.e. http://www.dhenkanalmunicipality.com.
Sd./- Executive Officer
Dhenkanal Municipality
OIPR-13146/11/0032/2223

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ବିଜ୍ଞାପନ
No. RR-45: ଏତଦ୍ୱାରା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ପଦବୀ ନିମନ୍ତେ ଓଡ଼ିଶୀ, ନୃତ୍ୟ ଓ ସଙ୍ଗୀତ ତତ୍ ସଂକ୍ରାନ୍ତୀୟ ଗବେଷଣା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବେଦନକାରୀଙ୍କ ବୟସ ୫୦ରୁ ୬୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ସମସାମୟିକ ତଥା ପ୍ରାଚୀନ ନୃତ୍ୟ ଓ ସଙ୍ଗୀତ ପରମ୍ପରାରେ ଜ୍ଞାନ, ପରିଚାଳନାଗତ ଦକ୍ଷତା, ପ୍ରଶାସନିକ ଅଭିଜ୍ଞତା ତଥା କାର୍ଯ୍ୟାଳୟ ଅଥବା ସଂଗଠନ ପରିଚାଳନା ସମ୍ବନ୍ଧୀୟ ଅନୁଭୂତି ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ।
ଏ ସଂକ୍ରାନ୍ତୀୟ ସମସ୍ତ ପ୍ରମାଣପତ୍ର ସହ ଆବେଦନକାରୀ ତା୧୦।୦୧।୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା (ସମସ୍ତ ଛୁଟିଦିନ ବ୍ୟତୀତ) ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, ବି.ଜେ.ବି ନଗର, ଭୁବନେଶ୍ୱର-୧୪ଙ୍କୁ ଆବେଦନ କରିପାରିବେ। ଏ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ତଥା ଆବେଦନ ପାଇଁ ନମୁନା ଦରଖାସ୍ତ ଫର୍ମ ପାଇଁ ବିଭାଗୀୟ Website: www.odishaculture.gov.inକୁ ପରିଦର୍ଶନ କରିପାରିବେ।
ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର
ଭୁବନେଶ୍ୱର - ୭୫୧୦୧୪
OIPR-03001/11/0034/2223

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ଼
ପତ୍ର ସଂଖ୍ୟା -୩୫୨୯/ଧର୍ମଗଡ଼ ତାରିଖ-୦୭.୧୨.୨୦୨୨
ନିଲାମ ବିଜ୍ଞପ୍ତି
No.C-1834:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ସାପ୍ତାହିକ ବଜାର (ସୋମବାର ଓ ଶୁକ୍ରବାର)କୁ ଏକ ବର୍ଷ ସକାଶେ ଟେଣ୍ଡର ଜରିଆରେ ନିଲାମ କରାଯିବା ପାଇଁ ସ୍ଥିରୀକୃତ କରାଯାଇଅଛି । ଏଥିପାଇଁ ସର୍ବନିମ୍ନ ଦର (upset price) ଟ.୬,୦୨,୧୦୦.୦୦ଙ୍କା (ଛଅ ଲକ୍ଷ ଦୁଇ ହଜାର ଏକ ଶହ ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି /ଅନୁଷ୍ଠାନ ଆଗାମୀ ତା.୧୪.୧୨.୨୦୨୨ ରିଖ ଅପରାହ୍ନ ଘ.୦୧.୦୦ଣ୍ଟା ପର୍ଯ୍ୟନ୍ତ ଜଉମୁଦ ଲଫାପାରେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ଦର ଦାଖଲ କରି ଅଂଶଗ୍ରହଣ କରିପାରିବେ ।
(୧) ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଠିକା ଟଙ୍କା କିମ୍ବା ଅନ୍ୟାନ୍ୟ ଟିକସ ବକେୟାଥିବ ସେମାନେ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ । (୨) ଦର ଦାଖଲ ସହ ଟ.୨୦.୦୦୦ ଙ୍କା (କୋଡିଏ ହଜାର ଟଙ୍କା) ମାତ୍ରର ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ (in favour of Executive Officer, NAC, Dharamgarh payable at Dharamgarh) ସଂଲଗ୍ନ କରିବେ । (୩) ଯୋଗ୍ୟ ବିବେଚିତ ଅନୁଷ୍ଠାନ/ବ୍ୟକ୍ତି ଆଦେଶ ପାଇବା ପୂର୍ବରୁ ଦାଖଲ କରିଥିବା ଦରର ୬୦ ପ୍ରତିଶତ ରାଶି ବ୍ୟାଙ୍କ ଡ୍ରାଫ୍ଟ /ନଗଦ ଆକାରରେ ଦାଖଲ କରିବେ । ଅବଶିଷ୍ଟ ୪୦ ପ୍ରତିଶତ ରାଶି ଦୁଇ କିସ୍ତିରେ ଆଗାମୀ ଦୁଇ ମାସ ମଧ୍ୟରେ ଦାଖଲ କରିବେ ନଚେତ୍ ନିଲାମ ରଦ୍ଦ କରାଯିବ । (୪) ଡାକ ଜନିତ ବିଳମ୍ବ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । (୫) କୌଣସି ଦୈବୀଦୁର୍ବିପାକ ଜନିତ କ୍ଷତି ପାଇଁ ପରିଷଦ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ଏବଂ ଠିକାଦାର ମଧ ଏଥିପାଇଁ କ୍ଷତିପୂରଣ ଦାବି କରିପାରିବେ ନାହିଁ । (୬) ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ନିର୍ଦ୍ଧାରିତ ଦର ଅନୁଯାୟୀ ଠିକାଦାର ମହାସୁଲ ଆଦାୟ କରିବେ । ଏହାର ଖିଲାପ କରି ଯଦି ଅଧିକ ଦରରେ ମହାସୁଲ ଆଦାୟ ଅଭିଯୋଗ ହୁଏ, ତାହାହେଲେ ଠିକାକୁ ତୁରନ୍ତ ରଦ୍ଦ କରାଯିବ । (୭) ଏ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏବଂ ଟିକସ ମହାସୁଲ ଆଦାୟ ବିବରଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ଼ରୁ ନିର୍ଦ୍ଧାରିତ ତାରିଖ ମଧ୍ୟରେ (ଛୁଟି ଦିନ ବ୍ୟତୀତ) ଅବଗତି ହୋଇପାରିବେ । ନିଲାମ ଅଂଶଗ୍ରହଣକାରୀ/ ପ୍ରାଧୀକୃତଙ୍କ ଉପସ୍ଥିତିରେ ଆସନ୍ତା ତା.୧୪.୧୨.୨୦୨୨ ରିଖ ଅପରାହ୍ନ ଘ.୦୪.୦୦ ଣ୍ଟା ସମୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଖୋଲାଯିବ । ଆବଶ୍ୟକ ସ୍ଥଳେ କର୍ତ୍ତୃପକ୍ଷ ଯେକୌଣସି ସମୟରେ ବିନା କାରଣରେ ନିଲାମକୁ ରଦ୍ଦ କରିପାରିବେ ।
ଉପଜିଲ୍ଲାପାଳ,ଧର୍ମଗଡ଼-ତଥା
କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼
OIPR-13163/11/0010/2223

MUNICIPAL OFFICE, JEYPORE
Ph. No. 06854-321098, Fax No. 06854-230104
E-mail: jeyporem.hud@nic.in
L No. 7330 JM-TCN05/2022-23 Dt.06.12.2022
No. C-1844: Bid documents consisting of specification the Bill of Quantity and the Tender Call Notice can be seen in the Govt. website https://tendersorissa.gov.in/nicgep/app.

| | | |
|---|---|---|
| Bid documents including schedule of quantity available for Online Bidding | : | https://tendersorissa.gov.in/nicgep/app. |
| No. of Works | : | 32 |
| Estimated Cost | : | As per DTCN |
| Date & time of Bidding in portal | : | From 08.12.2022 at 11.00 hours to 19.12.2022 upto 16.00 hours |
| Last date & time for receipt of bids in portal | : | 19.12.2022 upto 16.00 hours |
| Offline Documents received through Speed Post/Registered Post | : | 19.12.2022 at 16.00 hours to 21.12.2022 upto 11.00 hours (Working days only) |
| Bids received online shall be opened on | : | 21.12.2022 at 11.00 hours onwards |
| Offline documents shall be opened in presence of the participate bidders | : | 21.12.2022 at 11.00 hours onwards |

Sd./- Executive Officer
Jeypore Municipality
OIPR-13079/11/0068/2223

See Career Appointment on every Wednesday & Saturday

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ପି. ପ୍ରଜ୍ୱଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦାୟିତ୍ୱରେ ଥିବା ବିଜେଡି ନେତା ପୁଣି ଯିବେ ପଦ୍ମପୁର







ପଦ୍ମପୁର ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟ ଓ କଂଗ୍ରେସ ଭବନ।

- ପଦ୍ମପୁର ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ ଲାଗି ନବୀନଙ୍କ ନିର୍ଦ୍ଦେଶ
- ବିଜେଡିର ସେଲିବ୍ରେଶନ, ଭାଜପା ଓ କଂଗ୍ରେସ କାର୍ଯ୍ୟାଳୟ ଖାଁ ଖାଁ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେଡି ନେତା ଓ କର୍ମୀ ଦଳୀୟ କାର୍ଯ୍ୟାଳୟଠାରେ ବାଜା ବଜାଇ, ବାଣ ଫୁଟାଇ ସେଲିବ୍ରେଶନ କରିଛନ୍ତି। କେବଳ ସେତିକି ନୁହେଁ, ସବୁ କର୍ମୀ ଏବଂ ନେତା ବିଜୁ ଯୁବ ଜନତା ଦଳ କାର୍ଯ୍ୟାଳୟଠାରେ ମିଠା ବାଣ୍ଟି ନାଚି, କୁଦି ଅତ୍ୟନ୍ତ ଖୁସି ପ୍ରକଟ କରିଛନ୍ତି। ଅନ୍ୟପଟେ ଉଭୟ ଭାଜପା ଏବଂ କଂଗ୍ରେସ ଶିବିରରେ ଖାଁ ଖାଁ ପରିସ୍ଥିତି ଦେଖିବାକୁ ମିଳିଛି। ପୂର୍ବରୁ ଭାଜପା କାର୍ଯ୍ୟାଳୟରେ ଲାଗି ରହୁଥିବା ଗହଳ ଚହଳ ମଧ୍ୟ ନ ଥିଲା। ଏଭଳି ସ୍ଥିତିରେ ନିର୍ବାଚନରେ ବିପୁଳ ଭୋଟରେ ବିଜୟ ହେବାପରେ ବିଜେଡି ପଦ୍ମପୁର ପାଇଁ ତା'ର ପରବର୍ତ୍ତୀ କାର୍ଯ୍ୟକ୍ରମ ନେବା ଲାଗି ଯୋଜନା ପ୍ରସ୍ତୁତ କରିଦେଇଛି। ସେପଟେ ଭାଜପା କାହିଁକି ଏତେବଡ଼ ବ୍ୟବଧାନରେ ପରାଜିତ ହେଲା ତା'ର କାରଣ ଖୋଜିବା ଲାଗି ପ୍ରସ୍ତୁତ ହେଲାଣି। ମାଳମାଳ କେନ୍ଦ୍ରମନ୍ତ୍ରୀ, ଏକାଧିକ ପ୍ରଚାର ଏବଂ ଜିତିବାର ଦମ୍ଭୋକ୍ତି ଦେଖାଉଥିବା ଭାଜପା କେଉଁଥିପାଇଁ ପରାଜିତ ହେଲା ସେନେଇ ଆଗାମୀ ଦିନରେ ମାନସମନ୍ଥନ ହେବ ବୋଲି ମତ ରଖୁଛନ୍ତି। କଂଗ୍ରେସ ଏହି ଉପନିର୍ବାଚନରେ ଅମାନତ ରଖି ନ ପାରିବାକୁ ନେଇ ଭିନ୍ନ ମତ ରଖିଛି।

ମିଳିଥିବା ସୂଚନା ମୁତାବକ, ବିଜେଡି ପକ୍ଷରୁ ପଦ୍ମପୁର ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ନେତାମାନଙ୍କୁ ଭୋଟ ଗଣତିର ପୂର୍ବଦିନ ଅର୍ଥାତ୍ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ନିବାସ ଡକାଇ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଗୋଟିଏ କଥା ଉପରେ ଗୁରୁତ୍ୱ ଦେବା ଲାଗି କହିଥିଲେ। ଯେଉଁମାନେ ପଦ୍ମପୁରର ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ରହିଥିଲେ ସେମାନେ ସ୍ଥାନୀୟ ବାସିନ୍ଦାଙ୍କୁ ଯାହାସବୁ ପ୍ରତିଶ୍ରୁତି ଦେଇ ଫେରିଛନ୍ତି ତାକୁ ତୁରନ୍ତ ପାଳନ କର। ତେଣୁ ଆସନ୍ତା ୧୫ କିମ୍ବା ୧୭ ତାରିଖରେ ପଦ୍ମପୁରର ଯେଉଁ ନେତା ଯେଉଁଠି ଦାୟିତ୍ୱରେ ଥିଲେ ସେଠାକୁ ଯାଇ ସେ ବିଷୟରେ ଆଲୋଚନା କରି କାର୍ଯ୍ୟ ଆରମ୍ଭ ଲାଗି ପ୍ରସ୍ତୁତ ହେବେ। ଆସନ୍ତା ୬ ମାସ ମଧ୍ୟରେ ସେହି ସବୁ କାର୍ଯ୍ୟ ପାଇଁ ନବନିଯୁକ୍ତ ବିଧାୟିକାଙ୍କୁ ସାଙ୍ଗରେ ନେଇ ନଡ଼ିଆ ବାଡ଼େଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାହାସବୁ ପ୍ରତିଶ୍ରୁତି ପଦ୍ମପୁରବାସୀଙ୍କୁ ଦିଆଯାଇଥିଲା ତାହା ପାଳନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ପଦ୍ମପୁରବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରି ଦଳ ରାଜ୍ୟବ୍ୟାପୀ ଏକ ବାର୍ତ୍ତା ଦେବାକୁ ଚାହୁଁଥିବା ବିଶେଷ ସୂତ୍ରରୁ ଜଣାପଡୁଛି। ଆଗକୁ ୨୦୨୪ ସାଧାରଣ ନିର୍ବାଚନକୁ ଆଉ ପାଖାପାଖି ବର୍ଷେ ଥିବାରୁ ଦଳ ପଦ୍ମପୁରରେ ପ୍ରତିଶ୍ରୁତି ସବୁ ପାଳନ କରି ତା'ର ଫାଇଦା ନେବାକୁ ଚେଷ୍ଟା କରିବ ବୋଲି ସୂଚନା ମିଳିଛି।

ଅନ୍ୟପଟେ ଭାଜପା ଏବଂ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ପ୍ରତିଯୋଗିତା ଚାଲିଛି ବୋଲି ଏକ ସବୁସ୍ତରର ଆକଳନ କରାଯାଉଥିବା ବେଳେ ଫଳାଫଳ କିନ୍ତୁ ସେସବୁ କଥାକୁ ଭୁଲ୍ ପ୍ରମାଣିତ କରିଛି। ହେଲେ ଭାଜପାର ଏତେ ଉଦ୍ୟମ ସତ୍ତ୍ୱେ କାହିଁକି ସେମାନଙ୍କୁ ଏତେ ବଡ଼ ବ୍ୟବଧାନରେ ପରାଜିତ ହେବାକୁ ପଡ଼ିଲା ତା'ର କାରଣ ଖୋଜାଯିବ ବୋଲି ସବୁ ନେତା ମତ ରଖୁଛନ୍ତି। ତେବେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଦଳର ଆଗ ଧାଡ଼ିର ନେତାମାନେ କେବଳ ସହଯୋଗ କରୁଥିଲେ। ସ୍ଥାନୀୟ ନେତାମାନେ ମୁଖ୍ୟତଃ ନିର୍ବାଚନ ଲଢୁଥିଲେ। ତେଣୁ କନକ ବର୍ଦ୍ଧନଙ୍କ ଏଭଳି ବୟାନକୁ ଶୁଣିବାପରେ ପଦ୍ମପୁରରେ ଯେ ଦଳ ଭିତରେ ସବୁକିଛି ଠିକ୍ ନ ଥିଲା ତା'ର ବାର୍ତ୍ତା ଦେଉଛି ବୋଲି ଚର୍ଚ୍ଚା ହେଉଛି। ତେବେ ଦଳରେ ଏନେଇ କେବେ ସମୀକ୍ଷା ହେବ ତାକୁ ଦେଖିବା ଦରକାର ବୋଲି ଦଳୀୟ ନେତାମାନଙ୍କ ମୁହଁରୁ ଶୁଣିବାକୁ ମିଳୁଛି। କଂଗ୍ରେସ ଭୋଟ ଦେଖିବା ପରେ ବହୁ ବରିଷ୍ଠ କଂଗ୍ରେସ ନେତା ଆଉ ଏହା ଉପରେ କିଛି ମତାମତ ଦେବାକୁ ଚାହୁଁନାହାନ୍ତି। ଦଳ ନିଜ ସ୍ଥିତି ନେଇ ସମୀକ୍ଷା କରିବା ଦରକାର ବୋଲି ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି।

# ପୁଣି ନବୀନ ମ୍ୟାଜିକ୍

**ଭୁବନେଶ୍ୱର,୮।୧୨(ବ୍ୟୁରୋ):** ଗତ କିଛିଦିନ ଧରି ପଦ୍ମପୁର ଉପନିର୍ବାଚନକୁ ନେଇ ଯେଉଁ ଚର୍ଚ୍ଚା ହେଉଥିଲା ତାହା ଭୁଲ ପ୍ରମାଣିତ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମ୍ୟାଜିକ୍ ଆଗରେ ବିରୋଧୀ ଚିତ୍‌ପଟାଙ୍ଗ ମାରିଛନ୍ତି। ବିଜେଡି ପ୍ରାର୍ଥୀ ରେକର୍ଡ ବ୍ୟବଧାନରେ ଭାଜପା ପ୍ରାର୍ଥୀଙ୍କୁ ପରାଜିତ କରିଛନ୍ତି। ନିର୍ବାଚନରେ କଂଗ୍ରେସ ଅମାନତ ହରାଇଛି।

ପଦ୍ମପୁରକୁ ହାତେଇବାକୁ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେଉଥିଲା। ଧାମନଗର ବିଜୟ ପରେ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ଏକ ନୂଆ ଉତ୍ସାହ ଭରି ଯାଇଥିଲା। ପଦ୍ମପୁରରେ ଧାମନଗର ଭଳି ବିଜେଡିକୁ ମାତ୍ ଦେବା ପାଇଁ ଭାଜପା ରାଜ୍ୟ ନେତୃତ୍ୱ ଅଣ୍ଟା ଭିଡ଼ିଥିଲେ। ସେଥିପାଇଁ ଦଳ ରଣକୌଶଳ ପ୍ରସ୍ତୁତ କରିଥିଲା। ଚାଷୀ, ରେଳ ପ୍ରକଳ୍ପ ପ୍ରସଙ୍ଗ ସହିତ ବିଜେଡି ପ୍ରାର୍ଥୀଙ୍କୁ ବାହାର ଜିଲାର କହି ନିଜ ସପକ୍ଷରେ ଭୋଟ ନେବା ଲାଗି ପ୍ରୟାସ କରିଥିଲା। ଯଦିଓ ଭାଜପା ନିଜର ଭୋଟ ଗତ ନିର୍ବାଚନ ତୁଳନାରେ ପ୍ରାୟ ସମାନ ରଖିଛି ତେବେ ବିଜୟ ସମ୍ଭାବନାକୁ ନିଜ ସପକ୍ଷରେ ନେବାରେ ସମର୍ଥ ହୋଇନାହିଁ। ଅନ୍ୟପକ୍ଷରେ କଂଗ୍ରେସର ଦୁର୍ବଳ ପ୍ରତିଦ୍ୱନ୍ଦ୍ୱିତା ବିଜେଡିକୁ ସୁହାଇଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କଂଗ୍ରେସ ଭୋଟ ବିଜେଡି ନିଜ ସପକ୍ଷରେ ନେବାରେ ସଫଳ ହୋଇଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଜିଲା ଘୋଷଣା ସାଙ୍ଗକୁ ଚାଷୀଙ୍କ ପାଇଁ ଇନ୍‌ପୁଟ ସବ୍‌ସିଡି, କୁଲତା ଏବଂ ମେହେର ସମାଜ ପାଇଁ ଜମି ଓ ଧର୍ମଶାଳା ଯୋଗାଇ ଦେବା ଭଳି ଅନେକ ପ୍ରତିଶ୍ରୁତି ବିଜେଡିକୁ ଫାଇଦା ଦେଇଛି। ତେବେ ଧାମନଗର ଉପନିର୍ବାଚନରେ ହାରିଯିବା ପରେ ମୁଖ୍ୟମନ୍ତ୍ରୀ ଅନ୍ୟ କାହା ଉପରେ ଭରସା ନ କରି ନିଜେ ନିର୍ବାଚନ କାର୍ଯ୍ୟକୁ ତଦାରଖ କରୁଥିଲେ। ବିଜେଡିର ୧୦ରୁ ଊର୍ଦ୍ଧ୍ୱ ମନ୍ତ୍ରୀ ଓ ୬୦ରୁ ଊର୍ଦ୍ଧ୍ୱ ବିଧାୟକ ପଦ୍ମପୁରରେ ରହି ନିର୍ବାଚନ କାର୍ଯ୍ୟକୁ ପରିଚାଳନା କରୁଥିଲେ। ବିଧାନସଭା ଚାଲୁଥିଲେ ମଧ୍ୟ ସେମାନେ ପଦ୍ମପୁରରେ ରହି ନିର୍ବାଚନ ରଣନୀତି ପ୍ରସ୍ତୁତ କରିଥିଲେ। ତେବେ ଏହି ନିର୍ବାଚନରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଉଭୟ ଭାଜପା ଓ ବିଜେଡି ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ କହିଛନ୍ତି ଯେ ଏହା ଜନାଦେଶ ନୁହେଁ, ଧନାଦେଶ। ବିଜେଡି ଓ ଭାଜପା ଉଭୟ ରାଜ୍ୟ ଓ କେନ୍ଦ୍ରରେ କ୍ଷମତାସୀନ ଅଛନ୍ତି। ସେମାନେ ଲୋକଙ୍କୁ ଲୁଟି ରଖିଥିବା ବିପୁଳ ଟଙ୍କାକୁ ଖର୍ଚ୍ଚ କରି ନିର୍ବାଚନ ଜିତୁଛନ୍ତି। ଆଗରୁ ଲୋକମାନେ ପ୍ରାର୍ଥୀ ଓ ତାଙ୍କ କାମକୁ ଦେଖି ଭୋଟ୍ ଦେଉଥିଲେ। କିନ୍ତୁ ଏବେ ନିର୍ବାଚନରେ ଯେତିକି ପରିମାଣର ଅର୍ଥ ଖର୍ଚ୍ଚ ହେଉଛି ତାହା କରିବାକୁ କଂଗ୍ରେସ ସକ୍ଷମ ନୁହେଁ। ସେମାନେ ଯେତିକି ପୋଷ୍ଟର ଓ ବ୍ୟାନରରେ ଖର୍ଚ୍ଚ କରିଛନ୍ତି ସେତିକି ଅର୍ଥ କଂଗ୍ରେସର ମୋଟ୍ ନିର୍ବାଚନୀ ଖର୍ଚ୍ଚ ନୁହେଁ ବୋଲି ସାହୁ କହିଛନ୍ତି।

ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଶାସକ ଦଳ ବିପୁଳ ଅର୍ଥ ଖର୍ଚ୍ଚ କରିବା ସହ ଇଭିଏମ୍ ଟାମ୍ପରିଂ କରିଥିବା ନେଇ ଅଭିଯୋଗ କରିଛନ୍ତି। ତେବେ ଯାହାହେଉ ନା କାହିଁକି ନବୀନଙ୍କ କ୍ରେଜ୍ ଆଗରେ ବିରୋଧୀ ହାର ମାନିବାକୁ ବାଧ୍ୟ ହୋଇଛନ୍ତି।

# ପଦ୍ମପୁର ଉପନିର୍ବାଚନ ଫଳ ପ୍ରକାଶ ପରେ...

**ବରଗଡ଼ ଅଫିସ୍,୮।୧୨:** ପଦ୍ମପୁର ଉପନିର୍ବାଚନକୁ ବର୍ତ୍ତମାନ ସ୍ଥିତିରେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନର ସେମି ଫାଇନାଲ କୁହାଯାଉଥିଲା। ଫଳରେ ଉପନିର୍ବାଚନରେ ଏହି ଆସନକୁ ଦଖଲ କରିବା ପାଇଁ ସବୁଦଳ ଲାଗି ପଡ଼ିଥିଲେ। ଏହି କ୍ରମରେ କେନ୍ଦ୍ର ଶାସନରେ ରହିଥିବା ଭାଜପା ଏବଂ ରାଜ୍ୟ ଶାସନରେ ଥିବା ବିଜେଡ଼ି ପାଇଁ ଏହା ଚ୍ୟାଲେଞ୍ଜ ହୋଇ ପଡ଼ିଥିଲା। ଉକ୍ତ ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ଏଠାକୁ ଆସିଥିବାବେଳେ ୪ କେନ୍ଦ୍ରମନ୍ତ୍ରୀ ମଧ୍ୟ ଆସିଥିଲେ। ଶେଷରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ବିଜୟିନୀ ହୋଇଥିଲେ। ଧାମନଗର ଉପନିର୍ବାଚନ ପରାଜୟ ପରେ ଏଠାରେ ବିଜେଡି ବଡ଼ ବିଜୟ ହାସଲ କରିଛି। ସେହିପରି ଏହି ଉପନିର୍ବାଚନ ବର୍ଷାଙ୍କୁ ନିର୍ବାଚନ ମଣ୍ଡଳୀର ପ୍ରଥମ ବିଧାୟିକା ଭାବେ ଏକ ନୂଆ ପରିଚୟ ଆଣି ଦେଇଛି।

## ବାପାଙ୍କ ସମାଧି ପୀଠ ଦର୍ଶନ

ବିଜୟଙ୍କ ଦେହାନ୍ତ ପରେ ହୋଇଥିବା ଉପନିର୍ବାଚନରେ ବିଜେଡି ତାଙ୍କ ଝିଅ ବର୍ଷାଙ୍କୁ ଦଳୀୟ ଟିକେଟ୍ ଦେଇଥିଲା। ନିର୍ବାଚନ ମଇଦାନରେ ସେ ନବାଗତା ଏବଂ ପୁରୀ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂଙ୍କ ପୁତ୍ରବଧୂ। ଫଳରେ ବିଜେଡିରେ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ବିରୋଧୀ ତାଙ୍କୁ ଅନେକ ଟାହିଟାପରା କରୁଥିଲେ। କିନ୍ତୁ ବର୍ଷା ହାର୍ ନ ମାନି ଲୋକଙ୍କ ପାଖକୁ ପହଞ୍ଚି ଭୋଟ୍ ନିବେଦନ କରିଥିଲେ। ସବୁଠି ବାପାଙ୍କ ସ୍ମୃତି ଦେଖିବାକୁ ପାଇଥିଲେ ଏବଂ ଶେଷରେ ବିଜୟିନୀ ହୋଇଥିଲେ। ଏହାପରେ ବର୍ଷା ତାଙ୍କ ବାପାଙ୍କ ସମାଧି ପୀଠକୁ ଯାଇଥିଲେ ଏବଂ ସେଠାରେ ପ୍ରଣାମ ଜଣାଇବା ସହିତ କାନ୍ଦି ପକାଇଥିଲେ।

## ବର୍ଷାଙ୍କୁ ମିଠା ଖୁଆଇଲେ ପ୍ରସନ୍ନ

ପଦ୍ମପୁର ଉପନିର୍ବାଚନରେ ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଗୁରୁ ଦାୟିତ୍ୱ ଦିଆଯାଇଥିଲା। ଏହି ଉପନିର୍ବାଚନ ଫଳାଫଳ ତାଙ୍କ ପାଇଁ ଟର୍ନିଂ ପଏଣ୍ଟ ଥିଲା ବୋଲି ମଧ୍ୟ ଲୋକେ କହୁଛନ୍ତି। ତେବେ ଏଠାରୁ ବଡ଼ ବିଜୟ ହାସଲ ପରେ ପ୍ରସନ୍ନ ଉପରେ ଦଳ ପ୍ରସନ୍ନ ହେବା ସ୍ୱାଭାବିକ। ସେହିପରି ଦଳର ବିଜୟ ପରେ ପ୍ରସନ୍ନ ମଧ୍ୟ ଉଲ୍ଲସିତ ହୋଇ ପଡ଼ିଛନ୍ତି। ଦଳୀୟ ପ୍ରାର୍ଥିନୀ ବର୍ଷା ବିଜୟିନୀ ହେବା ପରେ ପ୍ରସନ୍ନ ପଦ୍ମପୁରରେ ପହଞ୍ଚି ଖୁସିରେ ବର୍ଷାଙ୍କୁ ମିଠା ଖୁଆଇଥିଲେ। ପ୍ରସନ୍ନଙ୍କ ଏଭଳି ଆଭିମୁଖ୍ୟ ବର୍ଷାଙ୍କ ମନୋବଳକୁ ଆଗକୁ ଆହୁରି ଦୃଢ଼ କରିବ ବୋଲି ଲୋକେ କହୁଛନ୍ତି।

## ସୁଶାନ୍ତଙ୍କୁ କାନ୍ଧେଇ ପାଳିଲେ ବିଜୟ ଉତ୍ସବ

ଭଟଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ପଦ୍ମପୁର ଉପନିର୍ବାଚନ ନେଇ ବିରୋଧୀ ଭାଜପାକୁ ଖୋଲାଖୋଲି ଚ୍ୟାଲେଞ୍ଜ କରିଥିଲେ। ଏହି ଆସନରୁ ବିଜେଡି ବିଜୟ ଲାଭ ନ କଲେ ସେ ରାଜନୀତିରୁ ସନ୍ୟାସ ନେବେ ବୋଲି କହିଥିଲେ। ଏହାସହିତ ତାଙ୍କ ପ୍ରତି ମନ୍ତବ୍ୟ ଦେଇଥିବା ସୁରେଶ ପୂଜାରୀଙ୍କୁ ଭାଜପା ହାରିଲେ ସେ ଇସ୍ତଫା ଦେବେ କି ବୋଲି ଖୋଲା ଆହ୍ୱାନ କରିଥିଲେ ଏବଂ ବିଜେଡି ୧ ଲକ୍ଷରୁ ଅଧିକ ଭୋଟ୍ ପାଇବ ବୋଲି ପୂର୍ବରୁ ଆକଳନ କରି କହିଥିଲେ। ଫଳାଫଳରେ ତାଙ୍କ ଆକଳନ ଆସିବା ପରେ ସୁଶାନ୍ତଙ୍କ ସମର୍ଥକମାନେ ପୂର୍ବାପେକ୍ଷା ଅଧିକ ଉତ୍ସାହିତ ହୋଇ ପଡ଼ିଛନ୍ତି। ଦଳ ବିଜୟ ଆଡକୁ ଅଗ୍ରସର ହେଉଥିବାବେଳେ ସୁଶାନ୍ତ ପଦ୍ମପୁରରେ ପହଞ୍ଚିଥିଲେ। ତାଙ୍କୁ ଦେଖି ଦଳୀୟ କର୍ମୀମାନେ ଉଲ୍ଲସିତ ହୋଇ ପଡ଼ିଥିଲେ ଏବଂ କାନ୍ଧେଇ ବିଜୟ ଉତ୍ସବ ମନାଇଥିଲେ।

## ବାପାଙ୍କ ଆସନରେ ବର୍ଷା

ଉପନିର୍ବାଚନରେ ବର୍ଷା ଯେତେବେଳେ ପ୍ରଚାରରେ ବାହାରୁଥିଲେ, ତାଙ୍କ ବାପା ସ୍ୱର୍ଗତ ବରିହାଙ୍କ ପ୍ରତିଛବିକୁ ପ୍ରଣାମ ଜଣାଇ ବାହାରୁଥିଲେ। ନିର୍ବାଚନୀ ସଭାରେ ମଧ୍ୟ ନିଜ ବାପା ତଥା ତାଙ୍କ ସ୍ମୃତିକୁ ମନେ ପକାଇ କାନ୍ଦି ପକାଉଥିଲେ। ତେବେ ଗୁରୁବାର ଫଳାଫଳ ପ୍ରକାଶ ପାଇବା ପରେ ବର୍ଷା ତାଙ୍କ ସ୍ୱର୍ଗୀୟ ବାପାଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ପୂର୍ବତନ ବିଧାୟକ ସ୍ୱର୍ଗତ ବରିହା ସେହି କାର୍ଯ୍ୟାଳୟର ଯେଉଁ ଆସନରେ ବସୁଥିଲେ, ସେଠାରେ ବର୍ଷା ବସିଥିଲେ ଏବଂ କାର୍ଯ୍ୟାଳୟକୁ ଆସିଥିବା ନେତା, କର୍ମୀ ତଥା ଭୋଟରଙ୍କ ସହଯୋଗ, ଆଶୀର୍ବାଦରେ ଶତମୁଖ ହୋଇ ପଡ଼ିଥିଲେ।

## ନାତୁଣୀଙ୍କ ସପକ୍ଷରେ ସବୁ ଭୋଟ୍

ପଦ୍ମପୁର ଉପନିର୍ବାଚନ ମଣ୍ଡଳୀ ଅଧୀନ ଝାରବନ୍ଧ ବ୍ଲକ କିସକିଣ୍ଡା ଗ୍ରାମରେ ଜଣେ ବୃଦ୍ଧା ବିଜୟ ରଞ୍ଜନ ସିଂ ବରିହାଙ୍କୁ ପୁଅ ବୋଲି ସମ୍ବୋଧନ କରୁଥିଲେ। ବିଜୟଙ୍କ ଦେହାନ୍ତ ପରେ ସେ କୁଆଡ଼େ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ତେବେ ଉପନିର୍ବାଚନରେ ବିଜୟଙ୍କ ଝିଅ ବର୍ଷା ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ଜାଣି ସମ୍ପୃକ୍ତ ବୃଦ୍ଧା ବହୁତ ଖୁସି ଥିଲେ। ପରିଣତ ବୟସରେ ଉପନୀତ ହୋଇଥିଲେ ସୁଦ୍ଧା ନାତୁଣୀ ବର୍ଷାଙ୍କ ସପକ୍ଷରେ ମତଦାନ କରିବାକୁ ସେ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଥିଲେ। ତାଙ୍କ କଥାକୁ ସମ୍ମାନ ଜଣାଇ ସମସ୍ତେ ବର୍ଷାଙ୍କ ସପକ୍ଷରେ ମତଦାନ କରିଥିଲେ। ସେହି ଗ୍ରାମର କେବଳ ଜଣେ ମତଦାତା ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ଗୋଟିଏ ଭୋଟ୍ ଦେଇଥିବାବେଳେ ଆଉ ଜଣେ ଦଳୀୟ ପ୍ରାର୍ଥୀଙ୍କ ଖାତାରେ ଆଦୌ ଭୋଟ୍ ପଡ଼ି ନ ଥିବା ସାଧାରଣରେ ଆଲୋଚନା ହେଉଛି।

**CLASSIFIED DISPLAY**

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଇ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ଶ୍ରୀ କୃଷ୍ଣ ଫାଇନାନ୍ସ**
ସବୁ ବ୍ୟାଙ୍କ ଦ୍ୱାରା ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଆଧାର କାର୍ଡ, ଗୃହ ଋଣ, ଇଟା ଭାଟି ଋଣ 36 ଘଣ୍ଟାରେ
2% ସୁଧ, 50% ଛାଡ଼
ସିବିଲ ଖରାପ ଥିଲେ ମଧ୍ୟ ଋଣ ପାଆନ୍ତୁ
7625883378

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Classified Everyday**
0674-2580101, 2549949




**SALE**

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9438832956, 9438056978. D-74164

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ପୁରୀ ଶ୍ରୀମନ୍ଦିର ପାଖ ଏବଂ ପୁରୀ ସହରର ପାଖାପାଖିକୁ ଲାଗି ଘରବାରି ଜାଗା ଏବଂ readymade ଘର ମିଳୁଅଛି। 7008067338, 9090746445. D-74163

Luxurious 4BHK Duplex near Balianta Bazar. Land-1400 Construction-2200-79 Lakh. 9938219397, 9861022055. D-2169

NH side plot (gharabari, boundarywall). Nakhara to Niali road Cuttack. 8249851363. D-74603

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




6500sqft. 3storied building with well finished at Shree Vihar. 100 meters from Patia (IOCL BUILDING) main road, Bhubaneswar. Suitable for Corporate Office, Guest House, Nursing Home/Hospital, Bank Training Center ect. Parking space also available for 4wheelers & 2wheelers. Contact: 9337093309, 7873032167. D-2195

One 3BHK with 3 attached Bathrooms in Saheednagar. Contact: 9937610444, 7735056700. D-2172




Newly open Spa positively health benefit with expert. Contact: 7749976301. D-74501

Home massage Service Back/ Joint pain massge male to male. Mobile: 8480464789. D-2176

Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74608

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତା ଭାବେନୀ ପଣ୍ଡା**
ପଣ୍ଡାସାହି, ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆବିର୍ଭାବ: ୧୯୩୮
ତିରୋଧାନ: ୨୮।୧୧।୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର- ବୈକୁଣ୍ଠନାଥ ପଣ୍ଡା, ଜୟକୃଷ୍ଣ ପଣ୍ଡା, ରବୀନ୍ଦ୍ରନାଥ ପଣ୍ଡା, ନାତି: ବାପୁ, କାହ୍ନା, ସୋନୁ, ନାତୁଣୀ: ଲକି, ମିକି, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୬୦୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଏମ୍‌ପି, ବିଧାୟକଙ୍କ ନାଁରେ ୫୬ ସିବିଆଇ ମାମଲା

**ନୂଆଦିଲ୍ଲୀ,୮।୧୨:** ଗତ ୫ ବର୍ଷ ମଧ୍ୟରେ ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ସିବିଆଇ ୫୬ ମାମଲା କରିଛି। ଏଥିରୁ ୨୨ ମାମଲାର ଚାର୍ଜଶିଟ୍ ସିବିଆଇ ଦାଖଲ କରିଛି। ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ରାଜ୍ୟଗୁଡ଼ିକର ବିଧାନସଭାଗୁଡ଼ିକର ସଦସ୍ୟମାନଙ୍କ ବିରୋଧରେ ଥିବା ମାମଲା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଛନ୍ତି। ପ୍ରଦତ୍ତ ତଥ୍ୟ ମୁତାବକ ୨୦୧୭-୨୨ରେ ଆନ୍ଧ୍ରପ୍ରଦେଶରେ ସର୍ବାଧିକ ୧୦ ମାମଲା ଦାଏର କରାଯାଇଛି।

### ଲାହୋରରେ ଖୋଲିଲା ପ୍ରଥମ ଟ୍ରାନ୍ସଜେଣ୍ଡର ସ୍କୁଲ

**ଇସ୍‌ଲାମାବାଦ୍ ,୮।୧୨:** ପାକିସ୍ତାନ ସରକାର ପଞ୍ଜାବ ପ୍ରଦେଶରେ ପ୍ରଥମ ଟ୍ରାନ୍ସଜେଣ୍ଡର ସ୍କୁଲ ଖୋଲିଛନ୍ତି। ସମାଜରେ ଟ୍ରାନ୍ସଜେଣ୍ଡରମାନଙ୍କ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ। ପାକିସ୍ତାନ ସରକାର କିଛିଦିନ ପୂର୍ବେ ମୁଲତାନ, ବାହାୱାଲପୁର ଏବଂ ଡି.ଜି, ଖାନ୍‌ରେ ତିନିଟି ଟ୍ରାନ୍ସଜେଣ୍ଡର ସ୍କୁଲ ଖୋଲିବା ନେଇ ଘୋଷଣା କରିଥିଲେ। ଏଠାରେ ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଯିବା ସ୍କୁଲରେ ପିଲାଙ୍କୁ କୌଶଳ ଶିକ୍ଷାର ପ୍ରଶିକ୍ଷଣ ମଧ୍ୟ ଦିଆଯିବ।

### ଷ୍ଟୁଡିଓରେ ନାବାଳିକାଙ୍କୁ ବଳାତ୍କାର: ୩ ଗିରଫ

#### ଦୀର୍ଘ ଦିନ ହେବ ଚାଲିଥିଲା ଆପତ୍ତିଜନକ କାର୍ଯ୍ୟ

**ନିଶ୍ଚିନ୍ତକୋଇଲି,୮।୧୨(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁରବଜାରସ୍ଥିତ ସଙ୍ଗମ ଡିଜିଟାଲ ଷ୍ଟୁଡିଓରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଷ୍ଟୁଡିଓ ମାଲିକ ମାନସ କୁମାର ବେହେରା, ବାଙ୍କୀ ଥାନା ଅଞ୍ଚଳର ସୁକନ ଜେନା ଓ ପିଣ୍ଟୁ ଜେନା। ଅଭିଯୁକ୍ତମାନେ ନେମାଳୋ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଉକ୍ତ ଷ୍ଟୁଡିଓରେ ବଳାତ୍କାର କରୁଥିବାବେଳେ ପୋଲିସ କୌଣସି ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରି ସେମାନଙ୍କୁ ଧରିବାକୁ ସକ୍ଷମ ହୋଇଛି। ନାବାଳିକାଙ୍କ ଜେଜେଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୨୧୬/୨୨) ରୁଜୁ କରିଛି। ପୋଲିସ ନାବାଳିକାଙ୍କ ଡାକ୍ତରୀମାଇନା କରାଇବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଯାଞ୍ଚ କରିଛି। ଏହି ଷ୍ଟୁଡିଓରେ ଦୀର୍ଘ ଦିନ ହେବ ଫଟୋ ଉତ୍ତୋଳନ ନାମରେ ଆପତ୍ତିଜନକ କାର୍ଯ୍ୟ ଚାଲିଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଥିଲେ। ବିଭିନ୍ନ ସ୍ଥାନରୁ ଯୁବତୀମାନେ ଫଟୋ ଉତ୍ତୋଳନ ନାମରେ ଷ୍ଟୁଡିଓକୁ ଆସି ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ନେଇ ସେମାନେ ଅଭିଯୋଗରେ ଦର୍ଶାଇଥିଲେ।

# ଜାନୁୟାରୀ ୨୫ରେ ମହାପ୍ରଭୁଙ୍କ ପଦ୍ମବେଶ

**ପୁରୀ ଅଫିସ, ୮।୧୨**

ଦୁର୍ଲଭ ପଦ୍ମବେଶରେ ସୁସଜ୍ଜିତ ହେବେ ଦାରୁବିଗ୍ରହ। ଆସନ୍ତା ଜାନୁୟାରୀ ୨୫ ତାରିଖରେ ମହାପ୍ରଭୁ ପଦ୍ମବେଶରେ ସଜ୍ଜିତ ହେବେ। ଏହି ବେଶ ପାଇଁ ଶ୍ରୀମନ୍ଦିର ପ୍ରଶାସନଠାରୁ ସେବକ ଓ କଳାକାରମାନଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ଗୁରୁବାର ପଞ୍ଚୁପୂର୍ଣ୍ଣିମାଠାରୁ ବଡ଼ଛତା ମଠରେ ବେଶ ଅନୁକୂଳ ହୋଇଛି। ପଦ୍ମବେଶ ଭକ୍ତର ଭକ୍ତି ଓ ଭାବମୂଳକ ବେଶ ବୋଲି ବିବେଚନା କରାଯାଏ। ବେଶ ସେବକ କାରିଗର ବସନ୍ତ କୁମାର ରଣା ବଡ଼ଛତା ମଠରେ ସୋଲ, ଛୁରି ଓ ଅନ୍ୟାନ୍ୟ ସାମଗ୍ରୀ ପୂଜାର୍ଚ୍ଚନା କରି ବେଶ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ ଏବଂ ବେଶ ନିର୍ମାଣରେ ନିୟୋଜିତ ଥିବା କାରିଗରମାନେ ଶୁଦ୍ଧପୂତ ଭାବେ ହବିଷ୍ୟାନ୍ନ ସେବନ କରି ନିଷ୍ଠାର ସହ ମହାପ୍ରଭୁଙ୍କ କାର୍ଯ୍ୟ ଆରମ୍ଭ କରିଥିବା ରଣା କହିଛନ୍ତି। ପରମ୍ପରା ତଥା ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମାଘ ମାସ ଅମାବାସ୍ୟାଠାରୁ ବସନ୍ତପଞ୍ଚମୀ ମଧ୍ୟରେ ପଡୁଥିବା ବୁଧବାର କିମ୍ବା ଶନିବାରରେ ଶ୍ରୀବିଗ୍ରହମାନଙ୍କୁ ଏହି ବେଶ କରାଯାଇଥାଏ।

ଶ୍ରୀବିଗ୍ରହମାନେ ପ୍ରତ୍ୟେକ ରାତିରେ ବଡ଼ସିଂହାର ବେଶରେ ପହୁଡ଼ ଯାଇଥାନ୍ତି। ମାତ୍ର ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ପହୁଡ଼ ଯାଆନ୍ତି। ବେଶ ନିମନ୍ତେ ଆବଶ୍ୟକ ଚୂଳ, ଶ୍ରୀମୁଖ ପଦ୍ମ, କର ପଲ୍ଲବ, ପଦ୍ମ କଢ଼ି, ଗଛ, ଡାଳିଲତା, ସୋଲ ସଂଗ୍ରହ କରି ପଦ୍ମଫୁଲ ପ୍ରସ୍ତୁତ କରାଯାଉଛି। ବେଶ ପ୍ରସ୍ତୁତିରେ ମୁଖ୍ୟତଃ ସୋଲ, କଇଁଥ ଅଠା, ଜରି, ବାଉଁଶକାଠି, ରଙ୍ଗ ଏବଂ ପଟି ମାଧ୍ୟମରେ ପଦ୍ମବେଶ ପ୍ରସ୍ତୁତ କରାଯାଇଥାଏ। ମୁଖ୍ୟତଃ ୮୦ଟି ଛୋଟ ପଦ୍ମ, ୪ଟି ପଦ୍ମକଢ଼ି ବା କର ପଲ୍ଲବ, ୪ଟି ହଂସ, ୭ଟି ଗଛ ସହ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରସ୍ତୁତ କରାଯାଇଥାଏ। ବେଶ ପ୍ରସ୍ତୁତି ପାଇଁ ୭ରୁ ୮ଜଣ କାରିଗର ନିୟୋଜିତ ହୋଇଥାନ୍ତି। ମଠର ମହନ୍ତ କହିଛନ୍ତି, ଏକଦା ମନୋହର ଦାସ ନାମକ ସାଧୁ ପୁରୀକୁ ଆସୁଥିବାବେଳେ



ବେଶ ଅନୁକୂଳ ଅବସରରେ ପୂଜାର୍ଚ୍ଚନା ଚାଲିଛି।

- ବଡ଼ଛତା ମଠରେ ବେଶ ଅନୁକୂଳ
- ନିର୍ମାଣ ଆରମ୍ଭ କଲେ କାରିଗର

ଏକ ପୋଖରୀରୁ କିଛି ପଦ୍ମଫୁଲ ମହାପ୍ରଭୁଙ୍କୁ ଲାଗି ଆଣିଥିଲେ। ମାତ୍ର ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ପଦ୍ମଫୁଲ ଶୁଖିଯାଇଥିଲା। ତାହାକୁ ସେବକମାନେ ଗ୍ରହଣ କରି ନ ଥିଲେ। ଫଳରେ ମନୋହର ଦୁଃଖରେ ଆସି ବଡ଼ଛତା ମଠରେ ରାତିରେ ମହାପ୍ରଭୁଙ୍କୁ ସ୍ମରଣ କରି ଶୋଇଥିଲେ। ମହାପ୍ରଭୁ ଗଜପତି ମହାରାଜଙ୍କୁ ସ୍ୱପ୍ନାଦେଶ କରି ଉକ୍ତ ଫୁଲକୁ ଲାଗିକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଗଜପତିଙ୍କ ନିର୍ଦ୍ଦେଶ କ୍ରମେ ସାଧୁ ଆଣିଥିବା ପଦ୍ମଫୁଲରେ ମହାପ୍ରଭୁଙ୍କ ବେଶ ହୋଇଥିଲା। ଫୁଲଗୁଡିକ ସତେଜ ହୋଇଯାଇଥିଲା। ସେହିଦିନଠାରୁ ମହାପ୍ରଭୁଙ୍କ ଉକ୍ତ ବେଶ କରାଯାଇଆସୁଛି। ବେଶର ଦାୟିତ୍ୱ ବଡ଼ଛତା ମଠକୁ ପ୍ରଦାନ କରାଯାଇଛି। ସେହିପରି କେତେଜଣ ଗବେଷକଙ୍କ ମତରେ ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ବଡ଼ଛତା ମଠର ସନ୍ଥ ରଘୁବର ଦାସ।

# ରେନ୍ୟୁ ପାୱାର ସହ ଜେଏସ୍‌ଏଲ୍‌ର ଚୁକ୍ତିନାମା





**ନୂଆଦିଲ୍ଲୀ,୮।୧୨**

ଦେଶର ପ୍ରମୁଖ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ୍) ସହ ନବୀକରଣଯୋଗ୍ୟ ଶକ୍ତି କମ୍ପାନୀ ରେନ୍ୟୁ ପାୱାରର ନିକଟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତିନାମା ସ୍ୱାକ୍ଷର ହୋଇଯାଇଛି। ଏପରିକି ଯାଜପୁର ପ୍ଲାଣ୍ଟକୁ ଶକ୍ତି ଯୋଗାଣ ପାଇଁ ଏକ ୟୁଟିଲିଟି ସ୍କେଲ କ୍ୟାପ୍ଟିଭ ନବୀକରଣ ଯୋଗ୍ୟ ଶକ୍ତି ପ୍ରକଳ୍ପର ବିକାଶ ପାଇଁ ଦେଶର ସର୍ବବୃହତ ନବୀକରଣଯୋଗ୍ୟ ଶକ୍ତି କମ୍ପାନୀ ରେନ୍ୟୁ ପାୱାର ସହ ଉକ୍ତ ଚୁକ୍ତିନାମା ହୋଇଥିବା ଜଣାପଡିଛି। ବିଶେଷ କରି ୧୦୦ମେଗାୱାଟର ଚୁକ୍ତିଭିତ୍ତିକ କ୍ଷମତା ପ୍ରତି ବର୍ଷ ୭୦୦ନିୟୁତ ୟୁନିଟ୍ ଶକ୍ତି ସୌର ଏବଂ ପବନ ଉତ୍ପାଦିତ ଶକ୍ତି ପ୍ରକଳ୍ପର ମିଶ୍ରଣ ମାଧ୍ୟମରେ ଉତ୍ପନ୍ନ ହେବ। ଏହି ଅଭିନବ ବାୟୁ-ସୌର ହାଇବ୍ରିଡ୍ ସମାଧାନ ସହ ଉଚ୍ଚକ୍ଷମତା ବ୍ୟବହାର କାରକ, ଚୁକ୍ତିଭିତ୍ତିକ କ୍ଷମତାର ୟୁନିଟ୍ ପିଛା ଯଥେଷ୍ଟ ଅଧିକ ଶକ୍ତି ଉତ୍ପାଦନ କରିବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି। ଏଥି ସହିତ ରେନ୍ୟୁ ପାୱାର ତା'ର ରାଉଣ୍ଡ ଦ କ୍ଲକ୍ (ଆରଟିସି) ସମାଧାନକୁ ମଧ୍ୟ ବି୨ବି ସ୍ପେସକୁ ଆଣିଛି, ଯାହା ଗତ ବର୍ଷ ଆରମ୍ଭରେ ୟୁଟିଲିଟି ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା।

ଏ ସମ୍ପର୍କରେ ଜେଏସଏଲର ଏମଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଭାରତର ଶୂନ୍ୟ କାର୍ବନ ନିର୍ଗମନର ଲକ୍ଷ୍ୟ ସହ ତାଳ ମିଳାଇ ଜିନ୍ଦଲ ଷ୍ଟେନଲେସ କେବଳ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ମାଧ୍ୟମରେ ଭବିଷ୍ୟତର ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତି ବଦ୍ଧ ଏବଂ ଏହି ପଦକ୍ଷେପ ଆମର ସଂକଳ୍ପକୁ ଆହୁରି ଦୃଢ କରିଛି। ରେନ୍ୟୁ ପାୱାର ସହ ଆମର ପ୍ରକଳ୍ପ ୨୦୨୪ ମେ ସୁଦ୍ଧା ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ କରିବ ଏବଂ ପ୍ରତିବର୍ଷ ୬.୫ ଲକ୍ଷ ଟନରୁ ଅଧିକ କାର୍ବନ ଅବରୋଧରେ ସାହାଯ୍ୟ କରିବ ବୋଲି ଆଶା କରୁଛୁ। ଆମର ଇଏସଜି ଲକ୍ଷ୍ୟକୁ ହାସଲ କରିବା ପାଇଁ ଆମେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୨ରେ ଆମର କାର୍ବନ ନିର୍ଗମନକୁ ୧.୪ଲକ୍ଷ ଟନ୍ ହ୍ରାସ କରିଛୁ ଏବଂ ୨୦୫୦ ସୁଦ୍ଧା ନେଟ ଜିରୋ କାର୍ବନ ନିର୍ଗମନ ହାସଲ କରିବା ପାଇଁ ଆମେ ବଦ୍ଧପରିକର। ସେହିଭଳି ରେନ୍ୟୁ ପାୱାରର ପ୍ରତିଷ୍ଠାତା, ଚେୟାରମ୍ୟାନ୍ ତଥା ସିଇଓ ସୁମନ୍ତ ସିହ୍ନା କହିଛନ୍ତି, ଭାରତୀୟ ଉତ୍ପାଦନ କ୍ଷେତ୍ର ପାଇଁ ଅକ୍ଷୟ ଶକ୍ତି ଉତ୍ସ ବିକାଶରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ସହ ଅଂଶୀଦାର ହୋଇ ଆମେ ବେଶ ଆନନ୍ଦିତ ଅଛୁ। ଆମେ ବିଶ୍ୱାସ କରୁ ଯେ ଏହି ଅନନ୍ୟ ମଡେଲ କର୍ପୋରେଟ ଜଗତ ଦ୍ୱାରା ଶକ୍ତି କ୍ରୟ କରିବାର ପଦ୍ଧତିରେ ପରିବର୍ତ୍ତନ ଆଣିବ।

ଉଲ୍ଲେଖଯୋଗ୍ୟ ଯେ ଏହି ପରିପ୍ରେକ୍ଷୀରେ ଜେଏସଏଲର ଅଧ୍ୟକ୍ଷ ରତନ ଜିନ୍ଦଲ, ଏମଡି ଅଭ୍ୟୁଦୟ ଜିନ୍ଦଲ, ନିର୍ଦ୍ଦେଶକ ଜଗମୋହନ ସୁଦ, ବରିଷ୍ଠ ଉପସଭାପତି (କ୍ରୟ) ରାଜେନ୍ଦ୍ର ପାଠକ, ନିର୍ଦ୍ଦେଶକ ତଥା ସିଏଫଓ ଅନୁରାଗ ମନ୍ତ୍ରୀ, ଏଭିପି(କ୍ରୟ) ରାଜେଶ ଜୈନଙ୍କ ଉପସ୍ଥିତିରେ ଉକ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।





ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମ ଧାରା ୨୦୧୪/୧୨୪ ଉଚ୍ଛେଦ, ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରବା ଆଦି ବିଭିନ୍ନ ଦାବିରେ ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମୃଦଙ୍ଗ, ଗିନି, ଝାଞ୍ଜ ବଜାଇ ଅଭିନବ ବିକ୍ଷୋଭ ପ୍ରଦର୍ଶନ। **(ଫଟୋ: ମନୋରଞ୍ଜନ)**

# ପ୍ରତିଶ୍ରୁତି ମିଳୁଛି, ନିର୍ମାଣ ହେଉନି ଶିଳ୍ପ, ବନ୍ଦର

**କେନ୍ଦ୍ରାପଡ଼ା ଅଫିସ, ୮।୧୨**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଖଡ଼ାଶାଳୀ ଗ୍ରାମ ନିକଟ ମହାନଦୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ହେବ। ପ୍ରଥମ ପର୍ଯ୍ୟାୟ ନିର୍ମାଣରେ ୨୧୧୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଅନ୍ୟୂନ ୧୫ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇବେ। ୨୦୧୮ ଡିସେମ୍ବର ୮ରେ କେନ୍ଦ୍ରାପଡ଼ା ଜିଲା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଇତିମଧ୍ୟରେ ଏହି ଘୋଷଣାକୁ ୪ ବର୍ଷ ବିତିଛି। କେବଳ ଏହି ବନ୍ଦର ନୁହେଁ, ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଏହି ଜିଲା ଅନ୍ତର୍ଗତ ବରୁଣେଇଠାରେ ବନ୍ଦର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଜିଲାରେ ପାୱାର ଥର୍ମାଲ ପ୍ଲାଣ୍ଟଠାରୁ ଆରମ୍ଭ କରି ଷ୍ଟିଲ ପ୍ଲାଣ୍ଟ ପର୍ଯ୍ୟନ୍ତ ଦେଇଥିବା ପ୍ରତିଶ୍ରୁତି ଅଦ୍ୟାବଧି ଗୋଟିଏ ହେଲେ ପୂରଣ ହୋଇନି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତକୁ ନେଇ ରାଜ୍ୟର ୩ ବୃହତ୍ ରାଜନୈତିକ ଦଳ ସଚେତନ ଅଛନ୍ତି। ଏ ନେଇ ରାଜନୈତିକ ଚିଠା ପ୍ରସ୍ତୁତ ହେଉଛି। ତେବେ ଜିଲାର ଏହି ବୃହତ୍ ଦାବି ପୂରଣ ହେଉନି। ଜଳ ପରିଚାଳନା କୃଷି ଓ କୃଷକଙ୍କ ସ୍ୱପ୍ନକୁ ଧୂଳିସାତ୍ କରୁଥିବା ବେଳେ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ନ ଥିବା ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଆଲୋଚନା ଆରମ୍ଭ ହୋଇଗଲାଣି।

ଏ ସମ୍ପର୍କରେ ରାଜନୈତିକ ବିଶ୍ଳେଷକ ରାଜେଶ କୁମାର ବେହେରା, ଚିତ୍ତରଞ୍ଜନ ସାହୁ, ନଳିନୀକାନ୍ତ ବେହେରା, ନୀହାର ରଞ୍ଜନ ପରିଡ଼ା, କମଳାକାନ୍ତ ଦାଶ ପ୍ରମୁଖ କହିଛନ୍ତି, ଜିଲାର ଲୋକ ସମ୍ବଳ ବିନିଯୋଗ ପାଇଁ ରାଜନେତା ଓ ପ୍ରଶାସକଙ୍କ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ଜିଲାର ଅର୍ଥନୀତି ବୃଦ୍ଧି ପାଇଁ ଏମାନଙ୍କ ସମନ୍ୱୟ ଜରୁରୀ ହୋଇପଡିଛି। ଗତ ସାଧାରଣ ନିର୍ବାଚନରେ ଜିଲାର ସମସ୍ତ ବିଧାୟକ ଶାସକ ଦଳର। ଏଥିସହ ସାଂସଦ, ଜିଲା ପରିଷଦ ଅଧ୍ୟକ୍ଷ ଓ ୯

- **ମେଡିକାଲ କଲେଜ ସ୍ଥାପନ ସବୁ ଦଳର ଏଜେଣ୍ଡା**
- **ଜଳ ପରିଚାଳନା କୃଷି ଭିତ୍ତିଭୂମିକୁ ନଷ୍ଟ କରୁଛି**
- **ରାଜନେତା ଓ ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ନାହିଁ**

ବ୍ଲକ ଅଧ୍ୟକ୍ଷ ପଦ ସରକାରୀ ଦଳର ଖାତାକୁ ଯାଇଛି। ଏହାସତ୍ତ୍ୱେ ଜିଲାର ଚାଷୀ କ୍ଷେତକୁ ଜଳସେଚନ ଓ ନିଷ୍କାସନ ନେଇ ଚିନ୍ତାରେ ଅଛନ୍ତି। କେନାଲ ନବୀକରଣ ହେଉ ଅଥବା ଉପକୂଳ କେନାଲ ଖୋଳାଯାଇ ମଧୁର ଜଳ ସଂରକ୍ଷଣ ପାଇଁ କୌଣସି ତତ୍ପରତା ନାହିଁ। ଅଧ୍ୟାତ୍ମ୍ୟ ଓ ପରିବେଶ ସମ୍ପର୍କିତ ପର୍ଯ୍ୟଟନ ପାଇଁ ପ୍ରଚୁର ଭିତ୍ତିଭୂମି ଅଛି। ଏହାର ଉନ୍ନତୀକରଣ ହେଉ ନ ଥିବାରୁ ଜିଲାର ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକ ଆସୁନାହାନ୍ତି। ଏହି ଜିଲାର ଦୁଇ ବିଧାୟକ ମନ୍ତ୍ରୀ ପଦ ସମ୍ଭାଳି ଥିବା ବେଳେ ଜଣେ ଶିଳ୍ପ ମନ୍ତ୍ରୀ ଅଛନ୍ତି। ତେବେ ସୋଲାର ପ୍ୟାନେଲ ବିଦ୍ୟୁତ୍ ଉତ୍ପାଦନ ପ୍ଲାଣ୍ଟ ପାଇଁ ରାଜ୍ୟ ସରକାର ଢେଙ୍କାନାଳ ଜିଲାକୁ ଉପଯୁକ୍ତ ଭାବି ଥିବା ବେଳେ ଏଠାରେ ଏପରି ପ୍ଲାଣ୍ଟ ପାଇଁ ୮୨୫ ଏକର ଜମି ଅଧିଗ୍ରହଣ ହୋଇଛି। ସେହିପରି ଷ୍ଟିଲ୍ ପ୍ଲାଣ୍ଟ, ବନ୍ଦର ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ। ବନ୍ୟା ଓ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ସହ୍ୟ କରୁଥିବା ଏହି ଜିଲାବାସୀ ପଡ଼ୋଶୀ ଶିଳ୍ପ ପ୍ରଦୂଷଣର ଶିକାର ହେଉଛି। ମାତ୍ର ଯୁବବର୍ଗଙ୍କୁ ସେଠାରେ କର୍ମ ନିଯୁକ୍ତି ମିଳୁ ନ ଥିବାରୁ ଦାଦନ ସମସ୍ୟା ବଢ଼ିଯାଇଛି। ଗତ ନଭେମ୍ବର ୨୩ରେ ସଦର ଥାନା ଅନ୍ତର୍ଗତ ବାଲିଆ ବଜାରର କାର୍ତ୍ତିକେଶ୍ୱର ଭସାଣି ଉତ୍ସବରେ ବାଣ ବିସ୍ଫୋରଣ ବିଭୀଷିକା ଦେଖାଦେଇଥିଲା। ଶତାଧିକ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ମଧ୍ୟ ମିଳି ନ ଥିଲା। ଏବେବି ବହୁ ଗୁରୁତର କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଏସବୁ ମୁଖ୍ୟ ପ୍ରସଙ୍ଗ ରହିବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

# 'ଏୟାରଟେଲ ୱାର୍ଲଡ ପାସ୍'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୮।୧୨**

ଦେଶର ପ୍ରମୁଖ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା 'ଏୟାରଟେଲ' ପକ୍ଷରୁ ନିକଟରେ 'ଏୟାରଟେଲ ୱାର୍ଲଡ ପାସ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଉକ୍ତ ପାସ୍ ୧୮୪ ଦେଶରେ ବାଧାହୀନ ଭାବେ କାର୍ଯ୍ୟ କରିଥାଏ। ତେଣୁ ଯଦି ଆପଣ ଏକ ବିମାନବନ୍ଦର ଗମନାଗମନରେ ଅଛନ୍ତି କିମ୍ବା ଗୋଟିଏରୁ ଅଧିକ ସହରକୁ ଭ୍ରମଣ କରୁଛନ୍ତି, ତେବେ ଏହି ଗୋଟିଏ ପ୍ୟାକ୍ ଆପଣଙ୍କ ସମସ୍ତ ରୋମିଂ ଆବଶ୍ୟକତାକୁ ପୂରାକରିଥାଏ। ଅନେକ ଗ୍ରାହକ ସାଧାରଣତଃ ଅନ୍ତର୍ଜାତୀୟ ରୋମିଂ ପ୍ୟାକ୍‌ଗୁଡ଼ିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାନ୍ତି। ଫଳ ସ୍ୱରୂପ ବିଦେଶରେ ସେମାନେ ଅସ୍ଥାୟୀ କନେକ୍ସନଗୁଡ଼ିକର ଜଟିଳ ବିକଳ୍ପର ସନ୍ଧାନ କରନ୍ତି। ଏୟାରଟେଲ ୱାର୍ଲଡ ପାସ୍‌ର ଶୁଭାରମ୍ଭ ସହ ଏୟାରଟେଲ ବର୍ତ୍ତମାନ ଏହି ସମସ୍ୟାର ଢାଞ୍ଚାଗତ ସମାଧାନ କରିଛି। ଏଥିରେ ସମସ୍ତ ଅନ୍ତର୍ଜାତୀୟ ଗ୍ରାହକଙ୍କ ପାଇଁ କଲ୍ ଏବଂ ହ୍ୱାଟ୍ସଆପ୍ ଚାଟ୍‌ରେ ୨୪ ଘଣ୍ଟିଆ କଲ୍ ସେଣ୍ଟର ସହାୟତା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରୁଛି। ବିଶେଷକରି ବାରମ୍ବାର ଯାତ୍ରା କରୁଥିବା ଏବଂ ଦୀର୍ଘ ସମୟ ରହଣି କରୁଥିବା ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରିପେଡ୍ ଏବଂ ପୋଷ୍ଟପେଡ ପ୍ୟାକ୍ ଡିଜାଇନ କରାଯାଇଛି, ଯାହା ଏକ ସୁଲଭ ମୂଲ୍ୟରେ ୧ବର୍ଷ ପର୍ଯ୍ୟନ୍ତର ବୈଧତା ପ୍ରଦାନ କରୁଛି। ଏହାଛଡ଼ା ଜରୁରିକାଳୀନ ବ୍ୟବହାର ଏବଂ ମେସେଜିଂ ଆପ୍ଲିକେଶନ ପାଇଁ ଗ୍ରାହକମାନଙ୍କ ପାଖରେ ସୀମାହୀନ ଡେଟା ଉପଲବ୍ଧ ରହିବ।

ଏ ସମ୍ପର୍କରେ ଭାରତୀ ଏୟାରଟେଲର କଞ୍ଜ୍ୟୁମର ବିଜ୍‌ନେସ ଡାଇରେକ୍ଟର ଶାଶ୍ୱତ ଶର୍ମା କହିଛନ୍ତି,ଆମର ଲକ୍ଷ୍ୟ ହେଉଛି ଗ୍ରାହକଙ୍କ ସମସ୍ୟାର ସମାଧାନ କରିବା। ବିଶେଷ କରି ଅନ୍ତର୍ଜାତୀୟ ଭ୍ରମଣ ସମ୍ବନ୍ଧିତ ଚିନ୍ତା ସମ୍ବନ୍ଧରେ ଆମେ ଶୁଣିଥିବା ମତାମତ ଆମକୁ ଆମ ଗ୍ରାହକଙ୍କ ପାଇଁ ଏକ ଯଥାର୍ଥ ପ୍ରସ୍ତାବ-ଏୟାରଟେଲ ୱାର୍ଲଡ ପାସ୍‌ର ଶୁଭାରମ୍ଭ କରିବାକୁ ବାଧ କରିଛି। ଏହା ଆମର ଗ୍ରାହକଙ୍କୁ ସମଗ୍ର ବିଶ୍ୱ ପାଇଁ ଗୋଟିଏ ପ୍ୟାକ୍ ସହ ଯଥେଷ୍ଟ ଅଧିକ ମୂଲ୍ୟ ମଧ୍ୟ ପ୍ରଦାନ କରୁଛି ଏବଂ ସେମାନେ ଆପ୍‌ରେ ଯାହା ବ୍ୟବହାର କରନ୍ତି ତାହାକୁ ନିୟନ୍ତ୍ରଣ କରିବାର ଅନୁମତି ମଧ୍ୟ ଦେଉଛି ଏବଂ ପ୍ୟାକ୍ ରିହାତି ସମାପ୍ତ ହୋଇଯିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଜରୁରିକାଳୀନ ଡେଟା ବ୍ୟବହାର କରିବାର ଅନୁମତି ଦେଉଛି।

# ମ୍ୟାଲେରିଆ ଚିକିତ୍ସାକୁ ପ୍ରଭାବିତ କରିଛି କୋଭିଡ୍

### ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ

**ଜେନେଭା:** ଗତ ୨ ବର୍ଷ ମଧ୍ୟରେ ବିଶ୍ୱର ୧୩ ନିୟୁତ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବାବେଳେ ଏହି ରୋଗରେ ୬୩,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଗୁରୁବାର ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୦ରେ ବିଶ୍ୱରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ୨୦୨୧ ବେଳକୁ ଏହା କ୍ରମାଗତ ବୃଦ୍ଧି ପାଇଥିବା ଜାତିସଂଘ ଏଜେନ୍ସି କହିଛି। ଗତବର୍ଷ ବିଶ୍ୱରେ ୨୪୭ ନିୟୁତ ଲୋକ ଏହି ପାରାସାଇଟିକ୍ ଡିଜିଜ୍‌ରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬,୧୯,୦୦୦ଜଣଙ୍କ ମୃତ୍ୟୁ କେବଳ ଆଫ୍ରିକାରେ ହୋଇଛି। ତେବେ କୋଭିଡ୍ ମହାମାରୀ କାରଣରୁ ମ୍ୟାଲେରିଆ ରୋଗୀଙ୍କ ଚିକିତ୍ସା ବାଧାପ୍ରାପ୍ତ ହୋଇଥିବା ଡବ୍ଲ୍ୟୁଏଚ୍‌ଓ ବରିଷ୍ଠ





ଅଧିକାରୀ ଅବଦିସାଲନ ନୂର କହିଛନ୍ତି। ଆସନ୍ତା ବର୍ଷ ବିଶ୍ୱର ପ୍ରଥମ ଅଥରାଇଜ୍ଡ ମ୍ୟାଲେରିଆ ଟିକା ବଜାରରେ ଉପଲବ୍ଧ ହେବାକୁ ଥିବାବେଳେ ଏହାଦ୍ୱାରା ରୋଗୀ ମୃତ୍ୟୁସଂଖ୍ୟାକୁ କମାଯାଇ ପାରିବ। ରୋଗୀଙ୍କ ଶରୀରରେ ଭାକ୍ସିନ୍ ୩୦ ପ୍ରତିଶତ ପ୍ରଭାବଶାଳୀ ହୋଇଥିବାବେଳେ ମଶାରି ଲୋକଙ୍କୁ ଏହି ରୋଗଦାଉରୁ ରକ୍ଷା କରିବ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।

# 'ଏମ୍ଆଇଓରେ ଉତ୍ସାହ କମ୍ପାନୀକୁ ଶକ୍ତି ଯୋଗାଇଛି'

**ଭୁବନେଶ୍ୱର,୮।୧୨**

ଚଳିତ ବର୍ଷର ମେକ୍ ଇନ୍ ଓଡ଼ିଶା (ଏମ୍ଆଇଓ) କନ୍‌କ୍ଲେଭର ସଫଳତା ସରକାରଙ୍କୁ ଯେତିକି ଖୁସି ଦେଇଛି, ତା'ଠାରୁ ବେଶି ଖୁସି କମ୍ପାନୀକୁ ମିଳିଛି ବୋଲି ବେଦାନ୍ତ ଆଲୁମିନିୟମ ପକ୍ଷରୁ କୁହାଯାଇଛି। ଦୀର୍ଘ ୪ ବର୍ଷ ପରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ବେଦାନ୍ତ ଗ୍ରୁପ୍ ମଧ୍ୟ ଭାଗ ନେଇଥିଲା। ଏପରିକି କମ୍ପାନୀ ପକ୍ଷରୁ ନିର୍ମିତ ଏମ୍ଆଇଓ ମଣ୍ଡପ(ଷ୍ଟଲ) ସବୁ ବର୍ଗର ହଜାର ହଜାର ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଅପରପକ୍ଷରେ ଭବିଷ୍ୟତର ଧାତୁ ବିନିଯୋଗ ପାଇଁ ଅତୀତର କଳା ପ୍ରତିପୋଷଣ ଉପରେ ଆଧାରିତ ଏହି ଷ୍ଟଲ୍ ବିଜ୍ଞାନ, କଳା ଓ ପ୍ରଯୁକ୍ତି ବିଦ୍ୟାକୁ କମ୍ପାନୀ ଉତ୍ପାଦନର ଉତ୍କର୍ଷ ମଧ୍ୟରେ ଜୀବନ୍ତ ରୂପ ଦେଇଥିଲା। ସେହିଭଳି ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସମେତ ଦେଶର ପ୍ରମୁଖ ଶିଳ୍ପପତି, ରାଜ୍ୟରେ କାର୍ଯ୍ୟରତ ଶିଳ୍ପ ପେସାଦାର, ସବୁ ବର୍ଗର ଛାତ୍ର, ଗ୍ରାହକ, ବ୍ୟବସାୟିକ ସହଯୋଗୀ ଏବଂ ଜନସାଧାରଣ ମଧ୍ୟ କମ୍ପାନୀର ଏମ୍ଆଇଓ ମଣ୍ଡପ ପରିଦର୍ଶନ କରି ଷ୍ଟଲ୍‌ରୁ ଆଲୁମିନିୟମ ବିଶ୍ୱର ପରିଚୟ ପାଇଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଆକର୍ଷଣ ଥିଲା 'ବେଦାନ୍ତ ଆଲୁମିନିୟମ ପାର୍କ'ର ଭର୍ଚୁଆଲ ଉଦ୍‌ଘାଟନ କାର୍ଯ୍ୟକ୍ରମ, ଯାହା ଝାରସୁଗୁଡ଼ାଠାରେ ବିକଶିତ ହେବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବେଦାନ୍ତର ଚେୟାରମ୍ୟାନ ଅନୀଲ ଅଗ୍ରୱାଲ, ଏହାର ସିଇଓ ରାହୁଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବେଦାନ୍ତ ଆଲୁମିନିୟମ ପାର୍କ ଭାରତୀୟ ଆଲୁମିନିୟମ ଶିଳ୍ପର ପ୍ରତିଯୋଗିତାମୂଳକ ଧାତୁକୁ ବୃଦ୍ଧି କରିବା ପାଇଁ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାର ପ୍ରମାଣ । ଉକ୍ତ ପାର୍କର ଉତ୍ପାଦଗୁଡ଼ିକ ବିଶ୍ୱସ୍ତରୀୟ ଚାହିଦା ସୃଷ୍ଟି କରିବ ଓ ବେଦାନ୍ତ ସ୍ମେଲ୍‌ଟରର ଗରମ ଧାତୁରୁ ସେମାନେ ଉତ୍ପାଦ ପ୍ରସ୍ତୁତ କରିପାରିବେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଜୀବନ୍ତ ମେକ୍‌ର ଆଉ ଏକ ସଫଳ ସଂସ୍କରଣ ହୋଇଥିବାରୁ ଆମେ ବେଶ୍ ଆନନ୍ଦିତ। ଏପରିକି ବେଦାନ୍ତ ଆଲୁମିନିୟମ ପାର୍କର ଉଦ୍‌ଘାଟନ ମାଧ୍ୟମରେ ରାଜ୍ୟ ସହ ଆମର ସହଭାଗିତା ପାଇଁ ଆମେ ଆଉ ଏକ ମାଇଲଖୁଣ୍ଟ ଯୋଡ଼ିଥିବାରୁ ଏହି ସଂସ୍କରଣ ସ୍ମରଣୀୟ ହେବ।



# ଭିଜିଲାନ୍ସ ଜାଲରେ କୋମନା ଫରେଷ୍ଟର


ଫରେଷ୍ଟର ଘନଶ୍ୟାମ ଶବର।

**ନୂଆପଡ଼ା ଅଫିସ,୮।୧୨**

ନୂଆପଡା ଜିଲା କୋମନା ଫରେଷ୍ଟର ଘନଶ୍ୟାମ ଶବର ନଗଦ ଟଙ୍କା ଧରି ଘରକୁ ଯାଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ତାଙ୍କଠାରୁ ନଗଦ ୧୩ ଲକ୍ଷ ୮୫ ହଜାର ଟଙ୍କା ଜବତ କରିବା ସହ ଫରେଷ୍ଟରଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ପ୍ରାପ୍ତ ସୂଚନା ଅନୁସାରେ ବୁଧବାର ସନ୍ଧ୍ୟାରେ କୋମନା ସେକ୍ସନ ଫରେଷ୍ଟର ଶବର ବାଇକ୍ (ନଂ.ଓଡି୨୬ଏଫ-୪୦୭୫)ରେ ଖଡିଆଳସ୍ଥିତ ବାସଭବନକୁ ଲକ୍ଷାଧିକ ନଗଦ ଟଙ୍କା ଧରି ଯାଉଥିଲେ। ପୂର୍ବରୁ ଖବର ପାଇ ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଛକି ରହିଥିଲା। ଫରେଷ୍ଟର କୋମନା ଅଫିସରୁ ବାହାରି ଖଡିଆଳ ବାସ ଭବନକୁ ଯିବା ବାଟରେ ୩୫୩ ଜାତୀୟ ରାଜପଥ ଉପରେ ଭିଜିଲାନ୍ସ ବିଭାଗ ତାଙ୍କୁ ଅଟକାଇ ଖାନତଲାସି କରିଥିଲେ। ସେଠାରେ ଏକ ବ୍ୟାଗ୍‌ରୁ ନଗଦ ୫ ଲକ୍ଷ ୫ ହଜାର ଟଙ୍କା ଜବତ କରିଥିଲା। ଏହି ଟଙ୍କା କେଉଁଠୁ ଆସିଲା ବୋଲି ଭିଜିଲାନ୍ସ ଅଧିକାରୀ ଫରେଷ୍ଟରଙ୍କୁ ପଚାରିବାରୁ ଠିକ ଉତ୍ତର ଦେଇ ପାରି ନ ଥିଲେ। ସେଠାରୁ ଫରେଷ୍ଟରଙ୍କୁ ନେଇ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। କୋମନାସ୍ଥିତ ସରକାରୀ ବାସ ଭବନରେ ଚଢାଉ କରି ୮ଲକ୍ଷ ଓ କାର୍ଯ୍ୟାଳୟ ଟେବୁଲ ଡ୍ରରୁ ୮୦ ହଜାର ଟଙ୍କା ଜବତ କରିଥିଲା। ମୋଟ ୧୩ ଲକ୍ଷ ୮୫ ହଜାର ଟଙ୍କା ଭିଜିଲାନ୍ସ ଜବତ କରିବା ସହ ଫରେଷ୍ଟରଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ନୂଆପଡା ଭିଜିଲାନ୍ସ ଡିଏସ୍‌ପି ଦୀନବନ୍ଧୁ ବେହେରାଙ୍କୁ ପଚାରିବାରୁ ଗତ ରାତିରେ ଫରେଷ୍ଟରଙ୍କ ଖଡିଆଳସ୍ଥିତ ବାସଭବନ ଓ ବରଗାଁସ୍ଥିତ ପୈତୃକ ଘରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା ବୋଲି କହିଥିଲେ।

# କୂଅରେ ପଡ଼ିଲା ଗୋଠଛଡ଼ା ଦନ୍ତା

**ପାଟଣା,୮।୧୨(ସ୍ୱପ୍ର.)**

କେନ୍ଦୁଝର ଜିଲା ପାଟଣା ଓ ସଦର ରେଞ୍ଜରେ ବୁଲୁଥିବା ୪୧ ଟିକିଆ ହାତୀପଲରୁ ଏକ ଦନ୍ତା କୂଅରେ ପଡ଼ିଯାଇଥିଲା। ଦୀର୍ଘ ସମୟ ପରେ ଉଠି ଗୋଠରେ ମିଶିଥିବା ଜଣାପଡ଼ିଛି। ହାତୀପଲ ଦୁଇଟି ଦଳରେ ଭାଗ ହୋଇ ବିଭିନ୍ନ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ପାଟଣା ରେଞ୍ଜ ତଣ୍ଡବିଟ୍ ଅଞ୍ଚଳରେ ୧୮ ଓ ଖିରେଇଟାଙ୍ଗୀରୀ ସେକ୍ସନରେ ୨୩ ହାତୀପଲ ବୁଲୁଛନ୍ତି। ଖିରେଇଟାଙ୍ଗୀରୀ ଅଞ୍ଚଳରେ ବୁଲୁଥିବା ପଲରୁ ଏକ ଦନ୍ତା ଗୋଠଛଡ଼ା ହୋଇ ପୁରୁଣିଆ ଗାଁ ଭିତରକୁ ପଳାଇଆସିଥିଲା। ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ବାଡ଼ିରେ ଥିବା ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲା। ଦୀର୍ଘ ସମୟ ପରେ ହାତୀ ଶୁଣ୍ଢରେ ଏକ ଗଛଡ଼ାଳକୁ ଧରି କୁଅ ଉପରକୁ ଉଠି ହାତୀପଲଙ୍କ ସହ ମିଶିଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଏବେ ହାତୀପଲ ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିବାରୁ ଆଖପାଖ ଅଞ୍ଚଳର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।


ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଡେରାବିଶ ବ୍ଲକର ସମସ୍ତ ଭାଇ ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ସରୋଜକାନ୍ତ ସାହୁ
ସମିତି ସଭ୍ୟ, ବାରିମୂଳ ଗ୍ରାମପଞ୍ଚାୟତ ଓ ପୂର୍ବତନ ଅଧକ୍ଷ, ଡେରାବିଶ ପଞ୍ଚାୟତ ସମିତି

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଏବଂ ସମବାୟ ଆନ୍ଦୋଳନକୁ ସୁଦୃଢ କରିବାକୁ ଆମ ସମବାୟ ସମିତି ସଂକଳ୍ପବଦ୍ଧ ।
ପ୍ରତାପ ଚନ୍ଦ୍ର ଭଦ୍ର — ସଂପାଦକ
ବିମଳକାନ୍ତ ତ୍ରିପାଠୀ — ସଭାପତି
ରତାଦିଆ ଖଣ୍ଡସାହି ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଆମ ପଞ୍ଚାୟତ ସମିତିରେ ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି ।
ପ୍ରଭାତି ମଲ୍ଲିକ
ଅଧକ୍ଷା, ଡେରାବିଶ ପଞ୍ଚାୟତ ସମିତି, ଡେରାବିଶ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ନବବର୍ଷ ୨୦୨୩ ମସିହା ଉପଲକ୍ଷେ ଡେରାବିଶ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ବିଭୁଦତ୍ତ ଦାସ — କନିଷ୍ଠ ଯନ୍ତ୍ରୀ
ଦେବାଶିଷ ଧଳ — କନିଷ୍ଠ ଯନ୍ତ୍ରୀ
ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ, ଡେରାବିଶ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଏବଂ ସମବାୟ ଆନ୍ଦୋଳନକୁ ସୁଦୃଢ କରିବାକୁ ଆମ ସମବାୟ ସମିତି ସଂକଳ୍ପବଦ୍ଧ ।
ମୃତ୍ୟୁଞ୍ଜୟ ଦାଶ — ସଂପାଦକ
ସୁଧାଂଶୁ ଭୂଷଣ ସାମନ୍ତରାୟ — ସଭାପତି
କପିଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି, ହରିଅଙ୍କ, ଡେରାବିଶ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଏବଂ ସମବାୟ ଆନ୍ଦୋଳନକୁ ସୁଦୃଢ କରିବାକୁ ଆମ ସମବାୟ ସମିତି ସଂକଳ୍ପବଦ୍ଧ ।
ମନୋରଞ୍ଜନ ଦାସ — ସଂପାଦକ
ରମାକାନ୍ତ ପରିଡ଼ା — ସଭାପତି
ପଲେଇ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ ଡେରାବିଶ ମହାବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ସମୃଦ୍ଧ କରିବା ପାଇଁ ଛାତ୍ରୀଛାତ୍ର ଓ ସମସ୍ତ ଅଧ୍ୟାପକ ସଂକଳ୍ପ ନେବାକୁ ନିବେଦନ କରୁଛି ।
ଦେବବ୍ରତ ନାୟକ
ଅଧକ୍ଷ, ଡେରାବିଶ ମହାବିଦ୍ୟାଳୟ, ଡେରାବିଶ

ଧରିତ୍ରୀର ସମସ୍ତ ପାଠିକା ଓ ପାଠକମାନଙ୍କୁ ଶୁଭେଚ୍ଛା ।
ଅନୁଗୋଳ ତଥା ଓଡ଼ିଶାର ଗର୍ବ ଓ ଗୌରବ ସାତକୋଶିଆ ଅଭୟାରଣ୍ୟର ସୁରକ୍ଷାରେ ସହଯୋଗ କରିବାକୁ ବିନମ୍ର ଅନୁରୋଧ ।
ଶୁଭେନ୍ଦୁ ପ୍ରସାଦ ବେହେରା
ସହକାରୀ ବନ ସଂରକ୍ଷକ, ସାତକୋଶିଆ ବନଖଣ୍ଡ, ଅନୁଗୋଳ

With Best Compliments From:
MTM
OM MAA TARINI MACHINERY
Shop No. 3, Municipality Market, Near New Bus Stand, Khordha
Ph.: (06755) 223114, 326088 (S), 221267 (R), 9437185382, 9861385394 (M)
Deals in: Stone Crusher, Rice Mill (Holler) Spares, Hardware, Earthmover, Roller, Miller & Digmachine etc.
TAPAN KUMAR SAMANTARAY
KHORDHA

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ ପଲେଇ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହ ପଞ୍ଚାୟତରେ ଆରମ୍ଭ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛି ।
ଅକ୍ଷୟ କୁମାର ସାହୁ
ସରପଞ୍ଚ, ପଲେଇ ଗ୍ରାମପଞ୍ଚାୟତ, ଡେରାବିଶ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକା ଓ ପାଠକମାନଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ।
ବିପ୍ଳବ ଜେନା
ସମାଜସେବୀ ତଥା ଜିଲା କଂଗ୍ରେସ ସଭାପତି, ଅନୁଗୋଳ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ପ୍ରତ୍ୟେକ୍ଷଭାବେ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଶତକ ରକ୍ତଦାତା ବରିଷ୍ଠ ସ୍ୱେଚ୍ଛାସେବୀ
ସୁବୋଧ ମିଶ୍ର
ଅନୁଗୋଳ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ
ସମସ୍ତ ପାଠକ,ପାଠିକା ଓ ଖଣି ଅଞ୍ଚଳ ଶ୍ରମିକ, ଶ୍ରମିକା, କର୍ମଚାରୀଙ୍କୁ ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘର ଅଭିନନ୍ଦନ ଓ ଶୁଭେଚ୍ଛା ।
ନାରାୟଣ ଚନ୍ଦ୍ର ଧୀର
ସାଧାରଣ ସମ୍ପାଦକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତି କାମନା କରୁଛି ।
ମହେଶ ସାହୁ
ସାଂସଦ, ଢେଙ୍କାନାଳ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ସମସ୍ୟାବହୁଳ ପାଟକୁରା ନିର୍ବାଚନମଣ୍ଡଳୀର କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ସହ ମୁଁ ନିଜକୁ ସାମିଲ କରିଛି ଏବଂ ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ପାଇଁ ନିଜକୁ ଉତ୍ସର୍ଗୀକୃତ କରିଛି । ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଓ ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ରତିକାନ୍ତ କାନୁନ୍‌ଗୋ
ବରିଷ୍ଠ କଂଗ୍ରେସ ନେତା, ପାଟକୁରା ନିର୍ବାଚନମଣ୍ଡଳୀ, ଡେରାବିଶ

# ରତ୍ନମେଣ୍ଟି ଧାନ ଉଦ୍ଭାବନ କଲେ ଚାଷୀ

ରଘୁନାଥପୁର,୮।୧୨(ଡି.ଏନ୍.ଏ.)

ଦୀର୍ଘବର୍ଷର ସଂଘର୍ଷ ପରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡ଼ସ୍ଥିତ ସଫଳ ଚାଷୀ ଅଶୋକ କୁମାର ବାରିକଙ୍କୁ ସଫଳତା ମିଳିଛି। ବୈଜ୍ଞାନିକ ନ ହୋଇବି ନିଜ ପ୍ରଚେଷ୍ଟାରେ ରତ୍ନମେଣ୍ଟି ଧାନ ଉଦ୍ଭାବନ କରି କେନ୍ଦ୍ର ସରକାରଙ୍କ ପ୍ଲାଣ୍ଟ ଭେରାଇଟିଜ ରେଜିଷ୍ଟ୍ରେଶନ ଡିପାର୍ଟମେଣ୍ଟ ପକ୍ଷରୁ ପ୍ରମାଣ ପତ୍ର ପାଇଛନ୍ତି। ଏକ ଗରିବ ପରିବାରରେ ଅଶୋକଙ୍କ ଜନ୍ମ ହୋଇଥିଲା। ମେଧାବୀ ହୋଇବି ଅର୍ଥ ଅଭାବରୁ ଷଷ୍ଠ ଶ୍ରେଣୀରୁ ତାଙ୍କ ପାଠପଢ଼ାରେ ଡୋରି ବାନ୍ଧି ହୋଇଯାଇଥିଲା। ଶେଷରେ ବାପାଙ୍କୁ ସାହାଯ୍ୟ କରିବାକୁ ଯାଇ ଚାଷ ପ୍ରତି ମନୋନିବେଶ କରିଥିଲେ। ଚାଷ ସମ୍ପର୍କିତ ଜ୍ଞାନ ଆହରଣ ପାଇଁ କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ଥାନୀୟ ଲାଲସଂସ୍ଥାରେ (ଲିଭ ଆଣ୍ଡ ଲେଟ୍ ଲିଭ)ସଦସ୍ୟ ଭାବେ ଯୋଗ ଦେଇଥିଲେ। ଉକ୍ତ ସଂସ୍ଥାକୁ ଆସୁଥିବା ଏନ୍‌ଆର୍‌ଆର୍‌ଆଇ ଏବଂ ଓୟୁଏଟି ବୈଜ୍ଞାନିକଙ୍କ ସଂସ୍ପର୍ଶରେ ଆସି ୨୦୦୭ରେ ନିଜେ ଚାଷ କରୁଥିବା ଜମିରୁ ଏକ ଗୁଣବତ୍ତା ପୂର୍ଣ୍ଣ ଧାନକାନ୍ଦି ଉଦ୍ଭାବନ କରିଥିଲେ। ଏହା ପରଠୁ ସାତବର୍ଷ ଧରି ଉକ୍ତ ଧାନ କାନ୍ଦିକୁ ନିଜ ଜମି ତଥା ଲାଲସଂସ୍ଥା ଫାର୍ମରେ ଚାଷ କରି ସଫଳତା ପାଇଥିଲେ। ଅନୁଷ୍ଠାନକୁ ଆସୁଥିବା ବୈଜ୍ଞାନିକମାନେ ମଧ୍ୟ ଏଥିରେ ପୂର୍ଣ୍ଣ ସହାୟତା କରିଥିଲେ। ଏହି ଧାନର ନାମ ରତ୍ନମେଣ୍ଟି ରଖାଯାଇଥିଲା।୨୦୧୪ରୁ ୧୭ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଏହି ଧାନକୁ ସଫଳତାର ସହ ଚାଷ କରାଯାଇ ଭଲ ଅମଳ ହୋଇଥିଲା। ୨୦୧୭ରେ ଓୟୁଏଟି ପକ୍ଷରୁ ରତ୍ନମେଣ୍ଟି ଧାନର ନମୁନା କେନ୍ଦ୍ର ସରକାରଙ୍କ ପ୍ଲାଣ୍ଟ ଭେରାଇଟିଜ ରେଜିଷ୍ଟ୍ରେଶନ ଡିପାର୍ଟମେଣ୍ଟକୁ ପରୀକ୍ଷା ପାଇଁ ପଠାଯାଇଥିଲା। ଶେଷରେ ଗତ ୪ ମାର୍ଚ୍ଚ ୨୦୨୨ରେ ଏଥିରେ ମୋହର ବାଜିଥିଲା। ଏସମ୍ପର୍କିତ ପ୍ରମାଣପତ୍ର ୭ ଦିନ ପୂର୍ବେ ଅଶୋକଙ୍କୁ ମିଳିଛି। ରତ୍ନମେଣ୍ଟି ଧାନ ଦେଶୀ ପ୍ରଜାତି ବିହନରୁ ସୃଷ୍ଟି। ଚାଷୀ ଏହାର ବିହନ ରଖି ୫ ରୁ ୭ ବର୍ଷ ପର୍ଯ୍ୟନ୍ତ ଚାଷ କରିପାରିବ। ଏହାର ଅବଧି ୧୫୦ ଦିନ ହୋଇଥିବା ବେଳେ ଅଧିକ ଅମଳକ୍ଷମ। ଏହି ଧାନ ରୋଗପୋକ ସହଣୀ,ଅଧିକ ଓଜନଯୁକ୍ତ ଏବଂ ଚାଉଳ ସୁସ୍ୱାଦୁ ବୋଲି ଅଶୋକ ପ୍ରକାଶ କରିଛନ୍ତି। ଲାଲସଂସ୍ଥାର ଆବାହକ କ୍ଷେତ୍ରମୋହନ ବେହେରା ଏବଂ ଏନଆର୍‌ଆର୍‌ଆଇ, ଓୟୁଏଟିର ସହଯୋଗୀ ବୈଜ୍ଞାନିକ ପାଇଁ ଏହି ଧାନ ଉଦ୍ଭାବନ ସମ୍ଭବ ହୋଇପାରିଛି ବୋଲି ଅଶୋକ ପ୍ରକାଶ କରିଛନ୍ତି।


ଅଶୋକ କୁମାର ବାରିକ

# କୌଣସି ଆଞ୍ଚଳିକ ଭାଷା ସହ ହିନ୍ଦୀର ପ୍ରତିଯୋଗିତା ନାହିଁ



## ରାଜଭାଷା ସମ୍ମିଳନୀ ଓ ପୁରସ୍କାର ବିତରଣ ସମାରୋହ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଭାରତର ଜନସାଧାରଣ ସହଜରେ ବୁଝି ପାରୁଥିବା ଭାଷା ହେଉଛି ହିନ୍ଦୀ। ରାଜନୀତି କାରଣରୁ ହିନ୍ଦୀକୁ ବିରୋଧ କରାଯାଉଛି। ହିନ୍ଦୀ ଅନ୍ୟ ଆଞ୍ଚଳିକ ଭାଷାକୁ ସମାପ୍ତ କରିଦେବ ବୋଲି ସାଧାରଣରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଉଛି। କିନ୍ତୁ ହିନ୍ଦୀ ଅନ୍ୟ ସ୍ଥାନୀୟ ଭାରତୀୟ ଭାଷାର ସହଯୋଗୀ ଭାବେ କାମ କରୁଛି। ହିନ୍ଦୀ ଭାଷାର କୌଣସି ଆଞ୍ଚଳିକ ଭାଷା ସହିତ ପ୍ରତିଯୋଗିତା କିମ୍ବା ବିରୋଧାଭାସ ନାହିଁ ବୋଲି ମିଳିତ ଆଞ୍ଚଳିକ ରାଜଭାଷା ସମ୍ମିଳନୀ ଓ ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟକ୍ଷତା କରି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ର କହିଛନ୍ତି। ଗୁରୁବାର ଆଚାର୍ଯ୍ୟବିହାରସ୍ଥିତ ସିଏସ୍‌ଆଇଆର୍ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନଠାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗ ପକ୍ଷରୁ ପୂର୍ବ ଓ ଉତ୍ତର ପୂର୍ବ କ୍ଷେତ୍ରର କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପାଇଁ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମାରୋହକୁ ସମ୍ବୋଧିତ କରି ଏମ୍‌ପି ଭର୍ତ୍ତୃହରି ମହତାବ କହିଲେ, ହିନ୍ଦୀ ଅନୁବାଦ ନୁହେଁ ଏକ ସମ୍ବାଦର ଭାଷା। ଯୁଗ୍ମ ସଚିବ ଡ. ମୀନାକ୍ଷୀ ଜଲି କହିଲେ, ସାରା ଦେଶରେ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ରାଜଭାଷା ହିନ୍ଦୀର ପ୍ରୟୋଗ ବଢ଼ାଇବା କ୍ଷେତ୍ରରେ ରାଜଭାଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା 'ହିନ୍ଦୀ ଶବ୍ଦ ସିନ୍ଧୁ'ର ଲୋକାର୍ପଣ କରାଯାଇଥିଲା। ରାଜଭାଷା ବିଭାଗ ପକ୍ଷରୁ ପ୍ରକାଶିତ ଏହି ଶବ୍ଦକୋଷରେ ପ୍ରାୟ ୫୧ହଜାର ଶବ୍ଦ ସାମିଲ କରାଯାଇଛି। ରାଜଭାଷା କାର୍ଯ୍ୟାଳୟ ସମିତି ନରାକାସ ବ୍ୟାଙ୍କ୍‌ର ମୁଖ୍ୟ ପ୍ରବନ୍ଧକ ଚନ୍ଦ୍ର ଶେଖର ଶର୍ମା ଓ ଗୁଆହାଟୀ ବିଶୋଧନାଗାରର ମୁଖ୍ୟ ପ୍ରବନ୍ଧକ ହିତଜିତ ଭଟ୍ଟାଚାର୍ଯ୍ୟ ସରକାରୀ କାର୍ଯ୍ୟାଳୟରେ ହିନ୍ଦୀ ଭାଷାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବ କ୍ଷେତ୍ରର ରାଜଭାଷା କାର୍ଯ୍ୟକାରିତା ସମିତିର ଉପନିର୍ଦ୍ଦେଶକ ନିର୍ମଳ ଦୁବେ ଓ ଉତ୍ତର ପୂର୍ବ କ୍ଷେତ୍ରର ରାଜଭାଷା କାର୍ଯ୍ୟକାରିତା ସମିତିର ସହାୟକ ବଦ୍ରି ଯାଦବ ରାଜଭାଷାର କାର୍ଯ୍ୟକାରିତାକୁ ନେଇ ସୂଚନା ଉପସ୍ଥାପନ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ପୁରସ୍କୃତ କରାଯାଇଥିଲା।

# ରେଳ କର୍ମଚାରୀଙ୍କୁ ଗିରଫ କଲା ସିବିଆଇ

**ଲାଞ୍ଚ ନେବାବେଳେ ଚଢ଼ାଉ**

ଭୁବନେଶ୍ୱର, ୮।୧୨ (ବ୍ୟୁରୋ)

ରେଳ ବିଭାଗ ଅଧିକୃତ ଜମିରେ ଚାଷ କରୁଥିବା ଜଣେ କୃଷକଙ୍କଠାରୁ ୮ ହଜାର ଟଙ୍କା ଲାଞ୍ଚ ନେବାବେଳେ ଜଣେ ରେଳ କର୍ମଚାରୀ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଦ୍ୱାରା ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ପୂର୍ବତଟ ରେଳପଥ ଜଗତ୍‌ସିଂପୁର ଜିଲା ରଘୁନାଥପୁର ରେଳ ଷ୍ଟେଶନରେ କାର୍ଯ୍ୟରତ ପରମାନେଣ୍ଟ ୱେ ଇନ୍‌ସ୍ପେକ୍ଟର (ପିଡବ୍ଲୁଆଇ) ବେଣୁଚରଣ ସାହୁ। ଅଭିଯୁକ୍ତ ବେଣୁଚରଣଙ୍କୁ ମଙ୍ଗଳବାର ସିବିଆଇ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ରେଳପଥ କଡ଼ରେ ଅନେକ ଜମି ରହିଛି। ଏହା ରେଳ ବିଭାଗ ଅଧିକୃତ ଜମି। ରେଳ ଧାରଣା ସମ୍ପ୍ରସାରଣ ଓ ବିଭାଗୀୟ ପ୍ରକଳ୍ପ ପାଇଁ ରେଳ ବିଭାଗ ପକ୍ଷରୁ ଏହି ଜମି ରଖାଯାଇଥାଏ। ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ବଡ଼ଖଣ୍ଡାୟତ ଅଞ୍ଚଳର କିଛି ଚାଷୀ କଟକ-ପାରାଦୀପ ରେଳ ଧାରଣା ପାର୍ଶ୍ୱରେ ଥିବା ଜମିରେ ଧାନ ଚାଷ କରୁଛନ୍ତି। ଏହି ଚାଷ କରିବାକୁ ସେ ବେଣୁଧର ଖୁଣ୍ଟିଆଙ୍କୁ ୮ ହଜାର ଟଙ୍କା ମାଗିଥିଲେ। ଲାଞ୍ଚ ଟଙ୍କା ନ ଦେଲେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର କର୍ମଚାରୀଙ୍କୁ ଲଗାଇ ତାଙ୍କ ଚାଷ ନଷ୍ଟ କରିଦେବାକୁ ମଧ୍ୟ ବେଣୁଚରଣ ଧମକ ଦେଇଥିଲେ। ତେବେ ଏହି ଲାଞ୍ଚ ଟଙ୍କା ଦେବାକୁ ରାଜି ନ ହୋଇ ବେଣୁଧର ଭୁବନେଶ୍ୱରସ୍ଥିତ ସିବିଆଇର ଆଞ୍ଚଳିକ କାର୍ଯ୍ୟାଳୟରେ ସୋମବାର ଅଭିଯୋଗ କରିଥିଲେ। ସିବିଆଇ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ବେଣୁଚରଣ ସାହୁଙ୍କୁ କାବୁ କରିଥିଲା।





























































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୯/୨୦୨୨ Bhubaneswar, Friday, December 9/ 2022

# ନୂଆ ଟର୍ଫରେ ଖେଳାଯିବ ହକି ବିଶ୍ୱକପ୍




ଭୁବନେଶ୍ୱର,୮।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ପୁରୁଷ ହକି ବିଶ୍ୱକପର ଆଗା ସଂସ୍କରଣ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଜାନୁୟାରୀ ୧୩ରୁ ୨୯ ଯାଏ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଥିବା ବେଳେ ଉଭୟ କଳିଙ୍ଗ ଷ୍ଟାଡିୟମ ଓ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପ୍ରସ୍ତୁତ। କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟ ପିଚ୍ ଓ ଅଭ୍ୟାସ ପିଚରେ ନୂତନ ଟର୍ଫ ବିଛାଯାଇଥିବା ବେଳେ ରାଉରକେଲାରେ ନବନିର୍ମିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ନୂତନ ଟର୍ଫ ପ୍ରସ୍ତୁତ କରାଯାଇଛି। ଉଭୟ ଷ୍ଟାଡିୟମର ଟର୍ଫକୁ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍ଆଇଏଚ୍) ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି ଓ ଏହା ବିଶ୍ୱକପ ମୁକାବିଲା ପାଇଁ ପ୍ରସ୍ତୁତ। ଉଭୟ ଷ୍ଟାଡିୟମରେ ବିଶ୍ୱକପର ୧୫ ତମ ସଂସ୍କରଣ ଆୟୋଜିତ ହେବ। କଳିଙ୍ଗ ଷ୍ଟାଡିୟମରେ ହକିର ଏକ ସ୍ୱର୍ଣ୍ଣିମ ଇତିହାସ ରହିଥିବା ବେଳେ ପ୍ରଥମ ଥର ପାଇଁ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ହେବ ଅନ୍ତର୍ଜାତୀୟ ମ୍ୟାଚ୍। ଭାରତ ସମେତ ବିଶ୍ୱର ଶ୍ରେଷ୍ଠ ୧୬ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ୧୬ ଟିମକୁ ୪ଟି ପୁଲ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଇଂଲଣ୍ଡ, ସ୍ପେନ୍ ଓ ୱେଲ୍ସ ସହିତ ଭାରତ ଗ୍ରୁପ୍ ଡିରେ ସ୍ଥାନ ପାଇଛି। ପ୍ରଥମ ସ୍ଥାନରେ ରହିଥିବା ୪ ଟିମ୍ ସିଧାସଳଖ କ୍ୱାର୍ଟରରେ ପ୍ରବେଶ କରିବେ ଓ ଅନ୍ୟ ୮ ଦଳ ମଧ୍ୟରୁ କ୍ରସ୍ ଓଭର ମ୍ୟାଚ ଜରିଆରେ ୪ ଦଳ ଯୋଗ୍ୟତା ହାସଲ କରିବେ। ଅନ୍ୟ ପକ୍ଷରେ ପୁଲ ଏରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା, ପୁଲ୍ ବିରେ ବେଲଜିୟମ, ଜର୍ମାନୀ, କୋରିଆ ଓ ଜାପାନ ଏବଂ ପୁଲ୍ ସିରେ ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି ସ୍ଥାନ ପାଇଛନ୍ତି। ଭୁବନେଶ୍ୱରରେ ସମସ୍ତ କ୍ରସ୍ ଓଭର, କ୍ୱାର୍ଟର, ସେମି ଓ ଫାଇନାଲ ମ୍ୟାଚକୁ ମିଶାଇ ୨୪ଟି ମ୍ୟାଚ ଖେଳାଯିବାକୁ ଥିବା ବେଳେ ରାଉରକେଲାରେ ୨୦ ମ୍ୟାଚ ଖେଳାଯିବ। ଭାରତୀୟ ଦଳ ଏହାର ପ୍ରଥମ ଦୁଇ ଲିଗ୍ ମ୍ୟାଚ୍ ଜାନୁୟାରୀ ୧୩ ଓ ୧୬ ତାରିଖରେ ଖେଳିବ। ହକି ବିଶ୍ୱକପକୁ ମାତ୍ର କିଛି ସପ୍ତାହ ବାକି ଥିବା ବେଳେ ୪ଟି ଯାକ ହକି ଟର୍ଫକୁ ଏଫ୍ଆଇଏଚ୍ ମଞ୍ଜୁରୀ ମିଳିଛି। ଉଭୟ ଷ୍ଟାଡିୟମ ପ୍ରସ୍ତୁତିରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ପ୍ରୟାସ କରାଯାଇଥିବା ବେଳେ ଦର୍ଶକ ଓ ଖେଳାଳିଙ୍କୁ ଏହା ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ୨୦୧୦ ଓ ୨୦୧୮ରେ ଭାରତ ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ ଆୟୋଜନ କରିଥିଲା।

## ଜାକିର ହସନଙ୍କୁ ଟେଷ୍ଟ ଦଳକୁ ଡାକରା

ଚଟ୍ଟୋଗ୍ରାମ,୮।୧୨(ପି.ଟି.): ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ ପାଇଁ ଜାକିର ହସନଙ୍କୁ ପ୍ରଥମ ଥର ଟେଷ୍ଟ ଦଳକୁ ଡାକରା ମିଳିଛି। ବାଂଲାଦେଶୀ ଟେଷ୍ଟ ଓପନର ତାମିମ ଇକବାଲ ଫିଟ ନ ଥିବା କାରଣରୁ ଟପ୍ ଅର୍ଡର ବ୍ୟାଟର ଜାକିରଙ୍କୁ ଦଳକୁ ଡାକରା ମିଳିଛି। ଡିସେମ୍ବର ୧୪ ତାରିଖରେ ଚଟ୍ଟୋଗ୍ରାମରେ ପ୍ରଥମ ଟେଷ୍ଟ ମ୍ୟାଚ ଖେଳାଯିବ। ତାମିମଙ୍କ ଜଙ୍ଘରେ ଆଘାତ ଲାଗିଥିବା ବେଳେ ସେ ଏଯାଏ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହାନ୍ତି। ଭାରତ ଏ ବିପକ୍ଷ ଅନ ଅଫିସିଆଲ ଟେଷ୍ଟରେ ଜାକିର ସର୍ବାଧିକ ସ୍କୋରର ରହିବା ସହିତ ପ୍ଲେୟର ଅଫ୍ ଦ ମ୍ୟାଚ ମଧ୍ୟ ରହିଥିଲେ। ବାଂଲାଦେଶ ଫିଜିଓଙ୍କ ରିପୋର୍ଟ ଅନୁସାରେ ତାମିମ ପ୍ରଥମ ଟେଷ୍ଟ ପାଇଁ ଫିଟ୍ ନାହାନ୍ତି। ତେଣୁ ଦ୍ୱିତୀୟ ଟେଷ୍ଟ ପାଇଁ ମେଡିକାଲ ରିପୋର୍ଟ ଆସିବା ପୂର୍ବରୁ ପ୍ରଥମ ଟେଷ୍ଟ ପାଇଁ ଜାକିରଙ୍କୁ ସାମିଲ କରାଯାଇଛି ବୋଲି ମୁଖ୍ୟ ଚୟନକର୍ତ୍ତା ମିନହାଜୁଲ ଆବେଦିନ୍ କହିଛନ୍ତି। ଫିଟ୍‌ନେସ କାରଣରୁ ଦିନିକିଆ ସିରିଜରୁ ବାଦ୍ ପଡିଥିବା ତାସ୍କିନ ଅହମଦ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସିରିଜର ଦ୍ୱିତୀୟ ଟେଷ୍ଟ ମୀରପୁରରେ ଡିସେମ୍ବର ୨୨ ତାରିଖରୁ ଖେଳାଯିବ।

# ଓଡ଼ିଶା ଦଳ ରନରଅପ୍



ଅଧିନାୟକ ସୌମ୍ୟରଞ୍ଜନ ମିଶ୍ର ଓ ଉତ୍କଳ ରଞ୍ଜନ ସାହୁ।

ଭୁବନେଶ୍ୱର, ୮।୧୨
(କ୍ରୀଡ଼ା ପ୍ରତିନିଧି)

**ସର୍ବଭାରତୀୟ ପୋଷ୍ଟାଲ ଚେସ୍**

ଗୁଆହାଟୀରେ ଶେଷ ହୋଇଥିବା ୩୬ତମ ସର୍ବଭାରତୀୟ ପୋଷ୍ଟାଲ ଚେସ୍ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ରନର ଅପ୍ ହୋଇଛି। ୫ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ତାମିଲନାଡୁ ୮ ପଏଣ୍ଟ ପାଇ ଚାମ୍ପିୟନ ହୋଇଛି। ଓଡ଼ିଶା, ଉତ୍ତର ପ୍ରଦେଶ ଓ ବିହାର ଦଳ ୭ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ତେବେ ବୁକୋଲଜ ପଏଣ୍ଟ (୧୪) ରେ ଓଡ଼ିଶା ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜସ୍ଥାନ, ଆସାମ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ, ଗୁଜରାଟ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ, ଛତିଶଗଡ଼, ପଞ୍ଜାବ ଓ ହରିୟାଣା ପଛକୁ ପଛ ରହିଛନ୍ତି। ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଓଡ଼ିଶା ଦଳର ନେତୃତ୍ୱ ନେଇଥିଲେ। ସୌମ୍ୟ, ଉତ୍କଳ ରଞ୍ଜନ ସାହୁ, ମନୋଜ ପାଣିଗ୍ରାହୀ, ଶାରଦା ପ୍ରସନ୍ନ ନାୟକ ଓ ତପନ କୁମାର ତ୍ରିପାଠୀ ଓଡ଼ିଶା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏମାନଙ୍କ ମଧ୍ୟରୁ ଉତ୍କଳ ୫ ରାଉଣ୍ଡରୁ ପୂରା ୫ ପଏଣ୍ଟ ହାସଲ କରିଥିବାବେଳେ ସୌମ୍ୟ ରଞ୍ଜନ ୪ ପଏଣ୍ଟ ପାଇଥିଲେ। ମନୋଜ ପାଣିଗ୍ରାହୀଙ୍କୁ ୩ ଏବଂ ଶାରଦାଙ୍କୁ ୨ ପଏଣ୍ଟ ମିଳିଥିଲା।



ମାର୍ନସ ଲାବୁଶେନ୍ ଓ ଟ୍ରାଭିସ୍ ହେଡ।

# ଲାବୁଶେନ୍ ଓ ହେଡଙ୍କ ଶତକ

ଆଡିଲେଡ୍ ଓଭାଲ୍, ୮।୧୨

**ପ୍ରଥମ ଦିନରେ ଅଷ୍ଟ୍ରେଲିଆ ୩୩୦/୩**

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ମାର୍ନସ ଲାବୁଶେନ ଓ ଟ୍ରାଭିସ୍ ହେଡ୍‌ଙ୍କ ଅପରାଜିତ ଶତକ ବଳରେ ଘରୋଇ ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୩୩୦ ରନ୍ ସଂଗ୍ରହ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପକ୍ଷରୁ ଡେଭିଡ୍ ୱାର୍ନର(୨୧) ଓ ଉସମାନ ଖ୍ୱାଜା(୬୨) ପ୍ରଥମ ଉଇକେଟରେ ୩୪ ରନ୍ ଯୋଡିଥିଲେ। ଦ୍ୱିତୀୟ ଉଇକେଟରେ ଲାବୁଶେନଙ୍କ ସହିତ ୯୫ ରନ ଯୋଡିବା ପରେ ଡେଭନ ଥୋମାସଙ୍କ ବଲରେ ଆଉଟ ହୋଇଥିଲେ ଖ୍ୱାଜା। ୮ ବଲ ବ୍ୟବଧାନରେ ଖାତା ଖୋଲିବା ପୂର୍ବରୁ ଷ୍ଟିଭେନ୍ ସ୍ମିଥ୍ ପ୍ୟାଭିଲିୟନ ଫେରିଥିଲେ। ତେବେ ଲାବୁଶେନ (୧୨୦*) ଓ ହେଡ୍(୧୧୪*) ୪ର୍ଥ ଉଇକେଟରେ ଅବିଭାଜିତ ୧୯୯ ରନ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଲାବୁଶେନ ୨୩୫ ବଲ ଖେଳି ୧୧ ଚୌକା ମାରିଥିଲେ। ଅପରପକ୍ଷରେ ହେଡ୍ ୧୩୯ ବଲ୍ ଖେଳି ୧୨ ଚୌକା ମାରିଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲଜାରି ଯୋଶେଫ୍, ଜାସନ୍ ହୋଲ୍ଡର ଓ ଡେଭନ ଥୋମାସ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

## ଜେଲରୁ ମୁକୁଳିଲେ ଗ୍ରୀନର

ୱାଶିଂଟନ୍,୮।୧୨(ପି.ଟି): ଆମେରିକୀୟ ବାସ୍କେଟବଲ ସୁପରଷ୍ଟାର ବ୍ରିଟନୀ ଗ୍ରୀନର ଜେଲରୁ ମୁକୁଳିଛନ୍ତି। ବନ୍ଦୀ ବିନିମୟ ଯୋଜନାରେ ଆମେରିକା ଜଣେ ଋଷିଆ ଅପରାଧୀଙ୍କୁ ମୁକ୍ତ କରିବା ଫଳରେ ଗ୍ରୀନରଙ୍କୁ ଜେଲରୁ ଛାଡିଛି ଋଷିଆ। ଅସ୍ତ୍ରଶସ୍ତ୍ର ବିକ୍ରି କରୁଥିବା ତଥା ମୃତ୍ୟୁର ସୌଦାଗର ଭାବରେ ପ୍ରସିଦ୍ଧ ଭିକ୍ଟର ବାଉଟଙ୍କୁ ଜେଲରୁ ମୁକ୍ତ କରାଯାଇଥିବା ନେଇ ହ୍ୱାଇଟ ହାଉସ୍ ପକ୍ଷରୁ କୁହାଯାଇଛି। ୪ ବର୍ଷ ପୂର୍ବେ ବାଉଟଙ୍କୁ ଗିରଫ କରାଯାଇଥିଲା। ମହିଳା ବାସ୍କେଟବଲ ଷ୍ଟାର ତଥା ଦୁଇ ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ବ୍ରିଟନୀ ଗ୍ରୀନର ଅବୈଧ ନିଶା ଦ୍ରବ୍ୟ ନିଜ ସହିତ ରଖିଥିବା ବେଳେ ମସ୍କୋ ବିମାନ ବନ୍ଦରରେ ଧରା ପଡିଥିଲେ।

## ରୋହିତଙ୍କ ସ୍ଥାନରେ ଈଶ୍ୱରନ୍

ନୂଆଦିଲ୍ଲୀ,୮।୧୨(ପି.ଟି.): ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନ ନେବେ ଅଭିମନ୍ୟୁ ଈଶ୍ୱରନ୍। ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆରେ ରୋହିତ ଶର୍ମାଙ୍କ ହାତରେ ଆଘାତ ଲାଗିଥିବା ବେଳେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଦଳରୁ ସେ ବାଦ୍ ପଡିଛନ୍ତି। ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଆଘାତ ହାତରେ ବ୍ୟାଟିଂ କରିଥିଲେ ହେଁ ସେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରୁ ବାଦ୍ ପଡିବେ। ଭାରତ ଏ' ଦଳର ଓପନର ତଥା ଅଧିନାୟକ ଈଶ୍ୱରନ୍ ତାଙ୍କର ସ୍ଥାନ ନେବାର ସମ୍ଭାବନା ରହିଛି। ବାଂଲାଦେଶ ଗସ୍ତରେ ରହିଥିବା ଭାରତ ଏ' ଦଳ ପକ୍ଷରୁ ଈଶ୍ୱରନ୍ ପ୍ରଥମ ଟେଷ୍ଟରେ ୧୪୧ ରନ୍ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମଧ୍ୟ ୧୫୭ ରନର ଇନିଂସ ଖେଳିଛନ୍ତି। ରୋହିତଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଭାରତୀୟ ଦଳର ନେତୃତ୍ୱ ନେବେ। ଯୁବ ଓପନର ଶୁବମନ ଗିଲ୍ ଓ ଈଶ୍ୱରନ୍ ଭାରତୀୟ ଦଳର ଓପନିଂ ଭାର ସମ୍ଭାଳି ପାରନ୍ତି। ସିଲହଟରେ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ପରେ ଈଶ୍ୱରନ୍ ଭାରତୀୟ ଦଳ ସହିତ ଯୋଗ ଦେଇପାରନ୍ତି।



ପ୍ରୋ କବାଡ଼ି ଲିଗ୍‌ରେ ଗୁରୁବାର ଦବଙ୍ଗ ଦିଲ୍ଲୀ ଓ ବେଙ୍ଗଲ ୱାରିୟର୍ସ ମଧ୍ୟରେ ଲଢ଼େଇ। ମ୍ୟାଚ ୪୬-୪୬ରେ ଟାଇ ରଖି ଦବଙ୍ଗ ଦିଲ୍ଲୀ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି।

# କ୍ୱାର୍ଟରରେ ଆଚିଭର ଓ ମ୍ୟାଜିକ୍ ଏକାଦଶ

ଭୁବନେଶ୍ୱର, ୮।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

**ହାଡିବନ୍ଧୁ ସତ୍ୟବାଦୀ ସ୍ମାରକୀ କ୍ରିକେଟ**

ସାକ୍ସ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଦ୍ଦଶ ହାଡିବନ୍ଧୁ ସତ୍ୟବାଦୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦୁଇଟି ପ୍ରି କ୍ୱାର୍ଟର ମୁକାବିଲା ଗୁରୁବାର ଖେଳାଯାଇଛି। ଆଚିଭର ଏକାଦଶ ଓ ମ୍ୟାଜିକ୍ ଏକାଦଶ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପ୍ରଥମ ମ୍ୟାଚଟି ଆଚିଭର ଏକାଦଶ ଓ ବିନ୍ଦାସ ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ଆଚିଭର ଏକାଦଶ ପ୍ରଥମେ ବ୍ୟାଟିଂ କରି ବିପୁଲ ପ୍ରଧାନ(୫୮) ଓ ଅମିତ ବଡଜେନାଙ୍କ ୫୬ ରନ ବଳରେ ୧୬ ଓଭରରେ ୨୧୨ ରନ୍ କରିଥିଲା। ଜବାବରେ ବିନ୍ଦାସ ଏକାଦଶ ୧୬୫ ରନରେ ସମସ୍ତ ଉଇକେଟ ହରାଇଥିଲା। ୧୮ ବଲରୁ ୫୬ ରନ କରିଥିବା ଅମିତଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ସମରସେଟ୍ ଏକାଦଶକୁ ପରାସ୍ତ କରିଥିଲା ମ୍ୟାଜିକ୍ ଏକାଦଶ। ପ୍ରଥମେ ବ୍ୟାଟିଂ କରି ସମରସେଟ୍ ଏକାଦଶ ୧୬ ଓଭରରେ ୧୪୪ ରନ୍ କରିଥିଲା। ଜବାବରେ ମ୍ୟାଜିକ ଏକାଦଶ ୧୫.୩ ଓଭରରେ ୧୪୬ ରନ୍ କରି ବିଜୟୀ ହୋଇଥିଲେ। ରାଜିକ୍ ଅଲୀ ୩୦ ବଲରୁ ୬୭ ରନ୍ କରି ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ।

# ନାଗପୁରରେ ଖେଳାଯିବ ପ୍ରଥମ ଟେଷ୍ଟ

ନୂଆଦିଲ୍ଲୀ, ୮।୧୨ (ପି.ଟି.)

**ବର୍ଡର-ଗାଭାସ୍କର ଟ୍ରଫି କାର୍ଯ୍ୟସୂଚୀ**

ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ପାଇଁ କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। ନାଗପୁରରେ ପ୍ରଥମ ଟେଷ୍ଟ ଖେଳାଯିବାକୁ ଥିବା ବେଳେ ଅନ୍ୟ ଭେନ୍ୟୁ ମଧ୍ୟରେ ରହିଛି ଦିଲ୍ଲୀ, ଧର୍ମଶାଳା ଓ ଅହମଦାବାଦ। ଫେବୃୟାରୀ ୯ରୁ ମାର୍ଚ୍ଚ ୧୩ ତାରିଖ ମଧ୍ୟରେ ଏହି ଟେଷ୍ଟଗୁଡିକ ଖେଳାଯିବାକୁ ଥିବାବେଳେ ଏହା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଅଂଶ ରହିବ। ଏହା ସହିତ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷ ସୀମିତ ଓଭର ସିରିଜ୍‌ର କାର୍ଯ୍ୟସୂଚୀ ମଧ୍ୟ ପ୍ରକାଶ ପାଇଛି। ସେହିପରି ୪ ମ୍ୟାଚ ବିଶିଷ୍ଟ ବର୍ଡର-ଗାଭାସ୍କର ସିରିଜର ଏହା ଅନ୍ତିମ ସଂସ୍କରଣ। ଆଗକୁ ଏହାକୁ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଭାବରେ ଖେଳାଯିବ। ନାଗପୁରର ଭିସିଏ ଷ୍ଟାଡିୟମରେ ପ୍ରଥମ ଟେଷ୍ଟ ମ୍ୟାଚ ଫେବୃୟାରୀ ୯-୧୩ ମଧ୍ୟରେ ଖେଳାଯିବ। ଦିଲ୍ଲୀରେ ଦ୍ୱିତୀୟ ଟେଷ୍ଟ ଫେବୃୟାରୀ ୧୭-୨୧ ମଧ୍ୟରେ ଖେଳାଯିବ। ତୃତୀୟ ଟେଷ୍ଟ ମଧ୍ୟରେ ଏକ ସପ୍ତାହର ସମୟ ରହିଥିବା ବେଳେ ମାର୍ଚ୍ଚ ୧-୫ ଯାଏ ଧର୍ମଶାଳାରେ ଖେଳାଯିବ। ସିରିଜର ଅନ୍ତିମ ମ୍ୟାଚ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମାର୍ଚ୍ଚ ୯-୧୩ ଯାଏ ଖେଳାଯିବ। ଏହି ଟେଷ୍ଟ ସିରିଜ ପୂର୍ବରୁ ଉଭୟ ଦିନିକିଆ ଓ ଟି୨୦ ସିରିଜ ଖେଳିବା ପାଇଁ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ଭାରତ ଗସ୍ତ କରିବେ। ଶ୍ରୀଲଙ୍କା ଦଳ ଜାନୁୟାରୀ ମାସରେ ଭାରତ ଗସ୍ତ କରିବା ସହିତ ମୁମ୍ବାଇ, ପୁଣେ ଓ ରାଜକୋଟରେ ୩ଟି ଟି୨୦ ମ୍ୟାଚ ଖେଳିବ। ମ୍ୟାଚଗୁଡିକ ଯଥାକ୍ରମେ ୩,୫ ଓ ୭ ତାରିଖରେ ଖେଳାଯିବ। ସେହିପରି ୩ଟି ଦିନିକିଆ ମ୍ୟାଚ ଜାନୁୟାରୀ ୧୦, ୧୨ ଓ ୧୫ ତାରିଖରେ ଯଥାକ୍ରମେ ଗୁଆହାଟୀ, କୋଲକାତା ଓ ତ୍ରିଭେନ୍ଦ୍ରମରେ ଖେଳାଯିବ। ଦୁଇ ଦିନର ବିରତି ପରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ସିରିଜ ଖେଳିବ। ହାଇଦ୍ରାବାଦ, ରାୟପୁର ଓ ଇନ୍ଦୋରରେ ଯଥାକ୍ରମେ ୧୮, ୨୧ ଓ ୨୪ରେ ୩ଟି ଯାକ ଦିନିକିଆ ମ୍ୟାଚ ଖେଳାଯିବ। ଅନ୍ୟପକ୍ଷରେ ଜାନୁୟାରୀ ୨୭, ୨୯ ଓ ଫେବୃୟାରୀ ୧ରେ ୩ଟି ଟି୨୦ ଯଥାକ୍ରମେ ରାଞ୍ଚି, ଲକ୍ଷ୍ନୌ ଓ ଅହମଦାବାଦରେ ଖେଳାଯିବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ